# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୮/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, July 8/2025 | Page 14 | ₹ 7.00

୫୧ଶ ଭାଗ ୨୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 223 | ମୂଲ୍ୟ ₹୭/-




**ସଂଯୋଗ ହେଲେ ଆଇସିସି ସିଇଓ**

ଭାରତର ସଂଯୋଗ ଗୁପ୍ତା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି)ର ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ମନୋନୀତ ହୋଇଛନ୍ତି।

୧୪

୦୨

**ବିଗ୍‌ବସ୍ ୧୯: ସଲମାନଙ୍କୁ ମିଶାଇ ୪ ହୋଷ୍ଟ**

'ବିଗ୍‌ବସ୍‌ର ୧୯'କୁ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ସମେତ ୪ ତାରକା ହୋଷ୍ଟ କରିବେ ବୋଲି ସୋମବାର ଏକ ରିପୋର୍ଟ ପ୍ରକାଶ ପାଇଛି।



# ବୈତରଣୀ ନଦୀବନ୍ଧ ଧସିଲା, ବନ୍ୟା ଆଶଙ୍କା

## ୫୦ ଗ୍ରାମର ୧ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆତଙ୍କିତ

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ନିଜାମପୁର ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମ ନିକଟରେ ରବିବାର ରାତି ପ୍ରାୟ ୧୦ ଟାରେ ବୈତରଣୀ ନଦୀବନ୍ଧ ୩୦ ଫୁଟ ପର୍ଯ୍ୟନ୍ତ ଧସିଯାଇଛି। ଏଥିଯୋଗୁ ସେହି ଅଞ୍ଚଳର ପ୍ରାୟ ୧ ଲକ୍ଷ ନଦୀକୂଳିଆବାସୀଙ୍କ ନିଦ ହଜିଯାଇଛି। ଲଘୁଚାପଜନିତ ବର୍ଷା ଯୋଗୁ ଗତ ୨ ସପ୍ତାହ ହେଲା ବୈତରଣୀ ଫୁଲି ଉଠିଛି। ସୋମବାର ଅପରାହ୍ନ ୫ଟା ସୁଦ୍ଧା ନୂଆପାଟଣାର ଉପରମୁଣ୍ଡ ଆଖୁଆପଦାଠାରେ ବୈତରଣୀ ନଦୀଜଳ ବିପଦସଙ୍କେତ ନିକଟରେ ପ୍ରବାହିତ ହେଉଥିଲା। ସେଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ସୋମବାର ୧୭.୮୦ ମିଟର ଜଳ ପ୍ରବାହିତ ହେଉଥିଲା। ଏଭଳିସ୍ଥଳେ ନଦୀବନ୍ଧ ଧସିଯାଇଥିବାରୁ ବନ୍ୟା ଆଶଙ୍କା ଦେଖାଦେଇଛି। ନଦୀବନ୍ଧ ଧସିବା ପାଇଁ ପୂର୍ତ୍ତ ବିଭାଗର ଅବହେଳାକୁ ସ୍ଥାନୀୟ ଲୋକେ ଦାୟୀ କରୁଛନ୍ତି।

ଯାଜପୁର/ଦଶରଥପୁର,୭।୭ (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ କୁମାର ବେହୁରିଆ)



ଯାଜପୁର ଜିଲାର ନୂଆପାଟଣା ନିକଟରେ ରବିବାର ରାତିରେ ବୈତରଣୀ ନଦୀବନ୍ଧ ଧସିବା ପରେ ସୋମବାର ବାଲିବସ୍ତା ପକାଯାଉଛି।

ନୂଆପାଟଣା ନିକଟରେ ବୈତରଣୀ ନଦୀରେ ପାଣିକୋଇଲି ଆର୍ ଆଣ୍ଡ୍ ବି ତଥା ପୂର୍ତ୍ତଡିଭିଜନ ପକ୍ଷରୁ ନିର୍ମାଣାଧୀନ ସେତୁ କାର୍ଯ୍ୟ ବର୍ଷାଦିନ ପୂର୍ବରୁ ଶେଷ ହୋଇପାରିଲା ନାହିଁ। ସେହିପରି ଠିକାସଂସ୍ଥା ଆଶୀର୍ବାଦ କନଷ୍ଟ୍ରକ୍ସନ ସେତୁ ନିର୍ମାଣ ପାଇଁ ଅସ୍ଥାୟୀ ରାସ୍ତା ନିମନ୍ତେ ବ୍ୟବହାର କରିଥିବା ବହ୍ଲା, ବାଲିବସ୍ତା, ପ୍ଲେଟ୍ ଇତ୍ୟାଦି ନ ହଟେଇବା କାରଣରୁ ଜଳସ୍ରୋତ ପ୍ରବାହରେ ବାଧା ସୃଷ୍ଟି କରୁଛି। ଫଳରେ ବୈତରଣୀ ବନ୍ୟାଜଳର ପ୍ରବଳ ସ୍ରୋତ ନଦୀବନ୍ଧ ଉପରେ ମାଡ଼ ହୋଇ ତାହା ଧସିଯାଉଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ, ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢା ନଦୀର ବାମପାର୍ଶ୍ୱ, ବିରୂପା ନଦୀର ଦକ୍ଷିଣପାର୍ଶ୍ୱରେ ସମୁଦାୟ ପ୍ରାୟ ୨୧୦ କି.ମି. ନଦୀବନ୍ଧ ଓ ଅପରପାର୍ଶ୍ୱରେ ୧୮୦ କି.ମି. ନଦୀବନ୍ଧ ନିର୍ମାଣ ହୋଇଛି। କିନ୍ତୁ ଏହିସବୁ ନଦୀବନ୍ଧକୁ ଏ ଯାବତ୍ ସୁଦୃଢ଼ କରାଯାଇପାରିଲା ନାହିଁ। ବ୍ୟାପକ ଦୁର୍ନୀତି ଯୋଗୁ ବନ୍ୟାରେ ନିମ୍ନମାନର ବନ୍ଧଗୁଡ଼ିକରେ ଘାଇ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଉଛି। କେବଳ ସେତିକି ନୁହେଁ, ପୂର୍ତ୍ତ ବିଭାଗ ପକ୍ଷରୁ ଖାମଖିଆଲି ଭାବେ ସେତୁ ନିର୍ମାଣ ହେଉଥିବା ଯୋଗୁ ବନ୍ୟା ଆଶଙ୍କା ସୃଷ୍ଟି ହେଉଛି, ଯାହାର ଉଦାହରଣ ବୈତରଣୀ ନଦୀର ନୂଆପାଟଣା ନଦୀବନ୍ଧରେ ଦେଖିବାକୁ ମିଳିଛି। ଏଠାରେ ଯଦି ବନ୍ୟା ସ୍ଥିତି ☞ପୃଷ୍ଠା-୪

# ୯ରେ ଭାରତ ବନ୍ଦ, ସାମିଲ ହେବେ ୨୫ କୋଟି

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ତଥା କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ଆସନ୍ତା ୯ ତାରିଖ ବୁଧବାର ଦେଶର ୧୦ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସେମାନଙ୍କ ସହଯୋଗୀ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ 'ଭାରତ ବନ୍ଦ' ଡାକରା ଦିଆଯାଇଛି। ବ୍ୟାଙ୍କିଙ୍ଗ୍, ବୀମା, ଡାକସେବାଠାରୁ ଆରମ୍ଭ କରି ଖଣି ଖନନ, ରାଜପଥ ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୨୫ କୋଟିରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ ଏହି ବନ୍ଦ ପାଳନରେ ସାମିଲ ହେବାକୁ ଥିବାରୁ ଦେଶବ୍ୟାପୀ ସାଧାରଣ ଜୀବନଯାତ୍ରା ବ୍ୟାହତ ହେବା ଆଶଙ୍କା ସୃଷ୍ଟି ହୋଇଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ସେବାର ଘରୋଇକରଣ, ଆଉଟ୍‌ସୋର୍ସିଂ ନୀତି, ଶ୍ରମଶକ୍ତିର ଠିକାଦାରିତା ଆଦି ବିରୋଧରେ ଶ୍ରମିକ ସଙ୍ଗଠନଗୁଡ଼ିକ ଦୀର୍ଘଦିନ ହେଲା ଲଢ଼େଇ କରିଆସୁଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏରେ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟଦିବସ ବଢ଼ାଇବା ସହ ମଜୁରି ବୃଦ୍ଧି କରିବା ଓ ସହରାଞ୍ଚଳ ପାଇଁ ଅନୁରୂପ ଆଇନ ଲାଗୁ କରିବା ଉପରେ ସେମାନେ ଦାବି କରୁଛନ୍ତି। 'ଇଜ୍ ଅଫ୍ ଡୁଇଂ ବିଜିନେସ୍' ନାମରେ ୪ଟି ଲେବର କୋଡ୍ ଲାଗୁ କରିବାକୁ ହେଉଥିବା ଉଦ୍ୟମକୁ ଏମାନେ ବିରୋଧ କରୁଛନ୍ତି। ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍, ପୋଷ୍ଟାଲ, କୋଇଲା ଖଣି, କଳକାରଖାନା, ରାଜ୍ୟ ପରିବହନ ସେବା ଆଦି ଘୋର ପ୍ରଭାବିତ ହେବ ବୋଲି କୁହାଯାଉଛି।

ନୂଆଦିଲ୍ଲୀ,୭।୭

କେନ୍ଦ୍ର ସରକାରଙ୍କ ବିରୋଧରେ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଦିଆଯାଇଥିବା 'ଭାରତ ବନ୍ଦ'କୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିବାରୁ ଏନେଇ ସମସ୍ତ ସେକ୍ଟର ସହ ଜଡ଼ିତ ୟୁନିୟନଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କୃଷକ ଏବଂ ଗ୍ରାମାଞ୍ଚଳ ଶ୍ରମିକମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହେବେ ବୋଲି ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସର ଅମରଜିତ୍ କୌର କହିଛନ୍ତି। ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍, ପୋଷ୍ଟାଲ, କୋଇଲା ଖଣି, କଳକାରଖାନା, ରାଜ୍ୟ ପରିବହନ ସେବା ପ୍ରଭାବିତ ହେବ ବୋଲି ହିନ୍ଦ୍ ମଜଦୁର ସଭାର ହରଭଜନ ସିଂ ସିଦ୍ଧୁ କହିଛନ୍ତି।

ଶ୍ରମିକ ସଙ୍ଗଠନ ଫୋରମ୍ ପକ୍ଷରୁ କୁହାଯାଇଛି, ଗତବର୍ଷ ସେମାନେ ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ନିକଟରେ ୧୭-ସୂତ୍ରୀ ଦାବି ଉପସ୍ଥାପନ କରିଥିଲେ। କେନ୍ଦ୍ର ସରକାର ଗତ ୧୦ ବର୍ଷ ହେଲା ବାର୍ଷିକ ଶ୍ରମିକ ସମ୍ମିଳନୀ ନ କରି ସେମାନଙ୍କ ସ୍ୱାର୍ଥ ବିରୋଧରେ ନିଷ୍ପତ୍ତି ନେବାରେ ଲାଗିଛନ୍ତି। ସଙ୍ଗଠନଗୁଡ଼ିକର ମୂଲଚାଲ କ୍ଷମତାକୁ ଦୁର୍ବଳ କରି ସେଗୁଡ଼ିକୁ ପଙ୍ଗୁ କରିଦେବା ସହ 'ଇଜ୍ ଅଫ୍ ଡୁଇଂ ବିଜିନେସ୍' ନାମରେ ୪ଟି ☞ପୃଷ୍ଠା-୪

# ଆଜି ମହାପ୍ରଭୁଙ୍କ ନୀଳାଦ୍ରିବିଜେ

ପୁରୀ,୭।୭(ଅଜିତ୍ ମହାନ୍ତି)

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ବାହୁଡ଼ି ଆସିଛନ୍ତି ଦାରୁଦିଆଁ। ଭଉଣୀ ଭାଇଙ୍କ ସହ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖସ୍ଥ ତିନିରଥ ଉପରେ ଏବେ ଅବସ୍ଥାନ କରୁଛନ୍ତି ମହାପ୍ରଭୁ। ସୋମବାର ଶ୍ରୀବିଗ୍ରହମାନଙ୍କ ଅଧରପଣା ନୀତି ସମ୍ପନ୍ନ ହୋଇଛି। ଏବେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରିବିଜେକୁ ଅପେକ୍ଷା କରିଛନ୍ତି ଭକ୍ତ। ମଙ୍ଗଳବାର ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ରତ୍ନବେଦିକୁ ବିଜେ କରିବେ ଦାରୁବିଗ୍ରହ। ବୁଧବାରଠାରୁ ଶ୍ରୀମନ୍ଦିର ଚଳଚଞ୍ଚଳ ହୋଇଉଠିବ ଓ ଭକ୍ତମାନେ ନୀଳାଚଳ ଅବଢ଼ା ପାଇପାରିବେ।

# ପାକିସ୍ତାନର ସମ୍ପୃକ୍ତି ମାନିଲେ ତହଉର

ନୂଆଦିଲ୍ଲୀ,୭।୭

**୨୬/୧୧ ମୁମ୍ବାଇ ଆକ୍ରମଣ**

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ପାକିସ୍ତାନ ଗଭୀର ଭାବେ ସମ୍ପୃକ୍ତ ଥିବା ଅନ୍ୟତମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ତହଉର ହୁସେନ୍ ରାଣା ସ୍ୱୀକାର କରିଛନ୍ତି। ଭାରତର ଆର୍ଥିକ ରାଜଧାନୀ ଉପରେ ହୋଇଥିବା ଏହି ମରଣାନ୍ତକ ଆକ୍ରମଣ ବେଳେ ତହଉର ସେଠାରେ ଉପସ୍ଥିତ ଥିଲେ। ପାକିସ୍ତାନୀ ସେନା ଏବଂ ଗୋଇନ୍ଦା ସଂସ୍ଥା (ଆଇଏସ୍‌ଆଇ) ସହ ତାଙ୍କର ଦୀର୍ଘଦିନର ସମ୍ପର୍କ ରହିଥିବା ମାନିଛନ୍ତି। ଆମେରିକାରୁ ପ୍ରତ୍ୟର୍ପଣ ପରେ ଦିଲ୍ଲୀର ତିହାର ଜେଲ୍‌ରେ ରହିଥିବା ତହଉର ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚକୁ ଜେରା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥା ବିସ୍ଫୋରକ ତଥ୍ୟ ଦେଇଛନ୍ତି। ତାଙ୍କ ଘନିଷ୍ଠ ସହଯୋଗୀ ଡାଭିଡ୍ କୋଲେମାନ୍ ହେଡ୍‌ଲି ଲସ୍କର-ଇ-ତୋଇବା ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ ବୋଲି ତହଉର କହିଛନ୍ତି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ସହଯୋଗରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ୨୦୦୮ ନଭେମ୍ବର ୨୬ରେ ପାକିସ୍ତାନର ୧୦ ସଶସ୍ତ୍ର ଆକ୍ରମଣକାରୀ ☞ପୃଷ୍ଠା-୪

# ଆଜିଠୁ ଡ୍ରାଇଭର ମହାମଞ୍ଚର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ଭୁବନେଶ୍ୱର,୭।୭(ସତ୍ୟଜିତ୍ ରାଉତ)

**ଓଡ଼ିଶା ସଡ଼କ ପରିବହନ ଶ୍ରମିକ ମହାସଂଘର ବିରୋଧ**

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ମଙ୍ଗଳବାର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରାଯିବ। ୬ ଦଫା ଦାବିରେ ଏହି ଅନ୍ଦୋଳନ ଡାକରା ଦିଆଯାଇଛି। ଅଟୋ ଡ୍ରାଇଭରମାନଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ୍ ୱାର୍କର୍ସ ୱେଲ୍‌ଫେୟାର ବୋର୍ଡରେ ସାମିଲ କରିବାକୁ ମଞ୍ଚ ଦାବି କରିଛି। ଏଥିସହ ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡ଼ିଗୁଡ଼ିକ ପାର୍କିଂ ଓ ଡ୍ରାଇଭରମାନଙ୍କ ବିଶ୍ରାମ ପାଇଁ ପାର୍କିଂ ସହ ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଓ କାରଖାନା ଗୁଡ଼ିକରେ ୭୦% ରାଜ୍ୟ ☞ପୃଷ୍ଠା-୪

# ମନମୋହନ ପୁଣି ଭାଜପା ସଭାପତି

ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)

**ଆଜି ବିଧିବଦ୍ଧ ଘୋଷଣା**

ଭାଜପା ରାଜ୍ୟ ସଭାପତି ନିର୍ବାଚନ ଲାଗି ସୋମବାର ନାମାଙ୍କନ ପତ୍ର ଦାଖଲ କରାଯାଇଛି। ଦଳର ସଭାପତି ପଦବୀ ଲାଗି ମନମୋହନ ସାମଲ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତେଣୁ ମନମୋହନ ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହେବା ନେଇ ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ମନମୋହନ ଏଥରକୁ ମିଶାଇଲେ ୪ର୍ଥ ଥର ଲାଗି ଦଳର ସଭାପତି ପଦର ଦାୟିତ୍ୱ ନେବେ। ଗତ ସାଧାରଣ



ମନମୋହନ ସାମଲ

ନିର୍ବାଚନରେ ଭାଜପାର ସଫଳତା ଯୋଗୁ ମନମୋହନଙ୍କୁ ଆଉଥରେ ରିପିଟ୍ କରାଯିବ ବୋଲି ଚର୍ଚ୍ଚା ମଧ୍ୟ ଜୋର୍ ଧରିଥିଲା। ଶେଷରେ ତାହା ହିଁ ହୋଇଛି। ତେବେ ମନମୋହନ ପ୍ରଥମେ ୧୯୯୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଦଳର ସଭାପତି ଥିଲେ। ଏହାପରେ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଦାୟିତ୍ୱ ନେଇଥିଲେ। ଏହାପରେ ମାର୍ଚ୍ଚ ୨୦୨୩ରୁ ଏଯାଏଁ ୩ୟ ଥର ଲାଗି ସଭାପତି ଦାୟିତ୍ୱରେ ରହିଛନ୍ତି। ମନମୋହନ ସଭାପତି ହେବା ନେଇ ସ୍ପଷ୍ଟ ହେଇସାରିଥିଲେ ମଧ୍ୟ ମଙ୍ଗଳବାର ☞ପୃଷ୍ଠା-୪

# ନନ୍ଦନକାନନ: ଦ୍ୱିତୀୟଥର ୧୧ ଛୁଆ ଜନ୍ମଦେଲା ହଳଦିଆ ଆନାକୋଣ୍ଡା



**ସଂଖ୍ୟା ୨୫କୁ ବୃଦ୍ଧି**

ବାରଙ୍ଗ,୭।୭(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନର ସରୀସୃପ ପାର୍କରେ ରହୁଥିବା ହଳଦିଆ ଆନାକୋଣ୍ଡା ଦ୍ୱିତୀୟଥର ପାଇଁ ମା' ହୋଇଛି। ସୋମବାର ଏହା ଜଣାପଡ଼ିବା ପରେ ନନ୍ଦନକାନନରେ ଖୁସିର ମାହୋଲ ଖେଳିଯାଇଛି। ଜୁଲାଇ ୪ରେ ହଳଦିଆ ଆନାକୋଣ୍ଡା ୧୧ଟି ଛୁଆ ଜନ୍ମ ଦେଇଥିଲା। ୨୦୧୯ ମସିହା ଅକ୍ଟୋବରରେ ମାଡ୍ରାସ କୁମ୍ଭୀର ବ୍ୟାଙ୍କ ଟ୍ରଷ୍ଟରୁ ଅଣ୍ଡିରା ଓ ମାଈ ଆନାକୋଣ୍ଡା ☞ପୃଷ୍ଠା-୪

# ଅଭିନୟକୁ ଫେରିଲେ ସ୍ମୃତି ଇରାନୀ

## 'କ୍ୟୁଁକି ସାସ୍ ଭି କଭି ବହୂ ଥି ୨'ରେ ସ୍ମୃତିଙ୍କ ଫାଷ୍ଟ ଲୁକ୍ ଆଉଟ୍

ମୁମ୍ବାଇ, ୭।୭

ଦୀର୍ଘ ପ୍ରାୟ ୧୨ ବର୍ଷ ଧରି ଅଭିନୟ ଜଗତରୁ ଦୂରେଇ ରହିଥିବା ଅଭିନେତ୍ରୀ ତଥା ଭାଜପା ନେତ୍ରୀ ସ୍ମୃତି ଇରାନୀଙ୍କୁ ଖୁବ୍‌ଶୀଘ୍ର ଛୋଟ ପରଦାରେ ଦେଖିବାକୁ ମିଳିବ। ଲୋକପ୍ରିୟ ଧାରାବାହିକ 'କ୍ୟୁଁକି ସାସ୍ ଭି କଭି ବହୂ ଥି'ର ଦ୍ୱିତୀୟ ସିଜନ୍‌ରେ ସ୍ମୃତି ତାଙ୍କ ପ୍ରସିଦ୍ଧ ତୁଲସୀ ବିରାନୀଙ୍କ ଭୂମିକାରେ ନଜରକୁ ଆସିବେ। ସୋମବାର ଧାରାବାହିକରେ ସ୍ମୃତିଙ୍କ ପ୍ରଥମ ଲୁକ୍ ଉପରୁ ପରଦା ଉଠିଛି। ଇନ୍‌ଷ୍ଟାଗ୍ରାମରେ ଇନ୍‌ଷ୍ଟାଣ୍ଟ ବଲିଉଡ୍ ନାମକ ଏକ ଆକାଉଣ୍ଟରେ ସ୍ମୃତିଙ୍କ ଏହି ଲୁକ୍‌କୁ ଶେୟାର କରାଯାଇଛି। ଏଥିରେ ସେ ମେରୁନ୍ ରଙ୍ଗର ବନାରସୀ ଶାଢ଼ି, ଲାଲ୍ ରଙ୍ଗର ସିଗ୍‌ନେଚର ବିନ୍ଦି ଏବଂ ପାରମ୍ପରିକ ଅଳଙ୍କାର ପିନ୍ଧିଥିବାର ନଜରକୁ ଆସିଛନ୍ତି। ସ୍ମୃତିଙ୍କୁ ପୁଣିଥରେ ତୁଲସୀ ଭୂମିକାରେ ଦେଖି ତାଙ୍କର ଅନେକ ପ୍ରଶଂସକ 'କ୍ୟୁଁକି ସାସ୍ ଭି କଭି ବହୂ ଥି'ର ପାର୍ଟ-୨କୁ ☞ପୃଷ୍ଠା-୪



**ଆଜିର ସମ୍ପାଦକୀୟ** ଶକ୍ତି ଓ ଦୁର୍ବଳତା




## ସଂକ୍ଷେପରେ

### ଗୁଳିମାଡ଼ରେ ରୁଷିଆର ବହିଷ୍କୃତ ମନ୍ତ୍ରୀଙ୍କ ମୃତ୍ୟୁ


ରୋମାନ ଷ୍ଟାରୋଭୋଏଟ୍

**ମସ୍କୋ,୭।୭**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କ କ୍ୟାବିନେଟର ପରିବହନ ମନ୍ତ୍ରୀ ରୋମାନ ଷ୍ଟାରୋଭୋଏଟ୍‌ଙ୍କୁ ବହିଷ୍କାର କରିବାର କିଛି ଘଣ୍ଟା ପରେ କାର୍ ଭିତରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଦେହରେ ଗୁଳିମାଡ଼ ସହ ପାଖରେ ତାଙ୍କ ବ୍ୟବହୃତ ବନ୍ଧୁକ ପଡ଼ିଥିବାରୁ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ମନ୍ତ୍ରୀ ହେବା ପୂର୍ବରୁ ରୋମାନ କୁର୍ସ୍କ ପ୍ରଦେଶର ଗଭର୍ନର ଥିବାବେଳେ ହୋଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଥିବାରୁ ତାଙ୍କୁ ବହିଷ୍କାର କରାଯାଇଥାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଅନୁମାନ କରିଛନ୍ତି।

### ମହିଳାଙ୍କୁ ଦୁର୍ବ୍ୟବହାର କଲେ ଏମ୍‌ଏନ୍‌ଏସ୍ ନେତାଙ୍କ ପୁଅ

**ମୁମ୍ବାଇ, ୭।୭**

ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ନେତା ଜାଭେଦ ଶେଖ୍‌ଙ୍କ ପୁଅ ରାହିଲ ନିଶାସକ୍ତ ହୋଇ ଅର୍ଦ୍ଧନଗ୍ନ ଥିବା ଅବସ୍ଥାରେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ରାଜଶ୍ରୀ ମୁରେଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏନେଇ ସୋମବାର ରାଜଶ୍ରୀ ଏକ୍ସ'ରେ ଏକ ଭିଡିଓ ଶେୟାର କରିଛନ୍ତି,ଯେଉଁଥିରେ ରାହିଲ ତାଙ୍କୁ ଅପଶବ୍ଦ କହି ଗାଳି ଦେଉଥିବା ଦେଖିବାକୁ ମିଳିଛି। ତାଙ୍କ କାର୍‌କୁ ରାହିଲ ଧକ୍କା ଦେଇଥିଲେ। ସେ ପ୍ରତିବାଦ କରିବାରୁ ରାହୁଲ ତାଙ୍କୁ ଦୁର୍ବ୍ୟବହାର କରିଥିବା ରାଜଶ୍ରୀ କହିଛନ୍ତି। ଏନେଇ ମୁମ୍ବାଇର ଆମ୍ବୋଲି ଥାନାରେ ରାଜଶ୍ରୀ ଏତଲା ଦେଇଛନ୍ତି।

# ୯ରେ ଇଣ୍ଡିଆ ବ୍ଲକ୍‌ର ବିହାର ବନ୍ଦ ଡାକରା

## ଭୋଟର ତାଲିକା ସଂଶୋଧନକୁ ବିରୋଧ

**ପାଟନା,୭।୭**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂଶୋଧନ ପାଇଁ ନିର୍ବାଚନ କମିଶନଙ୍କ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍)କୁ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍ ଦୃଢ଼ ବିରୋଧ କରିବା ସହ ଆସନ୍ତା ୯ ତାରିଖ ବୁଧବାର ରାଜ୍ୟରେ ବନ୍ଦ ପାଳନ ପାଇଁ ଡାକରା ଦେଇଛି। ଏହି ବନ୍ଦରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯୋଗଦେବେ ବୋଲି ଜଣାପଡ଼ିଛି। ବିହାର ବିଧାନସଭା ନିର୍ବାଚନ ପାଇଁ ଇଣ୍ଡିଆ ବ୍ଲକ୍‌ର ସମନ୍ୱୟ କମିଟି ଅଧ୍ୟକ୍ଷ ଥିବା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି, ଭୋଟର ତାଲିକା ସଂଶୋଧନ ବିରୋଧରେ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ଅସନ୍ତୋଷ ଦର୍ଶାଇବା ପାଇଁ ବିହାର ବନ୍ଦ ଡାକରା ଦେଇଛନ୍ତି। ନିର୍ବାଚନ କମିଶନ ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ବିରୋଧକରି ବୁଧବାର ଚକା ଜାମ୍ କରାଯିବ ବୋଲି ତେଜସ୍ୱୀ କହିଛନ୍ତି।


ରାହୁଲ ଗାନ୍ଧୀ


ତେଜସ୍ୱୀ ଯାଦବ

ତେବେ ଏହି ସମୟରେ ଆମ୍ବୁଲାନ୍ସ ଏବଂ ଜରୁରୀ ସେବା ଗାଡ଼ିଗୁଡ଼ିକ ଅଟକାଯିବ ନାହିଁ। ରାହୁଲ ଏବଂ ତେଜସ୍ୱୀ ବନ୍ଦ ପାଳନର ନେତୃତ୍ୱ ନେବେ।

ପାଟନାର ଇନ୍‌କମ୍ ଟ୍ୟାକ୍ସ ଛକରୁ ରାହୁଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବିଧାନସଭା ବାହାରେ ଥିବା ଶହୀଦ ସ୍ମୃତିସ୍ଥଳ ଏବଂ ଏହା ପାଖରେ ଥିବା ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବ ବୋଲି ବିହାର ପ୍ରଦେଶ କଂଗ୍ରେସ କମିଟି ସଭାପତି ରାଜେଶ କୁମାର ଗଣମାଧ୍ୟମକୁ କହିଛନ୍ତି। ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ ମାଗିଥିବା ୧୧ଟି ଦସ୍ତାବିଜ୍ ୯୦ ପ୍ରତିଶତ ଲୋକ ଦେଖାଇପାରିବେ ନାହିଁ। ସେଗୁଡ଼ିକୁ ସଂଗ୍ରହ କରିବା ପାଇଁ ବହୁ ସମୟ ଲାଗିବ। ପୂର୍ବରୁ ଏଭଳି ସଂଶୋଧନ ୧୫ ମାସ ଧରି ଚାଲିଥିଲା। ଏବେ ନିର୍ବାଚନ ମାତ୍ର ଅଳ୍ପ କେଇମାସ ରହିଥିବାବେଳେ ତାହା ପୂର୍ବରୁ ଏସ୍‌ଆଇଆର୍ ସମ୍ଭବ ନୁହେଁ। ଏହା ଦ୍ୱାରା ଅନେକ ଯୋଗ୍ୟ ଭୋଟର ମତଦାନ ଅଧିକାର ହରାଇବେ ବୋଲି କୁମାର କହିଛନ୍ତି। ଯଦି ଭୋଟର ତାଲିକାରେ ସଂଶୋଧନ କରିବା କଥା, ତେବେ ନିର୍ବାଚନ କମିଶନ ଜାନୁଆରୀ ୧ରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଥିଲେ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ୮ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଜୁଲାଇ ୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ କିପରି ବୋଲି ସେ କହିଛନ୍ତି।

ବିହାର ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନକୁ ସ୍ଥଗିତ ରଖିବା ପାଇଁ ତେଜସ୍ୱୀ ସୋମବାର ନିର୍ବାଚନ କମିଶନଙ୍କୁ ନିବେଦନ କରିଛନ୍ତି। ଇଣ୍ଡିଆ ବ୍ଲକ୍‌ର ସହଯୋଗୀମାନଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀରେ ତେଜସ୍ୱୀ ଏହା କହିଛନ୍ତି।

### ବିହାର ଭୋଟର ତାଲିକା ସଂଶୋଧନ ଶୁଣାଣି ୧୦ରେ

**ନୂଆଦିଲ୍ଲୀ,୭।୭(ପି.ଟି.)**

ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନଙ୍କ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ୧୦ରେ ଏହାର ଶୁଣାଣି ହେବ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କ ନେତୃତ୍ୱରେ କେତେଜଣ ବରିଷ୍ଠ ଆଇନଜୀବୀ ଦାଖଲ କରିଥିବା ନିବେଦନକୁ ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଏବଂ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠ ଗ୍ରହଣ କରିଛନ୍ତି। ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ଏତେ କମ୍ ସମୟ ମଧ୍ୟରେ ଏସ୍‌ଆଇଆର୍ ସମ୍ଭବ ନୁହେଁ ବୋଲି ଆର୍‌ଜେଡି ଏମ୍‌ପି ମନୋଜ ଝାଙ୍କ ତରଫରୁ ଉପସ୍ଥିତ ସିବଲ୍ ଖଣ୍ଡପୀଠଙ୍କୁ ଜଣାଇବା ସହ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି ପାଇଁ ନିବେଦନ କରିଥିଲେ।


ସଂଶୋଧିତ ଜମି ରାଜସ୍ୱ ରେକର୍ଡରେ ପକ୍ଷପାତିତାକୁ ବିରୋଧ କରି ନୋଏଡ଼ାରେ ସୋମବାର କୃଷକମାନେ ବିକ୍ଷୋଭ କରୁଛନ୍ତି।

### ବସ୍ ଓଲଟି ୯ ମୃତ, ୩୩ ଆହତ

**ହୋଶିଆର୍‌ପୁର, ୭।୭**

ପଞ୍ଜାବର ହୋଶିଆର୍‌ପୁର ଜିଲାର ସାଗ୍ରନ ଗ୍ରାମରେ ସୋମବାର ଏକ ମିନି ବସ୍ ଓଲଟିବାରୁ ୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୩ ଜଣ ଆହତ ହୋଇଛନ୍ତି। ବସ୍‌ଟି ୪୦ ଜଣ ଯାତ୍ରୀଙ୍କୁ ଧରି ହାଜିପୁରରୁ ଦାସୁୟା ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଡ୍ରାଇଭର ନିୟନ୍ତ୍ରଣ ହରାଇଥିବାରୁ ଦୁର୍ଘଟଣା ଘଟିଥିବା ନେଇ ହୋଶିଆରପୁର ଡିସିପି କୁଲ୍‌ବିନ୍ଦର ସିଂ ବ୍ରିକ୍ କହିଛନ୍ତି। ଦୁର୍ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ଆହତମାନଙ୍କୁ ଦାସୁୟା ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### କେନ୍ଦ୍ର ସରକାର ଧନୀଙ୍କୁ ଅଧିକ ଧନୀ କରାଉଛନ୍ତି: ରାହୁଲ

**ନୂଆଦିଲ୍ଲୀ,୭।୭(ପି.ଟି.)**

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଧନୀଙ୍କୁ ଅଧିକ ଧନୀ କରାଇବା ସହ ସାଧାରଣ ନିବେଶକମାନଙ୍କୁ ବରବାଦ ମଧ୍ୟକୁ ଠେଲିଦେଉଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଅଭିଯୋଗ କରିଛନ୍ତି। ଫ୍ୟୁଚର୍ସ ଆଣ୍ଡ ଅପ୍ସନ୍‌ସ(ଏଫ୍ ଆଣ୍ଡ ଓ) ମାର୍କେଟରେ ବଡ଼ ନିବେଶକମାନଙ୍କ ଦ୍ୱାରା ଜାଲିଆତି ହେଉଥିବା ଘଟଣାରେ ସରକାର ଚୁପ୍ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଫ୍ ଆଣ୍ଡ ଓ ମାର୍କେଟ ବଡ଼ ନିବେଶକଙ୍କ ଅକ୍ତିଆରରେ ଥିବାବେଳେ ଛୋଟ ନିବେଶକମାନେ କ୍ରମାଗତ ଭାବେ ସେଥିରୁ ବାଦ୍ ପଡ଼ିଚାଲିଛନ୍ତି ବୋଲି ରାହୁଲ ଗତବର୍ଷ କହିଥିଲେ। ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଅନେକ ହଜାର କୋଟି ଜାଲିଆତିରେ ସମ୍ପୃକ୍ତ ଥିବା ଏବେ ବଜାର ନିୟନ୍ତ୍ରକ ସେବି ସ୍ୱୀକାର କରିଛି। ସେବି ଏପର୍ଯ୍ୟନ୍ତ କ'ଣ ପାଇଁ ନୀରବ ରହିଥିଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। କେବଳ ଜେନ୍ ଷ୍ଟ୍ରିଟ୍ ନୁହେଁ ଆହୁରି ଅନେକ ନିବେଶକ ଜାଲିଆତିରେ ସମ୍ପୃକ୍ତ ଥିବାବେଳେ ମୋଦି ସରକାର ସେଥିପ୍ରତି ଆଖି ବୁଜିଦେଇଥିବା କଂଗ୍ରେସ ନେତା ଅଭିଯୋଗ କରିଛନ୍ତି।

## ଦଲାଇଲାମାଙ୍କୁ ମୋଦିଙ୍କ ଜନ୍ମଦିନ ଶୁଭେଚ୍ଛା: ଚାଇନାର ବିରୋଧ

**ବେଜିଂ/ନୂଆଦିଲ୍ଲୀ, ୭।୭ (ପି.ଟି.)**

ଭାରତରେ ନିର୍ବାସିତ ଜୀବନଯାପନ କରୁଥିବା ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଥିଲେ। ସେହିପରି ହିମାଚଳ ପ୍ରଦେଶର ଧର୍ମଶାଳା ସ୍ଥିତ ସୁଗଲାଖାଙ୍ଗ ମନ୍ଦିରରେ ଦଲାଇଲାମାଙ୍କ ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଏବଂ ଅଧିକାରୀ ଯୋଗଦେଇଥିଲେ। ସୋମବାର ଚାଇନା ଏହାକୁ ବିରୋଧ କରିଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି, ତିବ୍ବତ ସହ ଜଡ଼ିତ ପ୍ରସଙ୍ଗର ସମ୍ବେଦନଶୀଳତାକୁ ଭାରତ ବୁଝିବା ଆବଶ୍ୟକ। ବିଚ୍ଛିନ୍ନତାବାଦୀ ଚିନ୍ତାଧାରାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ। ଚାଇନାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପରୁ ଭାରତ ଦୂରେଇ ରହିବା ଉଚିତ ବୋଲି ନିଙ୍ଗ୍ କହିଛନ୍ତି। ଅନ୍ୟପକ୍ଷେ, ଦଲାଇଲାମାଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ଦେବା ପାଇଁ ସୋମବାର ଭାରତୀୟ ସଂସଦର ସର୍ବଦଳୀୟ ତିବ୍ବତ ଫୋରମ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହି ଫୋରମରେ ଭାଜପା ସମେତ ବିଜୁ ଜନତା ଦଳ (ବିଜେଡି) ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ଏମ୍‌ପି ରହିଛନ୍ତି। ସେହିପରି ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବା ପାଇଁ ଦଲାଇଲାମାଙ୍କୁ ଅନୁମତି ମିଳୁ ବୋଲି ଏହି ଫୋରମ ଦାବି କରିଛି।

## ଟ୍ରେନ୍ ବଗିରେ ମହିଳାଙ୍କୁ ଗଣବଳାତ୍କାର

### ଫିଙ୍ଗିଦେବାରୁ ରେଳ ଧାରଣାରେ ଗୋଡ଼ କଟିଲା

**ପାନିପତ, ୭।୭**

ହରିୟାଣାର ପାନିପତ ରେଳ ଷ୍ଟେଶନରେ ଠିଆ ହୋଇଥିବା ଏକ ଟ୍ରେନ୍‌ର ଖାଲି ବଗିରେ ଜଣେ ୩୫ ବର୍ଷୀୟା ମହିଳାଙ୍କୁ ୩ ଜଣ ଅଭିଯୁକ୍ତ ଗଣବଳାତ୍କାର କରିଛନ୍ତି। ସେମାନେ ପୀଡ଼ିତାଙ୍କୁ ସୋନେପତ ନେଇ ରେଳ ଟ୍ରାକ୍‌ରେ ଫିଙ୍ଗି ଫେରାର ହୋଇଯାଇଥିଲେ। ସେହି ସମୟରେ ଏକ ଟ୍ରେନ୍ ମାଡ଼ିଯିବାରୁ ମହିଳାଙ୍କ ଗୋଡ଼ କଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୋମବାର ପୀଡ଼ିତାଙ୍କ ବୟାନ ଆଧାରରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜିବା ଜାରି ରଖିଛି। ମହିଳା ଜଣଙ୍କ ଗତ ୨୪ ତାରିଖରୁ ନିଖୋଜ ଥିଲେ। ଏନେଇ ୨୬ ତାରିଖରେ ତାଙ୍କ ସ୍ୱାମୀ ଥାନାରେ ଏତଲା ଦେଇଥିଲେ। ଘରୁ ଚାଲିଆସି ସେ ରେଳ ଷ୍ଟେଶନରେ ବସିଥିଲେ। ଏହି ସମୟରେ ଜଣେ ଅଜଣା ବ୍ୟକ୍ତି ତାଙ୍କ ସ୍ୱାମୀ କହିବାରୁ ଆସିଛନ୍ତି ବୋଲି କହି ତାଙ୍କ ବିଶ୍ୱାସ ଜିଣିଥିଲେ। ସ୍ୱାମୀଙ୍କ ପାଖରେ ନେଇ ଛାଡ଼ିଦେବାକୁ ଭରସା ଦେଇ ସେ ପୀଡ଼ିତାଙ୍କୁ ଏକ ଖାଲି ଟ୍ରେନ୍ ବଗି ମଧ୍ୟକୁ ନେଇ ଯାଇଥିଲେ ଏବଂ ସେଠାରେ ନିଜର ୨ ସହଯୋଗୀଙ୍କ ସହ ତାଙ୍କୁ ଗଣବଳାତ୍କାର କରିଥିଲେ।

### ଇସ୍ରୋ ମୁଖ୍ୟଙ୍କୁ ଆକ୍ସିଓମ୍ ୪ ମିଶନର ଅପ୍‌ଡେଟ୍ ଦେଲେ ଶୁଭାଂଶୁ

**ନୂଆଦିଲ୍ଲୀ, ୭।୭**

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଥିବା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ରବିବାର ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଅଧ୍ୟକ୍ଷ ଭି. ନାରାୟଣନଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହି ଅବସରରେ ଶୁଭାଂଶୁ ଇସ୍ରୋ ପାଇଁ କରୁଥିବା ବିଭିନ୍ନ ବୈଜ୍ଞାନିକ ପରୀକ୍ଷଣର ଅଗ୍ରଗତି ସମ୍ପର୍କରେ ଜଣାଇଛନ୍ତି। ଏହି ମିଶନ ଭାରତର ଗଗନୟାନ ମିଶନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପୃଥିବୀ ଫେରିବା ପରେ ଶୁଭାଂଶୁ ଆଇଏସ୍‌ଏସ୍‌ରେ ନିଜ ଅଭିଜ୍ଞତା ଏବଂ ପରୀକ୍ଷଣକୁ ବିସ୍ତୃତ ଭାବେ ଲିପିବଦ୍ଧ କରନ୍ତୁ ବୋଲି ନାରାୟଣନ ତାଙ୍କୁ ପରାମର୍ଶ ଦେଇଥିଲେ। ଇସ୍ରୋ ମୁଖ୍ୟ ଶୁଭାଂଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ବ୍ରିକ୍ସ ରାଷ୍ଟ୍ର ଉପରେ ୧୦% ଅତିରିକ୍ତ ଶୁଳ୍କ ଲଗାଇବାକୁ ଟ୍ରମ୍ପଙ୍କ ଧମକ

**ରିଓ ଡି ଜେନେଇରୋ/ବେଜିଂ,୭।୭**




ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀର ଆମେରିକା ବିରୋଧୀ ନୀତି ସହ ଯେଉଁମାନେ ରହିଛନ୍ତି, ସେମାନଙ୍କ ବିରୋଧରେ ଅତିରିକ୍ତ ୧୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ରବିବାର ବ୍ରାଜିଲରେ ବ୍ରିକ୍ସ ରାଷ୍ଟ୍ରର ନେତାମାନଙ୍କ ସମ୍ମିଳନୀ ଆରମ୍ଭ ହୋଇଥିବାବେଳେ ଟ୍ରମ୍ପ ଏଭଳି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବ୍ରିକ୍ସ କାହା ସହ ମୁହାଁମୁହିଁ ହେବାର ସଂଗଠନ ନୁହେଁ ଏବଂ କୌଣସି ତୃତୀୟ ରାଷ୍ଟ୍ରକୁ ଏହା ଟାର୍ଗେଟ କରେନାହିଁ ବୋଲି ଚାଇନା ସୋମବାର କହିଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ବଳରେ ବିକାଶଶୀଳକୁ ବିକଶିତ ରାଷ୍ଟ୍ର ମାନ୍ୟତାରେ ବଦଳାଇଥିବା ଦେଶ ଏବଂ ବିକାଶଶୀଳ ଦେଶ ମଧ୍ୟରେ ସମନ୍ୱୟ ରଖିବା ପାଇଁ ବ୍ରିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ ଗଣମାଧ୍ୟମକୁ କହିଛନ୍ତି।

ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ଆଭିମୁଖ୍ୟକୁ ନେଇ ଧନୀ ରାଷ୍ଟ୍ରଗୋଷ୍ଠୀ ଜି୭ ଏବଂ ଜି୨୦ ମଧ୍ୟରେ ମତଭେଦ ଓ ଅସ୍ଥିରତା ଦେଖାଦେଇଛି। ଅନ୍ୟପକ୍ଷରେ ହିଂସାତ୍ମକ

### ୩ୟ ରାଷ୍ଟ୍ରକୁ ଟାର୍ଗେଟ କରେନି ବ୍ରିକ୍ସ: ଚାଇନା

ଦ୍ୱନ୍ଦ୍ୱ ଏବଂ ବାଣିଜ୍ୟ ଯୁଦ୍ଧ ମଧ୍ୟରେ ବ୍ରିକ୍ସ ନିଜକୁ ଏକ ବହୁପାକ୍ଷୀୟ କୂଟନୈତିକ ମଞ୍ଚ ଭାବେ ଉପସ୍ଥାପନ କରୁଛି। ରିଓ ଡି ଜେନେଇରୋରେ ରବିବାର ଅପରାହ୍ନରେ ଆରମ୍ଭ ହୋଇଥିବା ବ୍ରିକ୍ସ ସମିଟ୍ ଆରମ୍ଭ ଅବସରରେ ମିଳିତ ବିବୃତି ଜରିଆରେ ବିଶ୍ୱ ବାଣିଜ୍ୟ ପ୍ରତି ବିପଦ ସୃଷ୍ଟି କରିଥିବା ଟାରିଫ୍ ବୃଦ୍ଧିକୁ ନେଇ ଚେତାବନୀ ଦେଇଥିଲା। ଏଥିସହିତ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ଏହା ପରୋକ୍ଷରେ ସମାଲୋଚନା କରିଥିଲା। ଆମେରିକା ଜବାବୀ ଶୁଳ୍କ ଲଗାଇବା ପାଇଁ ଜୁଲାଇ ୯କୁ ଶେଷ ତାରିଖ ଧାର୍ଯ୍ୟ କରିଥିବାବେଳେ ଟ୍ରମ୍ପ ପ୍ରଶାସନ ବିଭିନ୍ନ ଦେଶ ସହ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଉଦ୍ୟମ ଚଳାଇଛି। ବ୍ରାଜିଲ, ରୁଷିଆ, ଭାରତ, ଚାଇନାକୁ ନେଇ ୨୦୦୯ରେ ବ୍ରିକ୍ସର ପ୍ରଥମ ସମ୍ମିଳନୀ ହୋଇଥିବାବେଳେ ପରେ ଏଥିରେ ଦକ୍ଷିଣ ଆଫ୍ରିକା ଯୋଗ ଦେଇଥିଲା। ଗତବର୍ଷ ଏହି ଗ୍ରୁପ୍‌ରେ ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ୟୁନାଇଟେଡ୍ ଆରବ ଏମିରେଟ୍ସ ସାମିଲ ହୋଇଥିଲେ। ଅନ୍ୟ ୩୦ଟି ରାଷ୍ଟ୍ର ବ୍ରିକ୍ସରେ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

### ୨ ଭିନ୍ନକ୍ଷମ ଝିଅଙ୍କ ପାଇଁ ଉପଯୁକ୍ତ ଘର ମିଳିବାରେ ସମସ୍ୟା ହେଉଛି: ଜଷ୍ଟିସ୍ ଚନ୍ଦ୍ରଚୂଡ଼

**ନୂଆଦିଲ୍ଲୀ,୭।୭**

ବର୍ଷକ ପୂର୍ବେ ଦେଶର ପ୍ରଧାନ ବିଚାରପତି ଥିବାବେଳେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ନିଜ ମନ୍ତବ୍ୟ ଏବଂ ରାୟ ପାଇଁ ଗଣମାଧ୍ୟମରେ ଚର୍ଚ୍ଚିତ ରହିଥିଲେ। ତାଙ୍କୁ ଦିଆଯାଇଥିବା ସରକାରୀ ଘର ଖାଲି କରାଇବାକୁ ସୁପ୍ରିମକୋର୍ଟ ରବିବାର କେନ୍ଦ୍ର ସରକାରଙ୍କୁ ଜଣାଇବା ପରେ ସେ ପୁଣିଥରେ ଖବର ଶିରୋନାମା ମଣ୍ଡନ କରିବା ସହ ସୋସିଆଲ ମିଡିଆରେ ଟ୍ରୋଲ ହୋଇଛନ୍ତି। ତେବେ ସେ ନିଜ ଦାୟିତ୍ୱ ସମ୍ପର୍କରେ ସଚେତନ ଅଛନ୍ତି ଏବଂ ସରକାରୀ ଘରକୁ ଧରିରଖିବାର ଉଦ୍ଦେଶ୍ୟ ନାହିଁ ବୋଲି ଚନ୍ଦ୍ରଚୂଡ଼ କହିଛନ୍ତି। ୨ ଭିନ୍ନକ୍ଷମ ଝିଅଙ୍କ ପାଇଁ ଉପଯୁକ୍ତ ଘର ପାଇବାରେ ସେ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହୋଇଛନ୍ତି। ୨ ଝିଅ ପ୍ରିୟଙ୍କା ଏବଂ ମାହି ବିରଳ ଗୁଣସୂତ୍ର ଅସଙ୍ଗତିଜନିତ ମ୍ୟୋପାଥିରେ ପୀଡ଼ିତ, ଯେଉଁଥିରେ କଙ୍କାଳ ମାଂସପେଶୀ ପ୍ରଭାବିତ। ଏହାର କୌଣସି ଚିକିତ୍ସା ନାହିଁ। ସେମାନଙ୍କ ଉପରେ ୨୪ ଘଣ୍ଟା ନଜର ରଖିବା ସହ ଚଳିବାରେ ସୁବିଧା ପାଇଁ ଉପଯୁକ୍ତ ଘରର ଆବଶ୍ୟକତା ରହିଛି।

## ଫୁର୍‌ସତ୍

### ଅକ୍ସଫୋର୍ଡରୁ ଡିଗ୍ରୀ ଥାଇ ଡେଲିଭରି ବୟ

**ବେଜିଂ**


ଡିଙ୍ଗ୍ ୟୁଆନଝାଓ

ଚାଇନାର ଫୁଡ୍ ଡେଲିଭରି ବୟ ଡିଙ୍ଗ୍ ୟୁଆନଝାଓ (୩୯) ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଛନ୍ତି। ଅସାଧାରଣ ଶିକ୍ଷା ଲାଭ କରିଥିବା ସତ୍ତ୍ୱେ ସେ ଏକ ସାଧାରଣ ଫୁଡ୍ ଡେଲିଭରି ବୟ ଭାବେ ଜୀବିକା ନିର୍ବାହ କରୁଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ସବୁଠାରୁ ଶିକ୍ଷିତ ଡେଲିଭରି ବୟ କୁହାଯାଉଛି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ଥାଇ ମଧ୍ୟ ତାଙ୍କୁ ଭଲ ନିଯୁକ୍ତି ମିଳି ନ ଥିଲା।

ଚାଇନାର ଫୁଜିଆନ୍ ପ୍ରଦେଶ ନିବାସୀ ଡିଙ୍ଗ୍ ଦେଶର ପ୍ରତିଷ୍ଠିତ ସିଂଘୁଆ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଓ ପେକିଂ ବିଶ୍ୱବିଦ୍ୟାଳୟରୁ ଏନର୍ଜି ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ପରେ ସେ ସିଙ୍ଗାପୁରର ନାନ୍‌ୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିରୁ ଜୀବ ବିଜ୍ଞାନରେ ପିଏଚ୍.ଡି. ଡିଗ୍ରୀ ଏବଂ ବ୍ରିଟେନ୍‌ର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଜୈବ ବିବିଧତାରେ ଆଉ ଏକ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ଏପରି ଉଜ୍ଜ୍ୱଳ ଶିକ୍ଷାଗତ ପୃଷ୍ଠଭୂମି ସତ୍ତ୍ୱେ ମଧ୍ୟ ଡିଙ୍ଗ୍‌ଙ୍କୁ ଇଚ୍ଛା ଏବଂ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ମିଳି ନ ଥିଲା। ସେ ଅନେକ କମ୍ପାନୀକୁ ନିଜ ବାୟୋଡାଟା ପଠାଇଥିଲେ ଏବଂ ୧୦ରୁ ଅଧିକ ସାକ୍ଷାତ୍‌କାର ମଧ୍ୟ ଦେଇଥିଲେ। ଏହାସତ୍ତ୍ୱେ ତାଙ୍କୁ ସଫଳତା ମିଳି ନ ଥିଲା। ଏହି ସମୟରେ ସେ କିଛି ମାସ ପାଇଁ ସିଙ୍ଗାପୁର ନ୍ୟାଶନାଲ୍ ୟୁନଭର୍ସିଟରେ ପୋଷ୍ଟ ଡକ୍ଟରାଲ୍ ରିସର୍ଚ୍ଚର ଭାବେ କାର୍ଯ୍ୟ କରିଥିଲେ। ଶେଷରେ ଡିଙ୍ଗ୍ ନିଜ ପରିବାର ପ୍ରତିପୋଷଣ ପାଇଁ ଫୁଡ୍ ଡେଲିଭରି ବୟ ଭାବେ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥିଲେ।

ଡିଙ୍ଗ୍ କହିଛନ୍ତି, ଏବେ ସେ ସ୍ଥିର ଚାକିରି କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି। ନିଯୁକ୍ତି ପ୍ରୋଫାଇଲ୍ କୌଣସି ବ୍ୟକ୍ତିଙ୍କ ଦକ୍ଷତାର ମାପକାଠି ହୋଇ ନ ଥାଏ। ଦୀର୍ଘଦିନ ଧରି ସଫଳତା ନ ମିଳିଲେ ମଧ୍ୟ ସକାରାତ୍ମକ ରହିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଡିଙ୍ଗ୍‌ଙ୍କ ସାହସ ଏବଂ ବ୍ୟବହାରିକ ଚିନ୍ତାଧାରାକୁ ପ୍ରଶଂସା କରିଛନ୍ତି। ଶିକ୍ଷା ଯେତେ ଉଚ୍ଚ ହୋଇଥିଲେ ମଧ୍ୟ ଜୀବନରେ ସର୍ବଦା ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିଥାଏ, ତାହା ଡିଙ୍ଗ୍‌ଙ୍କ କାହାଣୀ ଦର୍ଶାଉଛି ବୋଲି କେତେଜଣ ୟୁଜର୍ସ କହିଛନ୍ତି।

### ବିଗ୍‌ବସ୍ ୧୯: ସଲ୍‌ମାନଙ୍କୁ ମିଶାଇ ୪ ହୋଷ୍ଟ

**ମୁମ୍ବାଇ**


ସଲ୍‌ମାନ ଖାନ୍

ଲୋକପ୍ରିୟ ରିୟଲିଟି ଶୋ' ବିଗ୍‌ବସ୍‌ର ୧୯ତମ ସିଜନ୍‌କୁ ନେଇ ସୋମବାର ଏକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଅଗଷ୍ଟ ଶେଷ ସପ୍ତାହରେ 'ବିଗ୍‌ବସ୍ ୧୯' ଆରମ୍ଭ ହେବ, ଯାହା ୫ ମାସ ପର୍ଯ୍ୟନ୍ତ ଚାଲିବ। ଏହା ସବୁଠାରୁ ଲମ୍ବା ଅବଧିର ବିଗ୍‌ବସ୍ ସିଜନ୍ ହେବ ବୋଲି ଜଣାପଡ଼ିଛି। ତେବେ ଏହି ସିଜନକୁ କେବଳ ସଲ୍‌ମାନ ହୋଷ୍ଟ କରିବେ ନାହିଁ, ବରଂ ୩ ଅନ୍ୟ ସେଲିବ୍ରିଟି ମଧ୍ୟ ହୋଷ୍ଟ କରିବେ। ଏହି ଶୋ'ରେ ପ୍ରଥମ ୩ ମାସ ସଲ୍‌ମାନ ହୋଷ୍ଟ କରିବେ। ଏହାପରେ ଅଭିନେତ୍ରୀ ଫରାହ ଖାନ୍, ଅଭିନେତା ଅନିଲ କପୁର ଏବଂ ଫିଲ୍ମ ନିର୍ମାତା କରନ ଜୋହର ଏହି ଶୋ'କୁ ହୋଷ୍ଟ କରିବେ ବୋଲି ଶୋ'ର କୋର୍ ଟିମ୍‌ଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଗ୍ରାଣ୍ଡ୍ ଫିନାଲେକୁ ସଲ୍‌ମାନ ହୋଷ୍ଟ କରିବେ। ସେହିପରି ଚଳିତ ଥର ଏହି ରିୟଲିଟି ଶୋ' ଟିଭି ଏବଂ ଓଟିଟିରେ ଏକକାଳୀନ ଚାଲିବ ବୋଲି ଜଣାପଡ଼ିଛି। ବିଗ୍‌ବସ୍ ୧୯ର ପ୍ରତିଯୋଗୀଙ୍କ ପାଇଁ ସମ୍ପ୍ରତି ଅଡିଶନ ଜାରି ରହିଛି। ଛୋଟ ପରଦା ତଥା ମଡେଲ ଦୁନିଆର ଅନେକ ତାରକା ଚଳିତ ସିଜନ୍‌ରେ ପ୍ରତିଯୋଗୀ ଭାବେ ଯୋଗଦେବେ ବୋଲି ରିପୋର୍ଟରେ କୁହାଯାଇଛି।




# ୨୦ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

## ହୀରାକୁଦ ଜଳଭଣ୍ଡାର

ସମ୍ବଲପୁର, ୭।୭ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ୨୦ଟି ସ୍ଲୁଇସ୍ ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ରୁଲକର୍ଭ ନିୟମ ଅନୁସାରେ ଜୁଲାଇ ୩୧ ସୁଦ୍ଧା ଜଳଭଣ୍ଡାରର ଜଳପତ୍ତନ ୬୦୫ ଫୁଟ୍‌ରେ ସୀମିତ ରଖିବା ଲକ୍ଷ୍ୟରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଛି। ସୋମବାର ସନ୍ଧ୍ୟା ସାଢ଼େ ୬ଟାରେ ମିଳିଥିବା ସୂଚନା ଅନୁସାରେ ଜଳଭଣ୍ଡାର ଜଳପତ୍ତନ ୬୦୯.୦୨ ଫୁଟ୍‌ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨୯ ହଜାର ୦୫୬ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ୩ ଲକ୍ଷ ୩୪ ହାଜର ୫୩୨ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ଜଳଭଣ୍ଡାରର ବାମ ପାର୍ଶ୍ୱସ୍ଥ ୧୩ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୭ଟି ଏହିପରି ୨୦ଟି ସ୍ଲୁଇସ୍ ଗେଟ୍ ଜରିଆରେ ୨ ଲକ୍ଷ ୯୫ ହାଜର ୮୮୦ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫,୪୧୭ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୨୭୫୫, ଶାସନ କେନାଲରେ ୨୦୦ ଓ ସମ୍ବଲପୁର କେନାଲରେ ୪୬ ଘନଫୁଟ୍ ଜଳ ମିଶି ମୋଟ ୩୦୦୧ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି।

# ବନ, ପ୍ରାଣୀସମ୍ପଦ ସୁରକ୍ଷା ପାଇଁ ପୁରସ୍କାରର ପୁନର୍ବିନ୍ୟାସ ଘୋଷଣା

## ୭୬ତମ ବନ ମହୋତ୍ସବ ସପ୍ତାହ

### ତୁଲଙ୍ଗପଦ ଓ ପାହାଡ଼ପୁର ବନ ସୁରକ୍ଷା ସମିତିକୁ 'ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ପୁରସ୍କାର'

ଭୁବନେଶ୍ୱର, ୭।୭ (ବନ୍ଦନା ସେଠୀ)

ରାଜ୍ୟରେ ଜଙ୍ଗଲ ସମ୍ପଦର ବିକାଶ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥାଏ। କ୍ଷେତ୍ର କର୍ମଚାରୀ ଓ ଜନସାଧାରଣଙ୍କୁ ଅଧିକ ପ୍ରୋତ୍ସାହିତ କରିବା ଲାଗି ଏହି ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୁରସ୍କାର ସଂଖ୍ୟା ଓ ରାଶି ବୃଦ୍ଧି କରାଯାଇଛି। ଏହି ନୂତନ ପୁରସ୍କାର ସୋମବାରଠାରୁ ଲାଗୁ ହେଲା ବୋଲି କହିଛନ୍ତି।

ସୋମବାର ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲଠାରେ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, 'ସବୁଜ ଓଡ଼ିଶା' ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ। ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ। ଏହି ଯୋଜନାରେ ଆଦିବାସୀଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଉଁଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୫ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରଖାଯାଇଛି। 'ଏକ ପେଡ ମା' କେ ନାମ' ଅଭିଯାନରେ ଚଳିତ ବର୍ଷ ୭.୫କୋଟି ଚାରାରୋପଣ କରାଯିବ। ସେହିପରି ବଜ୍ରପାତରୁ ରକ୍ଷା ପାଇବା ପାଇଁ ୧୮ଲକ୍ଷ ତାଳ ଚାରାରୋପଣ କରାଯିବ। ଆମ ଶିମିଳିପାଳ ଯୋଜନାରେ ରାଜ୍ୟ ସରକାର ୫୦କୋଟି ଟଙ୍କା ବ୍ୟୟରେ ବନ୍ୟପ୍ରାଣୀ ଓ ଉଦ୍ଭିଦର ସଂରକ୍ଷଣ ପାଇଁ ଏକ ନୂତନ ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ, ପରିବେଶ, ଅର୍ଥନୀତି ଏବଂ ମାନବ କଲ୍ୟାଣ ପାଇଁ ଜଙ୍ଗଲ ବହୁମୁଖୀ ହିତ ସାଧନ କରେ। ଜଳବାୟୁ ନିୟନ୍ତ୍ରଣ, ଜଳ ବିଶୋଧନ ଏବଂ ଜୈବ ବିବିଧତା ସଂରକ୍ଷଣରେ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଏହି ଅବସରରେ ଚଳିତବର୍ଷ ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ କଳାହାଣ୍ଡି ନର୍ଥ ଫରେଷ୍ଟ ଡିଭିଜନର ତୁଲଙ୍ଗପଦର ବନ ସୁରକ୍ଷା ସମିତି ଏବଂ କରଞ୍ଜିଆ ଫରେଷ୍ଟ ଡିଭିଜନର ପାହାଡ଼ପୁର ବନ ସୁରକ୍ଷା ସମିତିକୁ ଯୁଗ୍ମଭାବେ 'ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ପୁରସ୍କାର' ପ୍ରଦାନ କରାଯାଇଥିଲା। ଉଭୟଙ୍କୁ ମିଳିତ ଭାବେ ୪ଲକ୍ଷ ଟଙ୍କାର ଆର୍ଥିକ ରାଶି ଓ ସାର୍ଟିଫିକେଟ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲଠାରେ ଚାରା ରୋପଣ କରୁଛନ୍ତି।

### ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ

- 'ରାଜ୍ୟ ବନ ପୁରସ୍କାର' ୪ଜଣ ଫରେଷ୍ଟ ରେଞ୍ଜର, ୧୨ଜଣ ଫରେଷ୍ଟର ଓ ୨୪ଜଣ ଫରେଷ୍ଟ ଗାର୍ଡଙ୍କୁ ମାନପତ୍ର, ମେଡାଲ ସହିତ ୧୦ହଜାର ଟଙ୍କା ଲେଖାଏ ଦିଆଯିବ।
- ବନୀକରଣ କ୍ଷେତ୍ରରେ ପ୍ରତ୍ୟେକ ସବ୍‌ଡିଭିଜନ୍‌ର ଗୋଟିଏ ଶିକ୍ଷାନୁଷ୍ଠାନକୁ ୧୦ହଜାର ଟଙ୍କା ଏବଂ ଗୋଟିଏ ଗ୍ରାମପଞ୍ଚାୟତକୁ ୨୦ହଜାର ଟଙ୍କା ପୁରସ୍କାର ଦିଆଯିବ।
- 'ପ୍ରକୃତି ମିତ୍ର ପୁରସ୍କାର'ରେ ପ୍ରତ୍ୟେକ ବ୍ଲକର ଗୋଟିଏ ଗ୍ରାମ, ଗୋଟିଏ ଶିକ୍ଷାନୁଷ୍ଠାନ କିମ୍ବା ଗୋଟିଏ ପଞ୍ଜୀକୃତ ସଂସ୍ଥାକୁ ୧୦ହଜାର ଟଙ୍କା ପ୍ରଦାନ କରାଯିବ।
- 'ପ୍ରକୃତି ବନ୍ଧୁ ପୁରସ୍କାର'ରେ ପ୍ରତ୍ୟେକ ବ୍ଲକର ଜଣେ ବ୍ୟକ୍ତିଙ୍କୁ ୫ହଜାର ଟଙ୍କା ଲେଖାଏ ଦିଆଯିବ।
- ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ପୁରସ୍କାର' ବାବଦକୁ ଗୋଟିଏ ବନ ସୁରକ୍ଷା ସମିତିକୁ ପ୍ରମାଣପତ୍ର ସହ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ପ୍ରତ୍ୟେକ ସବ୍‌ଡିଭିଜନରେ ମଧ୍ୟ ଗୋଟିଏ ଲେଖାଏ ବନ ସୁରକ୍ଷା ସମିତିକୁ ୫୦ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ।
- ବନ୍ୟ ପ୍ରାଣୀ ସଂରକ୍ଷଣ ପାଇଁ ରାଜ୍ୟସ୍ତରୀୟ 'ମୁଖ୍ୟମନ୍ତ୍ରୀ ପୁରସ୍କାର' ବାବଦକୁ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ଏବଂ ପ୍ରତ୍ୟେକ ସବ୍‌ଡିଭିଜନ ସ୍ତରରେ ସାର୍ଟିଫିକେଟ ସହ ୨୫ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।

# ଆଜି ପ୍ରବଳ ବର୍ଷିବ, ୯ରୁ କମିବ

ଭୁବନେଶର, ୭।୭ (ଅନୁରାଧା ମହାରଣା)

ଦକ୍ଷିଣ ପଶ୍ଚିମ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କି.ମି. ଉଚ୍ଚରେ ରହି ଦକ୍ଷିଣ-ପଶ୍ଚିମ ଆଡକୁ ବ୍ୟାପିଛି। ଏହା ଆସନ୍ତା ୨ଦିନ ମଧ୍ୟରେ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଆଡକୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡିଶାରେ ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମଙ୍ଗଳବାର ପ୍ରବଳରୁ ଅତିପ୍ରବଳ ବର୍ଷା ସହିତ ଅତ୍ୟନ୍ତ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ପାଇଁ ବରଗଡ଼, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ରେଡ ୱାର୍ନିଂ ଜାରି କରାଯାଇଛି। ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ବର୍ଷା ସହ ବଜ୍ରପାତ ପାଇଁ ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ନୟାଗଡ଼, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୯ ତାରିଖ ବେଳକୁ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।




# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ନବୀନ


ଚିକିତ୍ସକ ଓ ଅନ୍ୟମାନଙ୍କ ସହ ନବୀନ ପଟ୍ଟନାୟକ।

- କିଛିଦିନ ମୁମ୍ବାଇଠାରେ ରହି ଫିଜିଓଥେରାପି ନେବେ
- ୧୨ରେ ଭୁବନେଶ୍ୱର ଫେରିପାରନ୍ତି

ଭୁବନେଶ୍ୱର, ୭।୭ (ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋମବାର ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରୁ ସେ ଡିସ୍‌ଚାର୍ଜ ହୋଇଛନ୍ତି। ସର୍ଭାଇକାଲ୍ ଆର୍ଥରାଇଟିସ ଅସ୍ତ୍ରୋପଚାର ପାଇଁ ସେ ଭର୍ତ୍ତି ହୋଇଥିଲେ। ଡିସ୍‌ଚାର୍ଜ ହେବାବେଳେ ନବୀନ ହସ୍ପିଟାଲର ବିଭିନ୍ନ ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ ଫେରୁଥିବାର ଏକ ଭିଡିଓ ଜାରି କରିଛନ୍ତି। ଗତ ୨୦ ତାରିଖରେ ମୁମ୍ବାଇ ଗସ୍ତ କରିଥିବା ନବୀନଙ୍କ ୨୨ ତାରିଖରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ସେ ଡିସ୍‌ଚାର୍ଜ ହେବାପରେ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଆଉ କିଛିଦିନ ମୁମ୍ବାଇରେ ରହିବେ ବୋଲି ନବୀନଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ ସେ ଆଉ ୭ ଦିନ ମୁମ୍ବାଇଠାରେ ରହି ଫିଜିଓଥେରାପି ନେବେ। ଆସନ୍ତା ୧୨ ତାରିଖରେ ସେ ଭୁବନେଶ୍ୱର ଫେରିପାରନ୍ତି ବୋଲି ଦଳୀୟ ମହଲରୁ ଜଣାପଡ଼ିଛି। ନବୀନଙ୍କ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପଚାର ହୋଇଥିଲା।

# ବଜ୍ରପାତରେ ଟଳିପଡ଼ିଲେ ୨ ଭାଇ

ତିହିଡ଼ି, ୭।୭ (ସଞ୍ଜିତ ବଳ)

ଚାଷକାମ ବେଳେ ଅଘଟଣ। ବଜ୍ରପାତରେ ବିଲରେ ଟଳିପଡ଼ିଲେ ୨ ଭାଇ। ସୋମବାର ଅପରାହ୍ନରେ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ହରସିଂହପୁର ପଞ୍ଚାୟତର ହରସିଂହପୁର ଚଣ୍ଡିସାହିଗ୍ରାମରେ ଏଭଳି ଘଟଣା ଘଟିଛି। ମୃତ ୨ ଭାଇ ହେଲେ ମଦନମୋହନ ମହାରଣା(୬୦) ଓ ସାନଭାଇ ହୃଦାନନ୍ଦ ମହାରଣା(୫୭)। ଏଥିସହ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ୧ଟା ବେଳେ ମଦନମୋହନ ଓ ହୃଦାନନ୍ଦଙ୍କ ସହ ବାରବାଟିଆ ଗ୍ରାମର ଗିରିଧାରୀ ମହାଲିକ(୬୪) ବିଲକୁ ଚାଷକାମ କରିବାକୁ ଯାଇଥିଲେ। ସେଠାରେ ହଠାତ୍ ବଜ୍ରପାତ ହେବାରୁ ସେମାନେ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମଦନମୋହନ ଓ ହୃଦାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଗିରିଧାରୀଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଦୁର୍ଗାପୂଜାରେ ବଣ୍ଟାହେବ ୩୭ ଲକ୍ଷ ଆବାସ କାର୍ଯ୍ୟାଦେଶ: ମନ୍ତ୍ରୀ ରବିନାରାୟଣ

ଭୁବନେଶ୍ୱର, ୭।୭ (ରବିନାରାୟଣ ଜେନା)

ଓଡ଼ିଶାରେ ଜଣେହେଲେ ବି ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେବେନାହିଁ। ପ୍ରତ୍ୟେକ ଗରିବଙ୍କ ମୁଣ୍ଡ ଉପରକୁ ଯେଭଳି ଛାତ ମିଳିବ ସେନେଇ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର କାମ କରୁଛନ୍ତି। ଦୁର୍ଗାପୂଜାର ପାର୍ବଣ ଅବସରରେ ରାଜ୍ୟର ୩୭ ଲକ୍ଷ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଲାଗି କାର୍ଯ୍ୟାଦେଶ ଦିଆଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି।

ସୋମବାର ଲୋକସେବା ଭବନରେ ମନ୍ତ୍ରୀ କହିଛନ୍ତି, ଏ ସଂକ୍ରାନ୍ତରେ ସେ ଦିଲ୍ଲୀ ଗସ୍ତ କରିଥିଲେ। ସେଠାରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ସହ ବିସ୍ତୃତ ଆଲୋଚନା ହୋଇଥିଲା। ଏନେଇ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏହାକୁ ନେଇ ସୋମବାର ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ବିଭାଗ ସଚିବ ଏସ୍.ଏନ୍. ଗିରିଶ ଓ ବରିଷ୍ଠ ଅଧିକାରୀଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ହୋଇଛି। ଆବାସ ପୋର୍ଟାଲକୁ ଅଧିକ କ୍ରିୟାଶୀଳ କରାଯିବା ସହିତ ଯେଉଁ ଆବେଦନଗୁଡ଼ିକ ପଡ଼ିରହିଛି ତା'ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକସ୍ତରରେ ଯେଭଳି କୌଣସି ଆବେଦନ ପଡ଼ି ନ ରୁହେ, ଜଣେ ବି ହିତାଧିକାରୀ ଯେପରି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଦୃଷ୍ଟିଦେବାକୁ ଅଧିକାରୀମାନଙ୍କୁ ତାଗିଦ କରାଯାଇଛି। ସରକାରଙ୍କ ନିଷ୍ପତ୍ତିକ୍ରମେ ଅକ୍ଟୋବରରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯିବ। ନଭେମ୍ବର ସୁଦ୍ଧା ଏହି ପ୍ରକ୍ରିୟା ସରିବ। ଅନ୍‌ଲାଇନ ମାଧ୍ୟମରେ ଆସିଥିବା ୪ ଲକ୍ଷ ଆବେଦନକୁ ଯାଞ୍ଚ କରାଯାଉଛି ଓ ଅବଶିଷ୍ଟ ଅଫ୍‌ଲାଇନ ଆବେଦନକୁ ଚଳିତ ମାସରୁ ଯାଞ୍ଚ କରାଯିବ ବୋଲି ମନ୍ତ୍ରୀ ନାୟକ କହିଛନ୍ତି।

# ମାଟି କାନ୍ଥ ଧସି ଚାଷୀ ମୃତ

ବଣାଇଁ, ୭।୭ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ ସରସରା ଗ୍ରାମରେ ଲଗାଣ ବର୍ଷା ଯୋଗୁ ରବିବାର ବିଳମ୍ବିତ ରାତିରେ ଘରର କାନ୍ଥ ପଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଦେବେନ୍ଦ୍ର ଭଇଁସା (୫୪)। ଟିକାୟତପାଲି ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ବଣାଇଁ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁ ଦେବେନ୍ଦ୍ର ନିଜ ବଗିଚାରେ ଲଗାଇଥିବା ପନିପରିବା ଜଗିବାକୁ ଯାଇଥିଲେ। ସେଠାରେ ଥିବା ଏକ ଘରେ ବିଶ୍ରାମ ନେଇଥିଲେ। ବିଳମ୍ବିତ ରାତିରେ ହଠାତ୍ ମାଟି କାନ୍ଥ ଧସି ଯାଇଥିଲା। ଫଳରେ କାନ୍ଥ ତଳେ ଚାପି ହୋଇ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ସକାଳୁ ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ଟିକାୟତପାଲି ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ଦେବେନ୍ଦ୍ରଙ୍କ ପରିବାର କ୍ଷତିପୂରଣ ଦାବି କରିଛନ୍ତି।

# ବନ୍ୟା ପାଣିରେ ଫସିଥିବା ହାତୀ ପ୍ରତି ବର୍ବରତା

- ପେଟ୍ରୋଲ ଢାଳି ନଦୀ ପଠାରେ ଲଗାଇଲେ ନିଆଁ
- ବ୍ରାହ୍ମଣୀ ନଦୀ ଟାପୁରେ ଫସିଛନ୍ତି ୩୦ରୁ ଊର୍ଦ୍ଧ୍ୱ ହାତୀ

ପରଜଙ୍ଗ, ୭।୭ (ନିଗମାନନ୍ଦ ଦଳବେହେରା)

ବ୍ରାହ୍ମଣୀ ନଦୀର ବନ୍ୟା ପାଣିରେ ଫସିଥିବା ଏକ ଦନ୍ତା ହାତୀକୁ ଉଦ୍ଧାର କରିବାରେ ସହଯୋଗ କରିବା ପରିବର୍ତ୍ତେ କେତେଜଣ ଅସାମାଜିକ ବର୍ବରତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିଛନ୍ତି। ହାତୀଟି ଉପରକୁ ଉଠୁଥିବା ବେଳେ ସେମାନେ ପେଟ୍ରୋଲ ଢାଳି ନଦୀ ପଠାରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ହାତୀଟିକୁ ନଦୀରେ ଅଧିକ ସମୟ ସଂଘର୍ଷ କରିବାକୁ ପଡ଼ିଛି। ତେବେ ନଦୀ ପଠାର ଅନ୍ୟ ଏକ ସ୍ଥାନରେ ଉପରକୁ ଉଠିବାରେ ସଫଳ ହୋଇଥିବାରୁ ଏହି ଐତିହ୍ୟ ପ୍ରାଣୀର ଜୀବନ ରକ୍ଷା ହୋଇପାରିଛି। ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପାଳସାହି ଗାଁ ପାଖ ବ୍ରାହ୍ମଣୀ ନଦୀ ପଠାରେ ସୋମବାର ଘଟିଥିବା ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ପାଳସାହି ଗାଁ ପାଖ ଜଙ୍ଗଲରୁ ରବିବାର ରାତିରେ ୩୦ରୁ ଅଧିକ ହାତୀ ବାହାରି ଖଡ୍‌ଗପ୍ରସାଦ ଅଞ୍ଚଳକୁ ଯିବାକୁ ବ୍ରାହ୍ମଣୀ ନଦୀ ପାର ହେଉଥିଲେ। ହେଲେ ନଦୀରେ ପ୍ରଖର ବେଗରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ହାତୀପଲ ନଦୀ ମଝିରେ ଥିବା ଏକ ଟାପୁରେ ରହିଯାଇଥିଲେ। ସେଥିରୁ ୨ଟି ହାତୀ ପାଣିରେ ପହଁରି ଖଡ଼ଗପ୍ରସାଦ ଜଙ୍ଗଲକୁ ଚାଲିଯିବାରେ ସକ୍ଷମ ହୋଇଥିଲେ। ଏହାପରେ ଏକ ଗୋଠଛଡ଼ା ଦନ୍ତା ହାତୀ ନଦୀ ପାର ହେବାକୁ ଉଦ୍ୟମ କରିବା ବେଳେ ଫସିଯାଇଥିଲା। ହାତୀଟି ପାଳସାହି ପଟକୁ ଯିବାକୁ ରାତି ତମାମ ଚେଷ୍ଟା କରିଥିବାରୁ ବନ ବିଭାଗ କର୍ମଚାରୀମାନଙ୍କୁ ନାକେଦମ ହେବାକୁ ପଡିଥିଲା। ସୋମବାର ସକାଳେ ଉକ୍ତ ଦନ୍ତା ହାତୀ ପାଳସାହି ପଟେ ନଦୀପଠାକୁ ଉଠୁଥିବା ବେଳେ କେତେଜଣ ଅସାମାଜିକ ବ୍ୟକ୍ତି ପେଟ୍ରୋଲ ଢାଳି ନଦୀ ପଠାରେ ନିଆଁ ଲଗାଇ ଦେଇଥିଲେ। ଫଳରେ ହାତୀଟି ଉକ୍ତ ସ୍ଥାନରେ ଉଠି ନ ପାରି ପୁଣି ନଦୀକୁ ଫେରି ଅନ୍ୟ ସ୍ଥାନରେ ଉପରକୁ ଉଠିଥିଲା। ତେବେ ନଦୀ ମଝିରେ ଥିବା କୁଦରେ ୩୦ରୁ ଊର୍ଦ୍ଧ୍ୱ ହାତୀ ଫସି ରହିଥିବା ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା ସୂଚନା ଦେବା ସହ ପାଳସାହି ଗ୍ରାମର କେତେଜଣ ଅସାମାଜିକ ଯୁବକ ନଦୀପଠାରେ ପଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା କହିଛନ୍ତି।


ନଦୀରୁ ଉପରକୁ ଉଠିବାକୁ ହାତୀଟି ଉଦ୍ୟମ କରୁଥିବା ବେଳେ ଅସାମାଜିକମାନେ ପଠାରେ ନିଆଁ ଲଗାଇ ଦେଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଜେଇଏମ୍ ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା ୪୫।
- ସିପିଆଇର ମଶାଲ ଶୋଭାଯାତ୍ରା, ସ୍ଥାନ: ରାଜମହଲ ଛକ, ସମୟ: ଅପରାହ୍ନ ୫ଟା।
- ନୃତ୍ୟପ୍ରଣାମ ପକ୍ଷରୁ 'ଗୁରୁ ଶିଷ୍ୟ ନୃତ୍ୟ ପରମ୍ପରା', ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଙ୍ଗୀତାୟନ 'ଶିଳ୍ପୀ କଣ୍ଠେ ଜଗନ୍ନାଥ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପିଏମଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ନୂଆପାଟଣା, ଟିଗିରିଆ, ସମୟ: ସକାଳ ୯ଟା।
- ଶ୍ରୀଜୀଉଙ୍କ ନିଳାଦ୍ରୀ ବିଜେ, ଭଜନ ସନ୍ଧ୍ୟା ଓ ପ୍ରସାଦ ସେବନ, ସ୍ଥାନ: ଚୌଦ୍ୱାର କେଦାରେଶ୍ୱର, ଚାରବାଟିଆ ହାଉସିଂବୋର୍ଡ଼ସ୍ଥିତ ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ପୁରୀ
- ନିମାପଡ଼ା ପ୍ରେସ୍‌କ୍ଲବ ଓ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲର ମିଳିତ ଆନୁକୂଲ୍ୟରେ ଚାରାରୋପଣ ଓ ଚାରାବଣ୍ଟନ, ସ୍ଥାନ: ଗୋପାଳପୁରସ୍ଥିତ ବିଦ୍ୟାଳୟ, ସମୟ: ସକାଳ ୮ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ନୀଳାଦ୍ରିବିଜେ, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ବିଜେଡି ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ, ରେମୁଣା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- କଂଗ୍ରେସର ସ୍ୱାଗତ ଶୋଭାଯାତ୍ରା, ସ୍ଥାନ: ଆରଡ଼ି ଛକରୁ ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା।

## ମୟୂରଭଞ୍ଜ
- ବାରିପଦା ଏକ୍ସପୋ ଆଣ୍ଡ ଫନ୍‌ଫେୟାର, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ବାହୁଡ଼ା ଯାତ୍ରା ଭଜନ ସମାରୋହ ଉଦ୍‌ଯାପନ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ସହର ରଥଗଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଠାକୁରଙ୍କ ନୀଳାଦ୍ରି ବିଜେ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ପଞ୍ଚମୁଖୀ ହନୁମାନ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଶଙ୍ଖାରିଢ଼ିହ,ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ଡ୍ରାଇଭର ସଂଘ ଧର୍ମଶାଳା ଶାଖା ପକ୍ଷରୁ ଗଣଧାରଣା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଜାରକା ବସଷ୍ଟାଣ୍ଡ ନିକଟ,ସମୟ: ସକାଳ ୮ଟା।

## ନୟାଗଡ଼
- ନିଳାଦ୍ରୀ ବିଜେ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ରାତି ୮ଟା।
- ୭୪ତମ ଅନ୍ନପୂର୍ଣ୍ଣା ଯଜ୍ଞ, ସ୍ଥାନ:ଓଡଗାଁ ବ୍ଲକର ପଣ୍ଡିଖାରୀ ନୀଳକଣ୍ଠେଶ୍ୱର ମହାଦେବ, ସମୟ: ପୂର୍ବାହ୍ନ ୯ଟା।
- କଂଗ୍ରେସ ନେତା ରାହୁଲଙ୍କ ଗାନ୍ଧୀଙ୍କ ସଭା ପାଇଁ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କେସି କ୍ଲବ୍ ନୟାଗଡ଼, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା
- ବିଭିନ୍ନ ଦାବି ନେଇ ଡ୍ରାଇଭରଙ୍କ ଆନ୍ଦୋଳନ, ସ୍ଥାନ: ସାଇ ଇଣ୍ଟର ନ୍ୟାସନାଲ ଛକ, ରାୟଗଡ଼ା, ସମୟ: ସକାଳ ୮ ଟା।
- ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଅଶୋକ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ବିଏଲ୍‌ଓମାନଙ୍କ ଜାତୀୟସ୍ତରୀୟ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।

## କୋରାପୁଟ
- ଜିଲା ମଙ୍ଗଳ ବିଭାଗ ଅଧିକାରୀ, ପ୍ରଧାନଶିକ୍ଷକଙ୍କୁ ନେଇ ସମୀକ୍ଷା ବୈଠକ, ସ୍ଥାନ : ସଦ୍‌ଭାବନା ଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ନାଲ୍‌କୋର ପରିବର୍ଦ୍ଧିତ ପ୍ରକଳ୍ପ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜିଲା ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା, ସ୍ଥାନ: ଓସ୍ୱାନ ପ୍ରକୋଷ୍ଠ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଜାତୀୟ କବି ସମ୍ମିଳନୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ବଞ୍ଚାଅ ସମାବେଶର ଆଲୋଚନାଚକ୍ର, ସ୍ଥାନ : ଜିଲା କଂଗ୍ରେସ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଖଣି, ପାଣି ଓ ପ୍ରକୃତି ସୁରକ୍ଷା ଆଲୋଚନାଚକ୍ର, ସ୍ଥାନ: ଯାଦବ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଖପ୍ରାଖୋଲ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- କିଶନ ସବୁଜ ସପ୍ତାହ ଉଦ୍‌ଯାପନୀ, ସ୍ଥାନ: ତାଲଝରଣ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା।

## ରାଉରକେଲା
- ରାଉରକେଲା ଡ୍ରାଇଭର ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ରାଉରକେଲା ଗୁପଟୋଲା ଛକ, ସମୟ: ସକାଳ ୭ଟା।
- ବେଦବ୍ୟାସ ମହାଯଜ୍ଞର ତୃତୀୟ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୭ଟା।
- ବସୁଧୈବ କୁଟୁମ୍ବକମ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସିଭିଲଟାଉନଶିପ୍ ଏଲଆଇସି ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ଧର୍ମଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜେଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଜିଲା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ, ସ୍ଥାନ: ଜିଲାର ସମସ୍ତ ବ୍ଲକ ସଦର ମହକୁମା, ସମୟ: ସକାଳ ୮ଟା।

ପ୍ରଥମ ପୃଷ୍ଠାରୁ...

## ବୈତରଣୀ ନଦୀବନ୍ଧ...

ସୃଷ୍ଟି ହୁଏ, ତେବେ ଦଶରଥପୁର ବ୍ଲକର ୧୦ ପଞ୍ଚାୟତର ୫୦ ଗ୍ରାମର ପ୍ରାୟ ୧ଲକ୍ଷ ଲୋକଙ୍କ ଜୀବନ ବିପଦରେ ପଡ଼ିପାରେ। ପ୍ରାୟ ପ୍ରତିବର୍ଷ ବୈତରଣୀର ପ୍ରଳୟଙ୍କରୀ ବନ୍ୟା କେବଳ ମନୁଷ୍ୟକୃତ ନୁହେଁ, ଏହା ଓଡ଼ିଶାର ନଦୀ ଅବବାହିକା ପରିଚାଳନାର ଶୋଚନୀୟ ଅବସ୍ଥାକୁ ସୂଚାଉଛି । ଯାଜପୁର ଜିଲାରେ ପ୍ରବାହିତ ନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ନିୟନ୍ତ୍ରଣ ପାଇଁ ସରକାର ପ୍ରତିବର୍ଷ ବହୁ କୋଟି ଟଙ୍କା ଖର୍ଚ୍ଚ କରି ବନ୍ଧବାଡ଼ ମରାମତି କରୁଛନ୍ତି, ହେଲେ ତାହା ଫଳପ୍ରଦ ହେଉନାହିଁ। ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବନ୍ୟା ଉପୁଜୁଛି ବୋଲି ଅଭିଯୋଗ ହେଉଛି।

ନୂଆପାଟଣା ଗ୍ରାମର ଅକ୍ଷୟ କୁମାର ଦାଶ, ପ୍ରଦୀପ ବେହେରା, ଗଙ୍ଗାଧର ଦାଶ ପ୍ରମୁଖ କହିଛନ୍ତି, ସେତୁ ନିର୍ମାଣ କରୁଥିବା ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ବର୍ଷା ମାସ ପୂର୍ବରୁ ସାରିବାକୁ ବହୁତ ଅନୁରୋଧ କରିଥିଲୁ। ସେତୁ ନିର୍ମାଣରେ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ତୁରନ୍ତ ହଟାଇବାକୁ ମଧ୍ୟ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀମାନଙ୍କୁ କହିଥିଲୁ। କିନ୍ତୁ ନିଜ ସ୍ୱାର୍ଥ ସାଧନ ପାଇଁ କେହି ଶୁଣି ନ ଥିଲେ। ଗମନାଗମନ ପାଇଁ ସେତୁ ନିର୍ମାଣର ଆବଶ୍ୟକତା ରହିଛି ସତ, ହେଲେ ଲୋକଙ୍କୁ ମାରି ତାହା କେବେ ସମ୍ଭବ ନୁହେଁ ବୋଲି ସେମାନେ କହିଛନ୍ତି।

ଯାଜପୁର ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇଙ୍କୁ ପଚାରିବାରେ ସେ କହିଛନ୍ତି, ପୂର୍ତ୍ତ ବିଭାଗର ସେତୁ ନିର୍ମାଣରେ ବ୍ୟବହୃତ ନିର୍ମାଣ ସାମଗ୍ରୀ ସେଠାରୁ ହଟାଯାଇଥିଲେ ନଦୀବନ୍ଧର ଅତଡ଼ା ଖସି ନ ଥାନ୍ତା। ତଥାପି ନଦୀବନ୍ଧର ସୁରକ୍ଷା ଦୃଷ୍ଟିରୁ ଯୁଦ୍ଧକାଳୀନ ଭିତ୍ତିରେ ରାତିସାରା ବିଭାଗ ପକ୍ଷରୁ ବାଲିବସ୍ତା ପକାଇ ବନ୍ୟା ଆଶଙ୍କାକୁ ଦୂର କରାଯାଇପାରିଛି। ବର୍ଷା କମିବା ପରେ ସେତୁର ନିର୍ମାଣ ସାମଗ୍ରୀଗୁଡ଼ିକୁ ତୁରନ୍ତ ହଟେଇବାକୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ପାଣିକୋଇଲି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କମଳଲୋଚନ ସ୍ୱାଇଁ କହିଛନ୍ତି, ସେତୁରେ ଲାଗିଥିବା ବହ୍ଲା, ବାଲିବସ୍ତା ଇତ୍ୟାଦି ହଟେଇବାକୁ ଠିକାଦାରଙ୍କୁ କୁହାଯାଇଛି। ଏହାସହ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଆଲୋଚନା ଜାରି ରହିଛି ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ ରଖିବେ ଅନନ୍ତ**
**କି କରିପାରେ ବଳବନ୍ତ।**

କୁହାଯାଏ ଈଶ୍ୱରଙ୍କ କୃପାଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ହୁଏ ନାହିଁ। ଈଶ୍ୱରଙ୍କ ଶକ୍ତି ଆଗରେ କାହାର ଜୋର ଚାଲି ନ ଥାଏ। ସେ ହିଁ ସର୍ବ ଶକ୍ତିମାନ, ତ୍ରାଣକର୍ତ୍ତା, ପ୍ରାଣକର୍ତ୍ତା ଓ ଦଇବ ବିଧାତା। ଈଶ୍ୱର ଦୁର୍ବଳ ଲୋକଙ୍କୁ ରକ୍ଷା କରିବାକୁ ଚାହିଁଲେ ଶକ୍ତିମାନ ପୁରୁଷ ତା'ର କୌଣସି କ୍ଷତି କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯହିଁ ଅନେକ ସଙ୍ଗ ମିଳି**
**ଅବଶ୍ୟ ଉପୁଜଇ କଳି।**

ବହୁ ଲୋକଙ୍କ ବହୁ ମତ ପରିପ୍ରେକ୍ଷୀରେ କାହା ମତ ଅନୁସାରେ କାମ ହେବ ତାହା ସ୍ଥିର କରିବା ଦୁରୂହ ବ୍ୟାପାର ହୋଇଯାଏ। ବହୁ ଲୋକ ମିଳିତ ହେଲେ କିଛି କାମ ହୋଇପାରେ ନାହିଁ। ବରଂ ସେଠାରେ କଳି ଉପୁଜିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୯ରେ ଭାରତ ବନ୍ଦ...

ଲେବର କୋଡ୍ ଲାଗୁ କରିବାକୁ ଉଦ୍ୟମ ଚଳାଇଛନ୍ତି। ସରକାରଙ୍କ ଆର୍ଥିକ ନୀତି ଦେଶରେ ଅଧିକ ବେରୋଜଗାରି ବଢ଼ାଇବା ସହ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ଆକାଶଛୁଆଁ ହୋଇଛି। ମଜୁରି କମିଛି, ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ନାଗରିକ ସୁବିଧା ଆଦିରେ ବ୍ୟୟ ହ୍ରାସ ପାଇଛି। ଏସବୁ ପାଇଁ ଗରିବ, ନିମ୍ନ ଆୟକାରୀ ବର୍ଗ ଏବଂ ମଧ୍ୟବିତ୍ତଙ୍କ ଅସମାନତା ଏବଂ ସମସ୍ୟା ବଢ଼ିଚାଲିଥିବା ଫୋରମ୍ କହିଛି। ଦେଶର କଲ୍ୟାଣକାରୀ ରାଷ୍ଟ୍ର ମାନ୍ୟତାକୁ ପରିତ୍ୟାଗ କରି ସରକାର ବିଦେଶୀ ଓ ଭାରତୀୟ କର୍ପୋରେଟ୍‌ଗୁଡ଼ିକର ସ୍ୱାର୍ଥ ପାଇଁ କାମ କରୁଛନ୍ତି।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସରକାରୀ ସେବାର ଘରୋଇକରଣ, ଆଉଟ୍‌ସୋର୍ସିଂ ନୀତି, ଶ୍ରମଶକ୍ତିର ଠିକାଦାରିତା ଆଦି ବିରୋଧରେ ଟ୍ରେଡ୍ ୟୁନିୟନଗୁଡ଼ିକ ଦୀର୍ଘଦିନ ହେଲା ଲଢ଼େଇ କରିଆସୁଛନ୍ତି। ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ୪ ଲେବର କୋଡ୍ ଟ୍ରେଡ୍ ୟୁନିୟନଗୁଡ଼ିକର ଆନ୍ଦୋଳନକୁ ଚାପିଦେବା ଓ ପଙ୍ଗୁ କରିଦେବା ପାଇଁ ଉଦ୍ଦିଷ୍ଟ। ଏହାଦ୍ୱାରା କାର୍ଯ୍ୟ ସମୟ ବୃଦ୍ଧି ପାଇବା ସହ ସାମୂହିକ ମୂଲଚାଲ ପାଇଁ ଶ୍ରମିକମାନଙ୍କ ଅଧିକାରକୁ ଛଡ଼ାଇ ନିଆଯିବ। ସେମାନଙ୍କର ଧର୍ମଘଟ କରିବା ଅଧିକାର ରହିବ ନାହିଁ ଏବଂ ନିଯୁକ୍ତିଦାତାଙ୍କ ଦ୍ୱାରା ଶ୍ରମ ଆଇନର ଉଲ୍ଲଂଘନକୁ ଅପରାଧମୁକ୍ତ କରାଯିବ ବୋଲି ଫୋରମ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ବେରୋଜଗାରି ହ୍ରାସ କରିବା, ମଞ୍ଜୁରୀ ପଦବୀଗୁଡ଼ିକରେ ନିଯୁକ୍ତି ପ୍ରଦାନ, ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ଶ୍ରମିକମାନଙ୍କ ପାଇଁ କାର୍ଯ୍ୟଦିବସ ବଢ଼ାଇବା ସହ ମଜୁରି ବୃଦ୍ଧି କରିବା ଏବଂ ସହରାଞ୍ଚଳ ପାଇଁ ଅନୁରୂପ ଆଇନ ଲାଗୁ କରିବାକୁ ଟ୍ରେଡ୍ ୟୁନିୟନ ପକ୍ଷରୁ ଦାବି ହୋଇଆସୁଥିବାବେଳେ ସରକାର ନିଯୁକ୍ତିଦାତାମାନଙ୍କ ସ୍ୱାର୍ଥ ପାଇଁ ଇଏଲ୍‌ଆଇ (ନିଯୁକ୍ତି ସଂଯୁକ୍ତ ପ୍ରୋତ୍ସାହନ) ଯୋଜନା ଦିଗରେ କାର୍ଯ୍ୟ କରୁଛନ୍ତି। ସରକାରୀ ବିଭାଗରେ ଯୁବବର୍ଗଙ୍କୁ ନିୟମିତ ନିଯୁକ୍ତି ବଦଳରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ଫଳରେ ଦେଶର ଅଭିବୃଦ୍ଧିକୁ କ୍ଷତି ପହଞ୍ଚିଛି। ଦେଶରେ ୩୫ ବର୍ଷରୁ କମ୍ ବୟସବର୍ଗର ୬୫ ପ୍ରତିଶତ ଲୋକ ଥିବାବେଳେ ୨୦ରୁ ୨୫ ବର୍ଷ ବୟସବର୍ଗର ମଧ୍ୟରେ ବେରୋଜଗାରି ସର୍ବାଧିକ ବୋଲି ଫୋରମ୍ କହିଛି।

## ପାକିସ୍ତାନର ସମ୍ପୃକ୍ତି...

ଜଳପଥ ଦେଇ ମୁମ୍ବାଇରେ ପ୍ରବେଶ କରିବା ପରେ ତାଜ୍ ହୋଟେଲ, ଓବେରୟ ଟ୍ରିଡେଣ୍ଟ, ଛତ୍ରପତି ଶିବାଜୀ ଟର୍ମିନସ୍ ଏବଂ ନରିମାନ ହାଉସ୍ ଉପରେ ଦୀର୍ଘ ୬୦ ଘଣ୍ଟା ଧରି ଆକ୍ରମଣ ଚଳାଇଥିଲେ। ଏହି ଆକ୍ରମଣରେ ବିଦେଶୀଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ରାଷ୍ଟ୍ର ପ୍ରାୟୋଜିତ ଏବଂ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଦ୍ୱାରା କରାଯାଇଥିବା ଭାରତ କହିଆସୁଥିବା ବେଳେ ତହଭୁରଙ୍କ ସ୍ୱୀକାରୋକ୍ତି ଏହାକୁ ଅଧିକ ପୁଷ୍ଟ କରିଛି।

## ଆଜିଠୁ ଡ୍ରାଇଭର...

ଡ୍ରାଇଭରମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ଦିଆଯିବା ଏବଂ ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରିବା ଦାବି ରହିଛି। ସୂଚନାଯୋଗ୍ୟ, ଗତ ଜୁନ ୯ରେ ମହାମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଉପରୋକ୍ତ ୬ଟି ଦାବି ଉପସ୍ଥାପନା କରାଯାଇଥିଲା। ରାଜ୍ୟ ସରକାର ମଞ୍ଚର ଏହି ଦାବିଗୁଡ଼ିକ ପୂରଣ ନ କଲେ ଜୁଲାଇ ୮ରେ ରାଜ୍ୟବ୍ୟାପୀ ମଞ୍ଚର ଡ୍ରାଇଭରମାନେ ଷ୍ଟିଅରିଂ ଛାଡ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଥିଲା। ଏହିକ୍ରମରେ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏକତା ମହାମଞ୍ଚ ଜରିଆରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ଡ୍ରାଇଭର ମହାସଙ୍ଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ଫେସ୍‌ବୁକ ଜରିଆରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଆନ୍ଦୋଳନକୁ ଓଡ଼ିଶା ସଡ଼କ ପରିବହନ ଶ୍ରମିକ ମହାସଂଘ ମିଳିତ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ମଞ୍ଚ କହିଛି, ରାଜ୍ୟରେ ୩୫ଟି ସଂଘ ଥିବାବେଳେ ଗୋଟିଏ ସଂଘ ବନ୍ଦ ଡାକରା ଦେଇଛି। କୌଣସି ଡ୍ରାଇଭର କିମ୍ବା ଟ୍ରାନ୍ସପୋର୍ଟ ୱାର୍କର୍ସ ସଂଘ ଏହି ଆନ୍ଦୋଳନକୁ ସମର୍ଥନ କରୁନାହିଁ। ସରକାର ସୁରକ୍ଷା ଦେଲେ ଯାନବାହନ ଚଳାଚଳ ସ୍ୱାଭାବିକ ରହିବ ବୋଲି ମିଳିତ ମଞ୍ଚ ସାଂଗଠନିକ ସମ୍ପାଦକ ସନ୍ତୋଷ ସାହୁ କହିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ମନମୋହନ।

## ମନମୋହନ ପୁଣି...

ବିଧିବଦ୍ଧ ଘୋଷଣା କରାଯିବ ବୋଲି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭାଜପା ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ କେ.ଲକ୍ଷ୍ମଣଙ୍କ ନିର୍ଦ୍ଦେଶାନୁଯାୟୀ ଦଳର ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ଲାଗି ସୋମବାର ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟ ସଭାପତି ପଦରେ ଏକମାତ୍ର ପ୍ରାର୍ଥୀଭାବେ ମନମୋହନ ସାମଲ ଓ ସମସ୍ତ ୩୨ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପଦବୀ ଲାଗି ୩୨ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ବିଧିବଦ୍ଧ ଭାବେ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ଘୋଷଣା କରାଯିବ। ସଞ୍ଜୟ ଜୟସ୍ୱାଲ ଅପରାହ୍ନ ୨ଟା ୩୫ ମିନିଟ୍‌ରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ମନମୋହନ ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମନମୋହନଙ୍କ ସଭାପତି ପଦ ଲାଗି ଦାଖଲ ହୋଇଥିବା ନାମାଙ୍କନ ପତ୍ରରେ ୧୦ ଜଣ ପ୍ରସ୍ତାବକ ରହିଛନ୍ତି। କେନ୍ଦ୍ରୀୟ ନେତୃତ୍ୱଙ୍କ ବିଶ୍ୱାସ ଜିତିବାରେ ସଫଳ ହୋଇଥିବା ମନମୋହନଙ୍କ ଛଡା ଆଉ କେହି ନାମାଙ୍କନ ପତ୍ର ଦାଖଲ କରି ନାହାନ୍ତି। ତେଣୁ ସର୍ବସମ୍ମତିକ୍ରମେ ସେ ସଭାପତି ପଦ ପାଇଁ ଚୂଡ଼ାନ୍ତ ହୋଇଥିବା ଏକ ପ୍ରକାର ସ୍ପଷ୍ଟ। ସେହିପରି ଦଳର ୩୨ଟି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପଦ ଲାଗି ଭୋଟିଂ ହୋଇଥାଆନ୍ତା। ହେଲେ ସବୁ ପଦ ଲାଗି ଜଣେ ଲେଖାଏ ନାମାଙ୍କନ ଦାଖଲ କରିଛନ୍ତି। ପ୍ରତି ନାମାଙ୍କନ ପତ୍ରରେ ଜଣେ ସମର୍ଥକ ଏବଂ ଜଣେ ପ୍ରସ୍ତାବକ ରହିଛନ୍ତି। ଅର୍ଥାତ୍ ଏହି ପଦ ଲାଗି ମଧ୍ୟ ଦଳ ଏକ ପ୍ରକାର ସହମତି ଭିତ୍ତିରେ ପ୍ରାର୍ଥୀ ଚୂଡ଼ାନ୍ତ କରିଛି। ଏହି ନିର୍ବାଚନ ଲାଗି ଗତ ୪ରେ ବିଜ୍ଞପ୍ତି ଜାରି ହୋଇଥିବାବେଳେ ୬ ତାରିଖରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇଥିଲା। ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପାଇଁ ମଧ୍ୟାହ୍ନ ୧୨ଟା ୩୦ରୁ ନାମାଙ୍କନ ଦାଖଲ କରାଯାଇଥିଲା। ମନମୋହନଙ୍କ ନାମାଙ୍କନ ପତ୍ର ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ଏମ୍‌ପି ସମ୍ବିତ ପାତ୍ରଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ସହ ନିର୍ବାଚନ ଅଧିକାରୀ ସୁଶ୍ରୀ ସୁକେଶୀ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ମନମୋହନ ଏକ ପ୍ରକାର ସଭାପତି ନିର୍ବାଚିତ ହେବା ନେଇ ସ୍ପଷ୍ଟ ହୋଇଯିବା ପରେ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନେ ସେଲିବ୍ରେସନ୍ ଆରମ୍ଭ କରିଦେଇଛନ୍ତି।

ମନମୋହନ ସଭାପତି ହେବା ନେଇ ଏକ ପ୍ରକାର ସ୍ପଷ୍ଟ ହୋଇଥିବା ବେଳେ ଆଗକୁ ତାଙ୍କ ପାଇଁ କେତେଗୁଡ଼ିଏ ବିଷୟ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ରାଜ୍ୟରେ ଭାଜପା ସରକାର ଗଠନ କରିବାର ବର୍ଷେ ପୂରଣ ହୋଇସାରିଥିବା ବେଳେ ଏଯାଏଁ ବିଭିନ୍ନ ନିଗମ ଓ ବୋର୍ଡର ଅଧ୍ୟକ୍ଷ ନିଯୁକ୍ତି କରାଯାଇ ନାହିଁ, ଯାହାକୁ ନେଇ ଦଳ ଭିତରେ ସାମାନ୍ୟ ଅସନ୍ତୋଷ ରହିଥିବା ଚର୍ଚ୍ଚା ହେଉଛି। ସଭାପତି ନିର୍ବାଚନ ଲାଗି ଏହାକୁ ସ୍ଥଗିତ ରଖାଯାଇଥିବା କଥା ଅନେକ ସମୟରେ ଆଲୋଚନା ହେଉଥିଲା। ଏବେ ସଭାପତି ନିର୍ବାଚନ ପରେ ଦଳ ଭିତରୁ କାହାକୁ ଏହି ପଦ ପଦବୀରେ ନିଯୁକ୍ତ କରାଯିବ ତାହା ଏକପ୍ରକାର ଚ୍ୟାଲେଞ୍ଜର ବିଷୟ। ଅନ୍ୟପଟେ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ପ୍ରସ୍ତୁତି ମଧ୍ୟ ଏଥର ଭାଜପା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ରାଜ୍ୟର ଅଧିକାଂଶ ପଞ୍ଚାୟତ, ବ୍ଲକ ଏବଂ ଜିଲା ପରିଷଦ ଆସନ ବିଜେଡି ସପକ୍ଷରେ ରହିଛି। ତେଣୁ ତୃଣମୂଳସ୍ତରରେ ଦଳର ସଙ୍ଗଠନକୁ ମଜଭୁତ କରିବା ମନମୋହନଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜର ବିଷୟ ରହିଛି।

## ଅଭିନୟକୁ ଫେରିଲେ...

ନେଇ ଉତ୍ସାହିତ ହୋଇ ଉଠିଛନ୍ତି। ସୋମବାର ଏନେଇ ସ୍ମୃତି କହିଛନ୍ତି, ସେ 'କ୍ୟୁଁକି ସାସ୍ ଭି କଭି ବହୂ ଥି ୨' ଜରିଆରେ ଅଭିନୟ ଜଗତକୁ ପୁଣିଥରେ ଫେରୁଛନ୍ତି। ଟେଲିଭିଜନକୁ ପୁନଃପରିଭାଷିତ କରିଥିବା ଏହି ଧାରାବାହିକ ତାଙ୍କୁ ପ୍ରସିଦ୍ଧି ଦେଇଥିବା ସହ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ଏହି ଧାରାବାହିକ ତାଙ୍କୁ ଅନେକ ଲକ୍ଷ ଘର ସହ ଯୋଡ଼ିଥିଲା। ସେ କେବଳ ଜଣେ ଅଭିନେତ୍ରୀ ଭାବେ ପ୍ରତ୍ୟାବର୍ତ୍ତନ କରୁନାହାନ୍ତି, ବରଂ ଏହି ଧାରାବାହିକ ମାଧ୍ୟମରେ ସେ ଭାରତୀୟ ସଂସ୍କୃତିକୁ ସୁଦୃଢ଼ କରିବାର ଉଦ୍ଦେଶ୍ୟ ରଖିଛନ୍ତି ବୋଲି ସ୍ମୃତି କହିଛନ୍ତି। ସ୍ମୃତିଙ୍କୁ ଶେଷଥର ପାଇଁ ୨୦୧୩ରେ ଟିଭି ଧାରାବାହିକ 'ଏକ ଥି ନାୟକ'ରେ ଦେଖିବାକୁ ମିଳିଥିଲା।

ବର୍ତ୍ତମାନ ସୁଦ୍ଧା ଆଧିକାରିକ ଭାବେ 'କ୍ୟୁଁକି ସାସ୍ ଭି କଭି ବହୂ ଥି ୨'ର ଘୋଷଣା ହୋଇନାହିଁ। ପୂର୍ବରୁ ଏହି ସିରିଏଲ ଜୁଲାଇ ୩ରୁ ପ୍ରିମିୟର ହେବ ବୋଲି ରିପୋର୍ଟ ପ୍ରକାଶ ପାଇଥିବା ବେଳେ ଏବେ ଏହା ବିଳମ୍ବିତ ହୋଇଥିବା ନେଇ 'କ୍ୟୁଁକି ସାସ୍ ଭି କଭି ବହୂ ଥି' ଧାରାବାହିକର ଅଭିନେତା ଅମର ଉପାଧ୍ୟାୟ କହିଛନ୍ତି। ୨୦୦୦ରୁ ୨୦୦୮ ପର୍ଯ୍ୟନ୍ତ ଟେଲିଭିଜନରେ ପ୍ରସାରିତ ହୋଇଥିବା ଏହି ଧାରାବାହିକ ବହୁ ଲୋକପ୍ରିୟତା ହାସଲ କରିଥିଲା।

## ନନ୍ଦନକାନନ: ଦ୍ୱିତୀୟଥର...

ସାପଗୁଡ଼ିକୁ ଅଣାଯାଇଥିଲା। ଜୁନ୍ ୨୯ରେ ୭ଟି ଛୁଆ ଜନ୍ମହେବାର ୧ ସପ୍ତାହ ମଧ୍ୟରେ ପୁଣି ଦ୍ୱିତୀୟ ପ୍ରଜନନ ସଫଳ ହୋଇଛି, ଯାହା ନନ୍ଦନକାନନ ପାଇଁ ଗୌରବ ଆଣିଛି। ନବଜାତକ ଛୁଆକୁ ମିଶାଇ ଏମାନଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ସେଥିମଧ୍ୟରୁ ୨ ବୟସ୍କ ଅଣ୍ଡିରା, ୨ ବୟସ୍କା ମାଈ, ୩ ଉପବୟସ୍କ ଏବଂ ୧୮ ଛୁଆ ରହିଛନ୍ତି। ଏହି ସଫଳ ପ୍ରଜନନ ନନ୍ଦନକାନନର ସରୀସୃପ ସଂରକ୍ଷଣ ଏବଂ ସେମାନଙ୍କ ବୈଜ୍ଞାନିକ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଚନ୍ଦ୍ରଙ୍କ ପ୍ରତି ଶୁକ୍ରଙ୍କ ଦୃଷ୍ଟିଜନିତ ପାରିବାରିକ ସୁଖସମୃଦ୍ଧି ଅନୁଭବ କରିବେ। ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବନ୍ଧୁମିଳନ ସହ ଅଭିଳଷିତ ଫଳ ପାଇବେ। ଅଶ୍ୱିନୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ବୃଷ** — ବୁଧାଦିତ୍ୟ ଯୋଗ ପ୍ରଭାବରୁ ଦକ୍ଷତା ବୃଦ୍ଧିଜନିତ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟ ଦ୍ୱାରା ବିବାଦୀୟ ଘଟଣା ଓ ଆର୍ଥିକ ସମସ୍ୟାର ସମାଧାନ ଘଟିବ। ପାରିବାରିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ବନ୍ଧୁ ଓ ପରିଜନଙ୍କ ସହିତ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** — ସ୍ୱଗୃହୀ ବୁଧଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସଙ୍ଗକୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ସାଧାରଣ କଥାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ମନାନ୍ତର ଘଟିବ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। ମୃଗଶିରା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ରକୁ ବ୍ୟସ୍ତବହୁଳ କରିପାରେ।

**କର୍କଟ** — ରାଶ୍ୟାଧିପତି କୋଣଭାବସ୍ଥ ଯୋଗୁ ଦୀର୍ଘ ଦିନର ସ୍ଥଗିତ କାମକୁ ଆରମ୍ଭ କରିବାର ସୁଯୋଗ ପାଇବେ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅଶ୍ଳେଷା ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ସହିତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ସିଂହ** — ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ଚେଷ୍ଟା କରୁଥିବା କାମରେ ଶୁଭଫଳ ପାଇବେ। ମଘା ନକ୍ଷତ୍ରର ମାଙ୍ଗଳିକ ପରିବେଶରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତତା ଭିତରେ ମିଶିବାକୁ ଆସିଥିବା ସହକର୍ମୀଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

**କନ୍ୟା** — ଅନ୍ୟମନସ୍କ, ଅସାବଧାନତା କିମ୍ବା ପକେଟମାର ଦ୍ୱାରା ଆଜି ଧନହାନିର ଆଶଙ୍କା ରହିଛି। କାମଗୁଡ଼ିକ ଆଜି ପରିସ୍ଥିତିବଶତଃ ବାସ୍ତବରେ ଓଲଟା ହେବାରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଆଦୃତ ହେବେ। ହସ୍ତା ନକ୍ଷତ୍ରର ପାରସ୍ପରିକ ବୁଝାମଣାକୁ ନେଇ ପରିବାରରେ ଅଶାନ୍ତି ଦୂର ହୋଇଯିବ।

**ତୁଳା** — ଆଜି ବିଶାଖା ନକ୍ଷତ୍ର ସକାଶେ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଗତି କରିବାକୁ ପଡ଼ିପାରେ। ଏପରି କି କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ଅବଶ୍ୟ କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା** — ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ବ୍ୟବସାୟରେ ମାନମନାନ୍ତର ଦେଖାଦେବ। ଆଜିର ଆନୁଷ୍ଠାନିକ କାମରେ ଜ୍ୟେଷ୍ଠା ନକ୍ଷତ୍ରର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ଗୃହସୀମା କିମ୍ବା ଜମିଜମାକୁ ନେଇ ନିକଟ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** — ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ସହ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକୁ ଅଟକାଇ ଦେଇପାରେ। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ସହଯୋଗ ପାଇବା କଷ୍ଟକର ହେବ। ପୂର୍ବାଷାଢ଼ା ନକ୍ଷତ୍ର ନିର୍ମାଣ କ୍ଷେତ୍ରରେ ଚାପର ସମ୍ମୁଖୀନ ହେବେ। ପ୍ରିୟଜନଙ୍କ ସହିତ ଆଜିର ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହେବ।

**ମକର** — ଆଜି ଯେଉଁ କାମରେ ହାତ ଦେବେ ସଫଳତା ପାଇବା କଷ୍ଟକର ହେବ। ନିଜ ପାଇଁ ଉପଭୋଗ୍ୟ ନ ହେଲେ ମଧ୍ୟ ଘରେ ବନ୍ଧୁ ମିଳନଜନିତ ଆମୋଦର ସୁଅ ଛୁଟିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମସ୍ୟା ସୃଷ୍ଟି ହେବାରୁ ପୂର୍ଣ୍ଣାଙ୍ଗ ହେବାକୁ ଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଧନିଷ୍ଠାର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** — ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିବ। ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ ଅତିବାହିତହେବ। ଆନୁଷ୍ଠାନିକ କାମ, ସଭାସମିତି, ସତ୍‌ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି ପାଇଁ ଦିନଟି ବହୁତ ଭଲ।

**ମୀନ** — କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି କର୍ମମୁଖର ରହିପାରନ୍ତି। ଆକସ୍ମିକ ଭାବରେ ଅଫିସ୍‌ରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। କାର୍ଯ୍ୟହାନି କାରଣରୁ ଉତ୍ତରଭାଦ୍ରପଦ୍ ନକ୍ଷତ୍ର ହତାଶାବୋଧ କରିପାରନ୍ତି।

ଆଜି ଜୁଲାଇ ୮ ତାରିଖ, ନୀଳାଦ୍ରିବିଜେ, ରସଗୋଲା ଦିବସ। ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ମଙ୍ଗଳବାର, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୭ମି. ଗତେ ଘ.୦୬.୫୬ମି. ମଧ୍ୟେ, ଦିବା ଘ.୦୯.୪୦ମି. ଗତେ ଘ.୧୨.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩.୦୮ମି. ଗତେ ଘ.୦୪.୪୭ମି. ମଧ୍ୟେ ରାହୁ କାଳ।



ଦାରୁଦିଅଁଙ୍କ ଅଧରପଣା ନୀତି: ସୋମବାର ନନ୍ଦିଘୋଷ ରଥ ଉପରେ ଅଧରପଣା ହାଣ୍ଡି ଭଙ୍ଗାଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ବ୍ୟାସନଗର ନିର୍ବାହୀ ଅଧିକାରୀଙ୍କୁ ନିର୍ଯାତନାର ତଦନ୍ତ ଆରମ୍ଭ

ଯାଜପୁର,୭।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବ୍ୟାସନଗର ପୌରପରିଷଦର ଏକ ଟେଣ୍ଡର ପ୍ରକ୍ରିୟାକୁ ନେଇ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କୁ କେତେଜଣ ବ୍ୟକ୍ତି ଅସଦାଚରଣ ଏବଂ ନିର୍ଯାତନା ଦେବା ଅଭିଯୋଗ ଉପରେ ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ସୋମବାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ କଳିଙ୍ଗନଗର ଅତିରିକ୍ତ ଜିଲାପାଳ(ଏଡିଏମ୍) ସପନ କୁମାର ନନ୍ଦ ଓ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ସୋମବାର ପୂର୍ବାହ୍ନରେ ବ୍ୟାସନଗର ପୌର କାର୍ଯ୍ୟାଳୟ ଗସ୍ତ କରି ତଦନ୍ତ କରିଛନ୍ତି।

ଅନ୍ୟପକ୍ଷରେ ଯାଜପୁର ଭାଜପା ପକ୍ଷରୁ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଡିଏମ୍ ନନ୍ଦଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ୨୬।୬।୨୦୨୫ରେ କେତେଜଣ କାଉନସିଲରଙ୍କ ସହ ଅସାମାଜିକ ବ୍ୟକ୍ତି ନିର୍ବାହୀ ଅଧିକାରୀ

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା



ଭାଜପା ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପାଢ଼ୀଙ୍କ ପ୍ରକୋଷ୍ଠରେ ପଶି ଅନ୍ୟାୟ କାର୍ଯ୍ୟ କରିବା ପାଇଁ ବଳ ପ୍ରୟୋଗ କରିଥିଲେ। ନିର୍ବାହୀ ଅଧିକାରୀ ପାଢ଼ୀ ସେଥିରେ ରାଜି ହୋଇ ନ ଥିଲେ। ବେନିୟମ କାଗଜରେ ଦସ୍ତଖତ ନ କରିବାରୁ ଉପସ୍ଥିତ ଥିବା କାଉନସିଲର ଏବଂ ଅସାମାଜିକ ବ୍ୟକ୍ତିମାନେ ପାଢ଼ୀଙ୍କୁ ତାଙ୍କ ପ୍ରକୋଷ୍ଠରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଲା ପକାଇ ଅଟକ ରଖିଥିଲେ। ବନ୍ଦ ପ୍ରକୋଷ୍ଠ ଭିତରେ ତାଙ୍କ ଦେହ ଅସୁସ୍ଥ ହେବାରୁ ସେ ଔଷଧ ଖାଇବା ପାଇଁ କହିଥିଲେ, କିନ୍ତୁ ତାଙ୍କୁ ଔଷଧ ଖାଇବା ପାଇଁ ଦିଆଯାଇ ନ ଥିଲା। ଜଣେ ଓଆର୍‌ଏସ ଅଧିକାରୀଙ୍କୁ କାର୍ଯ୍ୟରତ ସମୟରେ ଏପରି ଅମାନୁଷିକ ବ୍ୟବହାର ଅତି ନିନ୍ଦନୀୟ। ଦୀର୍ଘ ଘଣ୍ଟା ଧରି ତାଙ୍କୁ ବନ୍ଧକ ରଖି ମାନସିକ ନିର୍ଯାତନା ଦିଆଯାଇଥିଲା ଏବଂ ଖରାପ ଭାଷାରେ ଗାଳିଗୁଲଜ କରି ଧମକ ଦେଇ ବିଭିନ୍ନ କାଗଜରେ ଦସ୍ତଖତ କରାଇନେଲା ପରେ ତାଙ୍କୁ ବନ୍ଦ କୋଠରି ଭିତରୁ ବାହାରକୁ ଛଡ଼ାଯାଇଥିଲା। ଏଣୁ ଏହାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ବ୍ୟାସନଗର ସହରର ବିକାଶ ପାଇଁ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ପୌର ପରିଷଦର ୨୬ଟି ୱାର୍ଡରେ ବିଭିନ୍ନ ଉନ୍ନତିମୂଳକ କାମ ନେଇ କାଉନସିଲ ବୈଠକରେ ପ୍ରସ୍ତାବ ଗ୍ରହଣ ସହିତ ଆଲୋଚନା ପରେ ଚୂଡ଼ାନ୍ତ ହୋଇଥିଲା। ମାତ୍ର ଏହା ଟେଣ୍ଡର ପ୍ରକ୍ରିୟାକୁ ଯିବା ଆଗରୁ ଯୋଜନାବଦ୍ଧ ଭାବେ ଅଟକାଇ ରଖାଯିବା ଅଭିଯୋଗ ହୋଇଛି। ତେବେ ତଦନ୍ତ ରିପୋର୍ଟ ଦେବା ପରେ ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିଏମ୍ ସପନ କୁମାର ନନ୍ଦ ସୂଚନା ଦେଇଛନ୍ତି।

# ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ପ୍ରକାଶ

## କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍‌ଶା ଆଗରେ

ଭୁବନେଶ୍ୱର,୭।୭(ସୁଚିସ୍ମିତା ସାହୁ)

ଯୁକ୍ତ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ତାଲିକା ସୋମବାର ପ୍ରକାଶ ପାଇଛି। ବିଜ୍ଞାନ, ବାଣିଜ୍ୟ ଓ କଳା କଟ୍‌ଅଫ ମାର୍କରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଗରେ ରହିଛି। ବିଜ୍ଞାନରେ ସାଧାରଣ ବର୍ଗଙ୍କ ପାଇଁ ୯୧.୮୩% ସହ ରେଭେନ୍‌ଶା ଶୀର୍ଷରେ ରହିଥିବା ବେଳେ ୮୯.୪୦% ମାର୍କ ସହ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ୮୭.୫୦% କଟ୍‌ଅଫ୍ ମାର୍କ ସହ ବାଲେଶ୍ୱର ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି। ବାଣିଜ୍ୟରେ ରେଭେନ୍‌ଶା ସାଧାରଣ ବର୍ଗରେ ୮୦.୨୦% କଟ୍‌ଅଫ୍ ରଖିଥିବାବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୮.୬୭% କଟ୍‌ଅଫ୍ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୩.୫୦ % କଟ୍‌ଅଫ୍ ସହିତ ତୃତୀୟ ସ୍ଥାନରେ ରହିଛି। ସେହିଭଳି କଳା ବିଭାଗରେ ୮୧.୩୩% ସହ ରେଭେନ୍‌ଶା ପ୍ରଥମ ସ୍ଥାନରେ ରହିଥିବା ବେଳେ ୭୭.୩୩% ମାର୍କ ସହ ଦ୍ୱିତୀୟରେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ତୃତୀୟରେ ଥିବା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍‌ଅଫ୍ ମାର୍କ ୭୬.୮୬% ରହିଛି।

ଯୁକ୍ତ୨ର ବିଭିନ୍ନ ପାଠ୍ୟକ୍ରମରେ ପଢ଼ିବା ପାଇଁ ୪,୪୬,୨୦୫ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେଥିମଧ୍ୟରୁ ୪,୧୩,୮୦୪ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଥମ କଟ୍‌ଅଫ୍ ମାର୍କ ତାଲିକାରେ ନିଜ ବିଭାଗ ଅନୁଯାୟୀ ଚୟନ କରାଯାଇଛି। କଳା ବିଭାଗରେ ୨,୬୪,୭୬୬ ଛାତ୍ରୀଛାତ୍ରଙ୍କୁ ପ୍ରଥମ ପର୍ଯ୍ୟାୟରେ ଚୟନ କରାଯାଇଥିବାବେଳେ ବିଜ୍ଞାନରେ ୧,୧୭,୦୮୯ ଜଣ ଏବଂ ବାଣିଜ୍ୟରେ ୨୦,୫୫୨ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସେହିପରି ସଂସ୍କୃତରେ ୬,୮୧୧ ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୪,୫୮୬ ଜଣଙ୍କୁ ଚୟନ କରାଯାଇଛି। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇପାରିନାହାନ୍ତି ସେମାନେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ସ୍ପଟ୍ ଆଡମିଶନରେ ଭାଗ ନେବାର ସୁଯୋଗ ପାଇବେ। ଜୁଲାଇ ୨୪ରୁ ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଯୁକ୍ତ୨ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ବିଷାକ୍ତ ମଦ ପିଇ ଯୁବକଙ୍କ ମୃତ୍ୟୁ ଅଭିଯୋଗ

## ଚୋରା ମଦ ବନ୍ଦ ଦାବିରେ ରାସ୍ତା ଅବରୋଧ

ଚଣ୍ଡିଖୋଲ,୭।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ମାଣ୍ଡୁକା ଗ୍ରାମରେ ରବିବାର ରାତିରେ ବିଷାକ୍ତ ମଦ ପିଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ବନବିହାରୀ ଦଳେଇଙ୍କ ପୁଅ ପ୍ରଶାନ୍ତ। ଏହି ଘଟଣା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଚୋରା ମଦ ବିକ୍ରି ବନ୍ଦ ଦାବିରେ ସୋମବାର ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ଏଥିସହିତ ଚୋରା ମଦ ବିକ୍ରି ବନ୍ଦ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଚୋରା ମଦ ଦୋକାନରେ ଚଢ଼ାଉ କରି ୨ ପେଟି ମଦ ଜବତ କରିଛି। ଚୋରା ମଦ ବ୍ୟବସାୟୀ ଜଣକ ଫେରାର ହୋଇ ଯାଇଛନ୍ତି। ଅନ୍ୟପକ୍ଷରେ ବାଲିଚନ୍ଦ୍ରପୁରରୁ ଏକ ସ୍କୁଟରରେ ଚୋରା ମଦ ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ମହିଳାମାନେ ଧରି ପୋଲିସ ଜିମା ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମାଣ୍ଡୁକା ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘଦିନ ହେବ ଚୋରା ମଦ ବିକ୍ରି କରି ଆସୁଛନ୍ତି। ରବିବାର ପ୍ରଶାନ୍ତ ତାଙ୍କଠାରୁ ୨ ଥର ମଦ କିଣି ପିଇବା ପରେ ରାତିରେ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଗ୍ରାମବାସୀ ମୃତଦେହ ଆଣି କୃଷ୍ଣଦାସପୁର-ରତ୍ନଗିରି ଓ ବରୁଆଁ-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ଚାରିଛକଠାରେ ଆନ୍ଦୋଳନ କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୧୨/୨୫ ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

# ସରକାରଙ୍କ ନିଷ୍ପତ୍ତି ଅପେକ୍ଷାରେ ଓଆର୍‌ଏସ୍ ସଂଘ: ସଭାପତି

ଭୁବନେଶ୍ୱର, ୭।୭(ରବିନାରାୟଣ ଜେନା)

ଯାଜପୁର ବ୍ୟାସନଗର ପୌରପାଳିକାରେ ନିର୍ବାହୀ ଅଧିକାରୀ (ଓଆର୍‌ଏସ୍)ଙ୍କୁ କାର୍ଯ୍ୟାଳୟରେ ୮ ଘଣ୍ଟା ଧରି ଅଟକ ରଖିବା ପ୍ରସଙ୍ଗକୁ ଜୋର୍‌ଦାର କରାଯିବ ବୋଲି ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ସଂଘ କହିଛି। ଲୋକସେବା ଭବନରେ ସଂଘର ସଭାପତି କନିଷ୍କ ବୋଧିସତ୍ତ୍ୱ ଦାସ କହିଛନ୍ତି, ଏହି ଘଟଣାକୁ ନେଇ ସରକାରଙ୍କ ସହ ସୋମବାର ଆଲୋଚନା ହେବାର ଥିଲା। ମାତ୍ର ରଥଯାତ୍ରା ପର୍ବ ସମ୍ପୂର୍ଣ୍ଣ ଶେଷହୋଇ ନ ଥିବାରୁ ପ୍ରଶାସନର ଅନୁରୋଧକ୍ରମେ ଏହାକୁ ଘୁଞ୍ଚାଇ ଦିଆଯାଇଛି।

ସେ କହିଛନ୍ତି, ବ୍ୟାସନଗର ଘଟଣାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ଏ ଘଟଣା ନେଇ ସ୍ଥାନୀୟ ଜିଲାପାଳ ଓ ଏସ୍‌ପିଙ୍କ ସହ କଥା ହୋଇଛି। ୨୪ ଘଣ୍ଟା ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ଆଶ୍ୱାସନା ଦେଇଥିଲା। ହେଲେ ରଥଯାତ୍ରା ଭଳି କେତେକ ଜରୁରୀ କାରଣ ଲାଗି ଜିଲା ପ୍ରଶାସନ ଆଉ କିଛି ଦିନ ସମୟ ନେଇଛନ୍ତି। ଏହି ଘଟଣା ପଛରେ କେତେଜଣ ପ୍ରମୁଖ ରାଜନେତା ରହିଛନ୍ତି। ତେବେ ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି। ଦଳମତ ନିର୍ବିଶେଷରେ ଯିଏ ବି ଦୋଷ କରିଥିବ ତାଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ନଚେତ୍ ଅଧିକାରୀମାନେ ଲୋକଙ୍କ କାର୍ଯ୍ୟ କରିପାରିବେ ନାହିଁ। ତେବେ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତିକୁ ଓଆର୍‌ଏସ୍ ସଂଘ ଅପେକ୍ଷା କରିଛି ବୋଲି କନିଷ୍କ କହିଛନ୍ତି।

# ୫୨୦ ପଥର ବଦଳାଯାଇଛି

## ରତ୍ନଭଣ୍ଡାର ମରାମତି ଶେଷ

### ୯୫ ଦିନ କାର୍ଯ୍ୟ ହୋଇଛି



ପୁରୀ, ୭।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗର ସହମତିରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ଚାଲିଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଶେଷ ହୋଇଛି। ୯୫ ଦିନ ଧରି କାମ ଚାଲିଥିଲା। ମୋଟ ୩୩୨ ଘଣ୍ଟା ୪୭ ମିନିଟ୍ କାର୍ଯ୍ୟ ହୋଇଛି। ୫୨୦ଟି ପଥର ବଦଳାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୋମବାର ସୂଚନା ଦେଇଛନ୍ତି।

ରତ୍ନଭଣ୍ଡାର ମରାମତି ପାଇଁ ବିଭିନ୍ନ ମହଲରେ ଦାବି ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ମରାମତି ଓ ସଂରକ୍ଷଣ ଲାଗି ନିଷ୍ପତ୍ତି ନିଆଯାଇଥିଲା। ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ରତ୍ନଭଣ୍ଡାରରେ ଅନେକ ସ୍ଥାନରେ ଫାଟ ଥିବା ଜଣାପଡ଼ିଥିଲା। ପରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ଗତବର୍ଷ ଜୁଲାଇ ୧୪ରେ ବାହାର ରତ୍ନଭଣ୍ଡାର ଏବଂ ୧୮ରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ସମସ୍ତ ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଅଗଷ୍ଟ ୨୩ରେ ଉଭୟ ବାହାର ଓ ଭିତର ରତ୍ନଭଣ୍ଡାରର ଖାଲି ଆଲମିରା ଓ ସିନ୍ଧୁକଗୁଡ଼ିକୁ ସ୍ଥାନାନ୍ତରିତ କରାଯାଇଥିଲା। ପରେ ଏଏସ୍‌ଆଇକୁ ଏହାର ସଂରକ୍ଷଣ ଓ ମରାମତି କାର୍ଯ୍ୟ ହାତକୁ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲା। ତେବେ ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ ଥିବା ସେବାୟତମାନେ କହିବା ପରେ ଏହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଥିଲା। ଏହି ସନ୍ଦେହକୁ ଦୂର କରିବା ପାଇଁ ରାଜ୍ୟ ସରକାର ରତ୍ନଭଣ୍ଡାରର ଜିପିଆର୍ ସର୍ଭେ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୨୪ ସେପ୍ଟେମ୍ବର ୧୮ରେ ଲେଜର ସ୍କାନିଂ ଏବଂ ଜିପିଆର୍ ସର୍ଭେ କରାଯାଇଥିଲା। ସର୍ଭେ ରିପୋର୍ଟ ଆସିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍‌ଆଇକୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା। ଏଏସ୍‌ଆଇ ପକ୍ଷରୁ ୨୦୨୪ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ମହାପ୍ରଭୁଙ୍କ ନୀତିକାନ୍ତିକୁ ଦୃଷ୍ଟିରେ ରଖି ଅନେକ ସମୟରେ ମରାମତି କାର୍ଯ୍ୟ ସ୍ଥଗିତ ରଖାଯାଉଥିଲା। ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ଶ୍ରୀବିଗ୍ରହମାନେ ଶ୍ରୀମନ୍ଦିରରେ ନ ଥିବାବେଳେ ରତ୍ନଭଣ୍ଡାରର ସମସ୍ତ କାର୍ଯ୍ୟ ଶେଷ କରିବାକୁ ଏଏସ୍‌ଆଇକୁ କୁହାଯାଇଥିଲା। ତେଣୁ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାରର ସମସ୍ତ କାର୍ଯ୍ୟ ନୀଳାଦ୍ରିବିଜେ ପୂର୍ବରୁ ଶେଷ କରାଯାଇଛି।

# ସତର୍କ ସଙ୍କେତ ଉପରେ ବୈତରଣୀ

ଭଣ୍ଡାରିପୋଖରୀ, ୭।୭(ରାଜେନ୍ଦ୍ର ଶତପଥୀ)

ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀ ଉଛୁଳିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଆନିକଟଠାରେ ସତର୍କ ସଂକେତ ଟପିଛି। ସୋମବାର ରାତି ୯ଟା ସୁଦ୍ଧା ଏଠାରେ ନଦୀର ଜଳସ୍ତର ୧୭.୮୯ ମିଟର ରହିଥିଲା। ସୂଚନା ଅନୁଯାୟୀ, ସୋମବାର ସକାଳ ୬ଟାରେ ନଦୀର ଜଳସ୍ତର ୧୮.୦୫ ମିଟରରେ ପହଞ୍ଚି ସ୍ଥିର ରହି ପରେ ହ୍ରାସ ପାଇଥିଲା। ପୁନଶ୍ଚ ଅପରାହ୍ନ ୫ଟାରେ ଜଳସ୍ତର ୧୭.୮୦ ମିଟରରେ ପହଞ୍ଚି ସ୍ଥିର ରହି ପରେ ବଢ଼ିଥିଲା। ନଦୀର ଜଳସ୍ତର ଘଣ୍ଟା ପ୍ରତି ୨ ମିମି ବେଗରେ ବୃଦ୍ଧି ପାଉଛି। ପ୍ରକାଶଥାଉ କି, ଆଖୁଆପଦାଠାରେ ନଦୀର ସତର୍କ ସଂକେତ ୧୭.୭୩ ମିଟର ଥିବାବେଳେ ବିପଦ ସଙ୍କେତ ୧୮.୩୩ ମିଟର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୫୩.୦ ମି.ମି., ସ୍ୱାମପାଟଣାରେ ୧୬.୦ ମି.ମି., ଆନନ୍ଦପୁରରେ ୮.୦ମି.ମି. ଓ ଆଖୁଆପଦାରେ ୪.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ନଦୀର ଜଳସ୍ତର ବିପଦ ସଂକେତ ଅତିକ୍ରମ କରିବ ନାହିଁ ବୋଲି ଆକଳନ କରାଯାଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।



ଆଖୁଆପଦା ଆନିକଟଠାରେ ବୈତରଣୀ ବନ୍ୟାଜଳ।

# ସେବାଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରାଯିବ: ଭକ୍ତ




କଂଗ୍ରେସ ଭବନରେ ଅନୁଷ୍ଠିତ ସେବାଦଳ ବୈଠକରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର,୭।୭(ରବିନାରାୟଣ ଜେନା)

ସେବାଦଳ ସଙ୍ଗଠନ ହେଉଛି କଂଗ୍ରେସର ମୂଳ ଅଙ୍ଗ। ଏହାକୁ ଆମେ ଯେତେ ସୁଦୃଢ଼ କରିପାରିବା ତାହାର ସୁଫଳ ଦଳ ଉପରେ ପଡ଼ିବ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ।

ସୋମବାର ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରଦୀପ ପ୍ରଜ୍ୱଳନ କରି ପିସିସି ସଭାପତି କହିଥିଲେ, କଂଗ୍ରେସ ଦଳ ପ୍ରତି ସମର୍ପିତ ଯୁବକ/ଯୁବତୀଙ୍କୁ ପଞ୍ଚାୟତସ୍ତରରୁ ମନୋନୀତ କରାଯାଇ ପ୍ରଶିକ୍ଷଣ ଶିବିର ମାଧ୍ୟମରେ ପ୍ରଶିକ୍ଷିତ କରାଯିବ। କଂଗ୍ରେସର ସମସ୍ତ କାର୍ଯ୍ୟକ୍ରମରେ ସେବାଦଳର ଏକ ସ୍ୱତନ୍ତ୍ର ପ୍ରାଧାନ୍ୟ ରହିବ ବୋଲି ସେ କହିଥିଲେ। ଏଥିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଏଆଇସିସି ସହପ୍ରଭାରୀ ଶାହାନ୍‌ୱାଜ ଚୌଧୁରୀ, ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପୂର୍ବତନ ମନ୍ତ୍ରୀ ଶରତ ରାଉତ ପ୍ରମୁଖ ସେବାଦଳ ସଙ୍ଗଠନକୁ ମଜବୁତ କରିବା ଦିଗରେ ମତାମତ ଦେଇଥିଲେ। ଏହି ଅବସରରେ ଚଳିତ ମାସ ୧୧ ତାରିଖରେ ଓଡ଼ିଶା ଗସ୍ତରେ ଆସୁଥିବା ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ,ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମ୍ବିଧାନ ବଞ୍ଚାଅ ମହାସମାବେଶ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ୨ ସେବା କ୍ୟାଡର୍‌ରେ ଅଧିକାରୀଙ୍କ ସଂଖ୍ୟା ବଢ଼ାଇଲେ ମୁଖ୍ୟମନ୍ତ୍ରୀ

## ମତ୍ସ୍ୟସେବା କ୍ୟାଡର୍‌ରେ ୨୧୭ ଓ କୃଷି ବିଭାଗରେ ୬୭ଟି ପଦବୀ ବଢ଼ିଲା

ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ମତ୍ସ୍ୟଚାଷ ସେବା ଏବଂ ଓଡ଼ିଶା ଉଦ୍ୟାନ କୃଷି ସେବା କ୍ୟାଡରର ବିଭିନ୍ନ ପଦବୀର ପୁନର୍ବିନ୍ୟାସ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ରାଜ୍ୟ ସରକାର ମତ୍ସ୍ୟଚାଷ ଓ ଉଦ୍ୟାନ କୃଷି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧିର ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ୨ ସେବା କ୍ୟାଡରରେ ଅଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ ମତ୍ସ୍ୟଚାଷ ସେବା କ୍ୟାଡରର ସମୁଦାୟ ପଦବୀ ସଂଖ୍ୟା ୮୩୫କୁ ବୃଦ୍ଧି ପାଇଛି। ପୂର୍ବରୁ ଏହି ପଦବୀ ସଂଖ୍ୟା ୬୧୮ ରହିଥିଲା। ସେହିଭଳି ଉଦ୍ୟାନ କୃଷି ବିଭାଗରେ ପୁନର୍ବିନ୍ୟାସ କରାଯାଇ ୬୭ଟି ପଦବୀ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ପଦବୀ ସଂଖ୍ୟା ୪୦୩ ଥିଲା, ପୁନର୍ବିନ୍ୟାସ ପରେ ଏହା ୪୭୦କୁ ବୃଦ୍ଧି ପାଇଛି। ଏହାଦ୍ୱାରା ଉଦ୍ୟାନ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ଅଭିବୃଦ୍ଧି ହୋଇପାରିବ ବୋଲି ଆଶା ପ୍ରକାଶ କରାଯାଉଛି।

# ଉସ୍ତପଲ୍ଲୀରେ ଝାଡ଼ାବାନ୍ତି, ଜଣେ ମୃତ

ଦିଗପହଣ୍ଡି,୭।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଜନଜାତି ବହୁଳ ଦୁର୍ଗମ ଉସ୍ତପଲ୍ଲୀ ଗ୍ରାମରେ ପ୍ରାୟ ୫ ଦିନ ହେଲା ଝାଡ଼ାବାନ୍ତି ବ୍ୟାପିଛି। ରବିବାର ସୁଦ୍ଧା ୧୧ ଜଣ ଆକ୍ରାନ୍ତ ହୋଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଆକ୍ରାନ୍ତଙ୍କ ମଧ୍ୟରୁ ୨ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି। ଗ୍ରାମର ପ୍ରକାଶ ରଇତ ଝାଡ଼ାବାନ୍ତିରେ ଗୁରୁତର ହୋଇ ପଡିବାରୁ ସୋମବାର ସକାଳେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପାଟପୁର ପୋଲିସ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ରହ୍ମପୁର ଉପ ଜିଲାପାଳ ଧିନା ଦସ୍ତାଗିର, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବିଡିଓ ଅନାମିକା ପାଣ୍ଡେଙ୍କ ସମେତ ଜିଲାର ପଦସ୍ଥ ଅଧିକାରୀ ବୃନ୍ଦ, ଜିଲା ସ୍ୱାସ୍ଥ୍ୟ ଟିମ୍ ଗାଁ ରେ ପହଞ୍ଚି ସବିଶେଷ ଅନୁଧ୍ୟାନ କରି ଫେରିଛନ୍ତି। ଏହା ପୂର୍ବରୁ ଗ୍ରାମର ଦାସ ଶବର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ଗତ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ଗତ କିଛିଦିନ ଧରି ସମ୍ପୃକ୍ତ ଅଞ୍ଚଳରେ ବର୍ଷା ଲାଗି ରହିଛି। ଜଙ୍ଗଲ ପାହା'ଘେରା ଉସ୍ତପଲ୍ଲୀ ଗାଁ ଲୋକେ ଦୂଷିତ ପାଣି ବ୍ୟବହାର କରି ଆସୁଛନ୍ତି। ରବିବାର ସକାଳୁ ଗ୍ରାମର ଗୌରୀ ଶବର, କାଳୁ ଶବର, ସୁମିତ୍ରା ଶବର, ସୁବାସ ଶବର, ରାଜେଶ ଶବର, ଶିବାନନ୍ଦ ଶବର, ଅନିତା ଶବର, ପ୍ରିୟଙ୍କା ଶବର, ଦମୟନ୍ତୀ ଶବରଙ୍କୁ ଝାଡାବାନ୍ତି ହୋଇଥିଲା। ଆକ୍ରାନ୍ତମାନଙ୍କୁ ଦୋଳାରେ ଗ୍ରାମଠାରୁ ୨ ଶହ ମିଟର ଦୂରରେ ଅଟକି ଥିବା ଆମ୍ବୁଲାନ୍ସ ନିକଟକୁ ଆଣି ପରେ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅନିତା ଓ ଦମୟନ୍ତୀଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର ହୋଇଥିବା ବେଳେ ଅନ୍ୟମାନେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରବିବାର ଅପରାହ୍ନରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ବିଡିଓ, ତହସିଲଦାର ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ।

## ସ୍ଥିତି ଅନୁଧ୍ୟାନ ପାଇଁ ଗଲା ରାଜ୍ୟସ୍ତରୀୟ ଟିମ୍

ଭୁବନେଶ୍ୱର, ୭।୭(ବନ୍ଦନା ସେଠୀ)

ଦିଗପହଣ୍ଡି ଉସ୍ତପଲ୍ଲୀ ଗ୍ରାମରେ ଦେଖାଦେଇଥିବା ଝାଡାବାନ୍ତି ସ୍ଥିତିର ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ। ଉକ୍ତ ଗ୍ରାମରେ ସଚେତନତା ଓ ବିଶୋଧନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ରାପିଡ୍ ଆକ୍ସନ ଟିମ୍‌ର ଡା. ସୁରଜିତ ଗରାବଡୁ, ଜାତୀୟ ଭାଇରାଲ ହେପାଟାଇଟିସ ନିୟନ୍ତ୍ରଣ କାର୍ଯ୍ୟକ୍ରମର ପରାମର୍ଶଦାତା ଡା. କଲ୍ଲୋଳ ଦାସଙ୍କୁ ଉସ୍ତପଲ୍ଲୀ ଗ୍ରାମ ପଠାଯାଇଛି। ଏମାନେ ଜିଲା ଓ ସ୍ଥାନୀୟ ଟିମ୍ ସହ ମିଳିତ ଭାବେ କାର୍ଯ୍ୟ କରି ଜଳବାହିତ ରୋଗର ପ୍ରତିରୋଧ ଓ ପ୍ରତିଷେଧକ କାର୍ଯକ୍ରମ ଗୁଡ଼ିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାୟନକୁ ନିରୀକ୍ଷଣ କରିବେ।

ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଡାକ୍ତର, ପାରାମେଡିକାଲ ଷ୍ଟାଫ, ଆବଶ୍ୟକ ଔଷଧ, ଇଞ୍ଜେକ୍ସନ ସାଲାଇନ ଆଦି ଡାକ୍ତରଖାନା, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ରଖାଯାଇଛି। ତେଣୁ ଭୟଭୀତ ନ ହୋଇ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚଳିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ପାଣିକୁ ଫୁଟାଇ ଥଣ୍ଡା ହେଲା ପରେ ପିଇବା, ଗରମ ସୁଷମ ଖାଦ୍ୟ ଖାଇବା, ବାହାର ଖାଦ୍ୟ ନ ଖାଇବା, ଫାଷ୍ଟଫୁଡ୍ ଆଦିକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା, ଖାଇବା ପୂର୍ବରୁ ଏବଂ ପରେ ଭଲ ଭାବେ ସାବୁନରେ ଧୋଇବା, ସ୍ୱାସ୍ଥ୍ୟ ସୁରକ୍ଷା ଓ ପରିଚ୍ଛନ୍ନତା ନିୟମକୁ ଦୈନନ୍ଦିନ ଜୀବନରେ ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି।

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା

–ଶ୍ରୀ ଜୀଉଙ୍କ ନୀଳାଦ୍ରିବିଜେ



# ଶକ୍ତି ଓ ଦୁର୍ବଳତା

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ମେ' ୭ରୁ ୧୦ ଯାଏ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା। 'ଅପରେଶନ ସିନ୍ଦୂର'କୁ ଦୁଇ ମାସ ପୂରିଯାଇଥିଲେ ମଧ୍ୟ ଭାରତୀୟ ସାମରିକ ଅଧିକାରୀଙ୍କ ମନର ବ୍ୟଥା ବାରମ୍ବାର ବୟାନ ଆକାରରେ ଆସୁଛି। ସଦ୍ୟ ଘଟଣାକୁ ଦେଖିଲେ ଜୁଲାଇ ୪ରେ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ପକ୍ଷରୁ ଆୟୋଜିତ 'ନ୍ୟୁ ଏଜ୍ ମିଲିଟାରି ଟେକ୍ନୋଲୋଜି' ଶୀର୍ଷକ ଆଲୋଚନାଚକ୍ରରେ ସ୍ଥଳସେନା ଉପମୁଖ୍ୟ ରାହୁଲ ସିଂ କହିଥିଲେ, ଅପରେଶନ ସିନ୍ଦୂର ଚାଲିଥିବା ବେଳେ ଭାରତର ପ୍ରସ୍ତୁତି ବିଷୟରେ ସବୁ କିଛି ପାକିସ୍ତାନ ଜାଣିଥିଲା। ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍‌ଓ) ସ୍ତରୀୟ କଥାବାର୍ତ୍ତା ବେଳେ ପାକିସ୍ତାନ ବାସ୍ତବରେ ଭାରତୀୟ ପ୍ରତିପକ୍ଷଙ୍କୁ କହିଥିଲା, ଭାରତର କେଉଁ ଯୁଦ୍ଧାସ୍ତ୍ରଗୁଡ଼ିକୁ କେଉଁ ସ୍ଥାନଗୁଡ଼ିକରେ ମୁତୟନ କରାଯାଇଛି, ତାହା ସେମାନେ ଜାଣିପାରୁଥିଲେ। କେବଳ ସେତିକି ନୁହେଁ, କେଉଁ କ୍ଷେପଣାସ୍ତ୍ର ମାଡ଼ କରିବାକୁ ପ୍ରସ୍ତୁତ କରାଯାଉଛି ତାହାର ଅବିକଳ ସ୍ଥଳକୁ ଉଲ୍ଲେଖ କରି ପାକିସ୍ତାନର ଡିଜିଏମ୍‌ଓ ମେଜର ଜେନେରାଲ କାଶିଫ୍ ଅବ୍‌ଦୁଲ୍ଲା ତାଙ୍କ ଭାରତୀୟ ପ୍ରତିପକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇଙ୍କୁ କହିଲେ ଯେ ଭାରତର ଏହି ଅସ୍ତ୍ର ସମ୍ପର୍କରେ ଆମେ ଜାଣିଛୁ ଏବଂ ଆପଣ ତାହାକୁ ଫେରାଇନେବା ଉଚିତ ହେବ। ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାହୁଲ ସିଂଙ୍କ ଏହି କଥାରୁ ଜଣାପଡୁଛି ଯେ ପାକିସ୍ତାନ ଏକ ପ୍ରକାର ଧମକାଇବା ପରିସ୍ଥିତିରେ ରହିଛି, କାରଣ ଭାରତର ସମ୍ପୂର୍ଣ୍ଣ ସଶସ୍ତ୍ର ସେନାର ତଥ୍ୟ ତାହା ପାଖରେ ଅଛି। ଆଜିର ଯୁଗରେ ଯୁଟ୍ୟୁବରଙ୍କ ଦ୍ୱାରା ଗୋଇନ୍ଦା କାର୍ଯ୍ୟ କରାଇବାର ପ୍ରୟୋଜନ ନାହିଁ। ଉଚ୍ଚ ପ୍ରଯୁକ୍ତି କୌଶଳ ବ୍ୟବହାର କରାଯାଇ ସବୁ ପ୍ରକାର ତଥ୍ୟ ବାହାର କରିନେବାର କ୍ଷମତା ଚାଇନା ଓ ଆମେରିକା ପାଖରେ ଅଛି। ଉଭୟ ଦେଶ ପାକିସ୍ତାନ ସପକ୍ଷରେ କାର୍ଯ୍ୟ କରିଥିବା ଭଳି ମନେହୁଏ। ରାହୁଲ ଆହୁରି କହିଥିଲେ ଭାରତ ବିପକ୍ଷରେ ଗୋଟିଏ ସୀମାରେ ପାକିସ୍ତାନ ସହ ଅନ୍ୟ ଶତ୍ରୁ ଭିତରେ ଚାଇନା ସହିତ ତୁର୍କୀର ସମ୍ପୃକ୍ତି ରହିଥିଲା। ଏବଂ ସମ୍ଭବତଃ ଅନ୍ୟ ଶକ୍ତିମାନଙ୍କର ସହଯୋଗ ଉପସ୍ଥିତି ଥିଲା। ଯୁଦ୍ଧ ସମୟରେ ଭାରତର ସେନା ଏହିଭଳି ପରିସ୍ଥିତି ଜାଣିପାରିଥିଲା ବୋଲି ରାହୁଲ ସିଂ କହିଛନ୍ତି।

**ଭାରତ ଓ ପାକିସ୍ତାନ ଡିଜିଏମ୍‌ଓ ସ୍ତରରେ ଏଭଳି ପୁଙ୍ଖାନୁପୁଙ୍ଖ ଆଲୋଚନା ଇଙ୍ଗିତ କରୁଥାଇପାରେ ଯେ ଉଭୟ ଦେଶର ଉଚ୍ଚପଦସ୍ଥ ଅଧିକାରୀମାନେ ପରସ୍ପରକୁ ସମ୍ମାନ ଦେଉଛନ୍ତି। ଏଥିସହିତ ଉଭୟ ପକ୍ଷ ଅପରପକ୍ଷର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅତି ଭଲ ଭାବେ ଅବଗତ ଅଛନ୍ତି। ତେଣୁ କୌଣସି ପକ୍ଷ ହାରୁ ବୋଲି ମିଲିଟାରି ସ୍ତରରେ ଉଭୟ ପକ୍ଷ ଚାହିଁଲେ ନାହିଁ।**

ଟିକେ ପଛକୁ ଗଲେ ଆଉ ଜଣେ ସାମରିକ ଅଧିକାରୀଙ୍କ ମନ୍ତବ୍ୟର ଚର୍ଚ୍ଚା ମଧ୍ୟ ସରିନାହିଁ। ଜୁନ୍ ୧୦ରେ ଇଣ୍ଡୋନେସିଆର ଦିର୍ଗନ୍ତର ମର୍ସେକଲ ସୂର୍ଯ୍ୟଦର୍ମ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଭାରତ–ପାକିସ୍ତାନ ଯୁଦ୍ଧ ପରିପ୍ରେକ୍ଷୀରେ ଶକ୍ତି ରଣନୀତି ଉପରେ ନୌସେନା କ୍ୟାପ୍‌ଟେନ ତଥା ଇଣ୍ଡୋନେସିଆର ଭାରତୀୟ ଦୂତାବାସରେ ଡିଫେନ୍ସ ଆତାସେ ଥିବା ଶିବକୁମାର ଦେଇଥିବା ମତ ଗୁରୁତ୍ୱ ବହନ କରିଛି। ପାକିସ୍ତାନୀ ସେନା ପ୍ରତିଷ୍ଠାନ କିମ୍ବା ସେମାନଙ୍କ ବାୟୁସେନା ଘାଟିଗୁଡ଼ିକ ଉପରେ ଆକ୍ରମଣ ନ କରିବା ପାଇଁ ଭାରତର ରାଜନୈତିକ ନେତୃତ୍ୱ ନିର୍ଦ୍ଦେଶ ଦେଇଥିବାରୁ ଇଣ୍ଡିଆନ୍ ଏୟାର ଫୋର୍ସ (ଆଇଏଏଫ୍)କୁ କେତୋଟି ଯୁଦ୍ଧବିମାନ ହରାଇବାକୁ ପଡ଼ିଥିଲା ବୋଲି ଶିବକୁମାର କହିଥିଲେ। ଅନୁରୂପ ଭାବେ ମେ' ୩୧ରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ସିଙ୍ଗାପୁରରେ ଆୟୋଜିତ ଶାଙ୍ଗ୍ରି–ଲା ଡାଏଲଗ୍‌ରେ କହିଥିଲେ, ଭାରତ ଓ ପାକିସ୍ତାନ ମଧ୍ୟରେ ମେ ୭ରୁ ୧୦ ଯାଏ ହୋଇଥିବା ଯୁଦ୍ଧରେ ଭାରତୀୟ ଯୁଦ୍ଧ ବିମାନ ଖସିଥିଲା। କେତେ ଲଡୁଆ ବିମାନ ଖସିଲା ସେହି ସଂଖ୍ୟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ କାହିଁକି ଖସିଥିଲା ତାହା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ଅନିଲ ଚୌହାନ ମତ ରଖିଥିଲେ।

ଉପରଲିଖିତ ତିନିଜଣ ଅତି ଉଚ୍ଚପଦସ୍ଥ ଭାରତୀୟ ସାମରିକ ଅଧିକାରୀଙ୍କ ମତ ଦେଶବାସୀଙ୍କୁ ବ୍ୟସ୍ତ କରିଛି। ଯୁଦ୍ଧ ଚାଲିଥିବା ବେଳେ ରାଜନୈତିକ ନେତୃତ୍ୱର ନିଷ୍ପତ୍ତିକୁ ସମାଲୋଚନା କରିବାର ଅର୍ଥ ହେଲା ସାମରିକ ବାହିନୀ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିସହିତ ଡିଜିଏମ୍‌ଓ ସ୍ତରରେ ଏଭଳି ପୁଙ୍ଖାନୁପୁଙ୍ଖ ଆଲୋଚନା ଇଙ୍ଗିତ କରୁଥାଇପାରେ ଯେ ଉଭୟ ଦେଶର ଉଚ୍ଚପଦସ୍ଥ ଅଧିକାରୀମାନେ ପରସ୍ପରକୁ ସମ୍ମାନ ଦେଉଛନ୍ତି। ଏଥିସହିତ ଉଭୟ ପକ୍ଷ ଅପରପକ୍ଷର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅତି ଭଲ ଭାବେ ଅବଗତ ଅଛନ୍ତି। ତେଣୁ କୌଣସି ପକ୍ଷ ହାରୁ ବୋଲି ମିଲିଟାରି ସ୍ତରରେ ଉଭୟ ପକ୍ଷ ଚାହିଁଲେ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେତେ ଛାତି ପିଟି ଶ୍ରେୟ ନେବାକୁ ଚାହୁଁଥିଲେ ବି ବାସ୍ତବ ନିଷ୍ପତ୍ତି ଦୁଇ ଡିଜିଏମ୍‌ଓଙ୍କ ମଧ୍ୟରେ ନିଆଯାଇଥିଲା ଭଳି ମନେହେଉଛି। ଟ୍ରମ୍ପଙ୍କ ଚାପ ନିଶ୍ଚିତ କାମ କରିଛି, ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଭାରତ କିମ୍ବା ପାକିସ୍ତାନ, କୌଣସି ଗୋଟିଏ ପକ୍ଷ ଯଦି ଅମାନ୍ୟ ହୋଇଥାନ୍ତେ, ତେବେ ପରିସ୍ଥିତି ଭୟାବହ ହୋଇଥାଆନ୍ତା। ୨୦୨୫ ମସିହାରେ ଏହି ୪ ଦିନର ଯୁଦ୍ଧ ସମୟରେ ଏବଂ ଯୁଦ୍ଧ ପରେ କୌଣସି ଦେଶ ଭାରତକୁ ସମର୍ଥନ ଜଣାଇ ନ ଥିବା ହେତୁ ଭାରତୀୟ କୂଟନୀତିର ବିଫଳତା ଜଣାପଡ଼ିଲା। ରାହୁଲ ସିଂଙ୍କ କହିବା ଅନୁଯାୟୀ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦୁର୍ବଳତାକୁ ଘୋଡ଼ାଇ ଦେବା ପରିବର୍ତ୍ତେ ଅତି ଶୀଘ୍ର ତାହାକୁ ସାମ୍ନା କରି ଦେଶର ହିତ ପାଇଁ କାର୍ଯ୍ୟ ଆରମ୍ଭ ହେବା ଦରକାର।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 2 | |
| 7 | | | | 5 | | 9 | | |
| | 2 | 4 | | | | | | |
| | | 9 | | | 6 | 3 | 4 | |
| | | | | | 3 | 7 | 8 | |
| 4 | | | | | 9 | | | 2 |
| | | | | | 1 | 6 | 5 | |
| | | 7 | 2 | | | | 3 | |
| | | | 4 | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 1 | 8 | 9 | 5 | 6 | 4 | 7 |
| 9 | 6 | 7 | 1 | 4 | 3 | 2 | 8 | 5 |
| 4 | 5 | 8 | 2 | 7 | 6 | 1 | 3 | 9 |
| 8 | 3 | 4 | 9 | 6 | 7 | 5 | 1 | 2 |
| 1 | 7 | 5 | 4 | 8 | 2 | 3 | 9 | 6 |
| 2 | 9 | 6 | 3 | 5 | 1 | 4 | 7 | 8 |
| 7 | 4 | 2 | 6 | 1 | 8 | 9 | 5 | 3 |
| 6 | 8 | 9 | 5 | 3 | 4 | 7 | 2 | 1 |
| 5 | 1 | 3 | 7 | 2 | 9 | 8 | 6 | 4 |

ଗତକାଲିର ଉତ୍ତର

# ଗୃହଶତ୍ରୁ ଓ ଆଭ୍ୟନ୍ତରଣ ସୁରକ୍ଷା



ଡ. ମନୋଜ କୁମାର ମହାନ୍ତି

ରାଜତନ୍ତ୍ରର ଅସ୍ଥିରତା ସହ ନିଜ ନିଜ ମଧ୍ୟରେ ଷଡ଼ଯନ୍ତ୍ରରେ ଲିପ୍ତଥିବା ଭାରତୀୟଙ୍କୁ ଦିନେ ଘୋରୀ, ଖିଲିଜୀ, ମୋଗଲ ଓ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ କରିବ ସେ କଥା କେହି କେବେ ଭାବି ନ ଥିଲେ। ଯେଉଁ ମହମ୍ମଦ ଘୋରୀ ପୃଥ୍ୱୀରାଜ ଚୌହାନଠାରୁ ୧୧ଥର ହାରି ନିଜ ଜୀବନ ବଞ୍ଚାଇବା ଭୟରେ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାଇଯାଇଥିଲେ, ସେଇ ଘୋରୀ ଦିନେ ବେଇମାନ ଜୟଚନ୍ଦ୍ରଙ୍କ ସାହାଯ୍ୟରେ ପୃଥ୍ୱୀରାଜଙ୍କୁ ହରାଇବାକୁ ସକ୍ଷମ ହୋଇଥିଲେ। ଇବ୍ରାହିମ ଲୋଦିଙ୍କୁ ଦିଲ୍ଲୀ ରାଜଗାଦିରୁ ହଟାଇବା ପାଇଁ ନିଜ ସମ୍ପର୍କୀୟ ଦୌଲତ ଖାଁ ଲୋଦି କାବୁଲ ଶାସକ ବାବରଙ୍କୁ ଭାରତକୁ ନିମନ୍ତ୍ରଣ କରିବା ଏକ ଷଡ଼ଯନ୍ତ୍ରର ପରିଭାଷା। ବଙ୍ଗ ନବାବ ସିରାଜଉଦ୍ଦୌଲାଙ୍କ ସମ୍ପର୍କୀୟ ବିଶ୍ୱାସଘାତକ ମିର୍ଜାଫରଙ୍କ ପାଇଁ ଇଂରେଜଙ୍କ ଶହେନବେ ବର୍ଷର ନିର୍ଯାତନା ଭାରତୀୟଙ୍କୁ ସହିବାକୁ ପଡ଼ିଥିଲା। ଇଂରେଜଙ୍କଠାରୁ ଝାନ୍ସୀ ସାମ୍ରାଜ୍ୟକୁ ମୁକ୍ତରଖିବା ପାଇଁ ଲକ୍ଷ୍ମୀବାଇ ରଣନୀତି ପ୍ରସ୍ତୁତ କରିଥିଲେ। କିନ୍ତୁ ସଦାଶିବ ନାରାୟଣ ଝାନ୍ସୀ ଦୁର୍ଗର ଦୁର୍ବଳ ପାର୍ଶ୍ୱ ବିଷୟରେ ବ୍ରିଟିଶମାନଙ୍କୁ ଜଣାଇ ଝାନ୍ସୀକୁ ବ୍ରିଟିଶ ଶାସନରେ ଅନ୍ତର୍ଭୁକ୍ତ କରାଇବାରେ ରାସ୍ତା ଉନ୍ମୁକ୍ତ କରିଥିଲେ। ଏହିଭଳି କେତେଜଣ ଭାରତୀୟ ବିଶ୍ୱାସଘାତକ ଇଂରେଜମାନଙ୍କ ସହ ମିଶି ଦେଶର ଏକତାକୁ ନଷ୍ଟ କରିଛନ୍ତି। ସବୁ ଘାତପ୍ରତିଘାତ ସତ୍ତ୍ୱେ ଭାରତ ସ୍ୱାଧୀନତା ସ୍ୱାଦ ଚାଖିବା ପୂର୍ବରୁ ଦୁଇ ପ୍ରମୁଖ ନେତା, ଦୁଇ ପ୍ରମୁଖ ଧାର୍ମିକ ଗୋଷ୍ଠୀଙ୍କ ଜିଦ୍‌ଖୋର ମନୋବୃତ୍ତିର ଫଳାଫଳର ରୂପରେଖ ନେଲା ଭାରତ ଓ ପାକିସ୍ତାନ। ଭାରତକୁ ପୁଣି ଥରେ ରାମରାଜ୍ୟ ପ୍ରତିଷ୍ଠାର ପରିକଳ୍ପନା କରାଗଲା। ରାଜତନ୍ତ୍ରକୁ ସବୁଦିନ ପାଇଁ ଭାରତରୁ ଲୋପକରି ଗଣତନ୍ତ୍ର ସ୍ଥାପନ ପୂର୍ବକ ଜନସାଧାରଣଙ୍କୁ ସେମାନଙ୍କର ସମସ୍ତ ନ୍ୟାଯ୍ୟଦାବି ପ୍ରାପ୍ତି ପାଇଁ ସରକାର ବଦ୍ଧପରିକର ହେଲେ। ପ୍ରତ୍ୟେକ ଜୀବନ ସରକାର ପାଇଁ ମୂଲ୍ୟବାନ୍ ଓ ମହତ୍ତ୍ୱପୂର୍ଣ୍ଣ ତାହା ସର୍ବସମ୍ମୁଖରେ ପ୍ରତିଶ୍ରୁତିବଦ୍ଧ ହେଲା।

ଭାରତୀୟ ଗଣତନ୍ତ୍ରରେ ସ୍ୱାଧୀନତା ପରେ ଜାତୀୟ କଂଗ୍ରେସର ଶାସନ ଓ ପରେ ପରେ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳ ସୃଷ୍ଟି ହେଲା। ଜନତାଙ୍କ ହାତରେ ସରକାର ତିଆରି କରିବାର ବଡ଼ ଭୂମିକା ସଦାସର୍ବଦା ରହିଆସିଛି। ରାଜନୀତିରେ ଉଷ୍ମତା ସମୟେ ସମୟେ ଦେଖିବାକୁ ମିଳେ। ବିରୋଧାଭାଷ ଗଣତନ୍ତ୍ରର ଏକ ମଜଭୁତ ଅସ୍ତ୍ର। ନଚେତ୍ ଶାସକ ଦଳ ମନମୁଖି ଦୁର୍ନୀତିଖୋର ପାଲଟିଯିବାକୁ ବେଶି ସମୟ ଲାଗିବ ନାହିଁ।

ଦେଶର ଆଇନକାନୁନ,ଶିକ୍ଷା,ସ୍ୱାସ୍ଥ୍ୟ,ଅର୍ଥନୀତି, ବିଦେଶ ନୀତି, ପ୍ରତିରକ୍ଷା ସହ ଭାରତର ପ୍ରଭୁତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷାକରିବା ହେଉଛି



ଦେଶର ଶାସନକର୍ତ୍ତାଙ୍କ ଦାୟିତ୍ୱ। ସବୁର ଉର୍ଦ୍ଧ୍ୱରେ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା। କାରଣ ଦେଶର ସୁରକ୍ଷା ବିକାଶ ଓ ପ୍ରଗତି ସହ ସମ୍ପୂର୍ଣ୍ଣ ଜଡ଼ିତ। ଅସୁରକ୍ଷିତ ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ନୁହେଁ। ବିଶ୍ୱର ପ୍ରତ୍ୟେକ ପ୍ରଗତିଶୀଳ ଦେଶ ପଛରେ ତା'ର ଅଭ୍ୟନ୍ତରୀଣ ସୁରକ୍ଷାର ବୃହତ୍ ଭୂମିକା ଥାଏ। ଶିଳ୍ପ, ଶିକ୍ଷା ବୈଷୟକ କ୍ଷେତ୍ରରେ ସୁରକ୍ଷିତ ନ ରହିଲେ ପୁଞ୍ଜିନିବେଶ କରିବାକୁ କେହି ଆଗ୍ରହ ପ୍ରକାଶ କରିବେ ନାହିଁ। ୟୁରୋପୀୟ,ପଶ୍ଚିମଦେଶ ଓ ଆରବ ଇସ୍‌ଲାମିକ ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଏ। କିନ୍ତୁ ଭାରତ କ୍ଷେତ୍ରରେ ତାହା ସମ୍ପୂର୍ଣ୍ଣ ବିପରୀତ। ଅବୈଧ ଅନୁପ୍ରବେଶକାରୀଭାବେ ପାକିସ୍ତାନୀ,ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନେ ପ୍ରାୟ ରାଜ୍ୟରେ ଆଡ୍ଡା ଜମାଇବାରେ ବ୍ୟସ୍ତ। ଖାଲି ସେତିକି ନୁହେଁ, ସେମାନଙ୍କର ଆଧାର କାର୍ଡ, ଭୋଟର ପରିଚୟପତ୍ର,ରାଶନ କାର୍ଡ, ବ୍ୟାଙ୍କ ଆକାଉଣ୍ଟ, ପାସ୍‌ପୋର୍ଟ, ପାନ୍‌କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ସବୁ ଭାରତର ହୋଇସାରିଛି। ସେମାନେ ଭାରତର ନାଗରିକ ଭାବେ ନିଜକୁ ସ୍ୱୀକାର କରିସାରିଲେଣି। କାରଣ ଦେଶର ନାଗରିକ ପାଖରେ ହିଁ ଭୋଟ ଦେବାର ଅଧିକାର ରହିଛି। ଭୋଟର ଲିଷ୍ଟ ସହ ଭୋଟର ପରିଚୟପତ୍ର ଯଦି ଜଣେ ବ୍ୟକ୍ତି ପାଖରେ ଅଛି ସ୍ୱାଭାବିକ ଭାବେ ସେ ଏ ଦେଶର ନାଗରିକ। ଦେଶର ନାଗରିକ ସମ୍ବିଧାନର ସମସ୍ତ ଅଧିକାର ପାଇଁ ଲଢ଼େଇ କରିବା ସହ ଭିନ୍ନ ଭିନ୍ନ ସମୟରେ ଧାରଣା , ପ୍ରତିବାଦ ଓ ପ୍ରତିହିଂସା ଭଳି କାର୍ଯ୍ୟରେ ଉପସ୍ଥିତି ସ୍ୱାଭାବିକ। ଅଧିକାଂଶ ସମୟରେ ପ୍ରତିବାଦ ଓ ପ୍ରତିହିଂସା ଅତି ଉଗ୍ରରୂପ ଧାରଣ କରି ସାଧାରଣ ଧନଜୀବନକୁ ବିପର୍ଯ୍ୟସ୍ତ କରୁଛି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏତେ ଅନୁପ୍ରବେଶକାରୀ ଆସିଲେ କିପରି? ଯଦି ଆସିଲେ, ସେମାନଙ୍କର ଭାରତୀୟ ପରିଚୟପତ୍ର ପ୍ରସ୍ତୁତି ହେଲା କିପରି? ଭାରତୀୟଙ୍କ ପରି ବାହ୍ୟ ଅନୁପ୍ରବେଶକାରୀଙ୍କ ଭୋଟର ପରିଚୟପତ୍ର ପ୍ରସ୍ତୁତି ସହ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପଛରେ ରାଜନୈତିକ ଦଳ ପୂର୍ଣ୍ଣମାତ୍ରାରେ ସାମିଲ ଏକଥା ଅସ୍ୱୀକାର କରିହେବ ନାହିଁ। ଭାରତୀୟ ଆଧାର କାର୍ଡ ପ୍ରସ୍ତୁତି ପାଇଁ ଆବଶ୍ୟକ ପ୍ରମାଣପତ୍ର ଭାରତର ଭିନ୍ନ ଭିନ୍ନ ରାଜ୍ୟରୁ କିପରି ସଂଗ୍ରହ କରାଗଲା? ବାଂଲାଦେଶ,ପାକିସ୍ତାନ,ନେପାଳ ଓ ମ୍ୟାନ୍‌ମାରରୁ ଆସୁଥିବା ଲୋକମାନେ ଭାରତୀୟ ପ୍ରମାଣପତ୍ର ହତେଇଲେ କିପରି? ଏସବୁ ଶାସନ ଦାୟିତ୍ୱରେ ଥିବା ଦଳ ତା' ଭୋଟ ପାଇଁ ଯାହାକୁ ନାହିଁ ତାହାର ଭୋଟର ପରିଚୟପତ୍ର , ରାଶନ କାର୍ଡ ପ୍ରସ୍ତୁତି ଚାଲିଛି।

ଗୁଜରାଟର 'ଚଣ୍ଡଲ ତଲବ' ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାରୀ ମିନି ବାଂଲାଦେଶ ଭାବେ ବସତି ସ୍ଥାପନ କରିଛନ୍ତି ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ହେବ। ସ୍ଥାୟୀ ବାସିନ୍ଦାଭାବେ ବଂଶବିସ୍ତାର କରିବାକୁ ସୁଯୋଗ ସରକାର ଦେଲେ କିପରି? ସବୁ ଆବଶ୍ୟକ ପରିଚୟପତ୍ର ପ୍ରସ୍ତୁତି ସହ ନିର୍ବାଚିତ ପ୍ରତିନିଧି ବାଛିବା ପରେ ଏବେ ପ୍ରଶାସନର ନିଦ ଭାଙ୍ଗୁଛି। ଭାରତକୁ ନିଜର ବାସସ୍ଥାନ ,କର୍ମଭୂମି ଓ ଅର୍ଥ ରୋଜଗାରର ସ୍ଥଳ ମନେକରୁଥିବା ଲୋକମାନଙ୍କ ଚେର ଏତେ ଭିତରକୁ ଯାଇଛି ଯେ ତା'ର ମୂଳୋତ୍ପାଟନ ସମ୍ଭବ ନୁହେଁ। ଭାରତକୁ କବ୍‌ଜା କରିବା ପାଇଁ କେଉଁ ପ୍ରାଚୀନ କାଳରୁ ପ୍ରୟାସ ଓ ଷଡ଼ଯନ୍ତ୍ର ଚାଲିଛି। ପାର୍ସୀ,ଗ୍ରୀକ୍ ଆଫ୍‌ଗାନ,ମଙ୍ଗୋଲୀୟ,ମୋଗଲ,ପର୍ତ୍ତୁଗୀଜ, ଫ୍ରେଞ୍ଚ ଓ ପରିଶେଷରେ ବ୍ରିଟିଶ ସାମ୍ରାଜ୍ୟ ସେମାନଙ୍କର ଆଧିପତ୍ୟ ବିସ୍ତାର କରିଛନ୍ତି। ସମସ୍ତଙ୍କ ସେଇ ଗୋଟେ ଲକ୍ଷ୍ୟ ଲୁଣ୍ଠନ, ସାମ୍ରାଜ୍ୟ ପ୍ରତିଷ୍ଠା ଓ ବିସ୍ତାର, ବାଣିଜ୍ୟ ଆଧିପତ୍ୟ ସହ ଭାରତୀୟ ସଭ୍ୟତା ସଂସ୍କୃତିକୁ ନଷ୍ଟଭ୍ରଷ୍ଟକରି ଭାରତୀୟଙ୍କୁ ଦମନ କରିବା ତଥା ଭାରତର ଅର୍ଥନୀତିକୁ ଧ୍ୱଂସବିଧ୍ୱଂସ କରି ଅରାଜକତା ଆତଙ୍କ ସୃଷ୍ଟି କରିବା।

ସବୁ ଅରାଜକତା, ଆକ୍ରମଣ ,ଧର୍ମଘଟ ଓ ଅସହିଷ୍ଣୁତା ପଛରେ ଭାରତରେ ଲୁଚି ରହିଥିବା ଗୃହଶତ୍ରୁମାନେ ଭୂମିକା ଗ୍ରହଣ କରିଆସିଛନ୍ତି। ଧର୍ମନିରପେକ୍ଷ ରାଷ୍ଟ୍ରର ଦ୍ୱାହିଦେଇ ଭାରତରେ କ'ଣ ସବୁ ଘଟାଇ ଚାଲିଛନ୍ତି ତାହା ଜଳଜଳ ହୋଇ ଦିଶୁଛି। ଭାରତରେ ଯାହା ସବୁ ଘଟିଚାଲିଛି ସେ ସବୁ ପଛରେ ରାଜନୈତିକ ନେତୃତ୍ୱର ହାତ ସ୍ପଷ୍ଟ ଭାବରେ ବାରି ହେଉଛି। ଏସବୁ ସୁଯୋଗ ନେଇଛନ୍ତି ପଡ଼ୋଶୀ ରାଷ୍ଟ୍ର। ସେମାନେ ଭାରତୀୟଙ୍କ ଏକତାକୁ ସଦାସର୍ବଦା ନଷ୍ଟ କରିବାକୁ ପ୍ରୟାସ କରିଛନ୍ତି।

ନିକଟରେ ପଞ୍ଜାବର ଜ୍ୟୋତି ମାଲହୋତ୍ରା ଆଇଏସ୍‌ଆଇଏସ୍ ଓ ପାକିସ୍ତାନୀ ଆତଙ୍କ ସଂସ୍ଥାକୁ ଭାରତୀୟ ଗୋପନ ତଥ୍ୟ ଓ ସମ୍ବେଦନଶୀଳ ସ୍ଥାନର ଫଟୋଚିତ୍ର ପ୍ରଦାନ କରିଛନ୍ତି। ଜ୍ୟୋତିଙ୍କ ଭଳି ଅନେକ ଅନୁପ୍ରବେଶକାରୀ ଯୁବତୀଯୁବକ ଭାରତରେ ରହି ଭାରତର ଶାନ୍ତିଶୃଙ୍ଖଳା ଭଙ୍ଗ ସହ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୂପଦେବାରେ ଲାଗିଛନ୍ତି। ପ୍ରଶ୍ନ ଉଠେ, ଭାରତରେ ଏତେ ସୁରକ୍ଷା କର୍ମୀ, ଗୋଇନ୍ଦା ବିଭାଗ କାର୍ଯ୍ୟରତ ଥାଇ ଅନୁପ୍ରବେଶ ହେଉଛି କିପରି? ଭାରତର ସୀମାରେ ସୁରକ୍ଷା ସହ ଆଭ୍ୟନ୍ତରୀଣ ସୁରକ୍ଷାକୁ ଧ୍ୟାନଦେବାର ଏହା ଏକ ଘଡ଼ିସନ୍ଧି ସମୟ। ଯଦି ଅବହେଳା କରାଯାଏ ତା'ର ପରିଣାମ ଭାରତର ଜନସାଧାରଣଙ୍କୁ ଭୋଗିବାକୁ ପଡ଼ିବ।

**ଅଧ୍ୟାପକ, ଦର୍ଶନ ବିଭାଗ, ବି.ଏନ୍.ଏମ୍.ଏ. ମହାବିଦ୍ୟାଳୟ, ଭଦ୍ରକ,**
**ମୋ: ୮୮୯୫୩୪୧୦୩୩**

# କାଳିଆ କେଉଁଠି



ଡ.କୁଳାଙ୍ଗାର

ଈଶ୍ୱର ବିଶ୍ୱାସୀ ହେବା ଭଲ କଥା, ତେବେ ଈଶ୍ୱରଙ୍କ ବିଶ୍ୱାସରେ ବସି ରହିଲେ କି ହୁଏ? ଈଶ୍ୱର ଏକ ଆମେ ଅନେକ। ଅତଏବ ସିଏ ଏକା ଏକା ତ ସବୁ ସ୍ଥାନକୁ ଯାଇ ପାରିବେ ନାହିଁ, ତେଣୁ ଆମ ଭିତରେ ଈଶ୍ୱରୀୟ ସତ୍ତା କିଛି ଛାଡି ଦେଇଛନ୍ତି ! ତେବେ ତାହା ସର୍ତ୍ତମୂଳକ, ଆପଣ ଚଳଚଞ୍ଚଳ ରହିଲେ ସେଇ ସତ୍ତାଟି ସକ୍ରିୟ ରହିବ, ଆଉ ଆପଣ ଅଳସୁଆ ହେଲେ ସିଏ ଶୋଇପଡ଼ିବ। ଆପଣ ସକାରାତ୍ମକ ହେଲେ ସେଇ ସତ୍ତାଟି ପ୍ରଚଣ୍ଡ ପ୍ରଭାବଶାଳୀ ହୋଇପଡିବ ଆଉ ନକାରାତ୍ମକ ହେଲେ ସିଏ ଏମିତି ଉଭେଇଯିବ ଯେ ବହୁଦିନ ଯାଏ ଖୋଜି ଖୋଜି ପାଇବେନି!

ତଥାପି ଈଶ୍ୱର ନିର୍ଦ୍ଦୟ ନୁହନ୍ତି। ଯେଉଁମାନେ ବାଲ୍ୟକାଳ ଅତିକ୍ରାନ୍ତ କଲାପରେ ଉପରୋକ୍ତ କାରଣରୁ ନିଜଠାରେ ଈଶ୍ୱରୀୟ ସତ୍ତାଟିକୁ ରଖିବାରେ ଅକ୍ଷମ ହୁଅନ୍ତି ସେଇମାନଙ୍କ ପାଇଁ ସିଏ ଦେବାଳୟରେ ଥିବା ମୂର୍ତ୍ତିରେ ଉପଲବ୍ଧ ଥାନ୍ତି। ତାହା ମଧ୍ୟ ସର୍ତ୍ତମୂଳକ। ସେଇଠି ବିଶ୍ୱାସଟି ଇନ୍ଧନ। ଯେତେ ବିଶ୍ୱାସ ସେଇଠି କେନ୍ଦ୍ରିତ ହୋଇଥାଏ, ସେତେ ଲାଭ ସେଠାରେ ବିଶ୍ୱାସ ରଖି ପହଁଚୁଥିବା ଭକ୍ତମାନଙ୍କୁ ମିଳୁଥାଏ। ତଦନୁସାରେ ସେଇ ଦିଅଁ ସେତେ ପ୍ରଭାବଶାଳୀ ବୋଲାନ୍ତି! ସେଇମିତି ପ୍ରଭାବଶାଳୀ ଦିଅଁ ହେଲେ ଜଗନ୍ନାଥ।

ଲୋକଙ୍କୁ ନିକଟତର କରିବାର ସବୁଠାରୁ ସହଜ ଏବଂ ସରଳ ସୂତ୍ରଟି ହେଲା ତାଙ୍କୁ ସମର୍ପି ଦେବା। କହିବା ଏଇଟା ଲୋକଙ୍କର। ଖାଲି କହିଦେଲେ ତ ହେବନାଇଁ, ତାଙ୍କ ପ୍ରତି କିଛି ସମର୍ପଣ ରଖିବାକୁ ହେବ। ସେଇମିତି ଲୋକଙ୍କର ଠାକୁର ହେଲେ ଜଗନ୍ନାଥ। ସିଏ ତମ ଆମ ପରି ଦୈନନ୍ଦିନ କାର୍ଯ୍ୟ କରନ୍ତି, ତଥାପି ସିଏ ତମ ଆମ ପରି ନୁହନ୍ତି! ସତ କି ନାଇଁ? ସେଇ ସୂକ୍ଷ୍ମ ପ୍ରଭେଦଟି ହେଉଛି ମଣିଷ ଆଉ ଠାକୁର ଭିତରର ଫରକ। ସେଇ ଅମୂଲ୍ୟ ଗୁଣଧାରୀ ହୋଇଥିବାରୁ ସିଏ ଜଗତନାଥ।

ଜଗତର ନାଥ ବୋଲାଇବା ସତରେ କି ଏତେ ସହଜ? ସେ ଖାଲି ବଡ଼ ଦେଉଳ, ବଡ଼ ଦାଣ୍ଡର ମାଲିକ ନୁହନ୍ତି, ସିଏ ବଡ଼ ହୃଦୟର ଦେବତା ବଡ଼ଠାକୁର! ଏଇ ବଡ଼ ବିଚାରଟି ସିଏ ଆମକୁ କେଉଁ କାଳୁ ଦେଇଛନ୍ତି ହେଲେ ଆମେ ନିଜକୁ ଏତେ ଛୋଟ କରି ଦେଇଛେ ଯେ, ଆମେ ମାର୍କେଟିଂ ପଢିବାକୁ ଯାଇ ପଇସା ଦାଖଲ କରି 'ଥିଙ୍କ ବିଗ'ର ପାଠକୁ ଘୋଷି ହେଉଛେ କିନ୍ତୁ ବଡ଼ ଠାକୁରର ବାର୍ତ୍ତାକୁ ବୁଝି ପାରୁନେ!

ଯିଏ ତୁମ ପାଖକୁ ଆସି ପାରୁନି ତୁମେ ତା' ପାଖକୁ ଯାଅ। ଯେତେ ବଡ଼ ଲୋକ ହୋଇଥିଲେ ବି ରାସ୍ତାକୁ ବାହାରି ଆସ, ଅନେକ ଭିତରେ ଏକ ହୁଅ। ସବୁରି ସାଥିରେ ମିଶ, ସବୁରି ଶ୍ରଦ୍ଧାକୁ ସାଉଁଟି ତାଙ୍କର ସୁଖଦୁଃଖରେ ସାମିଲ ହୁଅ। ବେଶ ହୁଅ, ଶୁଦ୍ଧ ଏବଂ ସାଦା ଭୋଜନ କର, ଭାଇ ଭଉଣୀଙ୍କ ସହ ଏକାଠି ରୁହ, ମାଉସୀ ଘର ପରି ବନ୍ଧୁବାନ୍ଧବଙ୍କ ଘରକୁ ଯାଅ, ସମ୍ପର୍କ ରଖ। ଏମିତି ଏମିତି କେତେ ବାର୍ତ୍ତା ସିଏ ଦେଉନାହାନ୍ତି ଭଲା! ହେଲେ ଆମେ କି ବୁଝୁଛେ, ସିଏ ଯାହା ଦେଉଛନ୍ତି ଆମେ ତାହାକୁ ନ ନେଇ ତାଙ୍କୁ ଅଲଗା କଥାଟି ମାଗୁଛେ!



ତା'ର ହାତ ନାହିଁ! ତାକୁ ମାଗୁଛନ୍ତି ଏୟା ଦେ... ସେୟା ଦେ...! ଆରେ ବାଇମନ, ସେଇଥି ପାଇଁ ପରା ସିଏ ତୋତେ ହାତ ଦେଲେ, ତା' ସାଥିରେ ବୁଦ୍ଧି, ବିବେକ, ବିଚାର ଓ ସାହସ ଦେଲେ। ଆଉ କ'ଣ ଦେଇଥାନ୍ତେ? ତାହାକୁ ଉପଯୋଗ କରି ତୁ କ'ଣ ନ ପାଇପାରିବୁ? ସେଇ ପୁଣି ଏ ବଡ଼ ବଡ଼ ଆଖି କରି ଖୋଜିବାର, ଆବିଷ୍କାର କରିବାର ବାର୍ତ୍ତା ଦେଲେ, ତଥାପି ତତେ ତାହା ଦିଶିଲା ନାହିଁ! ସିଏ ନିଜେ ଅସମ୍ପୂର୍ଣ୍ଣ ରହି ଆମକୁ ପୂର୍ଣ୍ଣ କରିଛନ୍ତି, ତଥାପି ହେଲା ନାଇଁ ହେଲା ନାଇଁ, ମୋର କିଛି ନାଇଁ କିଛି ନାହିଁ ବୋଲି କହି ଆମେ ତାଙ୍କୁ ଆମ ନିଜ ଭିତରୁ ନିକାଲି ଦେଉଛେ। ସିଏ କହିଲେ ଅପୂର୍ଣ୍ଣତା ଭିତରେ ହିଁ ପୂର୍ଣ୍ଣତା ଅଛି, କିନ୍ତୁ ସତରେ କିଏ ଅସମ୍ପୂର୍ଣ୍ଣ ଶରୀରଧାରୀ ମଣିଷଟିଏକୁ ସେବା କରିବାକୁ ଅବା କୋଳେଇ ନେବାକୁ ଆଗ୍ରହୀ?

ବଡ଼ ଚିନ୍ତାକର, ବଡ଼ ହୁଅ ଆଗକୁ ବଢ଼ ବୋଲି ତା'ର ବାର୍ତ୍ତାକୁ କେତେଜଣ ବୁଝିଛନ୍ତି? କାଳିଆର ବଡ଼ ଦେଉଳଠୁଁ ଆହୁରି ବଡ଼ ପ୍ରାସାଦ ତୋଳି ଲୋକେ ରହିଲେଣି! ହେଲେ କାଳିଆ ପରି କେତେଜଣ ଅନ୍ୟମାନଙ୍କୁ ସେଠାକୁ ପ୍ରବେଶ କରାଇ ଆଶ୍ରା ଦେଇଛନ୍ତି? ଅନେକ ସ୍ଥାନରେ ବଡ଼ଦାଣ୍ଡପରି ଅଥବା ତା'ଠୁ ଓସାରିଆ ରାସ୍ତା ହେଲାଣି! ତଥାପି ନିଜ ଜାଗା ସାମ୍ନାରେ ଥିବା କିଛି ସରକାରୀ/ ସର୍ବସାଧାରଣ ଜାଗାକୁ ଛାଡିବାକୁ କୁଣ୍ଠକୁଣ୍ଠ! ରାଜ୍ୟସାରା ଜଗାର ଜାଗା ଓ ଜମିବାଡ଼ି ପଡିଛି। ତାହାକୁ ଲୋକେ ମାଡ଼ିବସିଛନ୍ତି, ନିଜର ବାପ ସମ୍ପତ୍ତି ପରି ସେଥିରୁ ଫଳିଥିବା ଫସଲକୁ ଖାଉଛନ୍ତି। ସେଥିରୁ ତାକୁ ଭାଗ ଦେବେ କ'ଣ ଆଉ ଦେ... ଆଉ ଦେ... ବୋଲି ମାଗିବାକୁ ଦୌଡ଼ି ଆସୁଛନ୍ତି।

ତିନି ଦିଅଁଙ୍କ ଭିତରେ ଯିଏ ତ୍ରିପଣ୍ଡ କଳା, ସିଏ ହେଉଛନ୍ତି ବଡ଼ ଠାକୁର! ବର୍ଣ୍ଣଭେଦ ବିରୋଧୀ ଏଇ ସମୟତାର ବାର୍ତ୍ତାକୁ ଆମେ କେତେଜଣ ବୁଝିଛେ? ଯଦି ବୁଝିଛେ, ତା' ହେଲେ କିଏ କଳା ବୋହୂଟିଏକୁ ସାଦରେ ସ୍ୱାଗତ କରିବାକୁ ଆଗ୍ରହୀ? ସିନେମାରେ ତା' ବର୍ଣ୍ଣର କେତେ ଅଭିନେତା/ ଅଭିନେତ୍ରୀଙ୍କୁ ଆମେ ନିଜ ହୃଦୟରେ ସ୍ଥାନ ଦେଇଛେ। ତା' ଅଦୃଶ୍ୟର ମଣିଷଙ୍କୁ ଆମେ କେତେ ଆଦର କରୁଛେ? ତା'ର ଭାବକୁ ନ ବୁଝିଲେ, ତା'ର ଇଚ୍ଛାକୁ ନ ରଖିଲେ ତାକୁ ପାଇବା କ'ଣ ଏତେ ସହଜ?

ଏମିତି କେତେ କେତେ ବାର୍ତ୍ତା ସିଏ ଦିଅନ୍ତି, ଯାହାକୁ ବର୍ଣ୍ଣନା କରିବା ପାଇଁ ଏଠାରେ ସ୍ଥାନ ନିଅଣ୍ଟ। ସିଏ ଯାହା ଚାହାନ୍ତି ଆମେ ତାହା କରୁନା, ସିଧା କହିଲେ ଆମେ ତାଙ୍କ ବୋଲ ମାନୁନା। କିନ୍ତୁ ଆମେ ଯାହା ଚାହୁଁଛୁ ସିଏ ତାହା ଦେଇଦିଅନ୍ତୁ ବୋଲି ମାନସିକ ରଖି ଆଶା କରି ତାଙ୍କ ପାଖକୁ ଧାଇଁଯାଉ। ମନେରଖିବାକୁ ହେବ, ସିଏ ଅନ୍ତର୍ଯାମୀ। ତାଙ୍କର ଇଚ୍ଛା ଯାହା ଆମେ ସେଇ ପ୍ରକାର କର୍ମ କଲେ, କଷ୍ଟକରି ଯିବା ଦରକାର ନାହିଁ ସିଏ ନିଜେ ଆମ ପାଖକୁ ଆସିବେ!

ଅତଏବ ପ୍ରଶ୍ନ ଉଠେ, ଏଠି ସେଠି ଦେଉଳ ତୋଳିଦେଲେ, ରଥଗଡ଼ି ଟାଣିଦେଲେ ତାହା ଶ୍ରୀକ୍ଷେତ୍ର ହୋଇଯିବା ଏତେ ସହଜ ଓ ସରଳ? ଏହି ପ୍ରଶ୍ନର ଉତ୍ତରଟି ହେଲା – ହଁ ତାହା ଅତି ସହଜ ଓ ସରଳ, କିନ୍ତୁ ତାହାକୁ କରାଇବା ପାଇଁ ମଣିଷ ଏଯାଏ ସେତେ ସହଜ ଓ ସରଳ ହୋଇପାରିନାହିଁ ଏବଂ ନିକଟ ଭବିଷ୍ୟତରେ ହେଲାପରି ମଧ୍ୟ ଦିଶୁନାଇଁ!

**କଳାଘର – ଲେମ୍ବୋ, ନରସିଂହପୁର, କଟକ, ମୋ: ୮୮୯୫୮୨୫୮୬୩**

## ଏଇ ଭାରତରେ

ଚାର୍ଟର୍ଡ ଆକାଉଣ୍ଟାଣ୍ଟ ସଞ୍ଜୟ ଡୋଗ୍ରାଜକା ଜନସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି। ଗୋଟିଏ ପଟେ ନିଜ ବୃତ୍ତିକୁ ଚଳାଇବା ସହ ପ୍ରତିଦିନ ଅସହାୟ ଲୋକଙ୍କୁ ୧୦ ଟଙ୍କାରେ ପେଟପୂରା ଖାଇବାକୁ ଦେଉଛନ୍ତି। ପଶ୍ଚିମ ଦିଲ୍ଲୀ ମାୟାପୁରୀର ରାସ୍ତାକଡ଼ରେ ତାଙ୍କ ଷ୍ଟଲ୍ ଖୋଲୁଛି ଦିନ ୧୨ଟାରେ ଓ ବନ୍ଦ ହେଉଛି ସାଢ଼େ ଦୁଇଟାରେ। ଏଠାରେ ଶ୍ରମିକ, ରିକ୍ସାବାଲା ଖାଉଛନ୍ତି। ପ୍ରତିଦିନ ୨୦୦–୨୫୦ ଲୋକ ଖାଉଛନ୍ତି ଏବଂ ସେମାନଙ୍କୁ ରାଜମା, ଛୋଲେ, ସୋୟା ଓ ଡାଲି ଦିଆଯାଉଛି। ଏହି କାର୍ଯ୍ୟ ପରିଚାଳନା ପାଇଁ ସଞ୍ଜୟ 'ହମାରି ଉଡାନ' ଏନ୍‌ଜିଓ ଗଠନ କରିଛନ୍ତି। ରୋଷେଇ ଓ ଖାଦ୍ୟ ପରଷିବା ପାଇଁ ଏକ ଟିମ୍ ଅଛି। ଏହାବ୍ୟତୀତ ୫ ଜଣ ରୋଷେଇରେ ଓ ଆଉ ପାଞ୍ଚଜଣ ଷ୍ଟଲରେ ରହୁଛନ୍ତି। ବହୁ ସମୟରେ ନିଜେ ସଞ୍ଜୟ ଷ୍ଟଲରେ ରହି ଖାଦ୍ୟ ଦେଉଛନ୍ତି। ପ୍ରତି ପ୍ଲେଟ ପାଇଁ ଖର୍ଚ୍ଚ ପାଖାପାଖି ୨୫ ଟଙ୍କା ହେଉଛି। ସଞ୍ଜୟ ଏହି କାମରେ ସୀମିତ ରହିନାହାନ୍ତି, ସେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଆଖି ଓ ଦାନ୍ତ ଚିକିତ୍ସା ପାଇଁ ଶିବିର ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜୁଲାଇ ୧୯୭୬

- ଭାରତରେ ଟେଲିଯୋଗାଯୋଗର ସମ୍ପ୍ରସାରଣ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଭାରତକୁ ୮ କୋଟି ଡଲାର ଋଣ ପ୍ରଦାନ।
- ଚୀନ୍‌ର ଜାତୀୟ ଗଣ କଂଗ୍ରେସ (ପାର୍ଲାମେଣ୍ଟ)ର ଚେୟାରମ୍ୟାନ୍ ମାର୍ଶାଲ ଚୁ ତେ'ଙ୍କ ୯୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସେ ନିଶ୍ଚେ ମୋହରି ତାରା ମୋ ପ୍ରାଣ–ଆଲୋକ
ମୋ ଗଗନେ ଉଇଁ ଉଠେ ନାଶି ଦୁଃଖ ଶୋକ,
ସେ ନିଶ୍ଚେ ମୋହରି ଜାତି,
ମୋର ଆକାଶର ସାଥୀ
ମୋହ ପାଇଁ ବୁଲାଏ ସେ ଚକ୍ଷୁ ତିନି ଲୋକ।
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## 'ରଥ ମନୋହର' ଏବେ ସାତ ସପନ

ମହାଶୟ,

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବେଳେ ଶ୍ରଦ୍ଧାଳୁ ଖୋଜୁଛନ୍ତି ପୁରୁଣା ସମୟର 'ରଥ ମନୋହର'। ମହାପ୍ରଭୁଙ୍କ ଅତ୍ୟନ୍ତ ପ୍ରିୟ ଏହି ଭୋଗ ନୈବେଦ୍ୟ ଏବେ ପ୍ରସ୍ତୁତ ହେଉନାହିଁ। ପରମ୍ପରା ରହିଛି ପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ବେଳେ ଶୃଙ୍ଖଳା ଭୋଗ ଅର୍ପଣ ହେବ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ରଥାରୂଢ଼ ଶ୍ରୀଜୀଉଙ୍କ ଭୋଗ ସମ୍ପର୍କରେ ବିବରଣୀ ରହିଥିଲେ ମଧ୍ୟ ଏସବୁ ଭୋଗ ତାଲିକା ଲୋପ ପାଇବାରେ ଲାଗିଛି। ସମ୍ପ୍ରତି ମନ୍ଦିର ପ୍ରଶାସନର କର୍ମଚାରୀ ସଂଖ୍ୟା ଓ ମନ୍ଦିର ସ୍ଥାୟୀ ଜମା ପରିମାଣ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। ସବୁ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିବାବେଳେ ପ୍ରଭୁଙ୍କ ରଥଯାତ୍ରା ବେଳେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ଭୋଗ ସାମଗ୍ରୀ ସଂଖ୍ୟା ହ୍ରାସ ପାଇବା ଭକ୍ତମନରେ ଆଘାତ ଦେଇଛି। ସମସ୍ତେ ଏବେ ବ୍ୟକ୍ତିଗତ ସେବା ଅଧିକାର ସାବ୍ୟସ୍ତ କରୁଥିବା ବେଳେ ପ୍ରଭୁଙ୍କ ସେବା ସଂଖ୍ୟା କିନ୍ତୁ ହ୍ରାସ ପାଇବାରେ ଲାଗିଛି। ମନେହେଉଛି ସ୍ୱତ୍ୱଲିପିର ପୃଷ୍ଠା ଭିତରେ ସୀମିତ ରହିଯାଇଥିବା ରଥ ଉପରେ ଶୃଙ୍ଖଳା ଭୋଗ ସାମଗ୍ରୀଗୁଡ଼ିକ ପୁନଃ ପ୍ରଚଳନ କରିବାରେ ପ୍ରଶାସନର ଆଗ୍ରହ ନାହିଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଲାଗି ହେଉଥିବା ବିଲୁପ୍ତପ୍ରାୟ ଭୋଗ ସାମଗ୍ରୀ ମଧ୍ୟ ସଂସ୍କୃତି, ପରମ୍ପରାର ଏକ ଅଂଶ ବିଶେଷ ଥିବାରୁ ଏହାର ସୁରକ୍ଷା ଜରୁରୀ ହୋଇପଡ଼ିଛି।

**–ହୃଷୀକେଶ ପୁହାଣ, ଥାଇଲୋ, ବାଲିକୁଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ରଥ ତଳେ ଚାପିହୋଇଥିବା ବାଳକର ମୃତ୍ୟୁ**

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ବାହୁଡ଼ା ଯାତ୍ରାବେଳେ ରବିବାର ରଥତଳେ ଚାପିହୋଇ ଗୁରୁତର ହୋଇଥିବା ୪ବାଳକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପିଙ୍କୁ ମେହେର(୧୨)। ସୋମବାର ଏହି ଖବର ପ୍ରଚାରିତ ହେବା ପରେ ବିନିକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଅପରାହ୍ନରେ ସୋମବାର ଷଷ୍ଠ ଶ୍ରେଣୀରେ ପିଙ୍କୁ ଅଧ୍ୟୟନ କରୁଥିବା ବିନିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଙ୍କ ଆତ୍ମାର ସଦ୍ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବରଗଡ଼ ଜିଲା ଭେଡେନ ବ୍ଲକ ସାନକିତା ଗ୍ରାମପଞ୍ଚାୟତ ଗୋପାଲି ଗ୍ରାମର ମୂଳବାସିନ୍ଦା ଚୌଧୁରୀ ମେହେର ଓ ରାନୀ ମେହେରଙ୍କ ପୁଅ ପିଙ୍କୁ ୮ ବର୍ଷର ଝିଅ ସହିତ ବିନିକାରେ ବ୍ୟବସାୟ କରି ରହୁଥିଲେ।

# ଭାଜପା ବିଧାୟକଙ୍କ ବିରୋଧରେ ମହିଳା କମିଶନଙ୍କୁ ସ୍ମାରକପତ୍ର ଦେଲା ବିଜେଡି

ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)

ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଭାଜପା ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଏକପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିଶନଙ୍କ ପାଖରେ ଅଭିଯୋଗ ଦାଖଲ କରିଛନ୍ତି। ଏହା ପୂର୍ବରୁ ମହିଳା ଥାନାରେ ଲେଖାଶ୍ରୀ ଏକ ଏଫଆଇଆର ଦାଖଲ କରିଥିଲେ, ଯାହା ପଞ୍ଜୀକୃତ ହୋଇଛି। ଦଳର ସାଧାରଣ ସମ୍ପାଦିକା ସୁଲୁଚି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ମହିଳା କମିଶନଙ୍କ ଅଫିସକୁ ଯାଇ ଦଳର ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନାଳିଜି ବିଧାୟକ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ମହିଳା କମିଶନଙ୍କ ଉପସ୍ଥିତିରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଖଟୁଆଙ୍କ ମନ୍ତବ୍ୟ କେବଳ ଲେଖାଶ୍ରୀଙ୍କ ସମ୍ମାନ ଉପରେ ନୁହେଁ ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ସ୍ମାରକପତ୍ର ପ୍ରଦାନ ପରେ ଗଣମାଧ୍ୟମକୁ ନିଜର ମନ୍ତବ୍ୟ ଦେଇ ସୁଲୁଚି ସାହୁ କହିଛନ୍ତି, ରାଜ୍ୟରେ ଗତ ଏକ ବର୍ଷର ଭାଜପା ଶାସନରେ ନାରୀମାନଙ୍କ ଉପରେ ଅତ୍ୟାଚାର ଓ ବଳାତ୍କାର ଅହେତୁକ ବୃଦ୍ଧି ପାଇଛି। ସରକାରୀ ଦଳର ବିଧାୟକ ହୋଇ ନାରୀ ଜାତି ପ୍ରତି ଏପରି ଅଶାଳୀନ ମନ୍ତବ୍ୟ ଅପରାଧୀ ମନସ୍ତତ୍ତ୍ୱକୁ ଦର୍ଶାଇବା ସହିତ ଅପରାଧୀଙ୍କ ମନୋବଳକୁ ବୃଦ୍ଧି କରୁଛି। ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସରକାର ଆଦୌ ତତ୍ପର ନାହାନ୍ତି। ଗତ ବର୍ଷେ ହେଲାଣି ରାଜ୍ୟ ମହିଳା କମିଶନ ପଦବୀ ମଧ ଖାଲିପଡ଼ିଛି ବୋଲି ସେ କହିଛନ୍ତି।

# ମଝିଘରିଆଣୀଙ୍କ ୯ ହୁଣ୍ଡିରୁ ମିଳିଲା ୧ କୋଟି ୪ ଲକ୍ଷ

ରାୟଗଡ଼ା,୭।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ୯ଟି ହୁଣ୍ଡି ସୋମବାର ଖୋଲାଯାଇ ଗଣତି କରାଯାଇଛି। ହୁଣ୍ଡିରୁ ନଗଦ ୧ କୋଟି ୪ ଲକ୍ଷ ୩୭ ହଜାର ୯୬୩ ଟଙ୍କା ସହିତ ୩୮ ଗ୍ରାମ ସୁନା ଓ ୨୫୦୫ ଗ୍ରାମ ରୁପା ବାହାରିଥିବା ଜଣାପଡ଼ିଛି। ଏଥିସହିତ ୫ଟି ଦେଶର ୧୨ଟି ବିଦେଶୀ ନୋଟ୍ ମଧ ବାହାରିଛି। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି। ସୋମବାର ସକାଳ ୯ଟାରେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଦୀର୍ଘ ୮ ଘଣ୍ଟା ଧରି ଗଣତି ହୋଇଥିଲା। ଏହା ପୂର୍ବରୁ ଜାନୁଆରୀ ୨୭ରେ ହୁଣ୍ଡିରୁ ନଗଦ ୯୪ ଲକ୍ଷ ୪୧ ହଜାର ୫୪ ଟଙ୍କା ସହିତ ୩୩ଗ୍ରାମ ସୁନା ଓ ୨୧୬୦ ଗ୍ରାମ ରୁପା ବାହାରିଥିଲା। ଏଥିସହିତ ବିଭିନ୍ନ ପ୍ରକାର ୧୨ଟି ବିଦେଶୀ ନୋଟ ମଧ ବାହାରିଥିଲା।

# ୪୧ ବିଭାଗରେ ୯୪,୮୫୪ ପଦବୀ ଖାଲି

ଭୁବନେଶ୍ୱର,୭।୭(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ପଦକୁ ଶୀଘ୍ର ପୂରଣ କରାଯିବ ବୋଲି ସେନେଇ ସରକାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବାରମ୍ବାର ସମୀକ୍ଷା କରାଯାଉଥିଲେ ହେଁ କେତେକ ବିଭାଗ ଏକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଥିବାରୁ ସରକାରଙ୍କ ପକ୍ଷରୁ ଚଳିତମାସ ୪ରେ ସବୁ ବିଭାଗକୁ ପତ୍ର ଲେଖାଯାଇ ସଦ୍ୟତମ ତଥ୍ୟ ଲୋଡ଼ାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକ ସବୁ ବିଭାଗକୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ସରକାରଙ୍କ ନିଯୁକ୍ତି ପୋର୍ଟାଲରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଯୁକ୍ତି ସମ୍ପର୍କିତ ତଥ୍ୟ ଅପ୍‌ଲୋଡ୍ କରିବାକୁ ହେବ। ସେ ପୁଣି ଦର୍ଶାଇଛନ୍ତି, ଚଳିତମାସ ପହିଲାରେ ମୁଖ୍ୟ ସଚିବ ବ୍ୟକ୍ତିଗତ ଭାବେ ଏନେଇ ନୋଟ୍ ଲେଖି କେଉଁ ବିଭାଗରେ କେତେ ଖାଲି ପଦ ରହିଛି ତା'ର

**■ ସଦ୍ୟତମ ନିଯୁକ୍ତି ତଥ୍ୟ ଲୋଡ଼ିଲେ ସରକାର**

ବାସ୍ତବ ତଥ୍ୟ ଜାଣିବାକୁ ଚାହିଁଛନ୍ତି। ସରକାରଙ୍କ ପକ୍ଷରୁ ଚଳିତ ସପ୍ତାହରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଏହାପୂର୍ବରୁ ସମସ୍ତ ବିଭାଗ ଯେପରି ସେମାନଙ୍କ ନିଯୁକ୍ତି ସଂକ୍ରାନ୍ତ ତଥ୍ୟ ପୋର୍ଟାଲରେ ଅପ୍‌ଲୋଡ୍ କରିବେ ସେଥିପାଇଁ ପୁଣି ଦେବାକୁ ଅତିରିକ୍ତ ସଚିବ ଦର୍ଶାଇଛନ୍ତି। ଏହାସହିତ ସେ କହିଛନ୍ତି, କେଉଁ ବିଭାଗରେ କେତେ ମୂଳ ପଦବୀ ରହିଛି, ସେଥିରୁ କେତେ ଖାଲିରହିଛି, ଉକ୍ତ କ୍ଷମତାସମ୍ପନ୍ନ କମିଟି କେତୋଟି ପଦବୀକୁ ଅନୁମୋଦନ ଦେଇଛି ଏବଂ ଆଉ କେତେ ପାଇଁ କମିଟିର ଅନୁମୋଦନ ଆବଶ୍ୟକ ତାହା ଉପରେ ପୂର୍ଣ୍ଣାଙ୍ଗ ବିବରଣୀ ଦର୍ଶାଇବାକୁ ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତଥ୍ୟ ଅନୁଯାୟୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୧ ଲକ୍ଷ ୫୮ ହଜାର ୬୪୫ ମଞ୍ଜୁରପ୍ରାପ୍ତ ମୂଳ ପଦ ରହିଥିବାବେଳେ ସେଥିରୁ ୨୧ ହଜାର ୬୦୮ ପଦବୀ ଖାଲିରହିଛି। ୧୧ ହଜାର ୨୦୦ ପଦକୁ ପୂର୍ବରୁ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଅନୁମୋଦନ ଦେଇଛି। ଅବଶିଷ୍ଟ ପଦବୀ ଅନୁମୋଦନ ଅପେକ୍ଷାରେ ଥିବାବେଳେ ୭୫୩୨ ପଦ ପୂରଣ ପ୍ରକ୍ରିୟା ଭିତରେ ରହିଛି। ସେହିପରି ଗୃହ ବିଭାଗରେ ୫୯ ହଜାର ୫୨୦ ପଦବୀ ମଧ୍ୟରୁ ୧୪ ହଜାର ୧୯୨ଟି ଖାଲିରହିଛି। ୧୧୧୭ଟି ପଦକୁ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଅନୁମୋଦନ ଦେଇସାରିଛି। ୧୨,୩୦୦ ପଦବୀ ପାଇଁ ଅନୁମୋଦନର ଆବଶ୍ୟକତା ନ ଥିବାବେଳେ ୯୬୩ ପଦ ନିଯୁକ୍ତି ପ୍ରକ୍ରିୟାରେ ରହିଛି। ସେହିଭଳି ସ୍ୱାସ୍ଥ୍ୟ ବିଭାଗରେ ୧୧ ହଜାର ୩୧୬ ପଦ ଖାଲି ରହିଥିବାବେଳେ ରାଜସ୍ୱରେ ୫୩୩୧, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୪୨୦୫, କୃଷି ବିଭାଗରେ ୩୧୨୪ ପଦବୀ ଖାଲିପଡ଼ିଛି। ରାଜ୍ୟ ସରକାରଙ୍କ ସମସ୍ତ ୪୧ଟି ବିଭାଗରେ ୩ ଲକ୍ଷ ୮୭ ହଜାର ୭୦୭ ମଞ୍ଜୁର ପଦ ରହିଥିବାବେଳେ ୯୪ ହଜାର ୮୫୪ ପଦବୀ ଖାଲିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଖାଦ୍ୟ ଯୋଗାଣ, ବିଜ୍ଞାନ ଓ କାରିଗରି, ଶିଳ୍ପ ଓ ସାଧାରଣ ଉଦ୍ୟୋଗ ଭଳି କେତେକ ବିଭାଗର ଖାଲି ପଦ ପୂରଣ ପ୍ରକ୍ରିୟା ଭିତରେ ନ ଥିବା ଭଳି ପରିଲକ୍ଷିତ ହେଉଛି।

# ବଦଳିଲେ ୯ ବରିଷ୍ଠ ଡାକ୍ତର

ଭୁବନେଶ୍ୱର,୭।୭(ରବିନାରାୟଣ ଜେନା)

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋମବାର ବରିଷ୍ଠ ଡାକ୍ତର ଓ ଅଧିକାରୀଙ୍କ ଅଦଳବଦଳ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଚିତ୍ରା ଦାସଙ୍କୁ ପଦୋନ୍ନତିସ୍ୱରୂପ ଉକ୍ତ କଲେଜର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଉକ୍ତ କଲେଜର କମ୍ୟୁନିଟି ମେଡିସିନ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ପଦରେ ଅବସ୍ଥାପିତ କରାଯାଇଥିବାବେଳେ ନିଶ୍ଚେତକ ପ୍ରଫେସର ଡା. ହରେକୃଷ୍ଣ ଦଳାଇଙ୍କୁ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ହସ୍ପିଟାଲର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଏର୍ଥୋପେଡିକ୍ସ ଏମ୍‌ଏସ୍‌ଟି ପ୍ରଫେସର ଡା. ଗୀତା ସାହୁଙ୍କୁ ସୁନ୍ଦରଗଡ଼ ଜିଏମ୍‌ସିର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଫେସର ଡା. ଶୁଭ୍ର ଘୋଷଙ୍କୁ ଏର୍ଥୋପେଡିକ୍ ଏବଂ ଗାଇନିକ୍ ପ୍ରଫେସର, ବାଲେଶ୍ୱରରେ ଥିବା ପ୍ରଫେସର ଡା. ବରୁଣ ଦାସଙ୍କୁ ବଲାଙ୍ଗିର ଭିମ୍ସ ମେଡିକାଲ କଲେଜ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ, ନିର୍ମଳ ଚନ୍ଦ୍ର ସାହୁଙ୍କୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ, ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁଙ୍କୁ ପୂର୍ବବତ୍ ଅବସ୍ଥାପିତ କରାଯାଇଥିବାବେଳେ ଡିରେକ୍ଟର ଅତିରିକ୍ତ ପ୍ରଫେସର ଡା. ବ୍ରଜକିଶୋର ଦାଶଙ୍କୁ ବାରିପଦା ଏମ୍‌ଏମ୍‌ସିର ପ୍ରଫେସର ଭାବେ ଅବସ୍ଥାପିତ କରାଯାଇଛି।

# ବୌଦ୍ଧ ବିଧାୟକଙ୍କ ନାଁରେ ମିଥ୍ୟା ସତ୍ୟପାଠ ମାମଲା

ବୌଦ୍ଧ,୭।୭(ଅଜିତ କୁମାର ବାରିକ)

ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ୨୦୨୪ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ପକ୍ଷରୁ ବୌଦ୍ଧ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଗତ ଏପ୍ରିଲ ୨୬ରେ ଏକ ମାମଲା (ନଂ.୨/୨୦୨୫) ରୁଜୁ ହୋଇଛି। ବୌଦ୍ଧ ସର୍କିଟ ହାଉସ୍‌ରେ ସୋମବାର ବିଜେଡିପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

## ଜାତୀୟ ଖବର

# ଖଲିସ୍ତାନୀ ଆତଙ୍କବାଦୀ ହାପି ପାସିଆଙ୍କୁ ପ୍ରତ୍ୟର୍ପଣ କରିପାରେ ଆମେରିକା

ଚଣ୍ଡିଗଡ଼,୭।୭

ପଞ୍ଜାବରେ ୧୪ଟି ଗ୍ରେନେଡ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଖଲିସ୍ତାନୀ ଆତଙ୍କବାଦୀ ହାପି ପାସିଆଙ୍କୁ ଆମେରିକା ଭାରତକୁ ପ୍ରତ୍ୟର୍ପଣ କରିପାରେ ବୋଲି ଜଣାପଡ଼ିଛି। ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟରରୁ ଖଲିସ୍ତାନୀ ଆତଙ୍କବାଦୀ ହୋଇଥିବା ହାପି ପାସିଆ ଓରଫ ହରପ୍ରୀତ୍ ସିଂ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ) ସହ ସମ୍ପୃକ୍ତ। ତାଙ୍କର ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ଯୋଗାଯୋଗ ରହିଛି। ତାଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ଭାରତୀୟ ସୁରକ୍ଷା ସଂସ୍ଥା କରିଥିବା ଅନୁରୋଧକୁ ଆମେରିକା କର୍ତ୍ତୃପକ୍ଷ ଅନୁମୋଦନ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ସରକାରୀ ଭାବେ ଏହା ସ୍ପଷ୍ଟ ହୋଇନାହିଁ। ଅବସରପ୍ରାପ୍ତ ଏସ୍‌ପି ଜଶକିରଟ ସିଂ ଚହଲଙ୍କୁ ଟାର୍ଗେଟ କରି ଗତବର୍ଷ ସେପ୍ଟେମ୍ବରରେ ଚଣ୍ଡିଗଡ଼ର ସେକ୍ଟର ୧୦ରେ ଥିବା ତାଙ୍କ ଘର ଉପରେ ୨ ଯୁବକ ଗ୍ରେନେଡ୍ ମାଡ଼ କରିଥିଲେ। ୧୯୮୬ରେ ଜଶକିରଟ ନକୋଦରରେ ଷ୍ଟେଶନ ହାଉସ୍ ଅଫିସର ଥିବାବେଳେ ପୋଲିସ ଗୁଳିରେ ୪ ଶିଖ୍ ବିକ୍ଷୋଭକାରୀ ନିହତ ହୋଇଥିବାରୁ ତାଙ୍କୁ ଟାର୍ଗେଟ କରାଯାଇଥିଲା। ୨୦୨୦ରେ ପାସିଆ ଜାଲ୍ ପରିଚୟରେ ବ୍ରିଟେନ୍‌କୁ ଖସି ପଳାଇବା ପରେ ସେଠାରେ କିଛି ମାସ ରହି ୨୦୨୧ରେ ବେଆଇନ ଭାବେ ମେକ୍ସିକୋ ସୀମା ଦେଇ ଆମେରିକାରେ ପ୍ରବେଶ କରିଥିଲେ। ସେଠାରୁ ସେ ଆତଙ୍କବାଦୀ କାର୍ଯ୍ୟ ପରିଚାଳନା କରୁଥିଲେ। ଗତ ଏପ୍ରିଲ ୧୭ରେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ଏବଂ ଏନ୍‌ଫୋର୍ସମେଣ୍ଟ ଆଣ୍ଡ ରିମୁଭାଲ ଅପରେଶନ୍ସ (ଇଆର୍‌ଓ) ତାଙ୍କୁ ସାକ୍ରାମେଣ୍ଟୋରୁ ଗିରଫ କରିଥିଲେ।



ହାପି ପାସିଆ

# ଗୁଣିଗାରେଡି ସନ୍ଦେହରେ ପରିବାରର ୫ ଜଣଙ୍କୁ ହତ୍ୟା

ପୂର୍ଣ୍ଣିଆ,୭।୭(ପି.ଟି.)

ବିହାରର ପୂର୍ଣ୍ଣିଆ ଜିଲାର ଟେଟ୍‌ମା ଗ୍ରାମରେ ରବିବାର ଗୁଣିଗାରେଡି ସନ୍ଦେହରେ ଗୋଟିଏ ପରିବାରର ୫ ଜଣଙ୍କୁ ହତ୍ୟା କରାଯାଇଛି। ମୃତକଙ୍କ ମଧ୍ୟରେ ୩ ମହିଳା ରହିଛନ୍ତି। ଘଟଣାକୁ ନେଇ ସୋମବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗ୍ରାମର ଏକ ପରିବାର ଗୁଣିଗାରେଡି କରୁଥିବାରୁ ଗାଁରେ ରୋଗ ବ୍ୟାପିବା ସହ କିଛି ଦିନ ମଧ୍ୟରେ ଅନେକଙ୍କ ମୃତ୍ୟୁ ଘଟୁଥିବା ନେଇ ଗ୍ରାମବାସୀ ସନ୍ଦେହ କରୁଥିଲେ। ରବିବାର ରାତିରେ ଗ୍ରାମର ୩୦ରୁ ୪୦ ଲୋକ ଏକାଠି ହୋଇ ଉକ୍ତ ପରିବାରର ୫ ସଦସ୍ୟଙ୍କୁ ମାଡ଼ ମାରି ହତ୍ୟା କରିଥିଲେ। ଏହାପରେ ସେମାନେ ଟ୍ରାକ୍ଟର ଯୋଗେ ମୃତଦେହଗୁଡ଼ିକୁ ନିକଟସ୍ଥ ବୁଦାକୁ ନେଇ ସେଠାରେ ପୋଡ଼ିଦେଇଥିଲେ। ଘଟଣାକୁ ନେଇ ପୋଲିସର ଅନୁଧାନ ଜାରି ରହିଛି।

# ମହରମ ଶୋଭାଯାତ୍ରା ବେଳେ ସଂଘର୍ଷ

**ସିଆର୍‌ପିସିର ଧାରା ୧୪୪ ଜାରି**

ପାଲାମୁ, ୭।୭

ଝାଡ଼ଖଣ୍ଡର ପାଲାମୁ ଜିଲାର ପାଟନସ୍ଥିତ ପାଲ୍‌ହେ ଗ୍ରାମରେ ରବିବାର ମହରମ ଶୋଭାଯାତ୍ରା ଚାଲିଥିବା ବେଳେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଦେଖାଦେଇ ୩ ଜଣ ଆହତ ହୋଇଥିଲେ। ଫଳରେ ସୋମବାର ସକାଳ ୬ଟାରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ପାଲ୍‌ହେ ଗ୍ରାମରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ (ପୂର୍ବରୁ ସିଆର୍‌ପିସିର ଧାରା ୧୪୪) ଅନୁଯାୟୀ ସତର୍କତାମୂଳକ ନିଷେଧାଦେଶ ଜାରି କରାଯାଇଛି ବୋଲି ପାଲାମୁ ଡେପୁଟି କମିଶନର ସମୀରା ଏସ୍ କହିଛନ୍ତି। ଘଟଣାରେ ସମ୍ପୃକ୍ତ ଲୋକଙ୍କୁ ଚିହ୍ନଟ କରାଯାଉଛି ଏବଂ ଆହତମାନଙ୍କର ବୟାନ ରେକର୍ଡ କରାଯାଉଥିବା ସେ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 17-SBP-TRD-OT-2025-26, ତା. 01.07.2025 ରିଖ

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ - ଥେରୁବାଲି ସେକ୍ସନରେ କି.ମି. 205/27-29 ଠାରେ ଟିଟିଲାଗଡ଼ - କେସିଙ୍ଗା ମଧ୍ୟରେ ମାନବଯୁକ୍ତ ଲେବୁଲ କ୍ରସିଂ ଫାଟକ RV-163 ର ଇଣ୍ଟରଲକିଂ ଏବଂ 20 ହଜାରରୁ ଅଧିକ TVU ଥିବା ଲେବୁଲ କ୍ରସିଂ ଫାଟକ (RV-164, ST-63)ର ଇଣ୍ଟରଲକିଂ" କାର୍ଯ୍ୟ ସହିତ ଜଡ଼ିତ TRD ସମ୍ବନ୍ଧୀୟ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (₹): 42,72,739.11, EMD (₹) : 85,500.00, ଶେଷ ହେବା ଅବଧି : 09 ମାସ ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.23.07.2025ରିଖ 1530 ଘଟିକା।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-328/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ବିଭାଗୀୟ ମୂଲ୍ୟ; ଅମାନତ ରାଶି ନିମ୍ନ ଅନୁଯାୟୀ ଅଟେ: ୧); ସିଓଏମ୍‌୫୪-ଏଏମ୍‌ଏନ୍-ଆର୍‌ଓୟୁ-ପିଏଚ୍-୨୫ ତାରିଖ:୦୧।୦୭।୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ରାଉରକେଲା ରେଳ ଷ୍ଟେଶନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ । ₹୮୧,୩୭,୯୨୩.୨୦; ₹୧,୬୨,୮୦୦.୦୦; ୨); ସିଓଏମ୍‌୫୪-ଏଏମ୍‌ଏନ୍-ଟିଏଟିଏ-ପିଏଚ୍-୨୫ ତାରିଖ:୦୧।୦୭।୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ଟାଟାନଗର ରେଳ ଷ୍ଟେଶନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ । ₹୧,୭୦,୭୨,୯୪୮.୦୦; ₹୨,୩୫,୪୦୦.୦୦; ୩); ସିଓଏମ୍‌୫୪-ଏଏମ୍‌ଏନ୍-ଜେଏସ୍‌ଜି-ପିଏଚ୍-୨୫ ତାରିଖ:୦୧।୦୭।୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ଝାରସୁଗୁଡ଼ା ରେଳ ଷ୍ଟେଶନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ । ₹୫୨,୨୦,୧୦୫.୯୦; ₹୧,୦୪,୪୦୦.୦୦; ୪); ସିଓଏମ୍‌୫୪-ଏଏମ୍‌ଏନ୍-ସିକେପି-ପିଏଚ୍-୨୫ ତାରିଖ:୦୧।୦୭।୨୦୨୫; ପରିଣାମ ଭିତ୍ତିରେ ୭୩୦ ଦିନ ଅବଧି ପାଇଁ ଚକ୍ରଧରପୁର ରେଳ ଷ୍ଟେଶନରେ ଶ୍ରମିକ, ପାର୍ସଲ ଟ୍ରଲି ଓ ହାଇଡ୍ରୋଲିକ୍ ହ୍ୟାଣ୍ଡ ପ୍ୟାଲେଟ୍ ଟ୍ରକ୍ ବ୍ୟବହାର କରି ପାର୍ସଲ ହ୍ୟାଣ୍ଡଲିଂ । ₹୨୮,୨୮,୧୮୭.୯୦; ₹୫୬,୬୦୦.୦୦; ୫); ସିଓଏମ୍‌୮୧-ଟିଟିଆର୍‌ଆର୍-ଜେଏସ୍‌ଜି-ଆର୍‌ଓୟୁ-୨୫ ତାରିଖ: ୦୨।୦୭।୨୦୨୫; ପରିଣାମ ଭିତ୍ତିରେ ୧୦୯୬ ଦିନ ଅବଧି ପାଇଁ ରାଉରକେଲା ଓ ଝାରସୁଗୁଡ଼ା ରେଳ ଷ୍ଟେଶନଠାରେ ଟିଟିଇ ରେଷ୍ଟ ରୁମ୍‌ର ରକ୍ଷଣାବେକ୍ଷଣ ଓ ଦେଖାରଖା; ₹୧,୧୧,୩୫,୨୨୮.୪୮; ₹୨,୦୫,୭୦୦; ୬); ସିଓଏମ୍‌୮୧-ଟିଟିଆର୍‌ଆର୍-ସିକେପି-ଟିଏଟିଏ-୨୫ ତାରିଖ: ୦୨।୦୭।୨୦୨୫; ପରିଣାମ ଭିତ୍ତିରେ ୧୦୯୬ ଦିନ ଅବଧି ପାଇଁ ଟାଟାନଗର ଓ ଚକ୍ରଧରପୁର ରେଳ ଷ୍ଟେଶନଠାରେ ଟିଟିଇ ରେଷ୍ଟ ରୁମ୍‌ର ରକ୍ଷଣାବେକ୍ଷଣ ଓ ଦେଖାରଖା; ₹୯୬,୦୯,୭୭୧.୮୪; ₹୧,୯୨,୨୦୦.୦୦; ଟେଣ୍ଡର ଫର୍ମ ମୂଲ୍ୟ: ୫,୦୦୦ (କ୍ର.ସଂ. ୧–୩ ଓ ୫–୬ ପାଇଁ); ୩,୦୦୦ (କ୍ର.ସଂ. ୪ ପାଇଁ) । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୩.୦୭.୨୦୨୫ ୧୫.୩୦ ଘଟିକା (କ୍ର.ସଂ. ୧ ରୁ ୪ ପାଇଁ) ଏବଂ ୨୪.୦୭.୨୦୨୫ ୧୫.୩୦ ଘଟିକା (କ୍ର.ସଂ. ୫ ଓ ୬ ପାଇଁ); ୱେବ୍‌ସାଇଟ୍ ବିବରଣୀ: www.ireps.gov.in (କ୍ର.ସଂ. ୧ ଓ ୬ ପାଇଁ) ।

(PR-363)



No.CAD-964

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No. IDCO:H.O./P&C/EST/E-2923/01/2025/19026 Dated : 30.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Converting the entire median to Road in Surge Protection Embankment at Paradeep, Jagatsinghpur District, Odisha
2. Value of the work : Rs.1754.20 Lakhs
3. Period of completion : 08 (Eight) Calendar months
4. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/EST/E-23/ 2025-26 | 10.07.2025 at 17.00 Hrs. | 25.07.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C) IDCO, Bhubaneswar

OIPR-14003/11/0189/2526



**TPNODL**

**TP Northern Odisha Distribution Limited**

(A Tata Power & Odisha Govt. Joint Venture)
Regd. Off: Corp. Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) July 8th, 2025**

**TP Northern Odisha Distribution Limited** invites tender from eligible bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500000989 | RC for Housekeeping and Facility management services at all Circle of PAN TPNODL |
| 2 | TPNODL/OT/2025-26/2500000974 | Rate Contract for Electrification of Households in Mayurbhanj & Keonjhar districts through Solar PV standalone system |
| 3 | TPNODL/OT/2025-26/3000000082 | RC for WhatsApp Business API Solution for TPNODL for 1 year |
| 4 | TPNODL/OT/2025-26/ 3000000077 | RC for Pest Control Services across TPNODL for a period of 1 year |
| 5 | TPNODL/OT/2025-26/ 2500001008 | Rate Contract of 1 year for supply of Hardware Fittings |

* MSMEs registered in the State of Odisha shall pay tender fee of Rs. 1,000/- including GST.
* * EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts &MM**



**TENDER NOTICE**

**No. MM-115:-** Sealed tenders are invited from the intending purchasers for sale of confiscated vehicles of the following description on "as is where is basis" presently available in the campus noted against each so as to reach the office of the Divisional Forest Officer, Keonjhar Wildlife Division, Anandapur by 05.30 PM on 22.07.2025. The tender will be opened on 23.07.2025 at 11.00 AM.

The tender paper along with terms and conditions of the tender can be obtained from the office of the undersigned from 10.00 AM dated 08.07.2025 to 05.30 PM dated 21.07.2025 on any working day during working hours of the Divisional Forest Officer, Keonjhar Wildlife Division, Anandapur on submission of a Bank Draft/ Bankers Cheque of Rs. 100/- (Rupees one hundred) only drawn in favour of the Divisional Forest Officer, Keonjhar Wildlife Division, Anandapur payable at SBI Branch, Anandapur. For further details the undersigned may be contacted.

| Sl No. | Name of vehicle | Registration No. | Place of storage |
|---|---|---|---|
| 1 | Commander Jeep | OR-22-3529 | Kathakata |
| 2 | Tata 207 DI | OR-09F-6289 | Kathakata |
| 3 | Tata 207 DI | WB-39-9722 | Kathakata |
| 4 | Bolero | OR-02N-9687 | Kathakata |
| 5 | Bolero DI | OR-05K-6907 | Kathakata |
| 6 | Tata Spacio | OR-02M-8021 | Kathakata |
| 7 | Bolero | OR-09G-4039 | Kathakata |
| 8 | Maruti 800 | WB-02G-3616 | Kathakata |
| 9 | Tata Xenon PickupWhite Colour | OD-09D-1945 | Kathakata |
| 10 | Mini Truck | OR-01-3579 | Anandapur |
| 11 | Bolero White Colour | OR-09U-4015 | Anandapur |
| 12 | Ashok Leyland Truck | OD-29C-8396 | Hadagarh |
| 13 | Commander Jeep | OR-09B-6282 | Deogaon |
| 14 | Tractor & Trolly | OR-04B-9529/9530 | Deogaon |
| 15 | TVS Motor Cycle | Engine No.- 9205M326892 | Deogaon |
| 16 | Bajaj Champion | OR-04A-1654 | Deogaon |
| 17 | Tractor & Trolly | OR-09-4213, OR-09-4214 | Deogaon |
| 18 | Tata 207 DI | Engine No.-26240115 Chassis No. 374463CTZ912002 | Deogaon |
| 19 | Bolero | OR-09G-9014 | Deogaon |
| 20 | Yamha Rx 100 Engine No. 111035338 | Engine No. 111035338 | Deogaon |
| 21 | Bajaj Classic Scooter | Not Visible | Deogaon |
| 22 | Suzuki Samurai | OR-04A-0843 | Deogaon |
| 23 | Bajaj CT 100 | OR-A2-2271 | Deogaon |
| 24 | Hero Honda Passion Plus | OR-09G-5381 | Deogaon |
| 25 | Max Maxi Truck | OR-09H-9215 | Deogaon |
| 26 | Hero Honda Passion Pro | OR-07-5852 | Deogaon |
| 27 | Suzuki Max 100 Motor Cycle | Engine No.I204M266869 Chassis No.1204F211127 | Deogaon |
| 28 | Bajaj Scootor | OR-04B-3503 | Deogaon |
| 29 | Suzuki Max 100 Motor Cycle | OR-04B-4787 | Deogaon |
| 30 | Hero Honda Passion Plus | Not Visible | Deogaon |
| 31 | Hero Honda Splender Plus | OD-05AF-9304 | Deogaon |
| 32 | Hero Honda Splender Plus | OR-05T-1019 | Deogaon |
| 33 | Hero Honda Splender Plus | OR-04C-2241 | Deogaon |
| 34 | Hero Honda Splender Plus | Not Visible | Deogaon |
| 35 | Hero Honda Splender Plus M/C | Not Visible | Deogaon |
| 36 | Hero Honda Splender Plus M/C | Not Visible | Deogaon |
| 37 | Hero Honda Glamor | OR-09J-8763 | Deogaon |
| 38 | Hero Honda Splender Plus | Chassis No.MBLHA10EJ8HH07213 | Deogaon |
| 39 | Hero Honda Passion Plus | Chassis No.04C0961502 | Deogaon |
| 40 | Tata Magic | OD-04A-1027 | Deogaon |
| 41 | Marshal | OR-04B-9035 | Hadagarh |
| 42 | Truck | OR-09-7451 | Hadagarh |
| 43 | XENON Pick up | OD-22A-0746 | Hadagarh |
| 44 | Hero Honda Motor Cycle | OR-04G-5105 | Brahmanipal |
| 45 | Suzuki Motor Cycle | OR-04A-5177 | Brahmanipal |
| 46 | Hero Honda Splender plus | OR-05M-1029 | Brahmanipal |
| 47 | Tata 207 DI Pickup Van | Engine No.WZ934149 Chassis No.374415AUZ900725 | Brahmanipal |
| 48 | Hero Honda Splender Plus | 0R-04D-1525 | Brahmanipal |
| 49 | Hero Honda Passion Pro | OR-07T-0556 | Brahmanipal |
| 50 | Hero Honda Passion Plus | OR-04H-6263 | Brahmanipal |
| 51 | Hero Honda Splender Plus | OR-09N-7996 | Brahmanipal |
| 52 | Hero Honda Splender Plus | Ch. No. MBLHA10EJ8GB02462 | Brahmanipal |
| 53 | Hero Honda Splender Plus | OR-09B-9424 | Brahmanipal |
| 54 | Tata Tipper | OR-09P-2638 | Brahmanipal |
| 55 | Bajaj Discover | OR-04Q-0064 | Brahmanipal |
| 56 | Hero Honda Splender Plus | CH. No.06K16C01776 | Brahmanipal |
| 57 | Hero Honda Splender Plus | OR-05Z-9859 | Brahmanipal |
| 58 | Hero Honda Splender Plus | OR-05-9758 | Brahmanipal |
| 59 | Hero Honda Passion Plus | OR-04J-6521 | Brahmanipal |
| 60 | Hero Honda Passion Plus | OR-22C-1795 | Brahmanipal |
| 61 | Hero Honda Passion Plus | OR-05Y-1189 | Brahmanipal |
| 62 | Motor Cycle | Chassis No.BFBGJ46401 | Brahmanipal |
| 63 | Hero Honda Passion Plus | OR-07L-0556 | Brahmanipal |
| 64 | Hero Honda Passion Plus | OD-22A-9755 | Brahmanipal |
| 65 | Hero Honda Splender Plus | OD-08C-8704 | Brahmanipal |
| 66 | Hero Honda Passion Plus | Not Visible | Brahmanipal |
| 67 | Hero Honda Splender Plus | Not Visible | Brahmanipal |
| 68 | Hero Honda Splender Plus | OR-09N-1541 | Brahmanipal |
| 69 | TVS Max 100 Motor Cycle | Not Visible | Brahmanipal |
| 70 | Hero Honda Splender | OR-04E-3792 | Brahmanipal |
| 71 | Hero Honda Passion Plus Black & Blue | Not Visible | Brahmanipal |
| 72 | Hero Honda Splender Plus Red Colour | Not Visible | Brahmanipal |
| 73 | Hero Honda CD Deluxe | Not Visible | Brahmanipal |
| 74 | Hero Honda CD Deluxe Black & Red Colour | OR-02BJ-7550 | Brahmanipal |
| 75 | Hero Honda Splender Plus | Not Visible | Brahmanipal |
| 76 | Hero Honda CD Deluxe | Not Visible | Brahmanipal |
| 77 | Hero Honda Passion Plus | OR-05AE-2051 | Brahmanipal |

OIPR-08147/11/0012/2526

**Sd./- Divisional Forest Officer, Keonjhar Wildlife Division, Anandapur**



**FORM NO. 13**

**BEFORE THE DEBTS RECOVERY TRIBUNAL, CUTTACK, ORISSA C-71, SECTOR-7, CDA, CUTTACK, ODISHA.**

**O.A.No. 527/2024**

**Bank of Maharashtra, BBSR Branch** ....................Applicant

**Versus**

**Biswaranjan Maharana & Others** ..............Defendant(s)

**To,**

**D-1) Mr. Biswaranjan Maharana,** S/o: Krutibash Maharana, Plot No.: 201/A, Ground Floor, Sai Bijay Palace, Po: Jharpada, Bhubaneswar, Odisha (Borrower).

**D-2) Mrs. Rashmita Maharana,** W/o: Mr. Biswaranjan Maharana, Plot No.: 201/A, Ground Floor, Sai Bijaya Palace, Po: Jharpada, Bhubaneswar, Odisha (Co-Borrower cum Guarantor).

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A.No. 527/2024** in the court of the Debts of Recovery Tribunal, Cuttack for recovery of **Rs.20,05,440/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the publication or **on 16.07.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **7th day of May 2025.**

**Sd/- Registrar**



**FORM NO. 13**

**BEFORE THE DEBTS RECOVERY TRIBUNAL, CUTTACK, ORISSA C-71, SECTOR-7, CDA, CUTTACK, ODISHA.**

**O.A.No. 436/2024**

**Bank of Maharashtra, Berhampur Branch** ................Applicant

**Versus**

**Umesh Chandra Madhi & Others** ..............Defendant(s)

**To,**

**Umesh Chandra Madhi,** S/o: Satya Bajee Madhi, At/Plot No.: 349, Sikhar Chandi Nagar, Near Big Bazar, Ps: Infocity, Kalarahanga, KIIT, Khordha-751024, Permanent Address: C/o Lalumohan Behera, At: Jayamangal Nagar, Gate Bazar, Berhampur, Po: Berhampur Sadar, Dist Ganjam-760001.

**D-2) Smt. Namita Kumari Behera,** W/o: Umesh Chandra Madhi, At: Plot No.: 349, Sikhar Chandi Nagar, Ps: Infocity, KIIT, Khordha-751024, Present Address, At/Po: Plot No.: 349, Sikhar Chandi Nagar, KIIT, Khordha-751024.

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A.No. 436/2024** in the court of the Debts of Recovery Tribunal, Cuttack for recovery of **Rs.22,03,694.00/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the publication or **on 24.09.2025 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **3rd day of July 2025.**

**Sd/- Registrar**



No.B-273

**GOVERNMENT OF ODISHA**

**e-Procurement Notice**

**ANGUL (R&B) DIVISION**

**Bid Identification No.- 13 of 2025-26**

**e-mail ID- angulrbdivision@yahoo.co.in**

1. Number of Works : 01 (One) number of Electrical work
2. Approximate estimated cost : 47.41 lakh
3. Period of completion : 03 (Three) Calendar months
4. Date & Time of availability of bid document in the portal : **Dt.08.07.2025 at 10.00 A.M.**
5. Last date/ Time for receipt of bid in the portal : **Dt.18.07.2025 up to 5.00 P.M.**
6. Date of opening Bid : **Dt.19.07.2025 at 11.00 A.M.**
7. Name and address of the Office inviting Bid : Superintending Engineer, Angul (R&B) Division, Angul
8. The bidders have to participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

**Sd./- Superintending Engineer Angul (R&B) Division**

OIPR-34074/11/0030/2526

## ସଂକ୍ଷେପରେ

କାର୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟଣା

### ୯ ଦିନ ପରେ ଅଭିଯୁକ୍ତ ଡ୍ରାଇଭର ଗିରଫ

ଭୁବନେଶ୍ୱର, ୭।୭(ସତ୍ୟଜିତ୍ ରାଉତ): ଶହୀଦନଗର ଥାନା ଅନ୍ତର୍ଗତ ବମିଖାଲ ଫ୍ଲାଇ ଓଭରବ୍ରିଜ୍ ତଳ ଇଙ୍ଗା କାର୍ଯ୍ୟାଳୟ ସମ୍ମୁଖରେ କାର୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟଣାରେ ୯ଦିନ ପରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଖାରପଡ଼ା କେନାଲ ରୋଡର ସିଦ୍ଧାର୍ଥ ସୌରଭ ମିଶ୍ର (୨୪)। ସୋମବାର କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜୁନ ୨୮ରାତି ପ୍ରାୟ ୯ଟା ୪୬ ବେଳେ ଭଗବାନ ବିସୋଇ (୩୯) ତାଙ୍କ ସାଇକେଲରେ ଘରକୁ ଫେରୁଥିବାବେଳେ ଇଙ୍ଗା ଅଫିସ ନିକଟରେ (ଓଡି୦୨ଜି୫୨୧) କାର୍‌ଟି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ଭଗବାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଭିଶୋଇ ଚନ୍ଦ୍ର ସାହୁଙ୍କ ଏତଲା ଆଧାରରେ ଶହୀଦନଗର ପୋଲିସ ଏକ ମାମଲା (ନଂ.୩୦୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଦୁର୍ଘଟଣାଗ୍ରସ୍ତ କାର୍‌କୁ ପଞ୍ଜିକୃତ ମାଲିକ ସୁକାନ୍ତ କୁମାର ମହାପାତ୍ରଙ୍କଠାରୁ ଜବତ କରାଯାଇଥିଲା। ସେ ଡ୍ରାଇଭର ସିଦ୍ଧାର୍ଥଙ୍କୁ ଆଣି ଥାନାକୁ ଆସିଥିଲେ। ଡ୍ରାଇଭର ସିଦ୍ଧାର୍ଥ ଦ୍ରୁତଗତିରେ ଏବଂ ଅବହେଳା କରି ଗାଡ଼ି ଚଲାଉଥିବାରୁ ଉକ୍ତ ଦୁର୍ଘଟଣା ଘଟିଥିଲା ବୋଲି ତଦନ୍ତରୁ ଜଣାପଡିଥିବା ପୋଲିସ ସୂଚନା ଦେଇଛି।

ଦୁଇ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

### ୯ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୭।୭(ସତ୍ୟଜିତ୍ ରାଉତ): ସାଢ଼େ ୯ବର୍ଷ ତଳେ ଘରେ ପଶି ଦୁଇ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ସୋମବାର କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ସେ ହେଲେ କ୍ୟାପିଟାଲ ଥାନା ପଟେଲ ବସ୍ତିର ବାବୁ ଓରଫ ରବି ମଲ୍ଲିକ (୩୬)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୫ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ୨୦୧୫ ଅକ୍ଟୋବର ୧୩ ରାତି ପ୍ରାୟ ୮ଟା ୩୦ ବେଳେ ୟୁନିଟ-୬ ସଡ଼କ ବସ୍ତିର ପ୍ରକାଶ ନାୟକ ଏବଂ ତାଙ୍କ ଭାଇ ମୁଣ୍ଡା ନିଜ ଘରେ ବସିଥିବା ସମୟରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପ୍ରକାଶ ଓ ମୁଣ୍ଡା ଗୁରୁତର ହୋଇଥିଲେ। ଏନେଇ ମା' ଚେମାଙ୍କ ଏତଲାରେ କ୍ୟାପିଟାଲ ଥାନା ମାମଲା (ନଂ.୪୩୩/୨୦୧୫)ରୁଜୁ କରି ତଦନ୍ତ କରିଥିଲା।

# ଓଡ଼ିଶାର ଯୁବପ୍ରତିଭା ଆମର ସାଂସ୍କୃତିକ ବିଭବ





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବିଶ୍ୱବିଦ୍ୟାଳୟ ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସଂସ୍କୃତି ବିଚିତ୍ରା'

ଭୁବନେଶ୍ୱର, ୭।୭(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାର ଯୁବପ୍ରତିଭା ଆମର ସାଂସ୍କୃତିକ ବିଭବ। ପ୍ରତିଭାର ପ୍ରସାର ନିମନ୍ତେ ସଫଳ ପ୍ରୟାସ କରିବା ଲାଗି ସଂସ୍କୃତି ବିଚିତ୍ରା କାର୍ଯ୍ୟକ୍ରମ ବଡ଼ ମଞ୍ଚ ସୃଷ୍ଟି କରିଛି। ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ ଦିଗରେ ବିଶ୍ୱବିଦ୍ୟାଳୟର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ ବୋଲି ସେ କହିଛନ୍ତି। ସାହିତ୍ୟିକ ଡ. ଶାନ୍ତନୁ କୁମାର ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଓ କଳାର ପ୍ରଦର୍ଶନ ନିମନ୍ତେ ଏହିଭଳି ଅଭିନବ ସାଂସ୍କୃତିକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ସାହିତ୍ୟିକ ଡ. ସଂଗ୍ରାମ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ର ଓଡ଼ିଆ ସାଂସ୍କୃତିକ ବିକାଶ ଓ ନିଜର ପ୍ରତିଭାର ସଦୁପଯୋଗ କରିବା ଲାଗି ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ଓଡ଼ିଆ ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା ଓ ସଂସ୍କୃତିର ବିଶେଷତ୍ୱ ଓ ମହନୀୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀଛାତ୍ର ରାଗ ଯୋଗର ୪ଟି ରଙ୍ଗକୁ ନେଇ 'ସାଜନ କି ଯୋଗ' ଓ ମା ଭବାନୀଙ୍କ ଭଜନ ପରିବେଷଣ କରିଥିଲେ। ମର୍ଦ୍ଦଳ ବିଭାଗ ପକ୍ଷରୁ ଓଡ଼ିଶାର ପାରମ୍ପରିକ ସଙ୍ଗୀତକୁ ନେଇ ବୃନ୍ଦ ମର୍ଦ୍ଦଳ ବାଦନ ପରିବେଷଣ କରାଯାଇଥିଲା। ସହକାରୀ ପ୍ରଫେସର ଡ. ଜବାହାର ମିଶ୍ର ଓ ଡ. ସାରଦା ପ୍ରସନ୍ନ ଦାସଙ୍କ ନିର୍ଦ୍ଦେଶନାରେ ବଂଶୀ, ବେହେଲା ଓ ସୀତାର ବାଦ୍ୟ ଯନ୍ତ୍ରରେ ପାରମ୍ପରିକ ଓ ସଂଗୀତ ସହ ଶ୍ରୀଜଗନ୍ନାଥଙ୍କ ଭଜନର ଧୁନ୍, ବୃନ୍ଦ, ଯନ୍ତ୍ର ସଙ୍ଗୀତ ପରିବେଷିତ ହୋଇଥିଲା। କୁଳସଚିବ ଅନାମିକା ଅଧିକାରୀ ସ୍ୱାଗତ ଭାଷଣ ଓ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତର ମାନସମନ୍ଥନ

ଭୁବନେଶ୍ୱର, ୭।୭(ସୌମ୍ୟରଞ୍ଜନ ରାଉତ)

**'ଶ୍ରୀ ଜଗନ୍ନାଥ ଚେତନା: ସଂହତିର ସ୍ୱରଲିପି' ଉନ୍ମୋଚିତ**

କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଂସ୍କୃତି ଭବନଠାରେ ଚାଲିଥିବା ଅତିବଡ଼ି ଜଗନ୍ନାଥ ଦାସ ଜାତୀୟ ଆଲୋଚନାଚକ୍ର ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଫେସର ବ୍ରଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବହୁ ଗବେଷକ ତଥା ସଂସ୍କୃତି ବିଷାରଦ ଉପସ୍ଥିତ ରହି ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ମାନସମନ୍ଥନ କରିଥିଲେ। ଗୁଆହାଟୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଜ୍ୟୋତ୍ସ୍ନା ବିଶ୍ୱାଳ ରାଉତ ଆସାମର ଶ୍ରୀମନ୍ତ ଶଙ୍କରଦେବଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନାମଘର ଓ ଭାଗବତ ଟୁଙ୍ଗୀର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ଯୁବ ଗବେଷିକା ଶ୍ରେୟା ହାଲଦାର ତାଙ୍କ ପ୍ରବନ୍ଧରେ ବଙ୍ଗଳା ଭାଗବତ ଓ ଓଡ଼ିଆ ଭାଗବତର ତୁଳନା କରିଥିଲେ। ଅନ୍ୟତମ ଆଲୋଚକ ଡ. ରବୀନ୍ଦ୍ରନାଥ ମିଶ୍ର 'ଜଗନ୍ନାଥ ଦାସ ଓ କବୀରଙ୍କ ବ୍ରହ୍ମ ଚେତନା' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ। ସମାଲୋଚକ ଡ. ବାବାଜୀ ଚରଣ ପଟ୍ଟନାୟକ ଓଡ଼ିଆ ଭାଗବତ ପ୍ରକାଶନ ତଥା ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. କୈଳାସ ଚନ୍ଦ୍ର ଟିକାୟତରାୟ ନିଜ ପ୍ରବନ୍ଧ ପାଠ କରି ଜଗନ୍ନାଥ ଦାସଙ୍କ ବିଭିନ୍ନ କୃତିର ତାତ୍ତ୍ୱିକ ଆଲୋଚନା କରିଥିଲେ। ଡ. ସୁରେନ୍ଦ୍ର କୁମାର ମିଶ୍ର ଓଡ଼ିଆ ଭାଗବତର ଆବେଗ ସମ୍ପର୍କରେ ମାର୍ମିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶୁଭ୍ରାଂଶୁ କୁମାର ବେହେରାଙ୍କ ଦ୍ୱାରା ଉପସ୍ଥାପିତ ପ୍ରବନ୍ଧର ଶୀର୍ଷକ ଥିଲା 'ଭକ୍ତି, ସିଦ୍ଧି ଓ ବିଶ୍ୱାସର ସାଧକ ଅତିବଡ଼ୀ ଜଗନ୍ନାଥ ଦାସ, ସାଧନା ଭାଗବତ'। ଏହି ଅବସରରେ ଡ. ସୁରେନ୍ଦ୍ର ମିଶ୍ରଙ୍କ ରଚିତ ତଥା ଗବେଷିକା ଶ୍ରେୟା ହାଲଦାରଙ୍କ ଦ୍ୱାରା ବଙ୍ଗଳାକୁ ଅନୂଦିତ ପୁସ୍ତକ 'ଶ୍ରୀ ଜଗନ୍ନାଥ ଚେତନା: ସଂହତିର ସ୍ୱରଲିପି'ର ଉନ୍ମୋଚନ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ରଥ ଉପରେ ଶ୍ରୀଜୀଉଙ୍କ ଅଧରପଣା ନିତି



ୟୁନିଟ୍-୫ ଜଗନ୍ନାଥ ମନ୍ଦିର ସମ୍ମୁଖ ରଥ ଉପରେ ଶ୍ରୀଜୀଉଙ୍କ ଅଧରପଣା ନୀତି କରାଯାଉଛି।

ଭୁବନେଶ୍ୱର, ୭।୭ (ସୌମ୍ୟରଞ୍ଜନ ରାଉତ)

ମହାପ୍ରଭୁଙ୍କ ଘୋଷଯାତ୍ରାର ଏକ ପ୍ରମୁଖ ପର୍ବ ଅଧରପଣା ନୀତି ସୋମବାର ୟୁନିଟ-୫ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ରଥ ଉପରେ ସମ୍ପନ୍ନ ହୋଇଛି। ପାରମ୍ପାରିକ ନୀତି ଅନୁଯାୟୀ ମନ୍ଦିର ବାହାରେ ଥିବା ସମସ୍ତ ଦେବଦେବୀ, ପୂଜା ଅପୂଜା ସବୁ ଆତ୍ମାଙ୍କ ଉଦ୍ଦେଶ୍ୟରେ ପଣା ହାଣ୍ଡି ଭଙ୍ଗା ଯାଇ ଭୋଗ ଓ ନୈବେଦ୍ୟ ଭାବେ ସମର୍ପିତ କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ଅଧରପଣା ହାଣ୍ଡିରେ ନବାତ, ସାକର, ବିଭିନ୍ନ ପ୍ରକାର ଫଳ, ଗୁଜୁରାତି, ଅଳେଇଚ, ଲବଙ୍ଗ, ଜାଇଫଳ, ଗୋଲମରିଚ ଆଦି ଅନେକ ଦ୍ରବ୍ୟ ମିଶାଇ ପଣା ପ୍ରସ୍ତୁତ କରାଯାଇଥିଲା। ପଣା ହାଣ୍ଡିଗୁଡିକୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମ୍ମୁଖରେ ଶ୍ରୀଜୀଉଙ୍କ ଅଧର ପର୍ଯ୍ୟନ୍ତ ସ୍ପର୍ଶ କରାଯାଏ ବୋଲି ଏହାକୁ ଆଧରପଣା କୁହାଯାଏ। ସେପରି ବିଗ୍ରହମାନଙ୍କ ଅଧରକୁ ଛୁଇଁଲା ଭଳି ପଣା ଭର୍ତ୍ତି ହାଣ୍ଡି ରଖାଯାଇ ପୂଜାର୍ଚ୍ଚନା ପରେ ତାହାକୁ ରଥ ଉପରେ ବାଡେଇ ଭାଙ୍ଗି ଦିଆଯାଇଥିଲା। ମଙ୍ଗଳବାର ନୀଳାଦ୍ରି ବିଜେ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବନ ମହୋତ୍ସବ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା

ବାଲିଅନ୍ତା, ୭।୭(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରରେ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏଥିସହ ବିଦ୍ୟାଳୟ ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ୪ର୍ଥରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ସିନିୟର ବିଭାଗରେ ତେଜସ୍ୱିନୀ ପରିଡ଼ା ପ୍ରଥମ, ସମନ ଲେଙ୍କା ଦ୍ୱିତୀୟ, ଭବାନୀ ଶଙ୍କର ଓଝା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଜୁନିୟର ବିଭାଗରେ ପ୍ରୀତିପ୍ରଜ୍ଞା ସାହୁ ପ୍ରଥମ, ସମ୍ପୂର୍ଣ୍ଣା ମାଝୀ ଦ୍ୱିତୀୟ ଓ ସୋନାକ୍ଷୀ ବେହେରା ତୃତୀୟ ସ୍ଥାନ ହାସଲ କରିଛନ୍ତି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ପ୍ରଧାନାଚାର୍ଯ୍ୟା ଜୟଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗୁରୁମା' ସୁଚିତ୍ରା ଖୁଣ୍ଟିଆ, ସୌଭାଗିନୀ ସାହୁ, ନମ୍ରତା ଲେଙ୍କାଙ୍କ ସମେତ ଅନ୍ୟ ଗୁରୁଜୀମାନେ ପରିଚାଳନା କରିଥିଲେ।

## ଆର୍ଯ୍ୟ ସମାଜ ପକ୍ଷରୁ 'ଜୀବେମ ଶରଦଃ ଶତଂ'



ଅନ୍ୟ ସଦସ୍ୟାସଦସ୍ୟଙ୍କ ଗହଣରେ ଭୁବନେଶ୍ୱର ଆର୍ଯ୍ୟସମାଜର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରିୟବ୍ରତ ଦାସ।

ଭୁବନେଶ୍ୱର, ୭।୭ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରିୟବ୍ରତ ଦାସଙ୍କ ୯୪ତମ ଜୟନ୍ତୀ ଆର୍ଯ୍ୟସମାଜ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବର ନାମ ରଖାଯାଇଥିଲା 'ଜୀବେମ ଶରଦଃ ଶତଂ'। ଶହେ ବର୍ଷର ଆୟୁ କାମନା କରି ଆର୍ଯ୍ୟସମାଜର ସମସ୍ତ ସଦସ୍ୟାସଦସ୍ୟ ବେଦମନ୍ତ୍ର ପାଠ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ପ୍ରତିଷ୍ଠାତାଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିଲେ। ଅନୁଷ୍ଠାନ ସଭାପତି ଇଂ. ବ୍ରଜବନ୍ଧୁ ପଣ୍ଡା 'ଜୀବେମ ଶରଦଃ ଶତଂ' ଶୀର୍ଷକ ଏକ ଫଟୋଚିତ୍ର ପ୍ରଦାନପୂର୍ବକ ଇଂ. ଦାସଙ୍କ ଗରିମାମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ବୀରେନ୍ଦ୍ର କର, ବରିଷ୍ଠ ସଦସ୍ୟ ଭଗବାନ୍ ଆଚାର୍ଯ୍ୟ, ସୁଧାକର ପତ୍ରୀ, ଅନିରୁଦ୍ଧ ପଟ୍ଟନାୟକ, କୋଷାଧକ୍ଷ ଜୟନ୍ତ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୁ ବୋଝେଇ କଣ୍ଟେନର ଜବତ

ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)

**୪୦ ଗୋରୁ ଉଦ୍ଧାର, ୪ ଅଟକ**



ଖୋର୍ଦ୍ଧା ବରୁଣେଇ ଓଭରବ୍ରିଜ ନିକଟ ପେଟ୍ରୋଲ ଟାଙ୍କି ସମ୍ମୁଖରୁ ସୋମବାର ଏକ ଗୋରୁ ବୋଝେଇ କଣ୍ଟେନରକୁ ଶିଳ୍ପାଞ୍ଚଳ ପୋଲିସ ଜବତ କରିଛି। ଏଥିରୁ ୪୦ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ବେଆଇନ ଗୋଚାଲାଣରେ ସମ୍ପୃକ୍ତ ୪ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ସୂଚନା ଅନୁସାରେ, ଏକ କଣ୍ଟେନରରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଖବରପାଇ ବଜରଙ୍ଗ ଦଳ ସଦସ୍ୟ ଉକ୍ତ ଗାଡ଼ିକୁ ଧରିବାକୁ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଛକି ରହିଥିଲେ। ବରୁଣେଇ ଓଭରବ୍ରିଜ ନିକଟ ପେଟ୍ରୋଲ ଟାଙ୍କି ସମ୍ମୁଖରେ ଗାଡି ଦେଖି ଅଟକାଇଥିଲେ। ଏଥିରେ ଗୋରୁ ଥିବା ଦେଖିବା ପରେ ଗାଡ଼ି ଓ ଚାଲାଣକାରୀଙ୍କୁ ପୋଲିସ ଜିମା ଦେଇଥିଲେ। କଣ୍ଟେନରଟି ଆନ୍ଧ୍ରରୁ କୋଲକାତା ଅଭିମୁଖେ ଯାଉଥିଲା ବୋଲି ଜଣାପଡ଼ିଛି। ଏନେଇ ବଜରଙ୍ଗ ଦଳ ସଦସ୍ୟଙ୍କ ଅଭିଯୋଗକ୍ରମେ ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଇତ୍‌ଷା ଫାଉଣ୍ଡେଶନ ପକ୍ଷରୁ 'ଶେଷଯାତ୍ରା' ଶୁଭାରମ୍ଭ

ଭୁବନେଶ୍ୱର, ୭।୭ (ସୌମ୍ୟରଞ୍ଜନ ରାଉତ)




ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ଅବସରରେ ଅତିଥିମାନେ।

ଓଡ଼ିଶାବାସୀଙ୍କ ସେବା ଉଦ୍ଦେଶ୍ୟରେ ଇତ୍‌ଷା ଫାଉଣ୍ଡେଶନ ପକ୍ଷରୁ ସୋମବାର ନିଃଶୁଳ୍କ ମୃତଦେହ ବୋହିବା ଆମ୍ବୁଲାନ୍ସ ସେବା 'ଶେଷଯାତ୍ରା' ଶୁଭାରମ୍ଭ ହୋଇଛି। ଏହି ଅବସରରେ ଫାଉଣ୍ଡେଶନର ହେଲ୍ପ ଲାଇନ ନମ୍ବର ୧୮୦୦୮୯୧୧୮୯୭, ୱେବ୍‌ସାଇଟ୍ www.itshafoundation.com ଓ କ୍ୟୁଆର୍ କୋଡ୍ ଲୋଗୋ ଉନ୍ମୋଚନ କରାଯାଇଛି। ଫାଉଣ୍ଡେଶନ ପ୍ରତିଷ୍ଠାତା ଇତିଶ୍ରୀ ମିଶ୍ର ଓ ଚେୟାରମ୍ୟାନ ଶାସ୍ତ୍ରୀ ବାହାଦୁର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଡ. ଜୟଶ୍ରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜୟ ଓଡିଶାର ସଭାପତି ରୁଦ୍ର ସାମନ୍ତରାୟ, ଫିଲ୍ମ ମେକର ରୋହିତ ଗାନ୍ଧୀ ଉପସ୍ଥିତ ରହି ଏଭଳି ନିଆରା ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ସେବା ପୁରୀ ଜିଲାରୁ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ସବୁ ଜିଲାରେ ମିଳିବ ବୋଲି ଫାଉଣ୍ଡେଶନ୍ ପକ୍ଷରୁ ସୂଚନା ଦିଆଯାଛି। କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ସଭାପତି ଅଭିଷେକ ମିଶ୍ର ଓ ସମ୍ପାଦକ ଚନ୍ଦନ କୁମାର ପତି ଉପସ୍ଥିତ ଥିଲେ।

# ମେଡିକାଲ, ଇଞ୍ଜିନିୟରିଂ ନାମଲେଖାରେ ଓବିସି ପାଇଁ ୧୧.୨୫% ସଂରକ୍ଷଣ ଦାବି

ଭୁବନେଶ୍ୱର,୭।୭(ସୁଚିସ୍ମିତା ସାହୁ)

**ରାଜ୍ୟପାଳଙ୍କୁ ଚିଠି ଲେଖିଲା ଓବିସି ଫୋରମ୍**

ଉଚ୍ଚଶିକ୍ଷାରେ ଆର୍ଥିକ ଅନଗ୍ରସର ବର୍ଗରେ ଥିବା ପଛୁଆବର୍ଗଙ୍କ ପାଇଁ ୧୧.୨୫% ସଂରକ୍ଷଣ ଦେବାକୁ ରାଜ୍ୟ ସରକାର କ୍ୟାବିନେଟ୍‌ରେ ନିଷ୍ପତ୍ତି ନେଲେ। କିନ୍ତୁ ମେଡିକାଲ ଓ ଇଞ୍ଜିନିୟରିଂ ନାମଲେଖାରେ ଏହି ସଂରକ୍ଷଣ ବାବଦରେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଲେନାହିଁ। ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ଓ ପଛୁଆବର୍ଗ ସଂଗଠନଗୁଡ଼ିକ ଏହାର ପ୍ରତିବାଦ କଲାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଚଳିତ ଶିକ୍ଷାବର୍ଷରେ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷାରେ ସଂରକ୍ଷଣ ଦିଆଯିବ ବୋଲି ଘୋଷଣା କରିଥିଲେ। ହେଲେ ଇଞ୍ଜିନିୟରିଂ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଖୁବ୍‌ଶୀଘ୍ର ମେଡିକାଲ ନାମଲେଖା ଆରମ୍ଭ ହେବାକୁ ଯାଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପଛୁଆବର୍ଗ ପିଲାଙ୍କ ସଂରକ୍ଷଣ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇଲାନାହିଁ। ଫଳରେ ଚଳିତ ଶିକ୍ଷାବର୍ଷରେ ମେଡିକାଲ ଓ ଇଞ୍ଜିନିୟରିଂ ନାମଲେଖାରେ ସଂରକ୍ଷଣରୁ ପଛୁଆବର୍ଗର ପିଲାମାନେ ବଞ୍ଚିତ ହେବାର ଆଶଙ୍କା ଏଡ଼ାଇ ଦେଇହେବନାହିଁ ବୋଲି ଓବିସି ଫୋରମ୍ ରାଜ୍ୟ କମିଟି ଅଭିଯୋଗ କରିଛି। ଏନେଇ ଫୋରମ୍‌ର ରାଜ୍ୟ ଅଧକ୍ଷ ରବି ବେହେରା ସୋମବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଏକ ପତ୍ର ଲେଖି ତୁରନ୍ତ ରାଜ୍ୟର ଓବିସି ପିଲାଙ୍କୁ ଚଳିତବର୍ଷ ମେଡିକାଲ୍ ଓ ଇଞ୍ଜିନିୟରିଂ ନାମଲେଖାରେ ସଂରକ୍ଷଣ ଦେବାକୁ ଦାବି କରିଛନ୍ତି।

## ଫଟୋରେ ଖବର



ଭୁବନେଶ୍ୱର ୟୁନିଟ୍-୫ସ୍ଥିତ କର୍ମଚାରୀ ଭବନରେ ସୋମବାର କର୍ମଚାରୀ ନେତା ପତିତପାବନ ପରିଡ଼ାଙ୍କ ୨୦ତମ ଶ୍ରାଦ୍ଧବାର୍ଷିକ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ମୃତି ସଭାରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।



ବାଲ୍ ବାଟିକା ପାଇଁ ସ୍ୱତନ୍ତ୍ର ଶିକ୍ଷକ ପଦବୀ ସୃଷ୍ଟି କରାଯିବା, ତାଲିମପ୍ରାପ୍ତ ଆଶାୟୀ ପ୍ରାର୍ଥୀଙ୍କୁ ନିଯୁକ୍ତି ଦାବିରେ ଓପିଏନ୍‌ଏବି ଆଶାୟୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଓ ବିକ୍ଷୋଭ।

## ସଂକ୍ଷେପରେ

### ଉଗ୍ରତାରା ପୀଠକୁ ଯିବା ପାଇଁ ଲାଗିଲା ରାସ୍ତା ସୂଚନାଫଳକ

ଟାଙ୍ଗୀ,୭।୭(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମୂଳିଝରଗଡ଼ରେ ରହିଛି ମା’ ଉଗ୍ରତାରାଙ୍କ ପୀଠ। ଏଠାକୁ ବର୍ଷତମାମ ରାଜ୍ୟ ଓ ରାଜ୍ୟ ବାହାରର ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଉଗ୍ରତାରାଙ୍କ ପୀଠ ପରିଚିତ। ହେଲେ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରୁ ମା’ଙ୍କ ପୀଠକୁ ଯିବା ପାଇଁ ନିର୍ଦ୍ଦିଷ୍ଟ ସୂଚନାଫଳକ ନ ଥିଲା। ସୂଚନା ଫଳକରେ କେବଳ ମନ୍ଦିରକୁ ରାସ୍ତା ଲେଖା ହୋଇଥିଲା। ଫଳରେ ମା’ଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ବହୁ ସମୟରେ ହଇରାଣ ହେଉଥିଲେ। ଏନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପୂର୍ବତନ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଅଭିଯୋଗ କରାଯାଇଥିଲା। ଏପରିକି ଏହି ସମସ୍ୟା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତୁରନ୍ତ ନାମଫଳକ ଲଗାଇବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସୋମବାର ପୂର୍ତ୍ତ ବିଭାଗ ପକ୍ଷରୁ ୧୬ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଉଗ୍ରତାରା ଓଭରବ୍ରିଜ୍ ନିକଟରେ ମା’ଉଗ୍ରତାରା ପୀଠକୁ ରାସ୍ତା ଲେଖାଥିବା ସୂଚନାଫଳକ ଲଗାଯାଇଛି।

### ଟ୍ରେନ୍‌ରୁ ଖସି ଯାତ୍ରୀ ଗୁରୁତର

ଟାଙ୍ଗୀ,୭।୭(ରଘୁନାଥ ସାହୁ)

ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ଅନ୍ତର୍ଗତ କାଲୁପଡ଼ାଘାଟ ଷ୍ଟେଶନ ନିକଟରେ ଚଳନ୍ତା ଟ୍ରେନରୁ ଖସି ପଡ଼ିବାରୁ ଜଣେ ଯାତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଯାତ୍ରୀ ଜଣଙ୍କ ଦୀର୍ଘ ସମୟ ଧରି ପଡ଼ିରହିଥିଲେ ମଧ୍ୟ କେହି ତାଙ୍କୁ ଉଦ୍ଧାର କରି ନ ଥିଲେ। ଦୁଇ ଜଣ ସାମ୍ବାଦିକ ପହଞ୍ଚି ଏନେଇ ଟାଙ୍ଗୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଯାତ୍ରୀ ଜଣଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବେଳେ ତାଙ୍କର ପରିଚୟ ମିଳିପାରିନାହିଁ।

### କୃଷ୍ଣଚନ୍ଦ୍ରଙ୍କ ସ୍ମୃତିଚାରଣ

ଜଟଣୀ,୭।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପାଇକରାୟଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଜବାହାରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆମରି ସତ୍ୟ ପତ୍ରିକାର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ରମାକାନ୍ତ ମିଶ୍ର, ସମ୍ମାନିତ ଅତିଥିଭାବେ ପ୍ରବଚକ କାଶୀନାଥ ଦାଶ, ଆଦି ନାରାୟଣ ଖଣ୍ଡୁଆଳ, ଶକ୍ତିଧର ମହାପାତ୍ର, ବ୍ରଜବନ୍ଧୁ ନାୟକ, ସାରଙ୍ଗଧର ବେହେରା, ସୁନୀଲ କୁମାର ରାଉତରାୟ, ଅଜିତ୍ ରଞ୍ଜନ ମାଳୀ, ପ୍ରଧାନ ଶିକ୍ଷକ ଦେବରାଜ ପ୍ରଧାନ, ଭାସ୍କର ସ୍ୱାଇଁ, ସସ୍ମିତା ପାଇକରାୟ, ପ୍ରେମାନନ୍ଦ ସାମନ୍ତରାୟ, ରମେଶ ପାଇକରାୟ, ରାଜେଶ ପାଇକରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଇକରାୟଙ୍କ ସ୍ମୃତିଚାରଣ କରିଥିଲେ। କିଶୋର ପାଇକରାୟ ଧନ୍ୟବାଦ ଦେଇଥିଲେ।

# ‘ଗଡ଼ଖୋର୍ଦ୍ଧା ମହାପ୍ରଭୁଙ୍କ ବ୍ରହ୍ମକ୍ଷେତ୍ର’

### ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ରର ବାର୍ଷିକୋତ୍ସବ

ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)



ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ରର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ରର ଏକାଦଶ ବାର୍ଷିକୋତ୍ସବ କୁଞ୍ଜ ବିହାରୀ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଅଧିବକ୍ତା ଅଜିତ୍ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ପରିଚାଳକ ରମାକାନ୍ତ ପଟ୍ଟଯୋଶୀ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୀଜଗନ୍ନାଥ ଚେତନା ଓ ଲୀଳାକ୍ଷେତ୍ର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ଦୈନିକ ସେବାପୂଜା ପାଇଁ ବାର୍ଷିକ ଅନୁଦାନ ଓ ବିନା ମୂଲ୍ୟରେ ନନ୍ଦିଘୋଷ ଚକ ଯୋଗାଣ ସମ୍ପର୍କରେ ଆଇନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ।

ସମିତି ସମ୍ପାଦକ ଗୋପାଳକୃଷ୍ଣ ଦାସ ସ୍ୱାଗତ ଭାଷଣରେ ଏହି ଲୀଳାକ୍ଷେତ୍ରର ମହିମା ସମ୍ପର୍କରେ କହିଥିଲେ ଯେ, ମାଦଳାପାଞ୍ଜି ଅନୁଯାୟୀ ଗଜପତି ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ.୧୫୬୮ରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନା କରିଥିଲେ। ପରେ ଖ୍ରୀ.୧୫୭୫ରେ କୁଜଙ୍ଗଗଡ଼ରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧାସ୍ଥିତ ମନ୍ଦିରରେ ପ୍ରଥମ ନବକଳେବର କରାଇ (କଳାପାହାଡ଼ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ) ଚତୁର୍ଦ୍ଧା ବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ମହାପ୍ରଭୁଙ୍କ ପ୍ରଥମ ବ୍ରହ୍ମ ପରିବର୍ତ୍ତନ ଏହି ସ୍ଥାନରେ ହୋଇଥିଲା। ଏହାକୁ ମହାପ୍ରଭୁଙ୍କ ବ୍ରହ୍ମକ୍ଷେତ୍ର ମଧ୍ୟ କୁହାଯାଏ। ପୁନଶ୍ଚ ଖ୍ରୀ.୧୬୦୭ ଓ ୧୭୩୩ରେ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡ଼ି ଏଠାରେ ଅବସ୍ଥାନ କରିଥିଲେ। ଏହି ସମୟରେ ଭକ୍ତ ସାଲବେଗ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସିଥିବାରୁ ଏହି ସ୍ଥାନର ଗୁରୁତ୍ୱ ବହନ କରେ। ଗଡ଼ଖୋର୍ଦ୍ଧାଠାରେ ମହାପ୍ରଭୁ ୩ ଥର ପଦାର୍ପଣ କରିଛନ୍ତି। ବହୁ ବର୍ଷ ଧରି ଏହି ମନ୍ଦିର ଭଗ୍ନ ଅବସ୍ଥାରେ ରହିବା ପରେ ୨୦୧୪ ଜୁନ ୨୬ ରଥଯାତ୍ରା ଦିନ ମୁକ୍ତିମଣ୍ଡପ ପଣ୍ଡିତଙ୍କ ଦ୍ୱାରା ଚତୁର୍ଦ୍ଧା ବିଗ୍ରହ ସ୍ଥାପନ କରାଯାଇଥିଲା। ମହାପ୍ରଭୁଙ୍କ ଏହି ଲୀଳାକ୍ଷେତ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ସମ୍ପର୍କରେ ଜାଣିବା ପରେ ୨୦୦୭ରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ର ଏହି ସ୍ଥାନ ପରିଦର୍ଶନରେ ଆସିଥିଲେ। ରେଭିନ୍ୟୁ ବଙ୍ଗଳାରେ ଖୋର୍ଦ୍ଧା ଐତିହାସିକ ସମାଜ ଆନୁକୂଲ୍ୟରେ ଏହି ଲୀଳାକ୍ଷେତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୧୪ ଜୁନ ୨୭, ୨୮ ଓ ୨୯ ତାରିଖରେ ତିନିଦିନ ମହାପ୍ରଭୁଙ୍କ ଚତୁର୍ଦ୍ଧା ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା ଲାଗି ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କମିଟି ଗଠନ ରହିଛି। ଗତ ୪ବର୍ଷ ଧରି ରଥଯାତ୍ରା ଆୟୋଜନ କରାଯାଉଛି। ଏହି ଅବସରରେ ନବଦିନାତ୍ମକ ସାନ୍ଧ୍ୟ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୩୦ଜଣ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟାୟନର ଗୁରୁ ସୁଜିତ୍ ରଂଜନ ଓ ଜାଗୃତି କଳା ମନ୍ଦିରର ନୃତ୍ୟଗୁରୁ ପ୍ରିୟଦର୍ଶିନୀ ରାୟଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ରଥ ନିର୍ମାଣ ପାଇଁ ବାଙ୍କୀ ଦିହିଆରି ଗ୍ରାମର ୧୦ଜଣ ଓ ଖୋର୍ଦ୍ଧା ଭାଲିଆବାଡ଼ି ଗ୍ରାମର ଜଣେ ଶ୍ରଦ୍ଧାଳୁ ଫାସି ବୃକ୍ଷ ମନ୍ଦିରକୁ ଦାନ କରିଥିବାରୁ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଶ୍ୱଜିତ୍ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ଗୋରୁ ବୋଝେଇ କଣ୍ଟେନର ଜବତ

### ୪୦ ଗୋରୁ ଉଦ୍ଧାର, ୪ ଅଟକ

ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ବରୁଣେଇ ଓଭରବ୍ରିଜ ନିକଟ ପେଟ୍ରୋଲ ଟାଙ୍କି ସମ୍ମୁଖରୁ ସୋମବାର ଏକ ଗୋରୁ ବୋଝେଇ କଣ୍ଟେନରକୁ ଶିଳ୍ପାଞ୍ଚଳ ପୋଲିସ ଜବତ କରିଛି। ଏଥିରୁ ୪୦ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ବେଆଇନ ଗୋଚାଲାଣରେ ସମ୍ପୃକ୍ତ ୪ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ସୂଚନା ଅନୁସାରେ, ଏକ କଣ୍ଟେନରରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଖବରପାଇ ବଜରଙ୍ଗ ଦଳ ସଦସ୍ୟ ଉକ୍ତ ଗାଡ଼ିକୁ ଧରିବାକୁ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଛକି ରହିଥିଲେ। ବରୁଣେଇ ଓଭରବ୍ରିଜ ନିକଟ ପେଟ୍ରୋଲ ଟାଙ୍କି ସମ୍ମୁଖରେ ଗାଡି ଦେଖି ଅଟକାଇଥିଲେ। ଏଥିରେ ଗୋରୁ ଥିବା ଦେଖିବା ପରେ ଗାଡ଼ି ଓ ଚାଲାଣକାରୀଙ୍କୁ ପୋଲିସ ଜିମା ଦେଇଥିଲେ। କଣ୍ଟେନରଟି ଆନ୍ଧ୍ରରୁ କୋଲକାତା ଅଭିମୁଖେ ଯାଉଥିଲା ବୋଲି ଜଣାପଡ଼ିଛି। ଏନେଇ ବଜରଙ୍ଗ ଦଳ ସଦସ୍ୟଙ୍କ ଅଭିଯୋଗକ୍ରମେ ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜିଲା ପେନ୍‌ସନର୍ସ ଆସୋସିଏଶନର କାର୍ଯ୍ୟକାରିଣୀ ବୈଠକ




ବୈଠକରେ ପେନ୍‌ସନର୍ସ ଆସୋସିଏଶନର କର୍ମକର୍ତ୍ତାମାନେ।

ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପେନ୍‌ସନର୍ସ ଆସୋସିଏଶନର କାର୍ଯ୍ୟକାରିଣୀ ବୈଠକ ରବିବାର ସଭାପତି ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ହାଜି ନସିମୁଦ୍ଦିନ୍ ଖାଁ ଗତ ସଭାର ବିବରଣୀ, ଗତବର୍ଷର ଆୟବ୍ୟୟ ଏବଂ ଆଗାମୀ ସାଧାରଣ ସଭା ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ସଂଘର ଉପଦେଷ୍ଟା ଦେବପ୍ରସାଦ ମଜୁମଦାର କେନ୍ଦ୍ର ସରକାରଙ୍କ ପେନସନ୍‌ଭୋଗୀଙ୍କ ବିରୋଧାଚରଣ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କ ପେନ୍‌ସନ୍‌ଭୋଗୀଙ୍କ ପାଇଁ ବିଭିନ୍ନ ଆଦେଶନାମା, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷର ସାଧାରଣ ସଭା ଆସନ୍ତା ଅଗଷ୍ଟ ୩ରେ ଖୋର୍ଦ୍ଧା ଜେଲରୋଡ଼ସ୍ଥିତ ଶ୍ୟାମ ମାଧବ ବାସନ୍ତୀ ଦେବୀ ପାଠାଗାରଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ବରିଷ୍ଠ ଉପଦେଷ୍ଟା ସତ୍ୟବାଦୀ ବଳିୟାରସିଂହ, ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସାରଥି ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଭ୍ୟ ସେକ୍ ସନାଉଲା ଧନ୍ୟବାଦ ଦେଇଥିଲେ।

# ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

### ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ କିଶୋର କୁମାର ପଣ୍ଡା ଉପସ୍ଥିତ ଥିଲେ। ଶିବିରରେ ମୋଟ ୬୭ଟି ଅଭିଯୋଗ ହୋଇଛି। ତନ୍ମଧ୍ୟରୁ ୬୨ଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୫ଟି ଅଭିଯୋଗ ଗ୍ରାମୀଣ ସମସ୍ୟାଜନିତ ଥିଲା। ସମସ୍ତ ଅଭିଯୋଗକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସେଗୁଡ଼ିକ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଉନ୍ନୟନ ଅଧିକାରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଜରୁରୀ ସ୍ୱାସ୍ଥ୍ୟସେବାଜନିତ ୩ଜଣ ଅଭିଯୋଗକାରୀଙ୍କୁ ୫ହଜାର ଟଙ୍କା ଲେଖାଏ ରେଡ୍‌କ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଯୋଗାଇ ଦିଆଯାଇଛି। ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଅଧୀକ୍ଷଣ ଯନ୍ତ୍ରୀ(ପୂର୍ତ୍ତ) ଇଂ. ଶିବ ଲାଲ ସାହୁ, ଅଧୀକ୍ଷଣ ଯନ୍ତ୍ରୀ (ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ) ଇଂ. ରଶ୍ମିତା ଦାସ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ଖୋର୍ଦ୍ଧା ପୌର ପରିଷଦର ନିର୍ବାହୀ ଅଧିକାରୀ ରିଜ୍ୱାନା କଅକବ, ଖୋର୍ଦ୍ଧା ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧିତନୟା ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ, ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲା ମଙ୍ଗଳ ଅଧିକାରୀ ଡ. ଗିତାଂଶୁ ଦାଶଙ୍କ ସମେତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

### ତ୍ରିନାଥ ଦେବଙ୍କ ଯଜ୍ଞ ଉଦ୍‌ଯାପିତ

ଜଟଣୀ,୭।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଶ୍ରୀହରି ବିହାର ଜଗନ୍ନାଥ କଲୋନୀସ୍ଥିତ ତ୍ରିନାଥ ଦେବଙ୍କ ଚତୁର୍ଥ ବାର୍ଷିକ ଯଜ୍ଞ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ଦିବସରେ ଅଙ୍କୁରାରୋପଣ ହୋଇଥିଲା। ଦ୍ୱିତୀୟ ଦିବସରେ ଜଳଯାତ୍ରା, ସୂର୍ଯ୍ୟପୂଜା, ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ କରାଯାଇଥିଲା। ଅନ୍ତିମ ଦିବସରେ ସମସ୍ତ ରୀତିନୀତିରେ ପୂଜାର୍ଚ୍ଚନା ସହିତ ପୂର୍ଣ୍ଣାହୁତିରେ ଉକ୍ତ ଯଜ୍ଞ ଉଦ୍‌ଯାପିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ପାଇଁ ପାଲା ଏବଂ ତ୍ରିନାଥ ମେଳାର ଆୟୋଜନ କରାଯାଇଥିଲା।

### ମା’ ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ବୋଲଗଡ଼,୭।୭(ଦେବବ୍ରତ ହୋତା)

ବୋଲଗଡ଼ ତୃତୀୟାପଡ଼ା ମୌଜା ଅନ୍ତର୍ଗତ ଜଗଦେବ ସାହିର ଇଷ୍ଟଦେବୀ ମା’ ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ସାହିର ମହିଳାମାନେ ସ୍ଥାନୀୟ ନେଳିଆ ପୋଖରୀର ଜଳକୁ ପୂଜାର୍ଚ୍ଚନା ପରେ ଆଣି ମନ୍ଦିର ପରିସରସ୍ଥ ଯଜ୍ଞ ମଣ୍ଡପରେ ରଖିଥିଲେ। ପରେ ବ୍ରାହ୍ମଣ ପୁରୋହିତଙ୍କ ଦ୍ୱାରା ଅଗ୍ନି ସ୍ଥାପନ ଓ ଅନ୍ୟାନ୍ୟ ନୀତିକାନ୍ତି ସହ ହୋମକାର୍ଯ୍ୟ ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସାମାଜିକ କର୍ମୀ ମନୋଜ ପ୍ରଧାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୋଚିଂ ସେଣ୍ଟର ହଷ୍ଟେଲରେ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଅଭିଯୋଗ

ବେଗୁନିଆ,୭।୭(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କ କୋଚିଂ ସେଣ୍ଟର ଓ ହଷ୍ଟେଲ ରହିଛି। ଉକ୍ତ ହଷ୍ଟେଲରେ ରହି କୋଚିଂ ନେଉଥିବା ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ସହ ଅଧିକ ଅର୍ଥ ଦାବି କରାଯାଉଥିବା ନେଇ ଗତ ୪ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଭାବକମାନଙ୍କ ଅଭିଯୋଗକୁ ଭିତ୍ତିକରି ସୋମବାର ବେଗୁନିଆ ପୋଲିସ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଏକ ମାମଲା (ନଂ.୧୯୧/୨୫)ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଜଣେ ବ୍ୟକ୍ତି ଉକ୍ତ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଏକ କୋଚିଂ ସେଣ୍ଟର ଓ ହଷ୍ଟେଲ ଖୋଲିଥିଲେ। ଚଳିତ ବର୍ଷ ଉକ୍ତ ହଷ୍ଟେଲରେ ୧୩ଜଣ ଛାତ୍ରୀ ଏବଂ ୭ଜଣ ଛାତ୍ର ରହି କୋଚିଂ ନେଉଥିଲେ। ହେଲେ ସେମାନଙ୍କୁ ବାରମ୍ବାର ମାନସିକ ନିର୍ଯାତନା ଦିଆଯାଉଥିଲା। ଏପରିକି ଅଧିକ ଅର୍ଥ ଦାବି କରାଯାଉଥିଲା। ଏନେଇ ଗତ ୪ତାରିଖରେ ନିର୍ଯାତିତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଏବଂ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ମିଳିତ ଉଦ୍ୟମରେ ଉକ୍ତ ହଷ୍ଟେଲରେ ଚଢ଼ାଉ କରାଯାଇଥିଲା। ଏହି ହଷ୍ଟେଲ ବେଆଇନ ଭାବେ ପରିଚାଳନା କରାଯାଉଥିବା ତଦନ୍ତରୁ ଜଣାପଡିଥିଲା। ପରେ ହଷ୍ଟେଲକୁ ତାଲା ପକାଯିବା ସହ ସେଠାରୁ ଛାତ୍ରୀଛାତ୍ରଙ୍କୁ ଘରକୁ ଫେରାଇ ଦିଆଯାଇଥିଲା। ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି ଯେ, ଉକ୍ତ ହଷ୍ଟେଲକୁ ବେଆଇନ ଭାବେ ପରିଚାଳନା କରାଯାଉଥିବା ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। କିପରି ଏହି ହଷ୍ଟେଲ ଚାଲୁଥିଲା ଏବଂ ଅନୁମତି କେମିତି ମିଳିଥିଲା ସେ ନେଇ ଖୋଳତାଡ଼ କରାଯାଉଛି। ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଅଗଷ୍ଟ ୯ରେ ବିଶାଳ ଶିକ୍ଷକ ସମାବେଶ

### ଖୋର୍ଦ୍ଧା ଜିଲା ଓଷ୍ଟାର କାର୍ଯ୍ୟକାରୀ କମିଟି ବୈଠକ

ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଓଷ୍ଟା କାର୍ଯ୍ୟକାରୀ କମିଟିର ଏକ ବୈଠକ ସ୍ଥାନୀୟ ଜିଲା କାର୍ଯ୍ୟାଳୟ ପଲ୍ଲାଠାରେ ଅନୁଷ୍ଠିତ ହୋଇଯାଇଛି। ୧୯୪ ବିଦ୍ୟାଳୟର ଅନୁଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ କର୍ମଚାରୀଙ୍କ ପେନ୍‌ସନ ଓ ଚାକିରି ସର୍ତ୍ତାବଳୀ, ସବୁବର୍ଗର ବିଦ୍ୟାଳୟରେ ଶୂନ୍ୟ ପଦବୀ ଶୀଘ୍ର ପୂରଣ, ହିନ୍ଦୀ, ସଂସ୍କୃତ ଓ କ୍ରୀଡ଼ା ଶିକ୍ଷକଙ୍କର ଉଚ୍ଚ ବେତନ, ଅପ୍‌ଗ୍ରେଡେଶନ ହୋଇଥିବା ବିଦ୍ୟାଳୟ ଗୁଡ଼ିକର ସମସ୍ୟା, ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ସ୍ଥାୟୀ ପଞ୍ଜୀକରଣ, ଚୁକ୍ତିଭିତ୍ତିକ ୬ବର୍ଷ କାର୍ଯ୍ୟକାଳକୁ ମୂଳ ଚାକିରିରେ ମିଶ୍ରଣ ସମସ୍ୟା ସହିତ ଜିଲା ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷକଙ୍କ ସମସ୍ୟା ନେଇ ଖୁବ୍‌ଶୀଘ୍ର ଜିଲା ଶିକ୍ଷାଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ଜିଲା ସମ୍ପାଦକ ସୁଧାକର ମହାପାତ୍ର କହିଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ବୈଠକରେ ଯୋଗଦେଇ ସରକାର ଦାବି ପୂରଣ ଦିଗରେ ବିଳମ୍ବ କଲେ କ୍ରାନ୍ତି ଦିବସ ଅଗଷ୍ଟ ୯ରେ ବିଶାଳ ଶିକ୍ଷକ ସମାବେଶ ପାଇଁ ଆହ୍ୱାନ ଦେଇଥିଲେ। ବାରମ୍ବାର ସମସ୍ୟା ଉପରେ ଆଲୋଚନା ଓ ପ୍ରତିଶ୍ରୁତି ପାଳନରେ ସରକାରଙ୍କର ଅବହେଳା ନେଇ ବୈଠକରେ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲା ସାମ୍ବିଧାନିକ ସମ୍ମିଳନୀ ଆସନ୍ତା ୨୭ ତାରିଖରେ ଦେବରାଜ ବିଦ୍ୟାପୀଠ, ବମିଖାଲଠାରେ ହେବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। କାର୍ଯ୍ୟକାରୀ କମିଟିର ସଭ୍ୟ ପ୍ରମୋଦ କୁମାର ସ୍ୱାଇଁ ପଦୋନ୍ନତି ପାଇଁ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାପୀଠ ବେଗୁନିଆରେ ପ୍ରଧାନଶିକ୍ଷକଭାବେ ଯୋଗଦାନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ବୈଠକରେ ଜିଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ମଧୁସୂଦନ ଦେ, ଶିଶିର ଦାଶ, ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର, ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ କୈଳାସ ଚନ୍ଦ୍ର ତ୍ରିପାଠୀ, ତ୍ରିନାଥ ହୋତା, ଘନଶ୍ୟାମ ସ୍ୱାଇଁ, ପ୍ରକାଶ କୁମାର ପଲାଇ, ଶ୍ରୀହରି ମାଳୀ, ରମେଶ ଚନ୍ଦ୍ର ପ୍ରଧାନ, ସୁନୀଲ କୁମାର ପଣ୍ଡା, ସନ୍ତୋଷ କୁମାର ସାହୁ, କିଶୋର ସୁବୁଦ୍ଧି, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ‘ଚାରା ଲଗାଇ ପରିବେଶ ସୁରକ୍ଷା ପାଇଁ ସଙ୍କଳ୍ପ ନେଲେ’

ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ବିଦ୍ୟାଳୟରେ ସୋମବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା ଏବଂ ରଶ୍ମିବାଳା ପରିଡ଼ା ଅତିଥିଭାବେ ଯୋଗଦେଇ ଚାରାରୋପଣ କରି ପିଲାଙ୍କୁ ପରିବେଶ ସୁରକ୍ଷା ଦିଗରେ ସଚେତନ କରିଥିଲେ। ବିଦ୍ୟାଳୟ ସବୁଜିମା ପରିବେଶ ପିଲାଙ୍କ ହାତରେ ନ୍ୟସ୍ତ ରହିଛି ବୋଲି କହିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିଥି ଓ ପିଲାମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ସଙ୍କଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି), ଇକୋ କ୍ଲବ ଓ ଶକ୍ତି କ୍ଲବର ପିଲା, ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଇକୋ କ୍ଲବ ସଂଯୋଜିକା ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସାହୁ, ଶକ୍ତି କ୍ଲବ ସଂଯୋଜିକା ପୁଷ୍ପଲତା ପାତ୍ର, ସବିତା ଦାସ, ସ୍ନିଗ୍ଧାମୟୀ ଦାସ, ରୋଜାଲିନ ରାଉତରାୟ, ନିବେଦିତା ଛୁଆଲସିଂହ, ଶିକ୍ଷକ ଚନ୍ଦ୍ରକାନ୍ତ ଦାସ, ଜଗନ୍ନାଥ ରାଉତ, ଏମ୍‌ଡି ଖତିବୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

**ଟାଙ୍ଗୀ,(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କୋକିଳ ଦେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା, ବଡ଼ପାରୀ ବନରକ୍ଷୀ ଅର୍ଚ୍ଚନା ପ୍ରଧାନ, ଟାଙ୍ଗୀ ବନରକ୍ଷୀ ପ୍ରଦୀପ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ସ୍ୱାଇଁ, ଆଲୁମ୍ନି କମିଟି ସଭାପତି ତ୍ରିନାଥ ସ୍ୱାଇଁ, ସମ୍ପାଦକ ଶରତ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସୁସ୍ଥ ପରିବେଶ ପାଇଁ ଅଧିକ ସଂଖ୍ୟକ ଗଛ ଲଗାଇବା ଲାଗି ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅଁଳା, ବଉଳ, ଲେମ୍ବୁ, ଅଶୋକ ଚାରା ରୋପଣ କରାଯାଇଥିଲା। ସହକାରୀ ଶିକ୍ଷକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଦେଇଥିଲେ।




ଛାତ୍ରମାନେ ଚାରାରୋପଣ କରୁଛନ୍ତି।

**ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୬ତମ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ ସହ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀ ମୁଖ୍ୟ ଅତିଥି, ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି ମୁଖ୍ୟବକ୍ତା, ଆଲୁମ୍ନି କମିଟି ସଦସ୍ୟ ବଂଶୀଧର ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାକୁ ହେଲେ ଚାରାରୋପଣ କରିବା ଆବଶ୍ୟକ ବୋଲି କହିଥିଲେ। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଶିକ୍ଷକ ମାନସ ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବେଗୁନିଆ,(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ମା’ ଭୁଆସୁଣୀ ବିଦ୍ୟାପୀଠ ପରିସରରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡ. ଗଣେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆର୍‌ସିସି ରିନାରାଣୀ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଆନୁକୂଲ୍ୟରେ ବିଭିନ୍ନ କିସମର ଚାରାରୋପଣ କରାଯାଇଛି। ପୃଥିବୀ ପୃଷ୍ଠରେ ଏବେ ଜଳବାୟୁ ପରିବର୍ତ୍ତନ ହୋଇଛି। ଏହାର ପ୍ରତିକାର ପାଇଁ ଚାରାରୋପଣ କରି ସବୁଜିମାଭରା ଧରଣୀ ସୃଷ୍ଟି କରିବା ଆବଶ୍ୟକତା ପଡ଼ୁଛି। ସେଥିପାଇଁ କେବଳ ଚାରାରୋପଣ କଲେ ହେବ ନାହିଁ, ଏହାର ସଦୁପଯୋଗ ପାଇଁ ଯତ୍ନଶୀଳ ହେବା ସଭିଙ୍କର ଏକାନ୍ତ କାମ୍ୟ ବୋଲି ବାର୍ତ୍ତା ଦେଇଥିଲେ। ସ୍କାଉଟ ମାଷ୍ଟର ରମେଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ବଂଶୀଧର ଦଳାଇ, ଦୀନକୃଷ୍ଣ ଦଳାଇ, ନାରାୟଣ ସାହୁ, ପୋଲିସ ବିଭାଗର ଅଧିକାରୀ ବିଶ୍ୱନାଥ ଜାଲି, ରାଜକିଶୋର ଗଡ଼ବାଦ, କୈଳାସ ଚନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ଜେନା, ଆଦିତ୍ୟ ପ୍ରସାଦ ରଥ, ଅଚ୍ୟୁତାନନ୍ଦ ବେହେରା, ସମୀର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଚାରାଗୁଡ଼ିକ ଦାନ କରିଥିବା ଡାଳତୋଳା ଗ୍ରାମର ସାମାଜିକ କର୍ମୀ ଦିବାକର ପୃଷ୍ଟିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।






ପୁରୀ: ସୋମବାର ରଥ ଉପରେ ଅଧରପଣା ହାଣ୍ଡିଭଙ୍ଗା ନୀତି ଦେଖିବାକୁ ଭକ୍ତଙ୍କ ସମାଗମ।

ରଥ ଉପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଧରପଣା ଅର୍ପଣ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୭।୨୦୨୫

| ୫,୦୭,୫୬୭ ଟଙ୍କା | |
|---|---|
| ସୁନା | ୧୯୦ ମିଲିଗ୍ରାମ୍ |
| ରୁପା | ୫୩.୫୦୦ ଗ୍ରାମ୍ |

# ୧୨୬୫ ମୃତକଙ୍କ ନାମରେ ଉଠୁଥିଲା ଚାଉଳ

- ଇ-କେୱାଇସି ଯାଞ୍ଚରୁ ଜଣାପଡ଼ିଲା
- ବାଦ୍‌ପଡ଼ିବେ ୩ ହଜାରରୁ ଊର୍ଦ୍ଧ୍ୱ ଅଯୋଗ୍ୟ

ଅସ୍ତରଙ୍ଗ,୭।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ରାଶନ କାର୍ଡ ଇ-କେୱାଇସି ଯାଞ୍ଚର ଅବଧି ସରିଛି। ସରକାର ବାରମ୍ବାର ସୁଯୋଗ ଦେବା ପରେ ମଧ୍ୟ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକରେ ୯୪.୬% ଅର୍ଥାତ ୬୩ହଜାର ୭ଶହ ୪୭ଜଣ ଇ-କେୱାଇସି ଯାଞ୍ଚ କରିଛନ୍ତି। ଅବଶିଷ୍ଟ ୫ ପ୍ରତିଶତରୁ ଊର୍ଦ୍ଧ୍ୱ ତଥା ୩ହଜାର ୫୫ଜଣ ହିତାଧିକାରୀ ଇ-କେୱାଇସି ଯାଞ୍ଚ କରିନାହାନ୍ତି। ଏମାନେ ଅଯୋଗ୍ୟ ଓ ଭୂତ ହିତାଧିକାରୀ ବୋଲି କୁହାଯାଉଛି। ଜୁଲାଇ ମାସରୁ ଏମାନଙ୍କ ଚାଉଳ ବନ୍ଦ କରାଯିବ। ୩ମାସ ମଧ୍ୟରେ ଯଦି ଏମାନେ ଇ-କେୱାଇସି ଅପ୍‌ଡେଟ୍ ନ କରନ୍ତି, ତେବେ ତାଲିକରୁ ସମ୍ପୂର୍ଣ୍ଣ ବାଦ ପଡ଼ିବେ ବୋଲି ସରକାର ଚେତାଇ ଦେଇଛନ୍ତି।

ସୂଚନା ଅନୁଯାୟୀ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଓ ମୃତବ୍ୟକ୍ତି ସାମିଲ ଥିବା ଅଭିଯୋଗ ହୋଇଆସୁଥିଲା। ନୂଆ ଯୋଗ୍ୟ ବ୍ୟକ୍ତି ଚାଉଳ ପାଇବାରୁ ବଞ୍ଚିତ ହେଉଥିଲେ। ନୂଆ ସରକାର ଆସିବା ପରେ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ୨୦୨୪ ଅଗଷ୍ଟ ୨୨ରୁ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ଯେଭଳି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରିପାରିବେ ସେଥିପାଇଁ ସରକାର ପ୍ରାୟ ୫ଥର ଏହାର ଅବଧି ବୃଦ୍ଧି କରିଥିଲେ। ଏପରିକି ବାହାରେ ଥିବା ବ୍ୟକ୍ତିଙ୍କୁ ମଧ୍ୟ ଇ-କେୱାଇସି ଅପ୍‌ଡେଟ କରିବାକୁ ସୁଯୋଗ ଦେଇଥିଲେ। ଅବଧି ଶେଷ ସୁଦ୍ଧା ଯେଉଁମାନେ ଇ -କେୱାଇସି କରିନାହାନ୍ତି ସେମାନେ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି। ଅସ୍ତରଙ୍ଗ ବ୍ଲକ ୧୫ଟି ପଞ୍ଚାୟତକୁ ନେଇ ଗଠିତ। ଏଠାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୬୭ହଜାର ୩ଶହ ୯୬ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇ ରାଶନ ସାମଗ୍ରୀ ପାଉଛନ୍ତି। ଗତବର୍ଷ ଅଗଷ୍ଟରୁ ନଭେମ୍ବର ୩ମାସ ମଧ୍ୟରେ ଅସ୍ତରଙ୍ଗ ବ୍ଲକରେ ୮୪ ପ୍ରତିଶତ ହିତାଧିକାରୀ ଥିବା ବେଳେ ଡିସେମ୍ବର ବେଳକୁ ଏହି ସଂଖ୍ୟା ୯୦ ପ୍ରତିଶତ ହୋଇଥିଲା। ପୁଣି ଅବଧି ବଢ଼ିଥିଲେ ବି ୬ମାସରେ ଅର୍ଥାତ ଜୁନ ଶେଷ ସୁଦ୍ଧା ଆଉ ମାତ୍ର ପାଖାପାଖି ୪ପ୍ରତିଶତ ବଢ଼ି ୯୪. ୬ ପ୍ରତିଶତ ହୋଇଛି। ଅସ୍ତରଙ୍ଗ ବ୍ଲକରେ ୯୪. ୬ ପ୍ରତିଶତ ଅର୍ଥାତ ୬୩ହଜାର ୭ଶହ ୪୭ଜଣ ହିତାଧିକାରୀ ଇ -କେୱାଇସି ଯାଞ୍ଚ କରିଛନ୍ତି। ବଳକା ୩ହଜାର ୫୫ ଜଣଙ୍କୁ ବାରମ୍ବାର ସୁଯୋଗ ଦେବା ପରେ ମଧ କରିନାହାନ୍ତି। ଏମାନଙ୍କ ମଧ୍ୟରେ ପ୍ରାୟ ୧ହଜାର ୨ଶହ ୬୫ ଜଣ ମୃତବ୍ୟକ୍ତି ବା ଭୂତ ହିତାଧିକାରୀ ଚିହ୍ନଟ ହୋଇ ବାଦ ଦିଆଯାଇଥିବା ଜଣାଯାଇଛି। ବର୍ଷ ବର୍ଷ ଧରି ଏହି ମୃତ ବ୍ୟକ୍ତିଙ୍କ ନାଁରେ ଚାଉଳ ଉଠୁଥିବା ସ୍ପଷ୍ଟ ହୋଇଛି। ଜୁଲାଇରୁ ଏମାନଙ୍କ ଚାଉଳ ବନ୍ଦ ହେବ। ସରକାରଙ୍କ ବାରମ୍ବାର ସୁଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଭୟରେ ସମ୍ପୃକ୍ତ ହିତାଧିକାରୀମାନେ ଇ-କେୱାଇସି ଯାଞ୍ଚ କରୁ ନ ଥିବା ଜଣାପଡ଼ିଛି। କାରଣ ଅନେକ ବ୍ୟକ୍ତିଙ୍କର ୪ଚକିଆ, ୬ଚକିଆ ଗାଡ଼ି ରହିଛି। ସେହିପରି ଶଯ୍ୟାଶାୟୀ ବ୍ୟକ୍ତି ଓ ପିଲାଙ୍କ ଇ-କେୱାଇସି କରିବାରେ ସମସ୍ୟା ଉପୁଜୁଛି।

# ରାହୁଲଙ୍କ ଗସ୍ତ ନେଇ ଜିଲା କଂଗ୍ରେସର ପ୍ରସ୍ତୁତି ବୈଠକ

ପୁରୀ,୭।୭(ଅଜିତ୍ କୁମାର ମହାନ୍ତି)

ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରିବା ପାଇଁ ସୋମବାର ପୁରୀ ଜିଲା କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟ ଇନ୍ଦିରା ଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୧ ତାରିଖରେ ଲୋକ ସଭାର ବିରୋଧୀ ଦଳ ନେତା ତଥା ଏମ୍‌ପି ରାହୁଲ ଗାନ୍ଧୀ ଭୁବନେଶ୍ୱରରେ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୁରୀ କଂଗ୍ରେସ ପକ୍ଷରୁ ଆଲୋଚନା କରାଯାଇଥିଲା। ସେହିପରି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶାର ମହିଳା ଶିଶୁ ଚାଲାଣ ଏବଂ ୧୦ମ ଶ୍ରେଣୀ ସ୍କୁଲ ଛାତ୍ରୀ ସନ୍ତାନ ପ୍ରସବ କରିବା ଆଦି ଦୁଃଖଦ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ଚଳିତବର୍ଷ ରଥଯାତ୍ରାରେ ହୋଇଥିବା ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ସେହିପରି ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି ଓଡ଼ିଶା ବିଧାନସଭାରେ ତାଙ୍କ ପ୍ରତି ହୋଇଥିବା ଆକ୍ରୋଶମୂଳକ ବ୍ୟବହାର ସମ୍ପର୍କରେ ଉଲ୍ଲେଖ କରିବା ସହ ଦଳର ଉନ୍ନତୀକରଣ କାର୍ଯ୍ୟ ସଂକ୍ରାନ୍ତରେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି। ପିସିସି ସମ୍ପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ ଓ ଜିଲା କଂଗ୍ରେସ ସଂଯୋଜକ ରାଜେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ପିସିସି ସଭ୍ୟ ସୁଜିତ ମହାପାତ୍ର, ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ବିଧାୟକ ପ୍ରାର୍ଥୀମାନେ ନିଜ ଆଭିମୁଖ୍ୟ ରଖିଥିଲେ। ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ପୂର୍ବତନ ଗୋପ ବ୍ଲକ ସଭାପତି ନୀଳମଣି ପ୍ରଧାନ, ନଗର କଂଗ୍ରେସ 'ଖ' ସଭାପତି ଅମରେନ୍ଦ୍ର ପାଇକରାୟ, ପିସିସି ପୂର୍ବତନ ସମ୍ପାଦକ ବିଶ୍ୱନାଥ ଦାଶ, ନିମାପଡ଼ା ବ୍ଲକ ସଭାପତି କାଳନ୍ଦି ବାରିକ, ସୀତାକାନ୍ତ ମହାନ୍ତି, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ମନୋଜ କୁମାର ରଥ, ସୌମ୍ୟକାନ୍ତ ଖୁଣ୍ଟିଆ, ଲଲାଟେନ୍ଦୁ ଦାସ, ମିତ୍ରଭାନୁ ମହାପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବେଆଇନ ବାଲି ବୋଝେଇ ହାଇୱା ଜବତ, ଡ୍ରାଇଭର ଗିରଫ

ବଳଙ୍ଗା,୭।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ବଳଙ୍ଗା-ସାତଶଙ୍ଖ ମୁଖ୍ୟରାସ୍ତାର ବାଜିଆପତି ଛକଠାରେ ସୋମବାର ବଳଙ୍ଗା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଗୋଟିଏ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ଏଥିସହ ଡ୍ରାଇଭଙ୍କୁ ଗିରଫ କରାଯାଇଛି। ସେ ହେଲେ ବାଲିପାଟଣା ଥାନା ଅଧୀନ ତେରବାଟିଆ ଗ୍ରାମର ଦୀପକ ପରିଡ଼ା (୩୪)। ଏନେଇ ପୋଲିସ ୧୫୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଧ୍ୟାହ୍ନ ସମୟରେ ବାଜିଆପତି ଛକଠାରେ ବଳଙ୍ଗା ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ କାଗଜପତ୍ର ମାଗିବାରେ ବେଆଇନ ବାଲି ନେଉଥିବା ଜଣାପଡ଼ିଥିଲା। ଗାଡ଼ିକୁ ଅଟକାଇ ବାଲି ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

### ମୋବାଇଲ, ସୁନାଚେନ୍ ଲୁଟ୍ ଅଭିଯୋଗରେ ୨୪ ଗିରଫ

ପୁରୀ,୭।୭(ଅଜିତ୍ କୁମାର ମହାନ୍ତି)

ବାହୁଡ଼ା ଯାତ୍ରା ଓ ସୁନା ବେଶ ସମୟରେ ଲୋକଙ୍କଠାରୁ ଛିନତାଇ ଓ ଲୁଟ୍ କରିବା ଅଭିଯୋଗରେ ବିଭିନ୍ନ ଥାନା ପକ୍ଷରୁ ୨୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମୋବାଇଲ ଚୋରି କରିବା ଘଟଣାରେ ବଳିଆପଣ୍ଡା ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଇବ୍ରାହିମ ଖାନ ଏବଂ ଘନଶ୍ୟାମ ଭଟ୍ଟ। ପୋଲିସ ୨ ଜଣଙ୍କଠାରୁ ୯ଟି ଫୋନ ଜବତ କରିବା ସହ ୧୧୨/୨୫ରେ ଏକ ମାମଲା ରୁଜୁ କରିଛି। ଭକ୍ତଙ୍କ ପକେଟ ମାର୍ ଓ ମୋବାଇଲ ଚୋରି କରିବା ଘଟଣାରେ କୁମ୍ଭାରପଡ଼ା ଥାନା ପୋଲିସ ୮ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୧୫ଟି ମୋବାଇଲ ଜବତ କରିଛି। ଏନେଇ ୩୦୫/୨୫ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି। ସେହିପରି ଭକ୍ତଙ୍କଠାରୁ ସୁନାଚେନ ଛିନିତାଇ କରିବା, ଚୋରି କରିବା, ଲୁଟ୍ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୧୨ ଜଣଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫ଟି ସୁନା ଚେନ୍ ଜବତ କରଛି। ଏନେଇ ଥାନା ପକ୍ଷରୁ ୩୦୪/୨୫ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ସୁନାବେଶ ଦର୍ଶନ କରିବାକୁ ଆସିଥିବା ଭକ୍ତଙ୍କଠାରୁ ମଙ୍ଗଳସୁତ୍ର ଲୁଟ୍ କରିବା ଅଭିଯୋଗରେ ସିଂହଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପୋଲିସ ସେମାନଙ୍କଠାରୁ ଚୋରି ମଙ୍ଗଳସୁତ୍ର ଜବତ କରିବା ସହ ୧୦୩/୨୫ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି।



ପୁରୀ ବଡ଼ଓଡ଼ିଆ ମଠରେ ଦାରୁଦିଅଁଙ୍କ କନକମୁଣ୍ଡି ଚାନ୍ଦୁଆ ପ୍ରସ୍ତୁତ କରାଯାଉଛି।

# ମା'ଙ୍କ ଆଖି ସହ ସୁନା ରୁପା ଅଳଙ୍କାର ନେଇଗଲେ ଦୁର୍ବୃତ୍ତ

ଗୋପ,୭।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗତ ୫ ତାରିଖ ବିଳମ୍ବିତ ରାତ୍ରରେ ଗୋପ ଥାନା ଅଧୀନ ମହଲପଡ଼ା ପଞ୍ଚାୟତ ଅଧୀନ ସାନକୁନ୍ଦୁରା ଗ୍ରାମର ଗ୍ରାମ ଦେବତୀ ନାରାୟଣୀ ମନ୍ଦିରରୁ ମା'ଙ୍କ ଆଖି ସମେତ ସୁନା, ରୁପା ଅଳଙ୍କାର ଚୋରି ହୋଇଥିବା ଜଣାପଡ଼ିଛି। ଏନେଇ ଗୋପ ପୋଲିସ ୨୧୩/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ହେଲେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନ ଥିବା ତଦନ୍ତକାରୀ ଅଧିକାରୀ ବୁଲୁ ସେଠୀ କହିଛନ୍ତି।

ପ୍ରକାଶ ଯେ, ନାରାୟଣୀ ମନ୍ଦିରରୁ କେହି ଦୁର୍ବୃତ୍ତ ବିଳମ୍ବିତ ରାତ୍ରରେ ମା'ଙ୍କ ମନ୍ଦିର ତାଲା ଭାଙ୍ଗି ସୁନା ରୁପା ଅଳଙ୍କାର ଚୋରି କରି ନେଇ ପଳାଇଥିଲେ। ଚୋରି ସମ୍ପର୍କରେ ୬ ତାରିଖ ସକାଳୁ ଜଣାପଡ଼ିବା ପରେ ଗ୍ରାମର ଦୀପ୍ତି ରଞ୍ଜନ ନାୟକ ଥାନାରେ ଅଭିଯୋଗ କରିଥିଲେ।

# କଳାବ୍ୟାଜ୍ ପିନ୍ଧି ଅମଲା ସଂଘର ପ୍ରତିବାଦ

ଅସ୍ତରଙ୍ଗ,୭।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ରାଜ୍ୟରେ ସମସ୍ତ ରାଜସ୍ୱ ଅମଲା ସଂଘ ୧୦ ଦଫା ଦାବି ନେଇ ସୋମବାର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଏହି କ୍ରମରେ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ରାଜସ୍ୱ କର୍ମଚାରୀ ରାଜେନ୍ଦ୍ର ପାତ୍ର, ବୁଦ୍ଧିରାମ ସାହୁ ଓ ଚନ୍ଦନ କୁମାର ପାତ୍ର ପ୍ରମୁଖ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି। ତୁରନ୍ତ ଦାବି ପୂରଣ ପାଇଁ ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି। ସଂଘର ନ୍ୟାଯ୍ୟ ଦାବି ପୂରଣ ନିମନ୍ତେ ଯଦି ସରକାର ଉଚିତ୍ ପଦକ୍ଷେପ ନ ନିଅନ୍ତି, ତେବେ ସଂଘ ଆଗକୁ ଆନ୍ଦୋଳନାତ୍ମକ ପଦକ୍ଷେପ ନେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୧୪ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ରିଲିଜ୍ ଜରିଆରେ କୁହାଯାଇଛି।

# ପରିବେଶ ସୁରକ୍ଷିତ ରହିଲେ ମଣିଷ ସମାଜ ସୁରକ୍ଷିତ ରହିବ

ଅସ୍ତରଙ୍ଗ,୭।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ବେଳାଭୂମି ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବନ ମହୋତ୍ସବ ପାଳନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାରେ ଅନିୟମିତତା, ବର୍ଷା ଦିନରେ ଗରମ ଅନୁଭୂତ ହେବା, ଶୀତଋତୁରେ ଥଣ୍ଡା ହ୍ରାସ ହେବା, ତାପମାତ୍ରା ବୃଦ୍ଧି ଯୋଗୁ ସାମୁଦ୍ରିକ ବାତ୍ୟା ପରି ପରିବେଶରେ ବିଭିନ୍ନ ଅପ୍ରାକୃତିକ ସମସ୍ୟା ସୃଷ୍ଟି ହୁଏ। ତେଣୁ ଚାରାରୋପଣ ଦ୍ୱାରା ଏହି ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ଏବଂ ଆମ ପରିବେଶ ସୁରକ୍ଷିତ ରହିପାରିବ। ପରିବେଶ ସୁରକ୍ଷିତ ରହିଲେ ମଣିଷସମାଜ ସୁରକ୍ଷିତ ରହିବ ବୋଲି ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମହାପାତ୍ର ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବଉଳ, ହରିଡ଼ା, ଅଁଳା, ଦେବଦାରୁ, ଚମ୍ପା ପ୍ରଭୃତି ଗଛର ଚାରାରୋପଣ କରାଯାଇଥିଲା। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବନ ବିଭାଗ କର୍ମଚାରୀ ଗଛ ଲଗାଇ ତାର ଯତ୍ନ ନେଇ ସମାଜରେ ପ୍ରେରଣାଦାୟୀ ହେବାକୁ ପରାମର୍ଶ ଦେଇଥିଲେ।

# ଅନ୍ନପୂର୍ଣ୍ଣା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ।

ଚାରିଛକ,୭।୭(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିମାପଡ଼ା ବନ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା ଓ ସ୍ଥାନୀୟ ବନ୍ୟପ୍ରାଣୀ ସଂରକ୍ଷଣ, ବନାଞ୍ଚଳ ଗୋପ (ନିମାପଡ଼ା)ର ବନପାଳ ବଳଭଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଅର୍ଜୁନ, ଅଁଳା, ବଉଳ ଆଦି ବୃକ୍ଷର ଚାରାରୋପଣ କରାଯାଇଥିଲା। ଅତିଥି ଭାବେ ଏନର୍ଜି କ୍ଲବ ଓ ଇକୋ କ୍ଲବର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ, ଅଜଶପୁର ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ, ଭଗବାନ ସାହୁ, ଚାରିଟେବୁଲ ଟ୍ରଷ୍ଟ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମା'ଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ୨ ଜଣ ଛାତ୍ର ତାଙ୍କ ମା'ଙ୍କ ନାମରେ ୨ଟି ଗଛ ଲଗାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବିଦ୍ୟାଳୟ ଶିକ୍ଷକ ପ୍ରକାଶଚନ୍ଦ୍ର ପାତ୍ର, ବାବାଜୀ ଚରଣ ସେନାପତି, ବିଭୁ ପ୍ରସନ୍ନ ଦାଶ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲ, ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ରାଜୀବ ବସ୍ତିଆ, ଫରେଷ୍ଟର ସ୍ୱାର୍ଗ ଶିଶିର ନାୟକ, ରୁଦ୍ର ନାରାୟଣ ବେହେରା, ବାବାଜି ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# 'ସଂସ୍କୃତ- ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ'

**ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଉତ୍ସବ**

- ପାଠ୍ୟକ୍ରମରେ 'ଆଧାତ୍ମିକ ପର୍ଯ୍ୟଟନ', 'କର୍ମକାଣ୍ଡ' ସାମିଲ ହୋଇପାରେ




ଅତିଥିମାନେ 'ଶ୍ରୀବିହାର ଭାରତୀ ନ୍ୟୁଜ୍ ବୁଲେଟିନ୍' ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

ପୁରୀ,୭।୭(ଅଜିତ୍ କୁମାର ମହାନ୍ତି)

ସଂସ୍କୃତ ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସଂସ୍କୃତ ଆମର ଗୁପ୍ତ ସମ୍ପଦ। ଭାରତୀୟ ଦର୍ଶନ, ପ୍ରାଚୀନ ପୁରାଣ ଶାସ୍ତ୍ରକୁ ଧୀରେ ଧୀରେ ସମଗ୍ର ବିଶ୍ୱ ଆପଣାଇଲାଣି, କିନ୍ତୁ ଆମେ ପାସୋରି ଚାଲିଛୁ। ଆମେ ଆମ ପରମ୍ପରା, ଗୀତା, ଭାଗବତ, ବେଦ, ଉପନିଷଦର ମହତ୍ତ୍ୱ ଦୃଷ୍ଟିରୁ ଅନୁସରଣ କରିବାକୁ ପଡ଼ିବ ବୋଲି ସୋମବାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବିଶ୍ୱବିଦ୍ୟାଳୟ ପରିସରରେ ୪୫ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ଥପତି ସୁଦର୍ଶନ ସାହୁ ଯୋଗଦେଇ କହିଥିଲେ, ଭାଷା, ସାହିତ୍ୟ, ସଂସ୍କୃତି ହେଉଛି ଗୋଟିଏ ଜାତିର ଅମୂଲ୍ୟ ସମ୍ପଦ। ଓଡ଼ିଶାରେ ଯାହା ଅଛି, ତାହା ଭାରତରେ ନାହିଁ। ଆମର ବହୁ ତାଳପତ୍ର ପୋଥି ବିଦେଶକୁ ଚାଲିଯାଇଛି। ଏହାକୁ ଫେରାଇ ଆଣି ଏହା ଉପରେ ଗବେଷଣା କରାଯିବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ନୀଳକଣ୍ଠ ପତି ଯୋଗଦେଇ କହିଥିଲେ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂସ୍କାର ପାଇଁ ମନ୍ତ୍ର ଉଚ୍ଚାରଣ ସଂସ୍କୃତରେ ହୁଏ। ତେଣୁ ସଂସ୍କୃତ ଆମର ଗୁପ୍ତ ଓ ଗୌରବମୟ ସମ୍ପଦ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କହିଥିଲେ, ପାଠ୍ୟକ୍ରମରେ 'ଆଧାତ୍ମିକ ପର୍ଯ୍ୟଟନ' ଓ 'କର୍ମକାଣ୍ଡ' ସାମିଲ ହେବା ନେଇ ପ୍ରୟାସ ଆରମ୍ଭ ହୋଇଛି। ସଂସ୍କୃତ ବିଷୟ ରଖି ଇଣ୍ଟର ମିଡିଏଟ୍ କରିଥିବା କିମ୍ବା ଉପଶାସ୍ତ୍ର ପଢ଼ିଥିବା ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ସାମିଲ ହୋଇପାରିବେ। ଏହାବ୍ୟତୀତ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୪ଟି ପ୍ରସ୍ତାବ ସରକାରଙ୍କୁ ଦିଆଯାଇଛି। ଉକ୍ତ ବିଶ୍ୱବିଦ୍ୟାଳୟର ୧୦୦ ଏକର ପରିମିତ ଜମି ଥିଲେ ହେଁ, ଏବେ ମାତ୍ର ୧୫-୨୦ ଏକର ବ୍ୟବହୃତ ହେଉଛି। ତେଣୁ ଏହି ବିଶ୍ୱବିଦ୍ୟାଳୟକୁ ପାରମ୍ପରିକ ରୂପ ଦେବା ପାଇଁ ଗୁରୁକୁଳ ଶୈଳୀରେ ୧୫ଟି କଟେଜ, ୨୨ କୋଟି ଟଙ୍କା ଲେଖାଏ ବ୍ୟୟରେ ଦୁଇଟି ୧୫୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ, ୧୨ କୋଟି ଟଙ୍କା ବ୍ୟୟରେ ଏକାଡେମିକ ବ୍ଲକ, ୧୨ ରୁମ୍ ବିଶିଷ୍ଟ ଅତିଥି ଭବନ, ନୂଆ ପ୍ରଶାସନିକ ବ୍ଲକ, ମଲ୍‌ଟି ଷ୍ଟୋରେଡ୍ ବିଲ୍‌ଡିଂ, ଶିକ୍ଷକ, ଅଧିକାରୀ ଓ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ, ସର୍ବସାଧାରଣ ଶୌଚାଳୟ ଆଦି ନିର୍ମାଣ କରାଯିବା ନେଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ସହ ଆଲୋଚନା ହୋଇସାରିଛି ବୋଲି ସ୍ୱାଇଁ ସୂଚନା ଦେଇଛନ୍ତି। ଉତ୍ସବରେ କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଅଭିଭାଷଣ ରଖିଥିଲେ। ଏହି ଅବସରରେ ଶ୍ରେଷ୍ଠ ଗ୍ରାଜୁଏଟଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଓ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। 'ଶ୍ରୀବିହାର ଭାରତୀ' ଏବଂ 'ଜଗନ୍ନାଥ ଜ୍ୟୋତି' ଜର୍ନାଲ ଉନ୍ମୋଚିତ ହୋଇଥିଲା। ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ଜି.ଏସ୍.ଭି. ଦତ୍ତାତ୍ରେୟ ମୂର୍ତ୍ତି ଧନ୍ୟବାଦ ଦେଇଥିଲେ।

**ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ**

କଟକ, (ଶିଳ୍ପା ପ୍ରିୟଦର୍ଶିନୀ): ସିଏମ୍‌ସି ୱାର୍ଡ ନଂ. ୭ ଅନ୍ତର୍ଗତ ଦେଉଳସାହିସ୍ଥିତ ରାମଲିଙ୍ଗେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଧାୟକ ଉନ୍ନୟନ ପାଣ୍ଠିରୁ ନିର୍ମାଣ ହୋଇଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପାନୀୟ ଜଳ ପ୍ରକଳ୍ପ ରାମଲିଙ୍ଗେଶ୍ୱର ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସହ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପାଇଁ ଅତ୍ୟନ୍ତ ଉପକାରୀ ହେବ ବୋଲି ବିଧାୟିକା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ କଂଗ୍ରେସ ସଭାପତି ଦିଲୀପ ମହାନ୍ତି, ବାପି ପାଣିଗ୍ରାହୀ, ରବୀନ୍ଦ୍ର ସାହୁ, ଆକୁଳି ଶେଠୀ, ସନାତନ ଶେଠୀ, ଶୋନୁ ସ୍ୱାଇଁ, ସ୍ୱଦେଶ ଶେଠୀ, ସଚିନ ଶେଠୀ, ରବି ପୃଷ୍ଟି, ପ୍ରଭାତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ବନମହୋତ୍ସବ

ଚୌଦ୍ୱାର,୭।୭ (ଆଶୁତୋଷ ଦାସ)

ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଚୌଦ୍ୱାର କଲେଜରେ ଉଦ୍ଭିଦ ବିଜ୍ଞାନ ପକ୍ଷରୁ ଏକ ସେମିନାର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଶ୍ୱନାକାହାଣି ଉଚ୍ଚ ବିଦ୍ୟାଳୟ ଅଧକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ଯୋଗଦେଇ ଔଷଧୀୟ ବୃକ୍ଷ ଚିହ୍ନଟ ଓ ତାର ଉଚିତ୍ ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସସ୍ମୀତା ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜର ରୋଭର୍ସ ଆଣ୍ଡ ରେଞ୍ଜର୍ସ ପକ୍ଷରୁ କଲେଜ ପରିସରରେ ଔଷଧୀୟ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଅଧ୍ୟାପିକା ଡ. କ୍ରୀଷ୍ଣା କାବେରୀ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଲେଜ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଓଟିଏମ କଲୋନୀସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଗୋପବନ୍ଧୁ ଖେଳ ପଡିଆ ଓ ମଙ୍ଗୁଳିଠାରେ ଥିବା କପିଳେଶ୍ୱର ମନ୍ଦିର ପରିସରରେ ବ୍ୟାପକ ଚାରା ରୋପଣ କରାଯାଇଥିଲା। ସଙ୍ଗଠନ ସଭାପତି ଭାସ୍କର ଚନ୍ଦ୍ର ରାଉତରାୟ ଓ ସମ୍ପାଦକ ଅଶ୍ୱିନୀ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୀମସେନ ବିଶ୍ୱାଳ, ଅମୂଲ୍ୟ ରଞ୍ଜନ ରାଉତରାୟ, ଭାସ୍କର ପ୍ରସାଦ ମହାପାତ୍ର, ଶିଶିର କୁମାର ସାହୁ, ରାଜକିଶୋର ସାମନ୍ତ, ଶୁକଦେବ ରାଉତରାୟଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଘରକୁ ଘର ବୁଲି ସଚେତନ କରିବେ ସ୍ୱେଚ୍ଛାସେବୀ



ବୈଠକରେ ଉପସ୍ଥିତ ଜିଲାପାଳ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଜନସ୍ୱାସ୍ଥ୍ୟ ଅଧିକାରୀମାନେ।

### ଡେଙ୍ଗୁ ନିୟନ୍ତ୍ରଣ ନିମନ୍ତେ ଆନ୍ତଃବିଭାଗୀୟ ବୈଠକ

କଟକ,୭।୭ (କାର୍ତ୍ତିକ ସାହୁ)

କଟକ ଜିଲାରେ ଡେଙ୍ଗୁ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ନିମନ୍ତେ ଏକ ଆନ୍ତଃବିଭାଗୀୟ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଆହୂତ ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରିଥିଲେ। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଡେଙ୍ଗୁ ବ୍ୟାପିବାର ସମୟ ହୋଇଥିବାରୁ ଡେଙ୍ଗୁ ନିରାକରଣ ନିମନ୍ତେ ମିଳିତ ଭାବେ ଉଦ୍ୟମ କରିବା ଉପରେ ଆଲୋଚନା କରାଯାଇଥିଲା। କଟକ ମହାନଗର ନିଗମ, ଜିଲା ବିଦ୍ୟାଳୟ ଓ ଗଣଶିକ୍ଷା, ପୂର୍ତ୍ତ, ପଞ୍ଚାୟତିରାଜ, ଜନସ୍ୱାସ୍ଥ୍ୟ, ସମାଜ ମଙ୍ଗଳ, କୃଷି, ଗ୍ରାମୀଣ ପାନୀୟ ଜଳ ଯୋଗାଣ, ମତ୍ସ୍ୟ, ଜିଲା ମଙ୍ଗଳ ବିଭାଗ, ମିଶନ ଶକ୍ତି ଆଦି ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ପ୍ରାଥମିକତା ଦେଇଥିଲେ। କ୍ଷୀପ୍ର ଗତିରେ ବ୍ୟାପୁଥିବା ଡେଙ୍ଗୁର ବାହକ ଏଡିସ୍ ମଶାର ବଂଶବୃଦ୍ଧିକୁ ରୋକିବା ଏବଂ ଆବଶ୍ୟକ ସ୍ୱଚ୍ଛତା ଅବଲମ୍ବନ କରିବା ଉପରେ ଲୋକମାନଙ୍କୁ ସଚେତନ କରିବାକୁ କୁହାଯାଇଥିଲା। ଡେଙ୍ଗୁର ଲକ୍ଷଣ, ସଂକ୍ରମଣ, ନିରାକରଣ ଉପରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଉପସ୍ଥାପିତ ତଥ୍ୟ ଉପରେ ଆଲୋଚନା କରାଯାଇଥିଲା। ଡେଙ୍ଗୁରେ ଆକ୍ରାନ୍ତ ରୋଗୀଙ୍କ ରକ୍ତନମୁନା ପରୀକ୍ଷା, ଏଲିସା ପରୀକ୍ଷା ଅଧୁନା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଏସ୍‌ସିବି ମେଡିକାଲରେ ଉପଲବ୍ଧ ହେଉଥିବା ବେଳେ ବାଙ୍କୀ, ଆଠଗଡ଼ ଡାକ୍ତରଖାନାରେ ଏହି ମେଶିନ ଉପଲବ୍ଧ କରାଇବାକୁ ଜିଲାପାଳ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ।

ଜିଲାରେ ୨୦୨୩ ତୁଳନାରେ ୨୦୨୪ରେ ଡେଙ୍ଗୁ ରୋଗର ସଂକ୍ରମଣ ତୁଳନାତ୍ମକ ଭାବେ ହ୍ରାସ ପାଇଥିବା ବେଳେ ୨୦୨୫ରେ ଏହା ଆହୁରି ହ୍ରାସ କରିବାକୁ ସମସ୍ତ ପଦକ୍ଷେପ ନେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ମହାନଗର ନିଗମ ଅଞ୍ଚଳରେ ଡେଙ୍ଗୁ ଜୀବାଣୁର ଅଧିକ ଉପସ୍ଥିତି ପରିଧିଗୁଡିକୁ ଚିହ୍ନଟ କରି ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମଶା ଧୂଆଁରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ବଦଳାଇ ଏହା ନିୟମିତ ଭାବେ ପ୍ରୟୋଗ କରିବା ନିମନ୍ତେ ଜିଲାପାଳ କହିଥିଲେ। ଏସ୍‌ସିବି ମେଡିକାଲ, ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଆଦିରେ ଡେଙ୍ଗୁ ୱାର୍ଡ ଥିବା ସହିତ ପର୍ଯ୍ୟାପ୍ତ ପରିମାଣରେ ଡେଙ୍ଗୁ ପରୀକ୍ଷା କିଟ୍ ତଥା ଔଷଧ ମହଜୁଦ ଥିବା ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିଲେ। ପଞ୍ଚାୟତସ୍ତରରେ ଏହାର ସଚେତନତା ଓ ନିରାକରଣ ନିମନ୍ତେ ସ୍ୱତନ୍ତ୍ର ଗ୍ରାମ ସଭା ଡାକିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଡେଙ୍ଗୁର ବାହକ ଏଡିସ ମଶାର ଜନ୍ମ ଓ ବୃଦ୍ଧି ଜମି ରହୁଥିବା ସ୍ୱଚ୍ଛ ଜଳ ଦ୍ୱାରା ହେଉଥିବାରୁ ବିଭିନ୍ନ ସ୍ତରରେ ଏହାକୁ ସଫା କରିବା ନିମନ୍ତେ ପ୍ରଚେଷ୍ଟା ଓ ସଚେତନତା ସୃଷ୍ଟି କରିବାକୁ ଯୋଜନା ପ୍ରସ୍ତୁତ କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସଚେତନତା ସୃଷ୍ଟି ନିମନ୍ତେ ମହାନଗର ନିଗମ ଅଞ୍ଚଳରେ ୧୭ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିବା ବେଳେ ଏହାକୁ ୫୦ଜଣ ପର୍ଯ୍ୟନ୍ତ ବଢ଼ାଇବା ବ୍ୟବସ୍ଥା କରାଯାଉଛି। ଗ୍ରାମାଞ୍ଚଳରେ ଘରକୁ ଘର ଯାଇ ଲୋକଙ୍କୁ ବୁଝାଇବା ନିମନ୍ତେ ଅଙ୍ଗନୱାଡି କର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ବୈଠକରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ଚାରାରୋପଣ କଲେ ହାଇକୋର୍ଟ ବିଚାରପତି



ବନ ମହୋତ୍ସବରେ ହାଇକୋର୍ଟ ବିଚାରପତିଙ୍କ ସହ ଜିଲାପାଳ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

### ରେଭେନ୍‌ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସରେ ବନ ମହୋତ୍ସବ

କଟକ,୭।୭ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ମା'ଙ୍କ ନାମରେ ବୃକ୍ଷଟିଏ କାର୍ଯ୍ୟକ୍ରମ ଶୀର୍ଷକ ବନ ମହୋତ୍ସବ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ମହାନଦୀ କ୍ୟାମ୍ପସ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ, ପ୍ରାଧିକରଣର କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ତଥା ଓଡିଶା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ସମେତ ହାଇକୋର୍ଟର ବିଚାରପତି କୃଷ୍ଣରାମ ମହାପାତ୍ର, ସାବିତ୍ରୀ ରଥ, ମୃଗାଙ୍କ ଶେଖର ସାହୁ, ଆଦିତ୍ୟ କୁମାର ମହାପାତ୍ର, ବିରଜା ପ୍ରସନ୍ନ ଶତପଥୀ, ମୁରାହରି ଶ୍ରୀରମଣ, ଗୌରୀ ଶଙ୍କର ଶତପଥୀ, ଚିତ୍ତରଞ୍ଜନ ଦାଶ ଓ ଶିବ ଶଙ୍କର ମିଶ୍ର ପ୍ରମୁଖ ଚାରାରୋପଣ କରିଛନ୍ତି। ବିଭିନ୍ନ ପାରିବେଶିକ ସମସ୍ୟା ତଥା ପ୍ରଦୂଷଣର ସମ୍ମୁଖୀନ ହେଉଥିବା ଜୈବିକ ମଣ୍ଡଳ ବନୀକରଣକୁ ଆଧାର କରି ଏକ ସୁସ୍ଥ ଓ ସବୁଜ ପରିବେଶ ଗଠନ କରିବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି।

ହାଇକୋର୍ଟ ନିବନ୍ଧକଗଣ, ଓଡ଼ିଶା ନ୍ୟାୟିକ ଅକାଦେମୀର ନିର୍ଦ୍ଦେଶକଗଣ, ଜିଲାପାଳ, ଅତିରିକ୍ତ ଜିଲାପାଳ, କଟକ ଡିସିପି, କଟକ ଜିଲା ଅଦାଲତର ଭାରପ୍ରାପ୍ତ ଜିଲାଜଜ୍, ନିବନ୍ଧକ, କଟକ ଆଇନ ସେବା ପ୍ରାଧିକରଣର ସଚିବ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଓ ନିବନ୍ଧକ, କଟକ ମ୍ୟୁନିସିପାଲ କର୍ପୋରେସନ୍, କଟକ ଉଦ୍ୟାନ କୃଷି ବିଭାଗ ଏବଂ ବନ ବିଭାଗ ଅଧିକାରୀଗଣ ଯୋଗଦେଇ ଚାରାରୋପଣ କରିଥିଲେ।

## ବସୁନ୍ଧରା ପରିସରରେ ବୃକ୍ଷରୋପଣ

କଟକ ସଦର,୭।୭(ସୁଶାନ୍ତ କୁମାର ଜେନା)

ଗଡିରାଉତ ପାଟଣାସ୍ଥିତ ସାମାଜିକ ଅନୁଷ୍ଠାନ ବସୁନ୍ଧରା ପରିସରରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ସିଂହ ଓ ବରିଷ୍ଠ ଅଧ୍ୟାପିକା ନିବେଦିତା ସିଂହ ପିଲାମାନଙ୍କ ଗହଣରେ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବସୁନ୍ଧରା ସମସ୍ତ ଅନ୍ତେବାସୀ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ଏହି ସ୍ଥାନରେ ଅଧିକ ଫଳ ଓ ଫୁଲ ଗଛ ଲଗାଯିବ ବୋଲି ସିଂହ କହିଥିଲେ। କାର୍ଯ୍ୟକ୍ରମରେ ବିଜେଡି ବରିଷ୍ଠ ନେତା ଯୁଗଳ ନାୟକ, ବସୁନ୍ଧରାର ପରିଚାଳିକା ଅର୍ଚ୍ଚନା ମହାନ୍ତି, ସୁବୋଧ ବେହେରା, କିଶୋର ହରି, ବାବୁନା ସିଂହ, ମନୋଜ ଭୋଇ, ଜିତେନ୍ଦ୍ର ବେହେରା ଓ ରଣଜିତ ଭୋଇ ପ୍ରମୁଖ ବୃକ୍ଷ ରୋପଣରେ ସହଯୋଗ କରିଥିଲେ।

## ୯ ଜୁଲାଇ ଦେଶବ୍ୟାପୀ ହରତାଳକୁ କଟକରେ ସମର୍ଥନ




ଅରୁଣୋଦୟ ମାର୍କେଟସ୍ଥିତ ସିଡିଏ କର୍ମଚାରୀ ସଂଘ ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କଟକ,୭।୭(କାର୍ତ୍ତିକ ସାହୁ)

କେନ୍ଦ୍ର ସରକାରଙ୍କ ଜନବିରୋଧୀ, ଶ୍ରମିକ ବିରୋଧୀ, କୃଷକ ବିରୋଧୀ ନୀତି ବିରୋଧରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଆଇଏନଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ ଏଲପିଏଫ, ଏନ୍‌ଏଫ୍‌ଆଇଟିୟୁ ଆଦି ୧୧ଟି ଶ୍ରମିକ ସଙ୍ଗଠନ ଏବଂ ବ୍ୟାଙ୍କ ବୀମା, କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ ସଙ୍ଗଠନ ସହିତ ବିଭିନ୍ନ ସ୍କିମ ଶ୍ରମିକ ସଙ୍ଗଠନ, ନିର୍ମାଣ ଶ୍ରମିକ ସଙ୍ଗଠନ ସମେତ ବହୁ ସଙ୍ଗଠନ ୯ ଜୁଲାଇ ଦେଶବ୍ୟାପୀ ହରତାଳ ଡାକରା ଦେଇଛନ୍ତି। ଏହି ଧର୍ମଘଟରେ ମଧ୍ୟ ସଂଯୁକ୍ତ କିଷାନ ମୋର୍ଚ୍ଚା ଅଂଶଗ୍ରହଣ କରିବ। କଟକରେ ଏହି ହରତାଳକୁ ସମର୍ଥନ କରାଯାଇଛି। ଏଥିପାଇଁ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି।

ପ୍ରକାଶ ଯେ, ପ୍ରମୁଖ ୧୭ ଦଫା ଦାବି ନେଇ ୯ ଜୁଲାଇ ଦେଶବ୍ୟାପୀ ହରତାଳକୁ ସମସ୍ତ ଜନସାଧାରଣ ସମର୍ଥନ କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ କର୍ମଚାରୀ ଫେଡେରେଶନ ପକ୍ଷରୁ ସୋମବାର ସିଡିଏ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଙ୍ଗଠନ ସମୂହ ପକ୍ଷରୁ କିଶୋର ଜେନା, ରବିନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ସନ୍ତୋଷ ଭୋଳ, ଶୁଭାଶିଷ ପଟ୍ଟନାୟକ, ବିଜୟ ପତି, କେଶବ ଷଡ଼ଙ୍ଗୀ, ମନୋରଞ୍ଜନ ମହାରଣା, ମନୋଜ କୁମାର ମହାନ୍ତି, ନିହାରରଞ୍ଜନ ଦାସ, ରାଜକିଶୋର ମଲ୍ଲିକ, ଚନ୍ଦ୍ରକାନ୍ତ ବେହେରା, ଅଭୟ ସ୍ୱାଇଁ, ପ୍ରସନ୍ନ ମହାପାତ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ନିବେଦନ କରିଛନ୍ତି।

# ଥାନାରେ ଏତଲା ଦେଲେ ବାରବାଟୀ-କଟକ ବିଧାୟିକା

### ରାହୁଲ ଗାନ୍ଧୀଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ଭିଡିଓ ପୋଷ୍ଟ ଘଟଣା

କଟକ,୭।୭(ଶିଳ୍ପା ପ୍ରିୟଦର୍ଶିନୀ)

ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ଚାଲିଥିବା ମିଥ୍ୟା ପ୍ରଚାର ଏବଂ ଏଡିଟ ଭିଡିଓ ପ୍ରଚାରକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏହି ଘଟଣାକୁ ନେଇ ସୋମବାର ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଲାଲବାଗ ଥାନାରେ ଏତଲା ଦେଇଛନ୍ତି। କଂଗ୍ରେସ ପକ୍ଷରୁ ବିହାରରେ ମହିଳାଙ୍କ ପାଇଁ ସ୍ୟାନିଟାରି ନାପକିନ ପ୍ୟାଡ୍ ବଣ୍ଟନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ଉଦ୍ୟମକୁ ଅପମାନିତ କରିବା ଉଦ୍ଦେଶ୍ୟରେ ଏକ ଏଡିଟ କରାଯାଇଥିବା ଭିଡିଓ ସାମାଜିକ ଗଣମାଧ୍ୟମ ଏକ୍ସ ଆକାଉଣ୍ଟରେ ରତନ ରଞ୍ଜନ ବ୍ୟକ୍ତି କରିଥିବା ପୋଷ୍ଟ ବେଶ ଭାଇରାଲ ହୋଇଛି। ବିଧାୟିକା ସୋଫିଆ କହିଛନ୍ତି, ଘଟଣାକୁ ପୋଲିସ ଗୁରୁତର ସହ ନେଉ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଏହାସହ ସାମାଜିକ ମାଧ୍ୟମରୁ ଏହାକୁ ହଟାଯାଉ। ଏହା କେବଳ ରାହୁଲ ଗାନ୍ଧୀଙ୍କ ବିରୋଧରେ ନୁହେଁ, ସମସ୍ତ ନାରୀ ଜାତି ପ୍ରତି ଅପମାନ ବୋଲି ବିଧାୟିକା କହିଛନ୍ତି। ଏତଲା ଦେବା ସମୟରେ କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ସୁରେନ୍ଦ୍ର ନାଥ କର, ଶୈଳବାଳା ଜେନା, କର୍ପୋରେଟର ସନ୍ତୋଷ ଭୋଳ, ଭାନୁ ସେନାପତି, ଲିଜା ରାଉତ, ଶୁବାଶିଷ ପଟ୍ଟନାୟକ, ଜେ. କାମେଶ ରାଓ ଓ ସ୍ୱର୍ଣ୍ଣପ୍ରଭା ପସାୟତ, କଂଗ୍ରେସ ନେତା କେଦାର ପୃଷ୍ଟି, ଶରତ ଚନ୍ଦ୍ର ଶେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟିକା ସୋଫିଆ ଫିର୍ଦ୍ଦୋସ ଥାନାରେ ଏତଲା ଦେବା ଅବସରରେ କଂଗ୍ରେସର କର୍ମୀମାନେ ଉପସ୍ଥିତ ଅଛନ୍ତି।

## ଏସ୍‌ଭିନିର୍‌ତାର ନୂତନ ଆହରଶାଳା ଉଦ୍‌ଘାଟିତ




ଉଦ୍‌ଘାଟନ ଉତ୍ସବ ଅବସରରେ ଉପସ୍ଥିତ ଅତିଥି।

କଣ୍ଟାପଡା,୭।୭(ସୁରନାରାୟଣ ସାହୁ)

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ ଓଲଟପୁରଠାରେ ଥିବା ଏସ୍‌ଭିନରତାର ପରିସରରେ ଦିବ୍ୟାଙ୍ଗ ଭଉଣୀଭାଇ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ନୂତନ ଆହରଶାଳା (କ୍ୟାଫେଟେରିୟା) ସୋମବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରୀୟ ଖଣିଜ ଯୋଜନା ଓ ପରିକଳ୍ପନା ଅନୁଷ୍ଠାନ (ସିଏମପିଡିଆଇ) ଅନୁଦାନରେ ନିର୍ମିତ ଏହି ଆହରଶାଳା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର କେନ୍ଦ୍ରୀୟ ସଚିବ ରାଜେଶ ଅଗ୍ରୱାଲ ଭିଡିଓ କନଫେରେନ୍ସି ମାଧ୍ୟମରେ ଉଦଘାଟନ କରିଥିଲେ। ଏସ୍‌ଭିନିରତାର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ଯୁଗ୍ମସଚିବ ରାଜୀବ ଶର୍ମା, ସିଏମପିଡିଆଇର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ କୁମାର ଭର, ପରିଚାଳକ ମନୋଜ କୁମାର ଓ ଏସ୍‌ଭି ନିରତାରର ବୈଷୟିକ ଉପନିର୍ଦ୍ଦେଶକ ଡା କିଶୋର ଚନ୍ଦ୍ର ମହାପାତ୍ର ଓ ପ୍ରଶାସନିକ ଉପନିର୍ଦ୍ଦେଶକ ଇଂ. ସତ୍ୟଜିତ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆହାରଶାଳାରେ ସୁଲଭ ମୂଲ୍ୟରେ ଦିବ୍ୟାଙ୍ଗ ଓ ଅନୁଷ୍ଠାନରେ କାମ କରୁଥିବା କର୍ମଚାରୀ ଓ ପାଠପଢୁଥିବା ଛାତ୍ରୀଛାତ୍ରମାନେ ଖାଦ୍ୟ ଖାଇପାରିବେ ବୋଲି ଉପନିର୍ଦ୍ଦେଶକ ଡା. ମହାପାତ୍ର କହିଥିଲେ।

## କଟକ ସଦର ବ୍ଲକ: ଅନ୍ତ୍ୟୋଦୟ ଗୃହ ବଣ୍ଟନରେ ଅଚଳାବସ୍ଥା

କଟକ ସଦର,୭।୭(ସୁଶାନ୍ତ କୁମାର ଜେନା)

ଗରିବ ଓ ଚାଳ ଘରେ ରହୁଥିବା ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ୨୨୦୦ ପରିବାର ଅନଲାଇନରେ ଏହି ଗୃହ ପାଇବା ପାଇଁ ଆବେଦନ କରିଥିଲେ। ହେଲେ ଆବେଦନକାରୀଙ୍କ ଆର୍ଥିକସ୍ଥିତି ଯାଞ୍ଚ ବେଳେ ବାପ-ପୁଅଙ୍କ ଭିତରେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ଅଦଳବଦଳ ହୋଇଥିବା ଘଟଣା ପଦାକୁ ଆସିଛି। ପୂର୍ବରୁ ଯେଉଁମାନଙ୍କ ନାମ ବିପିଏଲ ଓ ସାମାଜିକ ଅର୍ଥନୈତିକ ପଛୁଆ ତାଲିକାରେ ନାମ ଥିବ କେବଳ ସେହି ପରିବାରକୁ ଘର ଦିଆଯିବା ନିୟମଥିଲା। କେତେକ ସ୍ଥାନରେ ବାପର କ୍ରମିକ ନମ୍ବରରେ ବୋହୂ ଘର ନେଇଯାଇଛି। ସେଥିପାଇଁ ଏବେ ବି ସୁଦ୍ଧା ମା'ବାପ ଚାଳ ଛପର କିମ୍ବା ଜରିପାଲ ଟାଙ୍ଗି ରହୁଛନ୍ତି। ଏ କଥା ତଦନ୍ତକାରୀ ଅଫିସରମାନେ ଜାଣି ଥିଲେ ସୁଦ୍ଧା ରିସ୍କ ନେବାକୁ ଚାହୁଁ ନାହାନ୍ତି। ସେଥିପାଇଁ ଗୃହ ବଣ୍ଟନ କାର୍ଯ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଯେଉଁ ବ୍ୟକ୍ତି କୋଠା ଘରେ ରହିଥିଲେ ସୁଦ୍ଧା ଏହି ଘର ନିଜ ଭାଇଙ୍କ ବୋଲି ତଦନ୍ତକାରୀଙ୍କୁ କହୁଛନ୍ତି। କେତେଜଣ ଲୋକ ସତ୍ୟପାଠ ଧରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚୁ ଥିବା ଲକ୍ଷ୍ୟ କରାଯାଉଛି। ବାପା, ଭାଇମାନେ ଏକାନ୍ନ ପରିବାର ରହିଥିବାରୁ ସବରେଜିଷ୍ଟ୍ରାରଙ୍କ ନିକଟରେ କେବଳ ଘର କରିବା ପାଇଁ ଥିବା ନିର୍ମାଣ ପ୍ଲଟର ବଣ୍ଟନ ପତ୍ର କରିଦେଲେ ସବୁ ସମସ୍ୟା ସମାଧାନ ହୋଇପାରନ୍ତା ବୋଲି କୁହାଯାଉଛି। ଏ ନେଇ ସରକାରଙ୍କ ନୀତି ଏବେ ବି ସୁଦ୍ଧା ଅସ୍ପଷ୍ଟ ଅଟେ। କଟକ ସଦର ବିଡିଓ ପ୍ରତୀକ ସାହୁଙ୍କୁ ପଚାରିବାରୁ ଏହା ଉପରେ କୌଣସି ମତ ଦେଇ ନ ଥିଲେ।



କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସୋମବାର ଶ୍ରୀଜୀଉଙ୍କ ନିକଟରେ ଅଧରପଣା ଲାଗି କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ଯୋଜନାରେ ସୀମିତ ରୋବୋଟିକ୍ ଅସ୍ତ୍ରୋପଚାର

### ଏସ୍‌ସିବି, ଏଏଚ୍‌ପିଜିଆଇସି
### ଅତ୍ୟାଧୁନିକ ଚିକିତ୍ସାରୁ ବଞ୍ଚିତ ରୋଗୀ

କଟକ,୭।୭ (ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ଓ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ (ଏଏଚ୍‌ପିଜିଆଇସି)ରେ ରୋବୋଟିକ୍ ଅସ୍ତ୍ରୋପଚାର କେବଳ ଯୋଜନାରେ ସୀମିତ ରହିଛି। ଏପରି କି ବିଦେଶୀ କମ୍ପାନୀଠାରୁ ରୋବୋଟିକ ସର୍ଜରୀ ପାଇଁ ମେଶିନ କିଣାଯିବ ବୋଲି ସ୍ଥିର ହୋଇଥିଲା। ଏଭଳି ବ୍ୟବସ୍ଥା ଲାଗୁ ହୋଇଥିଲେ ତାହା ସରକାରୀ ମେଡିକାଲସ୍ତରରେ ରାଜ୍ୟର ପ୍ରଥମ ସରକାରୀ ମେଡିକାଲ କଲେଜ ଭାବେ ଏସ୍‌ସିବି ଓ କର୍କଟ କେନ୍ଦ୍ର ପରିଣତ ହୋଇଥାନ୍ତା। ହେଲେ ଏହି ଯୋଜନା କେବଳ ଆଲୋଚନାରେ ସୀମିତ ରହିଯାଇଛି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲର ୟୁରୋଲୋଜି ବିଭାଗ ପକ୍ଷରୁ ୫ ବର୍ଷ ପୂର୍ବରୁ ରୋବଟ ଆଣିବା ପାଇଁ ଯୋଜନା କରାଯାଇଥିଲା। ୟୁରୋଲୋଜି ବିଭାଗକୁ ରୋବଟ ପାଇଁ ପ୍ରାୟ ୧୨ କୋଟି ଟଙ୍କା ଆସିଥିବା କୁହାଯାଉଛି। ଏ ନେଇ ଟେଣ୍ଡର ପ୍ରକ୍ରିୟା ପାଇଁ ପୂର୍ବ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ତାହା କେବଳ ଯୋଜନାରେ ସୀମିତ ରହିଛି। ସେହିପରି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ୨୦୨୩ରେ ରୋବୋଟିକ ସିଷ୍ଟମ କରାଯିବ ବୋଲି ଯୋଜନା କରାଯାଇଥିଲା। ଏଥିପାଇଁ ବିଦେଶୀ କମ୍ପାନୀ ସହ ଆଲୋଚନା କରାଯାଇଥିଲା। ପୁରୁଣା ଓଟିକୁ ପରିବର୍ତ୍ତନ କରାଯାଇ ରୋବଟ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି କରାଯାଇଥିଲା। ଏପରି କି ଓଟିରେ ରୋବଟ ସ୍ଥାପନ କରାଯିବା ପରେ ପୂର୍ବ ସରକାରଙ୍କୁ ଚିଠି ମଧ୍ୟ ଲେଖାଯାଇଥିଲା। ମେଶିନର ମୂଲ୍ୟ ପ୍ରାୟ ୧୦ରୁ ୨୦ କୋଟି ଟଙ୍କା ରହିଥିବାବେଳେ ଏତେ ଟଙ୍କାର ମେଶିନ କ୍ରୟ କରିବା ପାଇଁ ସିଏସଆରର ଅପେକ୍ଷା କରାଯାଉଛି। ପରେ ଏହି ମେଶିନ କ୍ରୟ ପାଇଁ ଓଡିଶା ଷ୍ଟେଟ୍ ମେଡିକାଲର କର୍ପୋରେଶନ ଲିମିଟେଡ (ଓଏସ୍‌ଏମ୍‌ସିଏଲ)କୁ ଏହାର ପ୍ରସ୍ତାବ ଦିଆଯାଇଛି। ହେଲେ ମଧ୍ୟ ଏ ଦିଗରେ କାର୍ଯ୍ୟ ଆଗେଇ ପାରି ନାହିଁ। ଏ ନେଇ ଏସ୍‌ସିବି ପ୍ରଶାସନିକ ଅଧିକାରୀ ସୁବାସ ରାଏଙ୍କୁ ପଚାରିବାରୁ କହିଛନ୍ତି ଯେ ନୂତନ ଭାବେ ଦାୟିତ୍ୱ ନେଇଥିବାରୁ ଏ ବିଷୟରେ ତଥ୍ୟ ନାହିଁ, ଯଦିଓ ଏଭଳି କୌଣସି ଯୋଜନା କରାଯାଇଛି ସେ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ସେହିପରି ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଅଧୀକ୍ଷକ ପ୍ରଫେସର ଡା. ନିହାରିକା ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି ଯେ, ଓଏସ୍‌ଏମ୍‌ସିଏଲକୁ ମେଶିନ କ୍ରୟ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଆଶା ରହିଛି ଏହି ଯୋଜନା ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୯ ଦିନ ପରେ ଅଭିଯୁକ୍ତ ଡ୍ରାଇଭର ଗିରଫ

**କାର୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟଣା**

ଭୁବନେଶ୍ୱର, ୭।୭(ସତ୍ୟଜିତ୍ ରାଉତ): ଶହୀଦନଗର ଥାନା ଅନ୍ତର୍ଗତ ବମିଖାଲ ଓଭରବ୍ରିଜ୍ ତଳ ଇମ୍ପା କାର୍ଯ୍ୟାଳୟ ସମ୍ମୁଖରେ କାର୍ ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟଣାରେ ୯ଦିନ ପରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଖାରପଡ଼ା କେନାଲ ରୋଡର ସିଦ୍ଧାର୍ଥ ସୌରଭ ମିଶ୍ର (୨୪)। ସୋମବାର କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜୁନ ୨୮ରାତି ପ୍ରାୟ ୯ଟା ୪୬ରେ ଭଗବାନ ବିଶୋଇ (୩୯) ସାଇକେଲରେ ଘରକୁ ଫେରୁଥିବାବେଳେ ଇମ୍ପା ଅଫିସ ନିକଟରେ (ଓଡି୦୨ଜି୦୫୨୧) କାର୍‌ଟି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଗୁରୁତର ଭଗବାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଭିଶୋଇ ଚନ୍ଦ୍ର ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ଶହୀଦନଗର ପୋଲିସ ଏକ ମାମଲା (ନଂ.୩୦୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଦୁର୍ଘଟଣାଗ୍ରସ୍ତ କାର୍‌କୁ ପଞ୍ଜୀକୃତ ମାଲିକ ସୁକାନ୍ତ ମହାପାତ୍ରଙ୍କଠାରୁ ଜବତ କରାଯାଇଥିଲା।

### ସ୍ୱାସ୍ଥ୍ୟ ପରିଦର୍ଶକ ଯୁଧିଷ୍ଠିରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ବାଘମାରୀ,୭।୭(ମିହିର ରଞ୍ଜନ ମହାପାତ୍ର):** ସିମୋର ସେକ୍ଟରର ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ଯୁଧିଷ୍ଠିର ଦେବତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଗାଁପୁର ସୋମନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସ୍ୱାସ୍ଥ୍ୟ ପ୍ରକଳ୍ପ ଅଧିକାରୀ ଦିଲୀପ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ମେଡିକାଲ ଅଫିସର ଡ. ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ରାଜକିଶୋର ପାଣିଗ୍ରାହୀ, ସୁଦର୍ଶନ ଦାସ, ତୃପ୍ତି ରଞ୍ଜନ ଭୂୟାଁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷକ ତଥା ସାହିତ୍ୟିକ ଅଖିଳେଶ ମହାପାତ୍ର ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ସୁବାସ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ପ୍ରତାପ ପରିଡ଼ା, ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତି, ବାଙ୍କନିଧି ବେହେରା, ବିଜୟ ସାହୁ, ଫାର୍ମାସିଷ୍ଟ ଅମିୟ କୁମାର ପଣ୍ଡା ପ୍ରମୁଖ ଯୁଧିଷ୍ଠିରଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ଏବଂ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯୁଧିଷ୍ଠିରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାସ୍ଥ୍ୟକର୍ମୀ ଦିବ୍ୟସିଂହ ରଣା ଧନ୍ୟବାଦ ଦେଇଥିଲେ।

### ଆଜିଠୁ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**ବୋଲଗଡ଼,୭।୭(ଦେବବ୍ରତ ହୋତା):** ଓଡ଼ିଶା ରାଜ୍ୟ ଡ୍ରାଇଭର ମହାସଂଘ ବୋଲଗଡ଼ ବ୍ଲକ ଶାଖା ପକ୍ଷରୁ ୧୦ଦଫା ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଏନେଇ ବୋଲଗଡ଼ ବିଡିଓ, ତହସିଲଦାର, ଥାନା ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତଭାବେ ଅବଗତ କରାଯାଇଛି। ଡ୍ରାଇଭରଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ, ୫୫ବର୍ଷ ପରେ ପେନ୍‌ସନ, ଡ୍ରାଇଭରଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ, ଗାଡ଼ିଗୁଡ଼ିକ ପାର୍କିଂ ଏବଂ ଡ୍ରାଇଭରଙ୍କ ବିଶ୍ରାମ ନେବା ପାଇଁ ପାର୍କିଂସ୍ଥଳରେ ବିଶ୍ରାମାଗାର ଏବଂ ଶୌଚାଳୟର ବ୍ୟବସ୍ଥା, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ବୀମା ରାଶି ଏବଂ ଦୁର୍ଘଟଣାରେ ଅକର୍ମଣ୍ୟ ହେଲେ ୧୦ଲକ୍ଷ ଟଙ୍କାର ବୀମାରାଶି ଆଦି ଦାବି ରହିଛି। ବୋଲଗଡ଼ ଡ୍ରାଇଭର ମହାସଂଘ ସଭାପତି ସୁକାନ୍ତ ବେହେରାଙ୍କ ନେତୃତ୍ୱରେ ଆହୂତ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ କରାଯିବ। ସଂଘ ଉପସଭାପତି ପ୍ରତାପ ତାରେଣିଆ, ସମ୍ପାଦକ ଏସ୍.କେ. କାଦଲ, ଜିପି ସଂଯୋଜକ ଓ ଆଡମିନ କାଳୁ, ବିଜୟ, ବଇଁଶୀ, ଉଦ୍ଧବ, ବାଦଲ ପ୍ରମୁଖ ଦାବି ହାସଲ ପାଇଁ ଆନ୍ଦୋଳନକୁ ସଫଳ କରିବାକୁ ଜନସାଧାରଣ ସହଯୋଗ ଲୋଡ଼ିଛନ୍ତି।

# ୧୦ ଦଫା ଦାବିରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

**ପୁଣି ଆନ୍ଦୋଳନକୁ ଓହ୍ଲାଇଲା ରାଜସ୍ୱ ଅମଲା ସଂଘ**

ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତିକ୍ରମେ ଖୋର୍ଦ୍ଧା ଜିଲାରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ୧୦ଦଫା ଦାବି ନେଇ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି। ଅମଲା ସଂଘ ଖୋର୍ଦ୍ଧା ଜିଲା ସଭାପତି ମୃତ୍ୟୁଞ୍ଜୟ ସେନାପତି, ସମ୍ପାଦକ ଅରୁଣ କୁମାର ମୁଦୁଲିଙ୍କ ନେତୃତ୍ୱରେ ଶତାଧିକ ଅମଲା ଯୋଗ ଦେଇଥିଲେ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇବେ। ସରକାର ଦାବି ପୂରଣ ଦିଗରେ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆସନ୍ତା ୧୪ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜିଲା ସଂଘ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ଜଣାଇ ଦିଆଯାଇଛି।

ଦାବିଗୁଡ଼ିକ ମଧ୍ୟରେ ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆରଏସ୍‌ପି ୨୦୧୭ ନିୟମ ଅନୁଯାୟୀ ଲେବଲ ୯କୁ ବୃଦ୍ଧି, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା ୬୯୮ ତା.୬।୧।୨୦୨୪, ପତ୍ର ସଂଖ୍ୟା ୭୦୮ ତା. ୬।୧।୨୦୨୪, ପତ୍ର ସଂଖ୍ୟା ୮୮୯୮ ତା.୧୫।୩।୨୦୨୫ ଅନୁଯାୟୀ ଏବଂ ସମସ୍ତ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁନର୍ଗଠନ କରାଯାଉ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮ ତା.୧୫।୩।୨୦୨୫ ଅନୁଯାୟୀ ହୋଇଥିବା କନିଷ୍ଠ ରାଜସ୍ୱ ସହାୟକଙ୍କର ରେସିଡେନ୍ସି ପିରିୟଡ୍ ୬ ବର୍ଷ ପରିବର୍ତ୍ତେ ୪ବର୍ଷ କରାଯାଉ। ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସ୍‌ଓ ପଦବୀକୁ ଏକତ୍ରୀକରଣ କରାଯାଇ କେବଳ ଏଏସ୍‌ଓ ପଦବୀ ଏବଂ କନିଷ୍ଠ ରାଜସ୍ୱ ସହାୟକ ପଦରୁ ଏଏସ୍‌ଓ ପଦବୀକୁ ପଦୋନ୍ନତି ନିମନ୍ତେ ରେସିଡେନ୍ସି ପିରିୟଡ୍‌କୁ ୪ ବର୍ଷ କରାଯାଉ। ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରାଯାଉ। ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ, ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀକୁ ପୁନଃ ପ୍ରଚଳନ କରାଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେ କୌଣସି ସଦସ୍ୟ, ସଦସ୍ୟାଙ୍କ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ପ୍ରଦାନ, ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବା ପଦବୀରେ ଶତ ପ୍ରତିଶତ ପଦୋନ୍ନତି ଦିଆଯାଉ, ତହସିଲ କାର୍ଯ୍ୟାଳୟ ମାନଙ୍କରେ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ମାମଲାକୁ ତ୍ୱରାନ୍ୱିତ କରାଯିବା ପାଇଁ ସେଠାରେ କାର୍ଯ୍ୟରତ ରାଜସ୍ୱ ସହାୟକଙ୍କୁ ଏଲ୍‌ଆରଏମ୍‌ଏସ୍ ୟୁଜର ଆଇଡି ପ୍ରଦାନ କରାଯାଉ, ରାଜସ୍ୱ ବିଭାଗରେ ସମସ୍ତ କାର୍ଯ୍ୟରେ ସଂସ୍କାର ଆଣାଯିବା ପାଇଁ ଏବଂ ନୂତନଭାବେ ନିଯୁକ୍ତି ପାଉଥିବା ରାଜସ୍ୱ ସହାୟକଙ୍କର ଦକ୍ଷତା ବୃଦ୍ଧି ପାଇଁ ପ୍ରବେଶକାଳୀନ ତାଲିମ ଦିଆଯାଉ, ନୂତନ ପେନ୍‌ସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନ୍‌ସନ ଯୋଜନା ଅନ୍ତର୍ଭୁକ୍ତ କରାଯିବାକୁ ଦାବି ସେମାନେ କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ରାଜସ୍ୱ ଅମଲାମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଇଁ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବେଗୁନିଆ,୭।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସଭାଗୃହରେ ପାଞ୍ଚଦିନ ଧରି ଚାଲିବାକୁ ଥିବା ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପାଇଁ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସୋମବାର ମଣ୍ଡଳ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜୁଲାଇ ୩ରୁ ୧୭ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ବେଗୁନିଆ ବ୍ଲକରେ ସୋମବାରଠାରୁ ୧୧ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୫୦ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ୪ଜଣ ସୁପରଭାଇଜର ଯୋଗ ଦେଇଥିଲେ। ସୁପରଭାଇଜର ସୁଧାକର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫର୍ମ ୬, ୬(କ), ୭ ଏବଂ ୮ କିପରି ନିର୍ଭୁଲ୍ ଭାବେ ବୁଥ୍‌ସ୍ତରୀୟ ଅଧିକାରୀମାନେ ପୂରଣ କରି କାର୍ଯ୍ୟ କରିବେ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ବୁଥ୍‌ସ୍ତରୀୟ ଅଧିକାରୀମାନେ କାର୍ଯ୍ୟ କରୁଥିବା ସମୟରେ ଯେଉଁ ସବୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେଗୁଡ଼ିକ ବିଡିଓଙ୍କ ଆଗରେ ଉତ୍ଥାପନ କରିଥିଲେ। ବିଡିଓ ଜେନା ସେଗୁଡ଼ିକର ତୁରନ୍ତ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବେଗୁନିଆ ଓ ବୋଲଗଡ଼ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ବେହେରା ଏବଂ ସୋନାଲି ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଉମାକାନ୍ତ ନାୟକ, ଗୀତାଞ୍ଜଳି ଜଗଦ୍ଦେବ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୨୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**ଏସ୍‌ସିୟୁ ହାତରେ ମଧ୍ୟସ୍ଥ**

ଭୁବନେଶ୍ୱର, ୭।୭(ସତ୍ୟଜିତ୍ ରାଉତ)

କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ(ଏସ୍‌ସିୟୁ) ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ରବିବାର ରାତିରେ ଜଟଣୀ ଗେଟ ନିକଟରେ ଏସ୍‌ସିୟୁ ଟିମ୍ ଚଢ଼ାଉ କରି ତାଙ୍କୁ ଧରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳର ରଶ୍ମିରଞ୍ଜନ ଭୋଳ(୩୪)। ତାଙ୍କଠାରୁ ୨୬୫ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ବ୍ୟବହୃତ ବୁଲେଟ୍ ମୋଟର ସାଇକେଲ, ୩୧ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ୍ ୟୁନିଟ ପକ୍ଷରୁ ମାମଲା(ନଂ.୪/୨୦୨୫) ରୁଜୁ କରାଯାଇ ରଶ୍ମିଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ରଶ୍ମି ବ୍ରାଉନ୍‌ସୁଗାର କାରବାରରେ ମଧ୍ୟସ୍ଥ ଭାବେ କାମ କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ରଶ୍ମିଙ୍କ ଲିଙ୍କ୍‌ରେ ଥିବା ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଛି ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି। ଟୁଇନ୍ ସିଟିରେ ନିଶା କାରବାର ବିରୋଧରେ ଚାଲୁଥିବା ଅଭିଯାନରେ ଏହି ସଫଳତା ଅଧିକ ବଳ ଦେବ ବୋଲି ପୋଲିସ କମିଶନର କହିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୭।୭(ସତ୍ୟଜିତ୍ ରାଉତ):** ସାଢ଼େ ୯ବର୍ଷ ତଳେ ଘରେ ପଶି ଦୁଇ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସୋମବାର କ୍ୟାପିଟାଲ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାବୁ ଓରଫ ରବି ମଲ୍ଲିକ। ଏହି ମାମଲାରେ ପୂର୍ବରୁ ୫ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ।

# କେଏସ୍‌ଏସ୍ ଇଣ୍ଡିଆନ୍ ଫାଇଟରକୁ ହରାଇ ଶ୍ୟାମ ଚାଲେଞ୍ଜର ବିଜୟୀ

**ପଞ୍ଚାୟତ ପ୍ରିମିୟର କ୍ରିକେଟ୍ ଲିଗ୍**

ଜଟଣୀ,୭।୭ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ତିରିମଲ ଏବଂ ବେଣାପଞ୍ଜରୀ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ପଞ୍ଚାୟତ ପ୍ରିମିୟର କ୍ରିକେଟ୍ ଲିଗ୍‌ରେ ସୋମବାର ଶ୍ୟାମ ଚାଲେଞ୍ଜର ଏବଂ କେଏସ୍‌ଏସ୍ ଇଣ୍ଡିଆନ ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଶ୍ୟାମ ଚାଲେଞ୍ଜର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ ଓଭରରେ ୭ ଉଇକେଟ ବିନିମୟରେ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ କେଏସ୍‌ଏସ୍ ଇଣ୍ଡିଆନ ଫାଇଟର ଟିମ୍ ୧୩ ଓଭରରେ ୮ ଉଇକେଟ ବିନିମୟରେ ୭୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଏବି ବିବେଚିତ ହୋଇଥିଲେ। ସଲ୍‌ମାନ ଖାନ ଏବଂ ଏମ୍.ଡି. ସାବାନ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ସାମାଜିକ କର୍ମୀ ଏ.ଡି. ସମିମ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


## OFFICE OF THE COLLECTOR & DISTRICT MAGISTRATE, BALASORE DISTRICT
(DISTRICT SOCIAL WELFARE OFFICE)

No.-2696 Date-05.07.25

**TENDER CALL NOTICE**

**No. g-14:-** Sealed tenders are invited from the intending individual/ Company/ Registered Firms/ Authorized licensing Transporting Contractor/ Corporation having registration certificate in support of their transportation work under "The Carriage by Road Act' 2007" and "Carriage by Road Rules, 2011" issued by the State Transport Authority or Regional Transport Authority for appointment of Transporting Agent under SNP Feeding Programme in Balasore district for the year 2025-26. Details of the documents are available on the website (**https://balasore.odisha.gov.in**).

Last date of submission of tender on or before 19.07.2025 at 5.00 PM.

**Sd./- District Social Welfare Officer, Balasore**
OIPR-24242/11/0013/2526

## OFFICE OF THE CDM & PHO & DISTRICT MISSION DIRECTOR, BHADRAK
DISTRICT HEALTH MISSION
(Department of Health & FW, Govt. of Orissa)

Advt. No: 11/2025 Date:05/07/2025

**REQUEST FOR PROPOSAL (RFP) FOR OUTSOURCING OF HOUSEKEEPING SERVICES**

No. E-216:- Sealed proposals as per the prescribed RFP document are invited from Company (Companies Act 2013) /Partnership Firm (Indian Partnership Act 1932/Limited Liability Partnership Firm 2008)/ Society (Society Registration Act 1860)/ a Trust (Indian Trust Act 1882 & its amendment thereon) for outsourcing of housekeeping services in Govt. Health Institutions of Bhadrak. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website www.bhadrak.odisha.gov.in. Interested bidders fulfilling the eligibility criteria may submit their proposal(s) (with EMD and documents as per RFP). The bidders have to submit their proposal(s) to the Office of the CDM & PHO, BHADRAK. The details of proposal(s) complete in all respect superscribing **"Tender for outsourcing of housekeeping services in Govt. Health Institutions of Bhadrak"** & the advertisement reference No. ________ on the envelope and should reach to the Office of the **CDM & PHO, Bhadrak on or before 28.07.2025 (till 5 PM) by Speed Post, Registered Posts or Courier Only**. The technical bids shall be opened at the Office of the CDM & PHO, Bhadrak on **29.07.2025 at 11.00 AM**. The authority reserves the right to reject any or all the proposals without assigning any reason thereof.

OIPR-10123/11/0015/2526 **Sd./- CDM & PHO, Bhadrak**

## ODISHA CONSTRUCTION CORPORATION LTD.
(A Govt. of Odisha Undertaking)

OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR-751010 (ODISHA)

No.CAD-1015

Tel - 0674 : 2580896, E-mail : gmerectionocc@gmail.com
(GSTIN-21AAACO2571K2ZM)

**e - Procurement Notice No. 19/OCCL/2025-26 (on-line)**

Type of work : "Erection of 1st stage embedded parts, 2nd stage embedded parts, Gates & its components by fixing of wheels & rubber seal etc., erection of trestle structure & hoisting platform, Rope drum hoists & Central drive units, Rope connection etc., Dogging arrangements, Ladder & hand railing, painting of gates & hoist structures, including 2nd stage concerting works for 02 Nos. of Depletion Sluice Emergency Gates and 02 Nos. Depletion Sluice Service Gates of size 2000mm X 3000mm each at Block No. 12 & 13, Dismantling old Construction Sluice Gates & Platforms etc. with trial, testing & commissioning of above gates pertaining to Kanupur Irrigation Project as per direction of the Engineer-in-Charge on Turnkey basis. ."

Total No. of work : 01 (One)

Period of Completion : 120 (One hundred twenty) days

| Tendering Officer | Bid Identification No. | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|
| General Manager (Mech.), Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./E&M/ 03/2025-26 | Rs. 7,080/- (Non-refundable) | 08.07.2025 10.00 A.M. to 17.07.2025 05.00 P.M. | 08.07.2025 10.00 A.M. to 17.07.2025 05.00 P.M. |

Date of opening of Bid : **18.07.2025 at 11.30 A.M.**
Further details can be seen from the Govt. website **(www.tendersodisha.gov.in)**
**Amendment/corrigendum/cancellation, if any shall be posted on-line only.**

**Sd./- General Manager (Mech.), Erection and Maintenance, OCC Ltd., Bhubaneswar**
OIPR-34163/11/0072/2526

## ODISHA LIFT IRRIGATION CORPORATION LTD.
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPLLI, BHUBANESWAR-12
Phone : (0674) 2390195, Fax : (0674) 2395844, E-mail : olicltd123@bsnl.com, olicltd@ymail.com
**No.4P-18/2025, 5385/OLIC, Dated : 03.07.2025**

**NATIONAL COMPETITIVE BIDDING THROUGH E-PROCUREMENT**

**No.CAD-991** : The Managing Director, OLIC Ltd., Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-05(E) 2025-26 | Sumersible Pump set to deliver 2.0 LPS at 60 Mtr. Head | 14000 | 4838.540 | 48.38540 | 11,800/- (Inclusive of 18% GST) |

1. Period of Completion : 60 days of issue of purchase order.
2. Date & Time of availability of bid document in the portal : From Dt.10.07.2025 to Dt.08.08.2025
3. Last date/Time for receipt of bids in the portal : Dt.08.08.2025 upto 17.00 hrs.
4. Last date of seeking clarification : Dt.18.07.2025 upto 17.00 hrs.
5. Date of opening of Technical Bid : Dt.11.08.2025 at 11.00 hours
6. Name and address of the Officer Inviting Bid : M.D., OLIC, Plot No. N-17/2, Nayaplli, P.B No.155, Bhubaneswar-751 012
7. Further details can be seen from e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof.

OIPR-32135/11/0035/2526 **Sd./- MANAGING DIRECTOR**

## OFFICE OF THE DEAN & PRINCIPAL VSS INSTITUTE OF MEDICAL SCIENCES & RESEARCH : BURLA

No.4661/VIMSAR/INDENT Dated : 05.07.2025

**NOTICE**

**No.E-220** : Sealed tenders are invited from the interested firms for supply of **"GAME & SPORTS ARTICLES"** during the financial year 2025-26. The detail terms and conditions & make is available in this College website i.e. www.vimsar.ac.in and district website i.e. www.sambalpur.odisha.gov.in. The last date of receipt of tenders will be on **05.08.2025** latest by **5.00 P.M.,** which will be opened on **06.08.2025 at 11:00 A.M.** in the Conference Hall of Dean & Principal, VIMSAR, Burla.

OIPR-11056/11/0038/2526 **Sd./- Dean & Principal, VIMSAR, Burla**

## Advertisement for e-Admission into B.P.Ed. & M.P. Ed. Course for the Session 2025-27

No.TT-10

Dateline for e-Admission in Govt. College of Physical Education, Bhubaneswar for B.P.Ed & M. P. Ed. Course & B.P.Ed course of Govt. College of Physical Education, Kulundi,Sambalpur under Student Academic Management System (SAMS). For details please contact Govt. College of Physical Education (GCPE) Bhubaneswar/Kulundi, Sambalpur or call Sanjog helpline Toll Free (155335/ 18003456770) Number.

| Sl. No. | Activities | Timeline |
|---|---|---|
| 01 | Availability of Online Common Application Form (CAF) for B.P.Ed. & M.P.Ed. Course in the Sports and Youth Services Department website www.samsodisha.gov.in www.sportsodisha.gov.in | 10.07.2025 |
| 02 | Last date for applying online CAF | 22.07.2025 (11:59 P.M.) |
| 03 | Editing CAF | 23.07.2025 |
| 04 | Availability for downloading of Index Card for Physical Fitness Test | 25.07.2025 |
| 05 | Validation of CAF(One day before PFT for each group) | 28.07.2025 onwards |
| 06 | Date of Physical Fitness Test (Conducted at Bhubaneswar)(Detail of Test Schedule & venue will be mentioned on the index card)(One day after validation for each group) | 29.07.2025 onwards |
| 07 | a) Publication of General Merit List / Disqualified List b) Publication 1st Selection (College wise) | 12.08.2025 |
| 08 | 1st Admission of selected candidates for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 18.08.2025 to 19.08.2025 |
| 09 | Publication of 2nd selection merit list | 25.08.2025 |
| 10 | Admission of selected candidates of 2nd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 28.08.2025 |
| 11 | Publication of 3rd Selection List, if vacancy arises | 29.08.2025 |
| 12 | Admission of selected candidates of 3rd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 02.09.2025 |
| 13 | Classes will start | 03.09.2025 |

For more detail please Contact e-Admission Helpline (Toll free) Number155335-18003456770 or e-Admission Helpdesk @ Govt. College of Physical Education(GCPE) Bhubaneswar - 0674-2476694

**N.B. : 1. Changes to the dateline (if occur) will be notified in the website.**

OIPR-29001/11/0096/2526 **Principal**

## ODISHA PUBLIC SERVICE COMMISSION CUTTACK

**NOTICE**

**No. 4735/PSC, dt. 07.07.25**
**(1R-12-24/25) (DR-V)**

### Assistant Professor (Stage-I) in Home Science (Advertisement No.27 of 2023-24)

No. D- :- It is for information of all concerned that, document verification of **88 (Eighty-Eight)** candidates having **PPSAN** mentioned below for the post of **Assistant Professor (Stage-I) "Home Science",** pursuant to Advertisement No.27of 2023/24 shall be held from **17.07.2025 to 21.07.2025 except 20.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.07.2025 | 10.30 AM | P240313026, P240304593, P240303619, P240297133, P240297316, P240304388, P240297801, P240302777, P240274088, P240309966, P240287919 & P240296650 = **12 Candidates** |
| | 2.30 PM | P240282956, P240304151, P240302294, P240307371, P240272485, P240255519, P240285580, P240310807, P240298411, & P240306610 = **10 Candidates** |
| 18.07.2025 | 10.30 AM | P240310801, P240292383, P240303046, P240289496, P240308678, P230161283, P240307937, P240306645, P240299010, P220038349, P240287867 & P230105266 = **12 Candidates** |
| | 2.30 PM | P240306539, P240303894, P240260189, P240303128, P240305816, P240284808, P240268833, P240305493, P240289816, & P220000041 = **10 Candidates** |
| 19.07.2025 | 10.30 AM | P240307804, P240310051, P240307208, P240301395, P230096011, P240307632, P240273429, P230104607, P240281842, P240269161, P240266947 & P240270470 = **12 Candidates** |
| | 2.30 PM | P230142454, P240297118, P240296692, P240287490, P230145826, P240283527, P240304234, P240309331, P240303982 & P230215195 = **10 Candidates** |
| 21.07.2025 | 10.30 AM | P240268320, P240255066, P220018177, P240305870, P220003560, P230164239, P240266599, P240305417, P240281557, P230139572, P240302973 & P220068466 = **12 Candidates** |
| | 2.30 PM | P240263442, P230136345, P240256942, P240283686, P240289367, P230116658, P240289297, P240283457, P220021935 & P240264669 = **10 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0261/2526 **Sd./- Secretary**

# ପିଲାଙ୍କୁ ଶିକ୍ଷାକ୍ଷେତ୍ରରେ ନ୍ୟାଯ୍ୟ ଅଧିକାର ତୁରନ୍ତ ଦିଆଯାଉ




## ସତ୍ୟାଗ୍ରହରେ ବସିଲେ ବିଭିନ୍ନ ସଂଗଠନ କର୍ମକର୍ତ୍ତା

ଭୁବନେଶ୍ୱର,୭।୭(ସୁଚିସ୍ମିତା ସାହୁ)

ବୈଷୟିକ, କାରିଗରି, ବୃତ୍ତିଗତ, ଡାକ୍ତରୀ, ଧନ୍ଦାମୂଳକ ସହ ଉଚ୍ଚଶିକ୍ଷାରେ ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ଦିଆଯାଉ। ପଛୁଆବର୍ଗଙ୍କୁ ୫୪% ଏବଂ ଅନୁସୂଚିତ ଜାତି ଓ ଜନଜାତି ପାଇଁ ୩୮.୭୫% ସଂରକ୍ଷଣର ବ୍ୟବସ୍ଥା, ପିଲାଙ୍କୁ ଶିକ୍ଷାକ୍ଷେତ୍ରରେ ନ୍ୟାଯ୍ୟ ଅଧିକାର ତୁରନ୍ତ ଦିଆଯାଉ ଆଦି ବିଭିନ୍ନ ଦାବି ନେଇ ସୋମବାର ସାମାଜିକ ନ୍ୟାୟ ସାମ୍ମୁଖ୍ୟ, ଓଡ଼ିଶା ଅଭିଭାବକ ମହାସଂଘ ଓ ସାମାଜିକ ନ୍ୟାୟ ସୁରକ୍ଷା ଅଭିଯାନ ପକ୍ଷରୁ ଦିନିକିଆ ସତ୍ୟାଗ୍ରହ ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ସବୁବର୍ଗର ଛାତ୍ରୀଛାତ୍ରଙ୍କ ପାଖରେ ଯେପରି ଶିକ୍ଷା ପହଞ୍ଚିପାରିବ ସେନେଇ ରାଜ୍ୟ ସରକାର ଦୃଷ୍ଟିଦେବାର ଆବଶ୍ୟକତା ରହିଛି ବୋଲି ଆନ୍ଦୋଳନକାରୀ କହିଛନ୍ତି।

ଓଡ଼ିଶା ଜନସଂଖ୍ୟାର ପ୍ରାୟ ୫୪% ହେଉଛନ୍ତି ପଛୁଆବର୍ଗ। ଏମାନଙ୍କୁ ମେଡିକାଲ, ଇଞ୍ଜିନିୟରିଂ, କାରିଗରି ଓ ବୃତ୍ତିଗତ ଶିକ୍ଷାରେ ଆଦୌ ସଂରକ୍ଷଣ ପ୍ରଦାନ କରାଯାଇ ନାହିଁ। ଫଳରେ ସେମାନେ ଡାକ୍ତର, ଇଞ୍ଜିନିୟରିଂ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ସେହିପରି ଆଦିବାସୀ ଓ ଦଳିତମାନେ ରାଜ୍ୟ ଜନସଂଖ୍ୟାର ୩୮.୭୫%। ତେଣୁ ସେମାନଙ୍କୁ ୨୦% ପରିବର୍ତ୍ତେ ମେଡିକାଲ/ବୈଷୟିକ ଶିକ୍ଷାରେ ୩୮.୭୫% ସଂରକ୍ଷଣ ଦିଆଯାଉ ବୋଲି ସାମାଜିକ ନ୍ୟାୟ ସାମ୍ମୁଖ୍ୟ ଆବାହକ ଚିଦାନନ୍ଦ ଜେନା କହିଛନ୍ତି। ଚାକିରିରେ ଯେତିକି ସଂରକ୍ଷଣ ଦିଆଯାଇଛି, ସମସ୍ତ ପ୍ରକାର ଶିକ୍ଷାରେ ସେତିକି ସଂରକ୍ଷଣ ଦିଆଯାଉ ବୋଲି କାର୍ଯ୍ୟକ୍ରମ ସଂଯୋଜକ ପ୍ରସନ୍ନ ବିଶୋୟୀ ଦାବି କରିଛନ୍ତି। ଆର୍ଥିକ ଅନଗ୍ରସର ଶ୍ରେଣୀରେ ଥିବା ପଛୁଆବର୍ଗ ପିଲାଙ୍କୁ ବୈଷୟିକ, କାରିଗରି ସହ ସମସ୍ତ ଶିକ୍ଷାକ୍ଷେତ୍ରରେ ୫୪% ଓ ଦଳିତ ଆଦିବାସୀ ପିଲାଙ୍କ ନିମନ୍ତେ ୩୮% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଉ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମାଜିକ ନ୍ୟାୟ ଅଭିଯାନର ଆବାହକ ଅକ୍ଷୟ କୁମାର ମଲ୍ଲିକ ସଂରକ୍ଷଣର ଇତିହାସ ଏବଂ ଓଡ଼ିଶାରେ ହୋଇଥିବା ଐତିହାସିକ ଅବହେଳା ବିଷୟରେ ମତ ରଖିଥିଲେ। ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, କଂଗ୍ରେସ ନେତା ସୁଦର୍ଶନ ଦାସ, ବହୁଜନ ସାହିତ୍ୟିକ ନେତା ଅଭିରାମ ମଲ୍ଲିକ, ଯୁବ ସାମାଜିକ କର୍ମୀ ଅନିଲ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଯଦି ସରକାର ତୁରନ୍ତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ନ କରନ୍ତି, ତେବେ ଆଗାମୀ ଦିନରେ ସାରାରାଜ୍ୟରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ୨୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

### ମଧ୍ୟସ୍ଥ ଗିରଫ

ଭୁବନେଶ୍ୱର,୭।୭(ସତ୍ୟଜିତ୍ ରାଉତ)

କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ(ଏସସିୟୁ) ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ରବିବାର ରାତିରେ ଜଟଣୀ ଗେଟ ନିକଟରେ ଏସସିୟୁ ଟିମ୍ ଚଢ଼ାଉ କରି ତାଙ୍କୁ ଧରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳର ରଶ୍ମିରଞ୍ଜନ ଭୋଳ(୩୪)। ତାଙ୍କଠାରୁ ୨୬୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା



ରଶ୍ମିରଞ୍ଜନ ଭୋଳ

ଦିଆଯାଇଛି। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ବ୍ୟବହୃତ ବୁଲେଟ୍ ମୋଟର ସାଇକେଲ, ୩୧ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ୍ ୟୁନିଟ ପକ୍ଷରୁ ମାମଲା(ନଂ.୪/୨୦୨୫) ରୁଜୁ କରାଯାଇ ରଶ୍ମିଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ରଶ୍ମି ବ୍ରାଉନ୍‌ସୁଗାର କାରବାରରେ ମଧ୍ୟସ୍ଥ ଭାବେ କାମ କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ରଶ୍ମିଙ୍କ ଲିଙ୍କ୍‌ରେ ଥିବା ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଛି ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି। ଟୁଇନ୍ ସିଟିରେ ନିଶା କାରବାର ବିରୋଧରେ ଚାଲୁଥିବା ଅଭିଯାନରେ ଏହି ସଫଳତା ଅଧିକ ବଳ ଦେବ ବୋଲି ପୋଲିସ କମିଶନର କହିଛନ୍ତି।

## କାର୍ଯ୍ୟକାରୀ ହେଉନି ଶିକ୍ଷକଙ୍କ ଅନ୍‌ଲାଇନ ବଦଳି କ୍ୟାଲେଣ୍ଡର

ଭୁବନେଶ୍ୱର,୭।୭(ସୁଚିସ୍ମିତା ସାହୁ)

**ନିଜ ନିର୍ଦ୍ଦେଶକୁ ଫୁ' କରିଦେଲା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ**

ମାଧ୍ୟମିକ ଶିକ୍ଷକଙ୍କ ଅନ୍‌ଲାଇନ ବଦଳି କ୍ୟାଲେଣ୍ଡର ପ୍ରହସନ ପାଲଟିଛି। ଚଳିତବର୍ଷ ମାଧ୍ୟମିକ ଶିକ୍ଷକଙ୍କ ବଦଳିରେ ଅହେତୁକ ବିଳମ୍ବ ଦେଖାଦେଇଛି। ଉକ୍ତ କ୍ୟାଲେଣ୍ଡର ଅନୁସାରେ, ମେ ୨୧ରୁ ଶିକ୍ଷକମାନେ ଅନ୍‌ଲାଇନ ମାଧ୍ୟମରେ ଆବେଦନ ଆରମ୍ଭ କରିଥିଲେ। ଆବେଦନ କରିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ଜୁନ ୨୬ରୁ୩୦ ଭିତରେ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି ଯେଉଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ହୋଇଥିବ ସେମାନେ ଜୁଲାଇ ୧ରୁ ୭ ମଧ୍ୟରେ ବଦଳି ବିଦ୍ୟାଳୟରେ ଯୋଗଦେବାକୁ ଉଲ୍ଲେଖ କରାଯାଇଥିଲା। ହେଲେ ଏଯାଏ ଶିକ୍ଷକଙ୍କ ବଦଳି ତାଲିକା ବାହାରିପାରି ନ ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗ ନିଜେ ପ୍ରସ୍ତୁତ କରିଥିବା କ୍ୟାଲେଣ୍ଡରକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଠିକ ଭାବେ ପାଳନ କରିପାରୁ ନାହିଁ। ବିଭାଗ ଭିତରେ ସମନ୍ୱୟର ଅଭାବରୁ ସରକାରୀ କାର୍ଯ୍ୟରେ ଏପରି ଅହେତୁକ ବିଳମ୍ବ ରାଜ୍ୟ ସରକାରଙ୍କୁ ଅସୁଆରେ ପକାଉଛି ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ୨୦୨୪-୨୫ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷକଙ୍କ ବଦଳି ପାଇଁ ଜୁନ ୧୫ରୁ ଆବେଦନ ଆରମ୍ଭ ହୋଇ ଜୁନ ଶେଷ ସୁଦ୍ଧା ସମାପ୍ତ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଥିଲେ। ବଦଳି ଆଶାୟୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଉପରେ ଭରସା ରଖି ତୁରନ୍ତ ବଦଳି ଆଦେଶ ପ୍ରକାଶ କରିବା ପାଇଁ ନିବେଦନ କରିଛନ୍ତି। ନଚେତ ଆଗାମୀ ଦିନରେ ସମସ୍ତ ଆବେଦନକାରୀ ଶିକ୍ଷକ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଏମ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଟ୍ରେନ୍‌ରୁ ଖସି ଯାତ୍ରୀ ଗୁରୁତର

ଟାଙ୍ଗୀ,୭।୭(ରଘୁନାଥ ସାହୁ)

ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ଅନ୍ତର୍ଗତ କାଲୁପଡ଼ାଘାଟ ଷ୍ଟେଶନ ନିକଟରେ ଚଳନ୍ତା ଟ୍ରେନରୁ ଖସିପଡ଼ିବାରୁ ଜଣେ ଯାତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଯାତ୍ରୀ ଜଣଙ୍କ ଦୀର୍ଘ ସମୟ ଧରି ପଡ଼ିରହିଥିଲେ ମଧ୍ୟ କେହି ତାଙ୍କୁ ଉଦ୍ଧାର କରି ନ ଥିଲେ। ଦୁଇ ଜଣ ସାମ୍ବାଦିକ ପହଞ୍ଚି ଏନେଇ ଟାଙ୍ଗୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଯାତ୍ରୀ ଜଣଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବେଳେ ତାଙ୍କର ପରିଚୟ ମିଳିପାରିନାହିଁ।



ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲଠାରେ ସୋମବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ବନ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିଏଭି ଚନ୍ଦ୍ରଶେଖରପୁରର ଶିଶୁ ଚିତ୍ରଶିଳ୍ପୀ ପ୍ରିୟଂଶୀ ମହାପାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।


**OFFICE OF THE COLLECTOR & DISTRICT MAGISTRATE, BALASORE DISTRICT**
(DISTRICT SOCIAL WELFARE OFFICE)
No.-2696 Date-05.07.25
**TENDER CALL NOTICE**
**No. g-14:-** Sealed tenders are invited from the intending individual/ Company/ Registered Firms/ Authorized licensing Transporting Contractor/ Corporation having registration certificate in support of their transportation work under "The Carriage by Road Act' 2007" and "Carriage by Road Rules, 2011" issued by the State Transport Authority or Regional Transport Authority for appointment of Transporting Agent under SNP Feeding Programme in Balasore district for the year 2025-26. Details of the documents are available on the website (**https://balasore.odisha.gov.in**).
Last date of submission of tender on or before 19.07.2025 at 5.00 PM.
**Sd./- District Social Welfare Officer, Balasore**
OIPR-24242/11/0013/2526



**OFFICE OF THE CDM & PHO & DISTRICT MISSION DIRECTOR, BHADRAK**
**DISTRICT HEALTH MISSION**
**(Department of Health & FW, Govt. of Orissa)**
Advt. No: 11/2025 Date:05/07/2025
**REQUEST FOR PROPOSAL (RFP) FOR OUTSOURCING OF HOUSEKEEPING SERVICES**
No. E-216:- Sealed proposals as per the prescribed RFP document are invited from Company (Companies Act 2013) /Partnership Firm (Indian Partnership Act 1932/Limited Liability Partnership Firm 2008)/ Society (Society Registration Act 1860)/ a Trust (Indian Trust Act 1882 & its amendment thereon) for outsourcing of housekeeping services in Govt. Health Institutions of Bhadrak. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website www.bhadrak.odisha.gov.in. Interested bidders fulfilling the eligibility criteria may submit their proposal(s) (with EMD and documents as per RFP). The bidders have to submit their proposal(s) to the Office of the CDM & PHO, BHADRAK. The details of proposal(s) complete in all respect superscribing **"Tender for outsourcing of housekeeping services in Govt. Health Institutions of Bhadrak"** & the advertisement reference No. ________ on the envelope and should reach to the Office of the **CDM & PHO, Bhadrak on or before 28.07.2025 (till 5 PM) by Speed Post, Registered Posts or Courier Only**. The technical bids shall be opened at the Office of the CDM & PHO, Bhadrak on **29.07.2025 at 11.00 AM**. The authority reserves the right to reject any or all the proposals without assigning any reason thereof.
OIPR-10123/11/0015/2526 **Sd./- CDM & PHO, Bhadrak**


# ଅଗଷ୍ଟ ୯ରେ ବିଶାଳ ଶିକ୍ଷକ ସମାବେଶ

ଖୋର୍ଦ୍ଧା,୭।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଓଷ୍ଟା କାର୍ଯ୍ୟକାରୀ କମିଟିର ଏକ ବୈଠକ ସ୍ଥାନୀୟ ଜିଲା କାର୍ଯ୍ୟାଳୟ ପଲ୍ଲାଠାରେ ଅନୁଷ୍ଠିତ ହୋଇଯାଇଛି। ୧୯୪ ବିଦ୍ୟାଳୟର ଅନୁଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ କର୍ମଚାରୀଙ୍କ ପେନ୍‌ସନ ଓ ଚାକିରି ସର୍ତ୍ତାବଳୀ, ସବୁବର୍ଗର ବିଦ୍ୟାଳୟରେ ଶୂନ୍ୟ ପଦବୀ ଶୀଘ୍ର ପୂରଣ, ହିନ୍ଦୀ, ସଂସ୍କୃତ ଓ କ୍ରୀଡ଼ା ଶିକ୍ଷକଙ୍କର ଉଚ୍ଚ ବେତନ, ଅପ୍‌ଗ୍ରେଡେଶନ ହୋଇଥିବା ବିଦ୍ୟାଳୟ ଗୁଡ଼ିକର ସମସ୍ୟା, ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ସ୍ଥାୟୀ ପଞ୍ଜୀକରଣ, ଚୁକ୍ତିଭିତ୍ତିକ ୬ବର୍ଷ କାର୍ଯ୍ୟକାଳକୁ ମୂଳ ଚାକିରିରେ ମିଶ୍ରଣ ସମସ୍ୟା ସହିତ ଜିଲା ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷକଙ୍କ ସମସ୍ୟା ନେଇ ଖୁବ୍‌ଶୀଘ୍ର ଜିଲା ଶିକ୍ଷାଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ଜିଲା ସମ୍ପାଦକ ସୁଧାକର ମହାପାତ୍ର କହିଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ବୈଠକରେ ଯୋଗଦେଇ ସରକାର ଦାବି ପୂରଣ ଦିଗରେ ବିଳମ୍ବ କଲେ କ୍ରାନ୍ତି ଦିବସ ଅଗଷ୍ଟ ୯ରେ ବିଶାଳ ଶିକ୍ଷକ ସମାବେଶ ପାଇଁ ଆହ୍ୱାନ ଦେଇଥିଲେ। ବାରମ୍ବାର ସମସ୍ୟା ଉପରେ ଆଲୋଚନା ଓ ପ୍ରତିଶ୍ରୁତି ପାଳନରେ ସରକାରଙ୍କର ଅବହେଳା ନେଇ ବୈଠକରେ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲା ସାମ୍ବିଧାନିକ ସମ୍ମିଳନୀ ଆସନ୍ତା ୨୭ ତାରିଖରେ ଦେବରାଜ ବିଦ୍ୟାପୀଠ, ବମିଖାଲଠାରେ ହେବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। କାର୍ଯ୍ୟକାରୀ କମିଟିର ସଭ୍ୟ ପ୍ରମୋଦ କୁମାର ସ୍ୱାଇଁ ପଦୋନ୍ନତି ପାଇଁ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାପୀଠ ବେଗୁନିଆରେ ପ୍ରଧାନଶିକ୍ଷକଭାବେ ଯୋଗଦାନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ବୈଠକରେ ଜିଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ମଧୁସୂଦନ ଦେ, ଶିଶିର ଦାଶ, ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର, ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ କୈଳାସ ଚନ୍ଦ୍ର ତ୍ରିପାଠୀ, ତ୍ରିନାଥ ହୋତା, ଘନଶ୍ୟାମ ସ୍ୱାଇଁ, ପ୍ରକାଶ କୁମାର ପଲାଇ, ଶ୍ରୀହରି ମାଳୀ, ରମେଶ ଚନ୍ଦ୍ର ପ୍ରଧାନ, ସୁନୀଲ କୁମାର ପଣ୍ଡା, ସନ୍ତୋଷ କୁମାର ସାହୁ, କିଶୋର ସୁବୁଦ୍ଧି, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।


**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
**OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR-751010 (ODISHA)**
No.CAD-1015
Tel - 0674 : 2580896, E-mail : gmerectionocc@gmail.com
(GSTIN-21AAACO2571K2ZM)
**e - Procurement Notice No. 19/OCCL/2025-26 (on-line)**

Type of work : "Erection of 1st stage embedded parts, 2nd stage embedded parts, Gates & its components by fixing of wheels & rubber seal etc., erection of trestle structure & hoisting platform, Rope drum hoists & Central drive units, Rope connection etc., Dogging arrangements, Ladder & hand railing, painting of gates & hoist structures, including 2nd stage concerting works for 02 Nos. of Depletion Sluice Emergency Gates and 02 Nos. Depletion Sluice Service Gates of size 2000mm X 3000mm each at Block No. 12 & 13, Dismantling old Construction Sluice Gates & Platforms etc. with trial, testing & commissioning of above gates pertaining to Kanupur Irrigation Project as per direction of the Engineer-in-Charge on Turnkey basis. ."
Total No. of work : 01 (One)
Period of Completion : 120 (One hundred twenty) days

| Tendering Officer | Bid Identification No. | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|
| General Manager (Mech.), Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./E&M/ 03/2025-26 | Rs. 7,080/- (Non-refundable) | 08.07.2025 10.00 A.M. to 17.07.2025 05.00 P.M. | 08.07.2025 10.00 A.M. to 17.07.2025 05.00 P.M. |

Date of opening of Bid : **18.07.2025 at 11.30 A.M.**
Further details can be seen from the Govt. website **(www.tendersodisha.gov.in)**
**Amendment/corrigendum/cancellation, if any shall be posted on-line only.**
**Sd./- General Manager (Mech.), Erection and Maintenance, OCC Ltd., Bhubaneswar**
**OIPR-34163/11/0072/2526**



**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPLLI, BHUBANESWAR-12
Phone : (0674) 2390195, Fax : (0674) 2395844, E-mail : olicltd123@bsnl.com, olicltd@ymail.com
**No.4P-18/2025, 5385/OLIC, Dated : 03.07.2025**
**NATIONAL COMPETITIVE BIDDING THROUGH E-PROCUREMENT**
**No.CAD-991** : The Managing Director, OLIC Ltd., Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-05(E) 2025-26 | Sumersible Pump set to deliver 2.0 LPS at 60 Mtr. Head | 14000 | 4838.540 | 48.38540 | 11,800/- (Inclusive of 18% GST) |

1. Period of Completion : 60 days of issue of purchase order.
2. Date & Time of availability of bid document in the portal : From Dt.10.07.2025 to Dt.08.08.2025
3. Last date/Time for receipt of bids in the portal : Dt.08.08.2025 upto 17.00 hrs.
4. Last date of seeking clarification : Dt.18.07.2025 upto 17.00 hrs.
5. Date of opening of Technical Bid : Dt.11.08.2025 at 11.00 hours
6. Name and address of the Officer Inviting Bid : M.D., OLIC, Plot No. N-17/2, Nayaplli, P.B No.155, Bhubaneswar-751 012
7. Further details can be seen from e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof.
**OIPR-32135/11/0035/2526** **Sd./- MANAGING DIRECTOR**



**OFFICE OF THE DEAN & PRINCIPAL VSS INSTITUTE OF MEDICAL SCIENCES & RESEARCH : BURLA**
No.4661/VIMSAR/INDENT Dated : 05.07.2025
**NOTICE**
**No.E-220** : Sealed tenders are invited from the interested firms for supply of **"GAME & SPORTS ARTICLES"** during the financial year 2025-26. The detail terms and conditions & make is available in this College website i.e. www.vimsar.ac.in and district website i.e. www.sambalpur.odisha.gov.in. The last date of receipt of tenders will be on **05.08.2025** latest by **5.00 P.M.,** which will be opened on **06.08.2025 at 11:00 A.M.** in the Conference Hall of Dean & Principal, VIMSAR, Burla.
**Sd./- Dean & Principal, VIMSAR, Burla**
OIPR-11056/11/0038/2526



**Advertisement for e-Admission into B.P.Ed. & M.P. Ed. Course for the Session 2025-27** No.TT-10

Dateline for e-Admission in Govt. College of Physical Education, Bhubaneswar for B.P.Ed & M. P. Ed. Course & B.P.Ed course of Govt. College of Physical Education, Kulundi,Sambalpur under Student Academic Management System (SAMS). For details please contact Govt. College of Physical Education (GCPE) Bhubaneswar/Kulundi, Sambalpur or call Sanjog helpline Toll Free (155335/ 18003456770) Number.

| Sl. No. | Activities | Timeline |
|---|---|---|
| 01 | Availability of Online Common Application Form (CAF) for B.P.Ed. & M.P.Ed. Course in the Sports and Youth Services Department website www.samsodisha.gov.in www.sportsodisha.gov.in | 10.07.2025 |
| 02 | Last date for applying online CAF | 22.07.2025 (11:59 P.M.) |
| 03 | Editing CAF | 23.07.2025 |
| 04 | Availability for downloading of Index Card for Physical Fitness Test | 25.07.2025 |
| 05 | Validation of CAF(One day before PFT for each group) | 28.07.2025 onwards |
| 06 | Date of Physical Fitness Test (Conducted at Bhubaneswar)(Detail of Test Schedule & venue will be mentioned on the index card)(One day after validation for each group) | 29.07.2025 onwards |
| 07 | a) Publication of General Merit List / Disqualified List b) Publication 1st Selection (College wise) | 12.08.2025 |
| 08 | 1st Admission of selected candidates for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 18.08.2025 to 19.08.2025 |
| 09 | Publication of 2nd selection merit list | 25.08.2025 |
| 10 | Admission of selected candidates of 2nd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 28.08.2025 |
| 11 | Publication of 3rd Selection List, if vacancy arises | 29.08.2025 |
| 12 | Admission of selected candidates of 3rd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 02.09.2025 |
| 13 | Classes will start | 03.09.2025 |

For more detail please Contact e-Admission Helpline (Toll free) Number155335-18003456770 or e-Admission Helpdesk @ Govt. College of Physical Education(GCPE) Bhubaneswar - 0674-2476694
**N.B. : 1. Changes to the dateline (if occur) will be notified in the website.**
**OIPR-29001/11/0096/2526** **Principal**



**ODISHA PUBLIC SERVICE COMMISSION CUTTACK**
**NOTICE**
**No. 4735/PSC, dt. 07.07.25**
**(1R-12-24/25) (DR-V)**
**Assistant Professor (Stage-I) in Home Science (Advertisement No.27 of 2023-24)**
No. D- :- It is for information of all concerned that, document verification of **88 (Eighty-Eight)** candidates having **PPSAN** mentioned below for the post of **Assistant Professor (Stage-I) "Home Science",** pursuant to Advertisement No.27of 2023/24 shall be held from **17.07.2025 to 21.07.2025 except 20.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.07.2025 | 10.30 AM | P240313026, P240304593, P240303619, P240297133, P240297316, P240304388, P240297801, P240302777, P240274088, P240309966, P240287919 & P240296650 = **12 Candidates** |
| | 2.30 PM | P240282956, P240304151, P240302294, P240307371, P240272485, P240255519, P240285580, P240310807, P240298411, & P240306610 = **10 Candidates** |
| 18.07.2025 | 10.30 AM | P240310801, P240292383, P240303046, P240289496, P240308678, P230161283, P240307937, P240306645, P240299010, P220038349, P240287867 & P230105266 = **12 Candidates** |
| | 2.30 PM | P240306539, P240303894, P240260189, P240303128, P240305816, P240284808, P240268833, P240305493, P240289816, & P220000041 = **10 Candidates** |
| 19.07.2025 | 10.30 AM | P240307804, P240310051, P240307208, P240301395, P230096011, P240307632, P240273429, P230104607, P240281842, P240269161, P240266947 & P240270470 = **12 Candidates** |
| | 2.30 PM | P230142454, P240297118, P240296692, P240287490, P230145826, P240283527, P240304234, P240309331, P240303982 & P230215195 = **10 Candidates** |
| 21.07.2025 | 10.30 AM | P240268320, P240255066, P220018177, P240305870, P220003560, P230164239, P240266599, P240305417, P240281557, P230139572, P240302973 & P220068466 = **12 Candidates** |
| | 2.30 PM | P240263442, P230136345, P240256942, P240283686, P240289367, P230116658, P240289297, P240283457, P220021935 & P240264669 = **10 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.
**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.
OIPR-12002/11/0261/2526 **Sd./- Secretary**

**ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ**

ସାଲେପୁର,(ଅରବିନ୍ଦ ଭୂୟାଁ)-ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ପାରିବାରିକ ଅଶାନ୍ତି କାରଣରୁ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ମୃତକ ହେଲେ ଏହି ଗ୍ରାମର ଯତୀନ୍ଦ୍ର ଭୋଳଙ୍କ ପୁଅ ପ୍ରକାଶ(୨୭)। ସେ ରବିବାର ବିଳମ୍ବିତ ରାତିରେ ଏକ କୋଠରି ଭିତରେ ଫ୍ୟାନରେ ଝୁଲି ପଡ଼ିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ଭିତରକୁ ପଶିବା ପରେ ପ୍ରକାଶଙ୍କୁ ଝୁଲନ୍ତା ଅବସ୍ଥାରେ ପାଇଥିଲେ। ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ୨ଦିନ ହେବ ପାରିବାରିକ ଅଶାନ୍ତି କାରଣରୁ ପ୍ରକାଶ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିଦ୍ୱନ୍ଦ୍ୱ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ସଂକ୍ଷେପରେ

### ପ୍ରସନ୍ନମଣିଙ୍କ ନୀଳାଦ୍ରି ବିଜେ ସମ୍ପନ୍ନ

ଟିଗିରିଆ, ୭।୭(ଜାଫର ଖାଁ):

ଟିଗିରିଆର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଶ୍ରୀ ପ୍ରସନ୍ନମଣିଙ୍କର ସୋମବାର ନୀଳାଦ୍ରି ବିଜେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀମନ୍ଦିରର ସମସ୍ତ ରାତିନୀତି ସମ୍ପନ୍ନ ପରେ ବଳରାମ ପୂଜା ହୋଇ ତିନିରଥରୁ ସିଂହଦ୍ୱାର ସମ୍ମୁଖକୁ ଟାଣି ନିଆଯାଇଥିଲା। ବାଟରେ ପ୍ରଭୁ ଜଗନ୍ନାଥଙ୍କ ରଥକୁ ମଠ ଦେଉଳ ନିକଟରେ ରଖାଯାଇ ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥକୁ ରଥଖଳା ନିକଟରେ ପହଞ୍ଚାଇ ଦିଆଯାଇଥିଲା। ମହାଲକ୍ଷ୍ମୀଙ୍କର ଭେଟ ବନ୍ଦାପନା ନୀତି ସମ୍ପର୍ଣ୍ଣ ପରେ ମା'ଙ୍କ ବିମାନ ପହଣ୍ଡରେ ପ୍ରଭୁ ଜଗନ୍ନାଥଙ୍କ ରଥକୁ ଟଣାଯାଇ ରଥଖଳା ନିକଟରେ ପହଞ୍ଚା ଯାଇଥିଲା। ସନ୍ଧ୍ୟାରେ ଚାହାଣି ମଣ୍ଡପରୁ ଅଭିମାନିନୀ ମା' ମହାଲକ୍ଷ୍ମୀଙ୍କର ଭେଟ ଆଳତୀ ଓ ମହାପ୍ରଭୁଙ୍କର ଦର୍ଶନ ଆଦି ବିଧି ଅନୁସାରେ କରାଯାଇ ସନ୍ଧ୍ୟା ଆଳତୀ ପରେ ଗୋଟିପହଣ୍ଡିରେ ମଧ୍ୟରାତ୍ର ସୁଦ୍ଧା ବଳଭଦ୍ର ଓ ସୁଭଦ୍ରାଙ୍କୁ ରତ୍ନ ସିଂହାସନ ରୂଢ଼ କରାଯାଇଥିଲା। ସେଠାରେ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ସମୟରେ ଲକ୍ଷ୍ମୀ ପାର୍ସଦଙ୍କ ଦ୍ୱାରା କବାଟ କିଳା ଓ ଲକ୍ଷ୍ମୀ ନାରାୟଣଙ୍କ କଳି ବଚନିକା ବୋଲା ଆଦି ନୀତି ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ନିମନ୍ତେ ରସଗୋଲା ଦେଇ କବାଟ ଫିଟା ନୀତି ଶେଷ ହୋଇଥିଲା। ଏହାପରେ କଉଡ଼ି ଖେଳ, ଗଇଁଠାଳ ଫିଟା ଆଦି ନୀତି ଶେଷ ପରେ ମହାପ୍ରଭୁଙ୍କୁ ରତ୍ନ ସିଂହାସନ ରୂଢ଼ କରାଯାଇଥିଲା। ପ୍ରଭୁ ଶ୍ରୀଶ୍ରୀପ୍ରସନ୍ନମଣିଙ୍କ ଏହି ନୀଳାଦ୍ରି ବିଜେ ଅବସରରେ ମନ୍ଦିର ବେଭାରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସମେତ ସମସ୍ତ ପୂଜକ ଓ ସେବାସୀ ଉପସ୍ଥିତ ରହି ନୀତି ପରିଚାଳନା ରେ ସହଯୋଗ କରିଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଙ୍କୀ,୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ପଞ୍ଚାୟତର ରଘୁନାଥ ଦେବତା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଚାଲିଥିବା ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଶେଷ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା, ଚିତ୍ରାଙ୍କନ, ବକ୍ତୃତା, କବିତା ଲେଖନ ପ୍ରଭୃତି ପ୍ରତିଯୋଗିତା ହୋଇ କୃତୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶାନ୍ତିନାରାୟଣ ଦେବତା, କୃଷ୍ଣ କୁମାର ପାଣିଗ୍ରାହୀ, ଅକ୍ଷୟ କୁମାର ପରିଡ଼ା ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପ୍ରେମଲତା ଭିଙ୍ଗ୍ରୀ ଏ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତାରେ ୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ ।

### ସବୁଜବନାନୀ ସମ୍ମାନ ଉତ୍ସବ

ବାଙ୍କୀ,୭।୭(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ରମୋହନମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ନୂତନ ଦୃଶ୍ୟଶ୍ରାବ ଗୃହରେ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ସବୁଜବନାନୀ ସମ୍ମାନ-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ; ଆଦର୍ଶ ଯୁବପରିଷଦ ପକ୍ଷରୁ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ଏସ୍‌କେ କଳିମୁଲା, ମୁଖ୍ୟବକ୍ତା ଭାବେ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥିଭାବେ କେଶବ ଚନ୍ଦ୍ର ବେହେରା, ରାଜୁ ସେଠୀ, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ପାଢ଼ୀ, କାଶୀନାଥ ସେଠୀ, ନିରଞ୍ଜନ ଉପାଧ୍ୟାୟ, ଡ. ଜଗଦୀଶ ପଣ୍ଡା, ପ୍ରୀତିଲତା ଗିରି, ଅନନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଚାରାରୋପଣ କରିବା ପାଇଁ ସମସ୍ତଙ୍କୁ ଶପଥ କରାଇଥିଲେ। ଏହି ଅବସରରେ ରବିନାରାୟଣ ମଙ୍ଗରାଜ, ରାଜ୍ୟ ଖବରଦାତା ସଂଘ ସଙ୍ଗଠନ ସମ୍ପାଦକ ଶୁଭେନ୍ଦୁ କୁମାର ମହାପାତ୍ର, ପ୍ରସନ୍ନ କୁମାର ମାହାଳି, ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ସଭାପତି ତଥା ରମେଶ ଚନ୍ଦ୍ର ସେଠୀ, ପ୍ରସନ୍ନ କୁମାର ପ୍ରଧାନଙ୍କ ସମେତ ୨୫ଜଣଙ୍କୁ ସବୁଜ ବନାନୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ପାନୀୟ ଜଳ, ଆବାସ ଯୋଜନା, ଭତ୍ତା ଅଭିଯୋଗକୁ ଗୁରୁତ୍ୱ

**ଜିଲାପାଳଙ୍କ ଜନଶୁଣାଣି**

■ ୮୩ ଅଭିଯୋଗ ପଞ୍ଜୀକୃତ

ବାଙ୍କୀ, ୭।୭ ( ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର ) :



ଜନ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି ।

ବାଙ୍କୀ ବ୍ଲକରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୮୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଶିବିରରେ ଉଭୟ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ବିଶେଷକରି ପାନୀୟଜଳ, ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, ବର୍ଦ୍ଧିତ ଭତ୍ତା, କୃଷି, ରାଜସ୍ୱ, ଫୌଜଦାରି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ଅଭିଯୋଗର ଶୁଣାଣି କରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଏପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତା ମିଳି ନ ଥିବା ନେଇ ଅଭିଯୋଗ ହୋଇଥିଲା। ବାଙ୍କୀ ଉପଖଣ୍ଡର ସୁନାଦେଇ, ଅନୁଆରୀ, ଜାତମୁଣ୍ଡିଆ ଓ କାଳିକାପ୍ରସାଦ ବାଲିଘାଟରୁ ବେଆଇନ ଭାବେ ବାଲିଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ଫଳରେ ରାଜସ୍ୱ ହାନି ହେବା ସହ ହାଇୱା ଚଳାଚଳ ଯୋଗୁ ଯାତାୟାତ ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଗଦା ହୋଇଥିବା ଚୋରା ବାଲି ସହ ଗାଡ଼ି ଓ ମେଶିନ ଆଦି ଜବତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତରେ ବସୁଧା ଯୋଜନାରେ ପାଇପ୍ ଯୋଗେ ଦୂଷିତ ପାଣି ଆସୁଥିବାରୁ ରୋଗ ସଂକ୍ରମଣ ହେଉଥିବା ଅଭିଯୋଗ ହୋଇଥିଲା। ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଆର୍‌ଡବ୍ଲ୍ୟୁଏସ୍ଏସ୍ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମା' ଚର୍ଚ୍ଚିକା ମନ୍ଦିର ଉନ୍ନୟନ ପାଇଁ ବିଗତ ସରକାର ଦେଇଥିବା ୧୧କୋଟି ଟଙ୍କାର କାର୍ଯ୍ୟାଦେଶକୁ ତୁରନ୍ତ ଆରମ୍ଭ କରିବା ସହ ଅନ୍ୟାନ୍ୟ ଉନ୍ନତିମୂଳକ ଦାବି ନେଇ ଏନ୍‌ଏସି ନଗରପାଳ ମାଣିକ ସାହୁଙ୍କ ନେତୃତ୍ୱରେ କାଉନ୍ସିଲରମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ବନବାସୀ ବେହେରା, ଉପଖଣ୍ଡ ଏସ୍‌ପି ବାଳକୃଷ୍ଣ କଅଁରଙ୍କ ସହ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପବିତ୍ର କୋରାନ ମାନବ ଜାତିର ଉନ୍ନତି ପାଇଁ ଉଦ୍ଦିଷ୍ଟ

ଟିଗିରିଆ, ୭।୭(ଜାଫର ଖାଁ):

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳର ବିଭିନ୍ନ ମସଜିଦରେ ସପ୍ତାହ ବ୍ୟାପୀ ଚାଲିଥିବା ପବିତ୍ର କୋରାନ ସପ୍ତାହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ରୋଶନ ଖାଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମହମ୍ମଦ ଓସୀମ ପବିତ୍ର କୋରାନ ଶ୍ଳୋକ ଆବୃତ୍ତି କରିଥିଲେ। ଏଥିସହ ଉର୍ଦ୍ଦୁ କବିତା (ନଜମ) ଅବ୍‌ଦୁଲ ମଜିଦ, ମହମ୍ମଦ ଅବରାର ଓ ସାବାଜ ଖାଁ ଓଡ଼ିଆ କବିତା ପାଠ କରିଥିଲେ। ପବିତ୍ର କୋରାନ ବାଣୀକୁ ଅବୁବକର ଖାଁ, ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ସୁବାନ, ଜୈନୁଲ ଆବେଦିନ ଖାଁ, ଗନୀ ଖାଁ, ମୌଲାନା ଏହେସନ ଖାଁ, ମୌଲାନା ତୟବ ଅହମ୍ମଦ ଖାଁ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ପବିତ୍ର କୋରାନ ସମଗ୍ର ବିଶ୍ୱରେ ଭାଇଚାରା, ବନ୍ଧୁତା, ସ୍ନେହ, ଶ୍ରଦ୍ଧା ସ୍ଥାପନ କରୁଥିବାରୁ ସମଗ୍ର ମାନବ ଜାତି ପାଇଁ ଉଦ୍ଦିଷ୍ଟ ବୋଲି ସେ ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ଅବଦୁଲ ଇସମାଇଲ ଖାଁ କାର୍ଯ୍ୟକ୍ରମ ପରିଚାଳନା କରବା ସହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ବିଶ୍ୱ ଶାନ୍ତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

## ଆଜି ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ବଡ଼ମ୍ବା, ୭।୭(ମାୟାଧର ମଲ୍ଲିକ)

ଓଡ଼ିଶା ଡ୍ରାଇଭର ମହାସଙ୍ଘର ଆହ୍ୱାନ କ୍ରମେ ମଙ୍ଗଳବାରଠାରୁ ବଡ଼ମ୍ବା ଡ୍ରାଇଭର ମହାସଂଘ ତରଫରୁ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ କରାଯିବ। ତେବେ ପୂର୍ବରୁ ଡ୍ରାଇଭରମାନଙ୍କ ତରଫରୁ ବିଭିନ୍ନ ଦାବି ନେଇ ଆନ୍ଦୋଳନ ହୋଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏସମ୍ପର୍କରେ ମହାସଂଘ ସଭାପତି ସମୀର ଧଳ ସୁଚନା ଦେଇଛନ୍ତି। ଏପରିକି ଦରକାର ପଡିଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ମଧ୍ୟ ଚେତାବନୀ ଦିଆଯାଇଛି । ୭ ଦଫା ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯିବା, ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରାଯିବା, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯିବା, ପ୍ରତି ଶହେ କିଲୋମିଟର ଅନ୍ତରରେ ଡ୍ରାଇଭରଙ୍କ ବିଶ୍ରାମ ଗାର ଓ ଗାଡ଼ି ପାର୍କିଙ୍ଗ ପାଇଁ ବ୍ୟବସ୍ଥା କରାଯିବା, ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯିବା , ପୋଲିସର ଗାଡ଼ି କାଗଜପତ୍ର ଯାଞ୍ଚ କ୍ଷମତାକୁ ପ୍ରତ୍ୟାହାର କରାଯିବା ସହ ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଓ କାରଖାନା ଗୁଡ଼ିକରେ ୭୦% ଓଡ଼ିଶାର ଡ୍ରାଇଭରମାନଙ୍କୁ କାର୍ଯ୍ୟ କରିବାକୁ ଅଗ୍ରାଧିକାର ଦିଆଯିବା ଇତ୍ୟାଦି ରହିଛି ।

## ୯ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାଙ୍କୀ,୭।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ ଆନୁକୂଲ୍ୟରେ ୯ ତାରିଖ ବୁଧବାର ସକାଳ ୯ଟାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସ୍ଥାନୀୟ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ଅନୁଷ୍ଠିତ ହେବ। ଏହି ଶିବିରରେ ଯୋଗଦେବାକୁ ହେଲେ ଦିବ୍ୟାଙ୍ଗମାନେ ଡିଜିଟାଲ୍ ପ୍ରମାଣପତ୍ର ସହ ପଞ୍ଜୀକରଣ କରାଇଥିବା ଜରୁରୀ। ଯେଉଁମାନେ ଆଦୌ ଭିନ୍ନକ୍ଷମ ପ୍ରମାଣପତ୍ର କିମ୍ବା ଡିଜିଟାଲ ପ୍ରମାଣପତ୍ର ପାଇନାହାଁଖନ୍ତି ସେମାନେ ଅଞ୍ଚଳର ଜନସେବା କେନ୍ଦ୍ରରେ ପଞ୍ଜୀକରଣ ଫର୍ମ, ଆଧାରକାର୍ଡ ଏବଂ ୨ଟି ପାସପୋର୍ଟ ଫଟୋ ଦେଇ ନିଜର ନାମ ପଞ୍ଜିକରଣ କରିପାରିବେ। ଆୟୋଜିତ ଶିବିରରେ ଉପସ୍ଥିତ ହେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ୧୦ ଦଫା ଦାବିରେ କଳାବ୍ୟାଜ୍ ପିନ୍ଧିଲା ଅମଲା ସଂଘ



୧୦ ଦଫା ଦାବିରେ ବାଙ୍କୀ ଉପଖଣ୍ଡର ସମସ୍ତ ରାଜସ୍ୱ ଅମଲା ସଂଘ ସୋମବାର କଳାବ୍ୟାଜ୍ ପିନ୍ଧିଛନ୍ତି।

ବାଙ୍କୀ,୭।୭(ଶୁଭେନ୍ଦୁ ମହାପାତ୍ର)

୧୦ ଦଫା ଦାବିରେ ବାଙ୍କୀ ଉପଖଣ୍ଡର ସମସ୍ତ ରାଜସ୍ୱ ଅମଲା ସଂଘ ସୋମବାର କଳାବ୍ୟାଜ୍ ପିନ୍ଧିଛନ୍ତି। ଜୁନ୍ ୨୨ରେ ଭୁବନେଶ୍ୱରଠାରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀରେ ହୋଇଥିବା ନିଷ୍ପତି ଅନୁସାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବାଙ୍କ ଓ ଡମପଡ଼ା ତହସିଲ, ବ୍ଲକ, ସମ୍ପନ୍ବିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ଅମଲା କଳାବ୍ୟାଜ୍ ପିନ୍ଧି ପ୍ରତୀକାତ୍ମକ ବିରୋଧ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ଦରମା ବୃଦ୍ଧି, ନୂତନ ପଦବୀ ସୃଷ୍ଟି, ସମସ୍ତ ସରକାରୀ କର୍ମଚାରୀଙ୍କୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ପ୍ରଦାନ, ରାଜସ୍ୱ ଅମଲାମାନଙ୍କ ଶତ ପ୍ରତିଶତ ପଦୋନ୍ନତି ଆଦି ପ୍ରମୁଖ ରହିଛି। ୧୧ ତାରିଖ ପର୍ଯ୍ୟନ୍ତ ପ୍ରତୀକାତ୍ମକ ବିରୋଧ କରିବା ସତ୍ତ୍ୱେ ରାଜ୍ୟ ସରକାର ୧୦ ଦଫା ଦାବି ପୂରଣ ନ କଲେ ଜୁଲାଇ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ରାଜସ୍ୱ ଅମଲା ସଂଘ, କଟକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଜେନା ପ୍ରକାଶ କରିଛନ୍ତି। ଏହି ଅବସରରେ ବାଙ୍କୀ ଉପଖଣ୍ଡରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରି, ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକମାନେ ଉପସ୍ଥିତ ଥିଲେ।

**OFFICE OF THE COLLECTOR & DISTRICT MAGISTRATE, BALASORE DISTRICT**
(DISTRICT SOCIAL WELFARE OFFICE)
No.-2696 Date-05.07.25
**TENDER CALL NOTICE**
No. g-14:- Sealed tenders are invited from the intending individual/ Company/ Registered Firms/ Authorized licensing Transporting Contractor/ Corporation having registration certificate in support of their transportation work under "The Carriage by Road Act' 2007" and "Carriage by Road Rules, 2011" issued by the State Transport Authority or Regional Transport Authority for appointment of Transporting Agent under SNP Feeding Programme in Balasore district for the year 2025-26. Details of the documents are available on the website (https://balasore.odisha.gov.in).
Last date of submission of tender on or before 19.07.2025 at 5.00 PM.
Sd./- District Social Welfare Officer, Balasore
OIPR-24242/11/0013/2526

**OFFICE OF THE CDM & PHO & DISTRICT MISSION DIRECTOR, BHADRAK**
**DISTRICT HEALTH MISSION**
(Department of Health & FW, Govt. of Orissa)
Advt. No: 11/2025 Date:05/07/2025
**REQUEST FOR PROPOSAL (RFP) FOR OUTSOURCING OF HOUSEKEEPING SERVICES**
No. E-216:- Sealed proposals as per the prescribed RFP document are invited from Company (Companies Act 2013) /Partnership Firm (Indian Partnership Act 1932/Limited Liability Partnership Firm 2008)/ Society (Society Registration Act 1860)/ a Trust (Indian Trust Act 1882 & its amendment thereon) for outsourcing of housekeeping services in Govt. Health Institutions of Bhadrak. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website www.bhadrak.odisha.gov.in. Interested bidders fulfilling the eligibility criteria may submit their proposal(s) (with EMD and documents as per RFP). The bidders have to submit their proposal(s) in all respect superscribing "**Tender for outsourcing of housekeeping services in Govt. Health Institutions of Bhadrak**" & the advertisement reference No. ______ on the envelope and should reach to the Office of the **CDM & PHO, Bhadrak on or before 28.07.2025 (till 5 PM) by Speed Post, Registered Posts or Courier Only**. The technical bids shall be opened at the Office of the CDM & PHO, Bhadrak on **29.07.2025 at 11.00 AM**. The authority reserves the right to reject any or all the proposals without assigning any reason thereof.
OIPR-10123/11/0015/2526 Sd./- CDM & PHO, Bhadrak

**OFFICE OF THE DEAN & PRINCIPAL VSS INSTITUTE OF MEDICAL SCIENCES & RESEARCH : BURLA**
No.4661/VIMSAR/INDENT Dated : 05.07.2025
**NOTICE**
**No.E-220** : Sealed tenders are invited from the interested firms for supply of "**GAME & SPORTS ARTICLES**" during the financial year 2025-26. The detail terms and conditions & make is available in this College website i.e. www.vimsar.ac.in and district website i.e. www.sambalpur.odisha.gov.in. The last date of receipt of tenders will be on **05.08.2025** latest by **5.00 P.M.**, which will be opened on **06.08.2025 at 11:00 A.M.** in the Conference Hall of Dean & Principal, VIMSAR, Burla.
Sd./- Dean & Principal, VIMSAR, Burla
OIPR-11056/11/0038/2526

**ODISHA PUBLIC SERVICE COMMISSION CUTTACK**
**NOTICE**
No. 4735/PSC, dt. 07.07.25
(1R-12-24/25) (DR-V)
**Assistant Professor (Stage-I) in Home Science (Advertisement No.27 of 2023-24)**
No. D- :- It is for information of all concerned that, document verification of **88 (Eighty-Eight)** candidates having **PPSAN** mentioned below for the post of **Assistant Professor (Stage-I) "Home Science"**, pursuant to Advertisement No.27of 2023/24 shall be held from **17.07.2025 to 21.07.2025 except 20.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.
**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.07.2025 | 10.30 AM | P240313026, P240304593, P240303619, P240297133, P240297316, P240304388, P240297801, P240302777, P240274088, P240309966, P240287919 & P240296650 = **12 Candidates** |
| | 2.30 PM | P240282956, P240304151, P240302294, P240307371, P240272485, P240255519, P240285580, P240310807, P240298411, & P240306610 = **10 Candidates** |
| 18.07.2025 | 10.30 AM | P240310801, P240292383, P240303046, P240289496, P240308678, P230161283, P240307937, P240306645, P240299010, P220038349, P240287867 & P230105266 = **12 Candidates** |
| | 2.30 PM | P240306539, P240303894, P240260189, P240303128, P240305816, P240284808, P240268833, P240305493, P240289816, & P220000041 = **10 Candidates** |
| 19.07.2025 | 10.30 AM | P240307804, P240310051, P240307208, P240301395, P230096011, P240307632, P240273429, P230104607, P240281842, P240269161, P240266947 & P240270470 = **12 Candidates** |
| | 2.30 PM | P230142454, P240297118, P240296692, P240287490, P230145826, P240283527, P240304234, P240309331, P240303982 & P230215195 = **10 Candidates** |
| 21.07.2025 | 10.30 AM | P240268320, P240255066, P220018177, P240305870, P220003560, P230164239, P240266599, P240305417, P240281557, P230139572, P240302973 & P220068466 = **12 Candidates** |
| | 2.30 PM | P240263442, P230136345, P240256942, P240283686, P240289367, P230116658, P240289297, P240283457, P220021935 & P240264669 = **10 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.
**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.
OIPR-12002/11/0261/2526 **Sd./- Secretary**

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
**OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR-751010 (ODISHA)**
No.CAD-1015
Tel - 0674 : 2580896, E-mail : gmerectionocc@gmail.com
(GSTIN-21AAACO2571K2ZM)
**e - Procurement Notice No. 19/OCCL/2025-26 (on-line)**
Type of work : "Erection of 1st stage embedded parts, 2nd stage embedded parts, Gates & its components by fixing of wheels & rubber seal etc., erection of trestle structure & hoisting platform, Rope drum hoists & Central drive units, Rope connection etc., Dogging arrangements, Ladder & hand railing, painting of gates & hoist structures, including 2nd stage concerting works for 02 Nos. of Depletion Sluice Emergency Gates and 02 Nos. Depletion Sluice Service Gates of size 2000mm X 3000mm each at Block No. 12 & 13, Dismantling old Construction Sluice Gates & Platforms etc. with trial, testing & commissioning of above gates pertaining to Kanupur Irrigation Project as per direction of the Engineer-in-Charge on Turnkey basis. ."
Total No. of work : 01 (One)
Period of Completion : 120 (One hundred twenty) days

| Tendering Officer | Bid Identification No. | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|
| General Manager (Mech.), Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./E&M/ 03/2025-26 | Rs. 7,080/- (Non-refundable) | 08.07.2025 10.00 A.M. to 17.07.2025 05.00 P.M. | 08.07.2025 10.00 A.M. to 17.07.2025 05.00 P.M. |

Date of opening of Bid : **18.07.2025 at 11.30 A.M.**
Further details can be seen from the Govt. website **(www.tendersodisha.gov.in)**
**Amendment/corrigendum/cancellation, if any shall be posted on-line only.**
Sd./- General Manager (Mech.), Erection and Maintenance, OCC Ltd., Bhubaneswar
OIPR-34163/11/0072/2526

**Advertisement for e-Admission into B.P.Ed. & M.P. Ed. Course for the Session 2025-27** No.TT-10
Dateline for e-Admission in Govt. College of Physical Education, Bhubaneswar for B.P.Ed & M. P. Ed. Course & B.P.Ed course of Govt. College of Physical Education, Kulundi,Sambalpur under Student Academic Management System (SAMS). For details please contact Govt. College of Physical Education (GCPE) Bhubaneswar/Kulundi, Sambalpur or call Sanjog helpline Toll Free (155335/ 18003456770) Number.

| Sl. No. | Activities | Timeline |
|---|---|---|
| 01 | Availability of Online Common Application Form (CAF) for B.P.Ed. & M.P.Ed. Course in the Sports and Youth Services Department website www.samsodisha.gov.in www.sportsodisha.gov.in | 10.07.2025 |
| 02 | Last date for applying online CAF | 22.07.2025 (11:59 P.M.) |
| 03 | Editing CAF | 23.07.2025 |
| 04 | Availability for downloading of Index Card for Physical Fitness Test | 25.07.2025 |
| 05 | Validation of CAF(One day before PFT for each group) | 28.07.2025 onwards |
| 06 | Date of Physical Fitness Test (Conducted at Bhubaneswar)(Detail of Test Schedule & venue will be mentioned on the index card)(One day after validation for each group) | 29.07.2025 onwards |
| 07 | a) Publication of General Merit List / Disqualified List b) Publication 1st Selection (College wise) | 12.08.2025 |
| 08 | 1st Admission of selected candidates for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 18.08.2025 to 19.08.2025 |
| 09 | Publication of 2nd selection merit list | 25.08.2025 |
| 10 | Admission of selected candidates of 2nd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 28.08.2025 |
| 11 | Publication of 3rd Selection List, if vacancy arises | 29.08.2025 |
| 12 | Admission of selected candidates of 3rd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 02.09.2025 |
| 13 | Classes will start | 03.09.2025 |

For more detail please Contact e-Admission Helpline (Toll free) Number155335-18003456770 or e-Admission Helpdesk @ Govt. College of Physical Education(GCPE) Bhubaneswar - 0674-2476694
**N.B. : 1. Changes to the dateline (if occur) will be notified in the website.**
OIPR-29001/11/0096/2526 **Principal**

**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPLLI, BHUBANESWAR-12
Phone : (0674) 2390195, Fax : (0674) 2395844, E-mail : olicltd123@bsnl.com, olicltd@ymail.com
No.4P-18/2025, 5385/OLIC, Dated : 03.07.2025
**NATIONAL COMPETITIVE BIDDING THROUGH E-PROCUREMENT**
**No.CAD-991** : The Managing Director, OLIC Ltd., Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-05(E) 2025-26 | Sumersible Pump set to deliver 2.0 LPS at 60 Mtr. Head | 14000 | 4838.540 | 48.38540 | 11,800/- (Inclusive of 18% GST) |

1. Period of Completion : 60 days of issue of purchase order.
2. Date & Time of availability of bid document in the portal : From Dt.10.07.2025 to Dt.08.08.2025
3. Last date/Time for receipt of bids in the portal : Dt.08.08.2025 upto 17.00 hrs.
4. Last date of seeking clarification : Dt.18.07.2025 upto 17.00 hrs.
5. Date of opening of Technical Bid : Dt.11.08.2025 in 11.00 hours
6. Name and address of the Officer Inviting Bid : M.D., OLIC, Plot No. N-17/2, Nayapalli, P.B No.155, Bhubaneswar-751 012
7. Further details can be seen from e-procurement portal https://tendersodisha.gov.in
Authority reserves the right to reject any or all the tenders without assigning any reasons thereof.
OIPR-32135/11/0035/2526 Sd./- MANAGING DIRECTOR

# କଣାସରେ ଝାଡ଼ାବାନ୍ତି: ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ


ଡାକ୍ତରଖାନାରେ ଝାଡାବାନ୍ତି ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି ।

- ଦୂଷିତ ଜଳ ବ୍ୟବହାର ହିଁ ମୁଖ୍ୟ କାରଣ
- ବିଭିନ୍ନ ଗାଁରେ ପହଞ୍ଚିଲା ଡାକ୍ତରୀ ଟିମ୍

କଣାସ,୭।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ଗତ ୮ଦିନ ହେଲା ଝାଡ଼ାବାନ୍ତି ଲାଗିରହିଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଯ୍ୟା ଅଭାବ ଯୋଗୁ ଆକ୍ରାନ୍ତମାନେ ତଳେ ଶୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ସୋମବାର ୨୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତି ଆକ୍ରାନ୍ତ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସିରେଇ ଗ୍ରାମର ସୋନାଲି ପେଣ୍ଡୋଇ (୨୩), ବିଷ୍ଣୁପୁରର ସୌଦାମିନୀ ଭୁଜବଳ (୬୮), ଯାମଳଗୋଦା ଗ୍ରାମର ବନିତା (୪୦), ରୁଡ଼ିପୁର ଗ୍ରାମର ଯଶୋଦା ସେଠୀ (୨୦), ଚୁପୁରିଙ୍ଗି ଗ୍ରାମର କମଳା ସେଠୀ (୬୦), ଅଞ୍ଜିରା ଗ୍ରାମର ରଶ୍ମିତା ରାଉତ (୩୮), ବାଲିପଡ଼ା ଗ୍ରାମର ବାସନ୍ତୀ ପରିଡ଼ା (୩୭), ଟିଗିରିଆ ଗ୍ରାମର ବୃନ୍ଦାବନ ଜେନା (୮୦) ଆଦି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଜଗନ୍ନାଥପୁର ଓ ହରଷପଡା ଗ୍ରାମର ଅନେକ ବ୍ୟକ୍ତି ଘରେ ରହି ଏବଂ ଅନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କେତେଜଣ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୋମବାର ପୁରୀରୁ ଡାକ୍ତର ଶିଳ୍ପୀ ଦାସ, ଡାକ୍ତର ସାବିତ୍ରୀ ରାଉତ, ଡାକ୍ତର ଯସ୍ମିନ ପଟ୍ଟନାୟକଙ୍କୁ ନେଇ ଏକ ଟିମ୍ ସମେତ କଣାସ ସ୍ୱାସ୍ଥ୍ୟକେନ୍ଦ୍ରର ଧନେଶ୍ୱର ସ୍ୱାଇଁ ପ୍ରମୁଖ ଜଗନ୍ନାଥପୁର ଓ ବିଜିପୁର ଗ୍ରାମକୁ ଯାଇ ଆକ୍ରାନ୍ତଙ୍କୁ ଚିକିତ୍ସା କରିଛନ୍ତି। ଲୁଣା ନଦୀରୁ ପାଇପ ଯୋଗେ ଦୂଷିତ ଜଳ ବ୍ୟବହାର ଯୋଗୁ ଝାଡ଼ାବାନ୍ତି ବ୍ୟାପୁଥିବା ଡାକ୍ତରୀ ଟିମ୍ କହିଛି। ତେଣୁ ସେହି ଜଳ ବ୍ୟବହାର ବନ୍ଦ କରି ଟ୍ୟାଙ୍କର ଯୋଗେ ଜଳ ଯୋଗାଇଦେବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଞ୍ଚଳ, ନଳକୂପ, ପୋଖରୀ ଆଦିରେ ବ୍ଲିଚିଂ ପାଉଡର ପକାଯାଉନାହିଁ କି ବିଶୋଧନ କରାଯାଉନାହିଁ। ତେଣୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ କଣାସବାସୀ ଦାବି କରିଛନ୍ତି।


ପୁରୀର ଏକ ହୋଟେଲରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ରାଜକିଶୋର ମହାନ୍ତିଙ୍କ ରଚିତ 'ଆନ୍‌ସିଏଣ୍ଟ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## ନୟାହାଟ କଲେଜରେ ପାଚେରି ନିର୍ମାଣ ଦାବି

ଯୋଗେଶ୍ୱରପୁର,୭।୭ (ରଶ୍ମିରଞ୍ଜନ ସାହୁ)

ନୟାହାଟ କଲେଜ ଚତୁଃପାର୍ଶ୍ୱରେ ପାଚେରିଟିଏ ନାହିଁ। ସରକାରୀ ଅନୁଦାନ ଆସୁ ନ ଥିବାବେଳେ କଲେଜରେ ଉନ୍ନତିମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ଅଧକ୍ଷ କଲେଜରୁ ଘରକୁ ଚାଲିଯିବା ପରେ କେତେଜଣ ଅସାମାଜିକ ଯୁବକ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ କ୍ୟାମ୍ପସ୍ ଭିତରେ ରହୁଛନ୍ତି। ସେଠାରେ ମଦ୍ୟ ପାନ କରି ଗ୍ଲାସ ବୋତଲ ଫୋପାଡ଼ିବା ସହ ରାସ୍ତାରେ ଯାଉଥିବା ଝିଅ ବୋହୂଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। କଲେଜ ଛକ ପାଟପୁର କେନାଲ ବ୍ରିଜ୍ ଉପରେ ବସି କେତେଜଣ ଯୁବକ ଆଡ୍ଡା ଜମାଇବା ସହ ବାଟୋଇଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ, ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। କଲେଜ ଚାରିପାଖରେ ପାଚେରି ନିର୍ମାଣ ପାଇଁ ପ୍ରଶାସନିକ ସ୍ତରରେ ଆର୍ଥିକ ଅନୁଦାନ ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## କୋଣାର୍କ ମେଡିକାଲ ଛକ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା

କୋଣାର୍କ,୭।୭(ଜ୍ୟୋତିରାଜ ମହାନ୍ତି)

କୋଣାର୍କ-ଗୋପ ପୂର୍ତ୍ତ ବିଭାଗ ରାସ୍ତାର କୋଣାର୍କ ମେଡିକାଲ ଛକଠାରୁ ଦୀର୍ଘ ୩୦୦ ମିଟର ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ମରଣଯନ୍ତା ପାଲଟିଥିବାବେଳେ ଗମନାଗମନ ବାଧାପ୍ରାପ୍ତ ହୋଇଛି।

ଖବରରୁ ପ୍ରକାଶ ଯେ, କୋଣାର୍କ ମେଡିକାଲ ଛକଠାରୁ ପୂର୍ତ୍ତ ରାସ୍ତାରେ ବିରାଟକାୟ ଗାତ ସୃଷ୍ଟି ହୋଇଛି। ଖାଲଖମା ଯୋଗୁ ଯାତାୟାତ କରୁଥିବା ଯାତ୍ରୀବାହୀ ବସ୍, ୪ ଚକିଆ ଯାନ ଓ ୨ ଚକିଆ ଯାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଆଶଙ୍କା ସୃଷ୍ଟି ହୋଇଛି। ଉକ୍ତ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାବେଳେ ଗମନାଗମନ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ପର୍ଯ୍ୟଟକ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ କୋଣାର୍କ ମେଡିକାଲ ଛକଠାରୁ ଦୀର୍ଘ ୩୦୦ ମିଟର ପୂର୍ତ୍ତ ବିଭାଗ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ପୁରୀ ଜିଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ପର୍ଯ୍ୟଟକପ୍ରେମୀ, ପର୍ଯ୍ୟଟକ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

## ପରିବେଶ, ଟ୍ରାଫିକ୍ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ପୁରୀ,୭।୭ (ଅଜିତ୍ କୁମାର ମହାନ୍ତି)

ପୁରୀର ପରିବେଶ ଓ ଟ୍ରାଫିକ ସମସ୍ୟା ନେଇ 'ଭଏସ୍ ଅଫ୍ କମନମ୍ୟାନ୍'ର ହେକ୍ଟର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ମିଶ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରଥଯାତ୍ରା ପରେ ପୁରୀ ସହରର ସ୍ଥିତି ଦୁଃଖଦ ଓ ଆଶ୍ଚର୍ଯ୍ୟଜନକ ରହିଛି। ଜୁଲାଇ ୭ରୁ ପ୍ରାୟ ୩-୪ ଲକ୍ଷ ଭକ୍ତ ସହରରେ ଥିବାବେଳେ ବହୁ ଭକ୍ତ ରଥଯାତ୍ରା ଦିନ ଯୋଗଦେଇ ପାରିନାହାନ୍ତି। ପ୍ରତ୍ୟେକ ରାସ୍ତା ଓ ଛକ ଜାମ୍ ହୋଇପଡ଼ିଛି, ୧ କିଲୋମିଟର ଯାତ୍ରା କରିବାକୁ ଘଣ୍ଟା ଘଣ୍ଟା ଲାଗୁଛି। ଆଶ୍ଚର୍ଯ୍ୟର କଥା, ଟ୍ରାଫିକ୍ ପରିଚାଳନା କରୁଥିବା ପୋଲିସ କର୍ମଚାରୀଙ୍କୁ କୌଣସି ସ୍ଥାନରେ ଦେଖିବାକୁ ମିଳୁନାହିଁ। ସମଗ୍ର ସହର ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ଏବଂ ଦୁର୍ଗନ୍ଧ ଏହାକୁ ଅସହ୍ୟ କରିଦେଇଛି। ଯଦି ପୌରପାଳିକା ତୁରନ୍ତ ଅଳିଆ ଆବର୍ଜନା ସଫା ନ କରେ, ତେବେ ପୁରୀରେ ହଇଜା, ଡେଙ୍ଗୁ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିପଦ ଭଳି ରୋଗ ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ତୁରନ୍ତ ସହରକୁ ସଫା କରିବା ଏବଂ ଭିଡ଼କୁ ପରିଚାଳନା କରିବା ପାଇଁ ପଦକ୍ଷେପ ନେବାକୁ ମିଶ୍ର ଦାବି କରିଛନ୍ତି।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ

ବଳଙ୍ଗା,୭।୭ (କେଦାରେଶ୍ୱର ନନ୍ଦ)

ଜନସଂଘର ପ୍ରତିଷ୍ଠାତା, ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ସୋମବାର ବଳଙ୍ଗା ଭାଜପା ମଣ୍ଡଳରେ ପାଳିତ ହୋଇଯାଇଛି। ସୂଚନା ମୁତାବକ, ଏକ ଦେଶରେ ୨ ପ୍ରଧାନ, ୨ ବିଧାନ, ୨ ନିଶାନ ବିରୋଧରେ ଆନ୍ଦୋଳନ କରିଥିଲେ, ଯାହାର ସୁଫଳ ଏବେ ଦେଶ ପାଇଲା। ଏହି ଅବସରରେ ବଳଙ୍ଗା ଭାଜପା ମଣ୍ଡଳ ପକ୍ଷରୁ ବଳଙ୍ଗା ନିକଟସ୍ଥ ଜଳସମ୍ପଦ କାର୍ଯ୍ୟାଳୟ ଡାକବଙ୍ଗଳା ପରିସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ପ୍ରଭାକର ନାୟକ, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ପ୍ରଭାତ ବିଶ୍ୱାଳ, ମହାବୀର ବରାଳ, ସରୋଜ କୁମାର ସାହୁ, ରତ୍ନାକର ମିଶ୍ର, ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରସନ୍ନ କୁମାର ଦାଶ ପ୍ରମୁଖ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ରାଜସ୍ୱ ଅମଲାଙ୍କ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ


...

### ୧୦ ଦଫା ଦାବି ପୂରଣ ହେଉନି

ପୁରୀ,୭।୭(ଅଜିତ୍ କୁମାର ମହାନ୍ତି)

ଦୀର୍ଘଦିନ ଧରି ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବାରୁ ରାଜ୍ୟ ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ପୁରୀ ଜିଲାର ସମସ୍ତ ରାଜସ୍ୱ ଅମଲା ଆନ୍ଦୋଳନମୁହାଁ ହୋଇଛନ୍ତି। ୧୦ ଦଫା ଦାବିରେ ସୋମବାରଠାରୁ ଜିଲାର ରାଜସ୍ୱ ଅମଲାମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ୧୪ ତାରିଖଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ରାଜସ୍ୱ କର୍ମଚାରୀଙ୍କ ପ୍ରାଥମିକ ଦରମା ଓଆର୍‌ଏସ୍‌ପି- ୨୦୧୭ ଅନୁଯାୟୀ ଲେଭଲ ୯କୁ ବୃଦ୍ଧି, ନୂତନ ପଦ ସୃଷ୍ଟି ଏବଂ କ୍ୟାଡର୍ ପୁନର୍ଗଠନ, ସମସ୍ତ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ୨୦୨୦ ଥଇଥାନ ସ୍କିମ୍ ରଦ୍ଦ କରି ୧୯୯୦ ନିୟମ ଅନୁଯାୟୀ ମୃତ କର୍ମଚାରୀଙ୍କ ପରିବାରକୁ ଥଇଥାନ, ଜିଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନଶନ ସ୍କିମ ରଦ୍ଦ କରି ପୁରୁଣା ପେନଶନ ସ୍କିମ ଲାଗୁ କରିବା, ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟରୁ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ପଦକୁ ପଦୋନ୍ନତି ପାଇଁ ଅବଧି ୪ ବର୍ଷ କରିବା ଆଦି ଦାବି ରହିଛି। ଏହି ପ୍ରତିବାଦ ଆଗକୁ ଆହୁରି ତୀବ୍ରତର କରାଯିବ ବୋଲି ଜିଲା ରାଜସ୍ୱ ଅମଲା ସଂଘର ସଭାପତି ଆଶିଷ କୁମାର ସାମନ୍ତରାୟ ଓ ସାଧାରଣ ସମ୍ପାଦକ ପ୍ରଣବ କୁମାର ଟିନାରା କହିଛନ୍ତି।


**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
**OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR-751010 (ODISHA)**
No.CAD-1015
Tel - 0674 : 2580896, E-mail : gmerectionocc@gmail.com
(GSTIN-21AAACO2571K2ZM)
**e - Procurement Notice No. 19/OCCL/2025-26 (on-line)**

Type of work : "Erection of 1st stage embedded parts, 2nd stage embedded parts, Gates & its components by fixing of wheels & rubber seal etc., erection of trestle structure & hoisting platform, Rope drum hoists & Central drive units, Rope connection etc., Dogging arrangements, Ladder & hand railing, painting of gates & hoist structures, including 2nd stage concerting works for 02 Nos. of Depletion Sluice Emergency Gates and 02 Nos. Depletion Sluice Service Gates of size 2000mm X 3000mm each at Block No. 12 & 13, Dismantling old Construction Sluice Gates & Platforms etc. with trial, testing & commissioning of above gates pertaining to Kanupur Irrigation Project as per direction of the Engineer-in-Charge on Turnkey basis. ."
Total No. of work : 01 (One)
Period of Completion : 120 (One hundred twenty) days

| Tendering Officer | Bid Identification No. | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|
| General Manager (Mech.), Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./E&M/03/2025-26 | Rs. 7,080/- (Non-refundable) | 08.07.2025 10.00 A.M. to 17.07.2025 05.00 P.M. | 08.07.2025 10.00 A.M. to 17.07.2025 05.00 P.M. |

Date of opening of Bid : **18.07.2025 at 11.30 A.M.**
Further details can be seen from the Govt. website **(www.tendersodisha.gov.in)**
**Amendment/corrigendum/cancellation, if any shall be posted on-line only.**
**Sd./- General Manager (Mech.), Erection and Maintenance, OCC Ltd., Bhubaneswar**
**OIPR-34163/11/0072/2526**



**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPLLI, BHUBANESWAR-12
Phone : (0674) 2390195, Fax : (0674) 2395844, E-mail : olicltd123@bsnl.com, olicltd@ymail.com
**No.4P-18/2025, 5385/OLIC, Dated : 03.07.2025**
**NATIONAL COMPETITIVE BIDDING THROUGH E-PROCUREMENT**
**No.CAD-991** : The Managing Director, OLIC Ltd., Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-05(E) 2025-26 | Sumersible Pump set to deliver 2.0 LPS at 60 Mtr. Head | 14000 | 4838.540 | 48.38540 | 11,800/- (Inclusive of 18% GST) |

1. Period of Completion : 60 days of issue of purchase order.
2. Date & Time of availability of bid document in the portal : From Dt.10.07.2025 to Dt.08.08.2025
3. Last date/Time for receipt of bids in the portal : Dt.08.08.2025 upto 17.00 hrs.
4. Last date of seeking clarification : Dt.18.07.2025 upto 17.00 hrs.
5. Date of opening of Technical Bid : Dt.11.08.2025 at 11.00 hours
6. Name and address of the Officer Inviting Bid : M.D., OLIC, Plot No. N-17/2, Nayapili, P.B No.155, Bhubaneswar-751 012
7. Further details can be seen from e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof.
**OIPR-32135/11/0035/2526** **Sd./- MANAGING DIRECTOR**



**OFFICE OF THE COLLECTOR & DISTRICT MAGISTRATE, BALASORE DISTRICT**
(DISTRICT SOCIAL WELFARE OFFICE)
No.-2696 Date-05.07.25
**TENDER CALL NOTICE**
**No. g-14:-** Sealed tenders are invited from the intending individual/ Company/ Registered Firms/ Authorized licensing Transporting Contractor/ Corporation having registration certificate in support of their transportation work under "The Carriage by Road Act' 2007" and "Carriage by Road Rules, 2011" issued by the State Transport Authority or Regional Transport Authority for appointment of Transporting Agent under SNP Feeding Programme in Balasore district for the year 2025-26. Details of the documents are available on the website (**https://balasore.odisha.gov.in**).
Last date of submission of tender on or before 19.07.2025 at 5.00 PM.
**Sd./- District Social Welfare Officer, Balasore**
OIPR-24242/11/0013/2526



**OFFICE OF THE CDM & PHO & DISTRICT MISSION DIRECTOR, BHADRAK**
**DISTRICT HEALTH MISSION**
**(Department of Health & FW, Govt. of Orissa)**
Advt. No: 11/2025 Date:05/07/2025
**REQUEST FOR PROPOSAL (RFP) FOR OUTSOURCING OF HOUSEKEEPING SERVICES**
No. E-216:- Sealed proposals as per the prescribed RFP document are invited from Company (Companies Act 2013) /Partnership Firm (Indian Partnership Act 1932/Limited Liability Partnership Firm 2008)/ Society (Society Registration Act 1860)/ a Trust (Indian Trust Act 1882 & its amendment thereon) for outsourcing of housekeeping services in Govt. Health Institutions of Bhadrak. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website www.bhadrak.odisha.gov.in. Interested bidders fulfilling the eligibility criteria may submit their proposal(s) (with EMD and documents as per RFP). The bidders have to submit their proposal(s) to the Office of the CDM & PHO, BHADRAK. The details of proposal(s) complete in all respect superscribing **"Tender for outsourcing of housekeeping services in Govt. Health Institutions of Bhadrak"** & the advertisement reference No. ____________ on the envelope and should reach to the Office of the **CDM & PHO, Bhadrak on or before 28.07.2025 (till 5 PM) by Speed Post, Registered Posts or Courier Only**. The technical bids shall be opened at the Office of the CDM & PHO, Bhadrak on **29.07.2025 at 11.00 AM**. The authority reserves the right to reject any or all the proposals without assigning any reason thereof.
OIPR-10123/11/0015/2526 **Sd./- CDM & PHO, Bhadrak**



**OFFICE OF THE DEAN & PRINCIPAL VSS INSTITUTE OF MEDICAL SCIENCES & RESEARCH : BURLA**
No.4661/VIMSAR/INDENT Dated : 05.07.2025
**NOTICE**
**No.E-220** : Sealed tenders are invited from the interested firms for supply of **"GAME & SPORTS ARTICLES"** during the financial year 2025-26. The detail terms and conditions & make is available in this College website i.e. www.vimsar.ac.in and district website i.e. www.sambalpur.odisha.gov.in. The last date of receipt of tenders will be on **05.08.2025** latest by **5.00 P.M.,** which will be opened on **06.08.2025 at 11:00 A.M.** in the Conference Hall of Dean & Principal, VIMSAR, Burla.
**Sd./- Dean & Principal, VIMSAR, Burla**
**OIPR-11056/11/0038/2526**



**Advertisement for e-Admission into B.P.Ed. & M.P. Ed. Course for the Session 2025-27** No.TT-10

Dateline for e-Admission in Govt. College of Physical Education, Bhubaneswar for B.P.Ed & M. P. Ed. Course & B.P.Ed course of Govt. College of Physical Education, Kulundi,Sambalpur under Student Academic Management System (SAMS). For details please contact Govt. College of Physical Education (GCPE) Bhubaneswar/Kulundi, Sambalpur or call Sanjog helpline Toll Free (155335/ 18003456770) Number.

| Sl. No. | Activities | Timeline |
|---|---|---|
| 01 | Availability of Online Common Application Form (CAF) for B.P.Ed. & M.P.Ed. Course in the Sports and Youth Services Department website www.samsodisha.gov.in www.sportsodisha.gov.in | 10.07.2025 |
| 02 | Last date for applying online CAF | 22.07.2025 (11:59 P.M.) |
| 03 | Editing CAF | 23.07.2025 |
| 04 | Availability for downloading of Index Card for Physical Fitness Test | 25.07.2025 |
| 05 | Validation of CAF(One day before PFT for each group) | 28.07.2025 onwards |
| 06 | Date of Physical Fitness Test (Conducted at Bhubaneswar)(Detail of Test Schedule & venue will be mentioned on the index card)(One day after validation for each group) | 29.07.2025 onwards |
| 07 | a) Publication of General Merit List / Disqualified List b) Publication 1st Selection (College wise) | 12.08.2025 |
| 08 | 1st Admission of selected candidates for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 18.08.2025 to 19.08.2025 |
| 09 | Publication of 2nd selection merit list | 25.08.2025 |
| 10 | Admission of selected candidates of 2nd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 28.08.2025 |
| 11 | Publication of 3rd Selection List, if vacancy arises | 29.08.2025 |
| 12 | Admission of selected candidates of 3rd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 02.09.2025 |
| 13 | Classes will start | 03.09.2025 |

For more detail please Contact e-Admission Helpline (Toll free) Number155335-18003456770 or e-Admission Helpdesk @ Govt. College of Physical Education(GCPE) Bhubaneswar - 0674-2476694
**N.B. : 1. Changes to the dateline (if occur) will be notified in the website.**
**OIPR-29001/11/0096/2526** **Principal**



**ODISHA PUBLIC SERVICE COMMISSION CUTTACK**
**NOTICE**
No. 4735/PSC, dt. 07.07.25
(1R-12-24/25) (DR-V)
**Assistant Professor (Stage-I) in Home Science (Advertisement No.27 of 2023-24)**
No. D- :- It is for information of all concerned that, document verification of **88 (Eighty-Eight)** candidates having **PPSAN** mentioned below for the post of **Assistant Professor (Stage-I) "Home Science",** pursuant to Advertisement No.27of 2023/24 shall be held from **17.07.2025 to 21.07.2025 except 20.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.07.2025 | 10.30 AM | P240313026, P240304593, P240303619, P240297133, P240297316, P240304388, P240297801, P240302777, P240274088, P240309966, P240287919 & P240296650 = **12 Candidates** |
| | 2.30 PM | P240282956, P240304151, P240302294, P240307371, P240272485, P240255519, P240285580, P240310807, P240298411, & P240306610 = **10 Candidates** |
| 18.07.2025 | 10.30 AM | P240310801, P240292383, P240303046, P240289496, P240308678, P230161283, P240307937, P240306645, P240299010, P220038349, P240287867 & P230105266 = **12 Candidates** |
| | 2.30 PM | P240306539, P240303894, P240260189, P240303128, P240305816, P240284808, P240268833, P240305493, P240289816, & P220000041 = **10 Candidates** |
| 19.07.2025 | 10.30 AM | P240307804, P240310051, P240307208, P240301395, P230096011, P240307632, P240273429, P230104607, P240281842, P240269161, P240266947 & P240270470 = **12 Candidates** |
| | 2.30 PM | P230142454, P240297118, P240296692, P240287490, P230145826, P240283527, P240304234, P240309331, P240303982 & P230215195 = **10 Candidates** |
| 21.07.2025 | 10.30 AM | P240268320, P240255066, P220018177, P240305870, P220003560, P230164239, P240266599, P240305417, P240281557, P230139572, P240302973 & P220068466 = **12 Candidates** |
| | 2.30 PM | P240263442, P230136345, P240256942, P240283686, P240289367, P230116658, P240289297, P240283457, P220021935 & P240264669 = **10 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.
**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.
OIPR-12002/11/0261/2526 **Sd./- Secretary**

# କମିଶନରେଟ ପୋଲିସରେ ଅଦଳବଦଳ

**ବଦଳିଲେ ୨ ଏସିପି, ଏୟାର ଫିଲ୍ଡ ଥାନାକୁ ନୂଆ ଅଧିକାରୀ**



ଭୁବନେଶ୍ୱର,୭।୭(ସତ୍ୟଜିତ୍ ରାଉତ)

କମିଶନରେଟ ପୋଲିସରେ ସୋମବାର ଅଧିକାରୀସ୍ତରରେ ଛୋଟ ଧରଣର ଅଦଳ ବଦଳ କରାଯାଇଛି। କଟକ ୟୁପିଡି ଜୋନ୍ -୪ ଏସିପି ଥିବା ଅମିତାଭ ମହାପାତ୍ରଙ୍କୁ ଜୋନ୍-୩କୁ ବଦଳି କରାଯାଇଥିବାବେଳେ ଭୁବନେଶ୍ୱର ୟୁପିଡି ଅନ୍ତର୍ଗତ ଏୟାର ଫିଲ୍ଡ ଥାନା ଦାୟିତ୍ୱରେ ଥିବା ଏସିପି ଶଶିକାନ୍ତ ରାଉତଙ୍କୁ କଟକ ଜୋନ୍-୪କୁ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ପିସିଆର ଆଣ୍ଡ ଇଆର୍‌ଏସ୍‌ଏସ୍ ଇନ୍ସପେକ୍ଟର ପ୍ରଦୀପ କୁମାର ଜେନାଙ୍କୁ ଏୟାର ଫିଲ୍ଡ ଥାନା ଅଧିକାରୀ ଦାୟିତ୍ୱ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପ୍ରଦୀପ ଏହି ଦାୟିତ୍ୱରେ ରହିବେ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

# ଲୋକେ ନିଜକୁ ଅସହାୟ ନ ଭାବନ୍ତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୭(ସୁନିତ୍ ମିଶ୍ର)

**ମୁଖ୍ୟମନ୍ତ୍ରୀଙ୍କ ଦ୍ୱାଦଶ ଜନଅଭିଯୋଗ ଶୁଣାଣି**

- ୧୦ ଜଣଙ୍କୁ ୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଗଲା
- ଏଯାଏ ୧୦,୮୯୪ରୁ ୧୦,୧୩୨ ଅଭିଯୋଗର ସମାଧାନ ହୋଇଛି



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନ ଅଭିଯୋଗ ଶୁଣାଣି କରୁଛନ୍ତି।

ସମାଜର ଶେଷ ଧାଡ଼ିରେ ଥିବା ଲୋକମାନେ ଯେପରି ନିଜକୁ କେବେ ଅସହାୟ ନ ଭାବନ୍ତି ଏବଂ ସାଧାରଣ ଲୋକଟିଏ ଯେପରି ଅନୁଭବ କରେ, ସରକାର ସୁଖଦୁଃଖରେ ତା' ସହିତ ସବୁବେଳେ ଅଛନ୍ତି, ଏହି ମହତ ଉଦ୍ଦେଶ୍ୟ ରଖି ସରକାର କ୍ରମାଗତ ଭାବେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୋମବାର ଭୁବନେଶ୍ୱର ସ୍ଥିତ ୟୁନିଟ-୨୦ାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ପଞ୍ଜୀକୃତ କରିଥିବା ୧୦୦୦ ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ଏହି ଅବସରରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପ୍ରଥମେ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଭିନ୍ନକ୍ଷମ ଲୋକଙ୍କ ପାଖକୁ ଯାଇଥିଲେ। ସେଠାରେ ସମସ୍ତଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ଏହାପରେ ପ୍ରକୋଷ୍ଠ ଭିତରକୁ ଆସି ପଞ୍ଜୀକୃତ କରିଥିବା ଅନ୍ୟ ଅଭିଯୋଗକାରୀଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି। ସମସ୍ତ ଅଭିଯୋଗର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଏହି ବ୍ୟବସ୍ଥାରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୧୦ ଜଣଙ୍କ ପାଇଁ ସୋମବାର ୯ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଚଳିତ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୪୮ ଜଣଙ୍କୁ ୫୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଏକାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୮୯୪ଟି ଅଭିଯୋଗ ମଧ୍ୟରୁ ୧୦,୧୩୨ଟି ଅଭିଯୋଗର ସମାଧାନ କରାଯାଇଛି। ଏହା ଶତକଡ଼ା ୯୩% ଅଟେ, ବକେୟା ଅଭିଯୋଗଗୁଡ଼ିକ ପ୍ରକ୍ରିୟାରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।




ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଓ ରସଗୋଲା ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ଆଜି ରସଗୋଲା ଦିବସ

ଭୁବନେଶ୍ୱର, ୭।୭ (ସୌମ୍ୟରଞ୍ଜନ ରାଉତ)



ଶ୍ରୀଜଗନ୍ନାଥ ସଂସ୍କୃତିରେ ରସଗୋଲାର ବେଶ୍ ଗୁରୁତ୍ୱ ରହିଛି। ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ଅବସରରେ ରସଗୋଲା ଭୋଗ ଲାଗୁଥିବାରୁ ଏହି ଦିନକୁ ପାରମ୍ପରିକ ଭାବରେ ରସଗୋଲା ଦିବସ ଭାବେ ପାଳନ କରାଯାଉଛି। ସାରା ବିଶ୍ୱରେ ରସଗୋଲାକୁ ଅଧିକ ପରିଚିତ କରିବା ଉଦ୍ଦେଶ୍ୟରେ ମଧ୍ୟ ଏହି ଦିବସକୁ ପାଳନ କରାଯାଏ। ୨୦୧୫ ଜୁଲାଇ ୩୦ ନୀଳାଦ୍ରି ବିଜେ ଦିନ ପ୍ରଥମେ ସ୍ୱତନ୍ତ୍ର ଭାବେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ତେବେ ରସଗୋଲାକୁ ନେଇ ମଧ୍ୟ ପଶ୍ଚିମବଙ୍ଗ ଓ ଓଡିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କୋଲକାତାରେ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ପଶ୍ଚିମବଙ୍ଗ ପକ୍ଷରୁ କୁହାଯାଇଥିଲା। ହେଲେ ୨୦୦୯ ମସିହା ଜୁଲାଇ ୨୯ରେ ଓଡିଶାର 'ରସଗୋଲା'କୁ ଜିଆଇ ଟ୍ୟାଗ ମିଳିଥିଲା।

# ମହାପ୍ରଭୁଙ୍କୁ ଭୋଗଲାଗି ହେବ ରସଗୋଲା

ପୁରୀ,୭।୭(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଦିନ ରଥାରୂଢ଼ ଦାରୁଦେବତାଙ୍କୁ ରସଗୋଲା ଭୋଗ ଅର୍ପଣ କରାଯାଇଥାଏ। ଧରାପୃଷ୍ଠରେ ମହାପ୍ରଭୁ ମାନବୀୟ ଲୀଳା କରୁଥିବାରୁ ତାଙ୍କ ଉପାସନାରେ ଅନେକ ସାମାଜିକ ଓ ପାରିବାରିକ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ। ମହାପ୍ରଭୁ ନବବିବାହିତା ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ଛାଡ଼ି ଘୋଷଯାତ୍ରାରେ ଭଉଣୀଭାଇଙ୍କୁ ସାଙ୍ଗରେ ନେଇ ଜନ୍ମବେଦିକୁ ଚାଲିଯାଇଥିବାରୁ ସେ ଅଭିମାନ କରିଥାନ୍ତି। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲାବେଳେ ମହାଲକ୍ଷ୍ମୀ ଅଭିମାନରେ ଜୟବିଜୟ କବାଟ ବନ୍ଦ କରିଦେବା ସହ ମହାପ୍ରଭୁଙ୍କ ସହିତ ବଚନିକା କରିଥାନ୍ତି। ବଚନିକା ପରେ ମହାପ୍ରଭୁଙ୍କ ଗଇଁଠାଳ ଫିଟା ନୀତି ହୋଇଥାଏ। ମାତ୍ର ଶ୍ରୀଦେବୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ତେଣୁ ମହାପ୍ରଭୁ ରସଗୋଲା ଦେଇ ତାଙ୍କ ମାନଭଞ୍ଜନ କରିଥାନ୍ତି। ତେଣୁ ଭକ୍ତମାନେ ନିଳାଦ୍ରୀବିଜେ ଦିନ ରଥାରୂଢ଼ ମହାପ୍ରଭୁଙ୍କୁ ରସଗୋଲା ମଣୋହୀ କରିଥାନ୍ତି।

# ଜଳସମ୍ପଦ ବିଭାଗକୁ ଅଡୁଆ ଅଦାଲତ ଅବମାନନା

ଭୁବନେଶ୍ୱର, ୭।୭(ରବିନାରାୟଣ ଜେନା)

**୬ ମାସରେ ୬୧ ମାମଲା**

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ମୁଣ୍ଡରେ ଏବେ ଅଦାଲତ ଅବମାନନା ମାମଲା ବୋଝ ପାହାଡ଼ ସଦୃଶ ହୋଇଛି। ପୂର୍ବରୁ ବହୁ ମାମଲା ବିଭାଗ ଉପରେ ଗଡୁଥିବାବେଳେ ଚଳିତ ୬ ମାସରେ ୬୧ଟି ଅଦାଲତ ଅବମାନନା ମାମଲା ବିଭାଗର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଛି। ବିଭାଗୀୟ ନ୍ୟାୟିକ ମାମଲାକୁ ଠିକ୍ ଭାବେ ପରିଚାଳନା ଲାଗି ପୂର୍ବରୁ ମୁଖ୍ୟ ସଚିବ ବହୁବାର ନିର୍ଦ୍ଦେଶ ଦେଇଥିଲେ ହେଁ ୬ ମାସରେ ଏତେସଂଖ୍ୟକ ମାମଲା ନେଇ ବିଭାଗୀୟ ଅଧିକାରୀମାନେ ଚିନ୍ତାପ୍ରକଟ କରିଛନ୍ତି।

ଏହି ମାମଲାଗୁଡ଼ିକର କିଭଳି ସୁପରିଚାଳନା ହୋଇପାରିବ ତାକୁ ନେଇ ସୋମବାର ବିଭାଗୀୟ ଅନୁସଚିବ ୧୦ଟି ସେକ୍ସନର ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି ଯେ, ଆସନ୍ତା ୨ ସପ୍ତାହ ମଧ୍ୟରେ ଏହି ମାମଲାଗୁଡ଼ିକ ଯେପରି ଠିକଣାଭାବେ ପରିଚାଳନା ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଅ। ଏପରିକି ଲିଗାଲ ସେଲ୍‌ର ପରାମର୍ଶଦାତା ରାମାନୁଜ୍ ପାଣିଗ୍ରାହୀଙ୍କ ସହାୟତା ନେବାକୁ ସେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ, ଏଲ୍.ଏ. ବିଭାଗରେ ସର୍ବାଧିକ ୪୩ଟି ଅଦାଲତ ଅବମାନନା ମାମଲା ରହିଥିବାବେଳେ ଏଲ୍‌ସିରେ ୨ଟି, ଏଫ୍‌ଇ-୨ରେ, ଏଫ୍‌ଇ-୩ରେ ୬ଟି, ଏଫ୍‌ଇ-୪ରେ ୨ ଏବଂ ଅନ୍ୟାନ୍ୟ ସେକ୍ସନରେ ମଧ୍ୟ ଗୋଟିଏ/ଦୁଇଟି ଲେଖାଏ ଏପରି ମାମଲା ରହିଛି।

# ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼, ୱାର୍ଡମେମ୍ବର ଅଟକ

ବାଲିପାଟଣା,୭।୭(ଅଭିମନ୍ୟୁ ନାୟକ)

ବାଲିପାଟଣା ମୁକୁନ୍ଦଦାସପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ବିଲ୍ ଆଦାୟ ବେଳେ ବିଦ୍ୟୁତ୍ କର୍ମଚାରୀଙ୍କୁ ସ୍ଥାନୀୟ ୱାର୍ଡମେମ୍ବର ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ବାଲିପାଟଣା ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ୱାର୍ଡମେମ୍ବରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ପିପିଲି ସବ୍‌ଡିଭିଜନ ଅଧୀନ ସେକ୍ସନ ବିଦ୍ୟୁତ୍ ବିଲ୍ ଆଦାୟକାରୀ ଟିମ୍ ମୁକୁନ୍ଦଦାସପୁରକୁ ବିଲ୍ ଆଦାୟ କରିବା ପାଇଁ ଯାଇଥିଲେ। ପିପିଲି ବିଦ୍ୟୁତ୍ ବିଭାଗ ଟିମର ଡିସି ମୁଖ୍ୟ ଅବସରପ୍ରାପ୍ତ ସେନା କର୍ମଚାରୀ ପଦ୍ମ ଚରଣ ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରକ୍ରିୟା ଚାଲିଥିଲା। ୱାର୍ଡମେମ୍ବର ହୁକ ପକାଇ ଘରକୁ ଚୋରାରେ ଲାଇନ ନେଇଥିଲେ। ଏହା ଦେଖି ବିଲ୍ ଆଦାୟକାରୀ ଟିମର ଏମ୍‌ବିସି ସୁପରଭାଇଜର ରାଜେଶ ସାହୁ ବକେୟା ବିଦ୍ୟୁତ୍ ବିଲ ମାଗିବା ସହ ଲାଇନ କାଟିବାକୁ କହିଥିଲେ। ଏଥିରେ ୱାର୍ଡମେମ୍ବର ଜଣକ ଉତ୍ତକ୍ଷିପ୍ତ ହୋଇ ରାଜେଶଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏନେଇ ରାଜେଶ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ।

# କଇଁଛ ପିଠିରେ ଜଗନ୍ନାଥ ଆଙ୍କି ବନ୍ଧାହେଲେ

**ସୋସିଆଲ ମିଡିଆରେ ବନ୍ୟପ୍ରାଣୀଙ୍କ ଭିଡିଓ ପୋଷ୍ଟ କଲେ କାର୍ଯ୍ୟାନୁଷ୍ଠାନ: ପିସିସିଏଫ୍**

ଭୁବନେଶ୍ୱର, ୭।୭(ବନ୍ଦନା ସେଠୀ)






ୟୁଟ୍ୟୁବର ଆଶିଷ ମେହେର କଇଁଛ ପିଠିରେ ଚିତ୍ର ଆଙ୍କିବା ପରେ ପାଣିରେ ଛାଡୁଥିବାର ଦୃଶ୍ୟ।

ସୋସିଆଲ ମିଡିଆରେ ଚର୍ଚ୍ଚାକୁ ଆସିବା ସହ ଅଧିକ ଭିୟୁଜ୍ ବଢାଇବା ପାଇଁ ୟୁଟ୍ୟୁବରମାନେ ଆଇନକୁ ଖାତିର କରୁନାହାନ୍ତି। କଇଁଛ ପିଠିରେ ଜଗନ୍ନାଥଙ୍କ ଚିତ୍ର ଆଙ୍କିବା ସହିତ ସୋସିଆଲ ମିଡିଆରେ ଏହାର ଭିଡିଓ ଅପଲୋଡ୍ କରି ବିବାଦକୁ ଆସିଛନ୍ତି ବରଗଡ଼ ଜିଲା ବିଜେପୁରର ୟୁଟ୍ୟୁବର ଆଶିଷ ମେହେର। ତେବେ ଭିଡିଓଟି ଭାଇରାଲ୍ ହେବା ପରେ ତାଙ୍କ ନାମରେ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ସୋମବାର ତାଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଇଛି।

ଅଭିଯୁକ୍ତ ଆଶିଷ ଇଣ୍ଡିଆନ୍ ଫ୍ଲାପ୍‌ସେଲ୍ କଇଁଛ ପିଠିରେ ରଙ୍ଗ ଓ ତୂଳୀରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଆଙ୍କି ଏକ ପୋଖରୀରେ ଛାଡୁଥିବାର ଭିଡିଓ ନିଜ ଫେସ୍‌ବୁକ ଆକାଉଣ୍ଟରେ ଶେୟାର କରିଥିଲେ। ଏହାକୁ ଦେଖି ଭୁବନେଶ୍ୱର ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରି କରିବା ବନ୍ୟପ୍ରାଣୀ ସୁରକ୍ଷା ଆଇନର ଖୋଲା ଉଲ୍ଲଂଘନ। ଇଣ୍ଡିଆନ୍ ଫ୍ଲାପ୍‌ସେଲ୍ କଇଁଛ ବନ୍ୟପ୍ରାଣୀ ଆଇନରେ ସିଡ୍ୟୁଲ୍-୧ ତାଲିକାରେ ସଂରକ୍ଷିତ। ଏହି ତାଲିକାରେ ସଂରକ୍ଷିତ ଜୀବଜନ୍ତୁଙ୍କୁ ଧରିବା ଓ ତାଙ୍କ ପ୍ରତି କ୍ରୁରତା ପ୍ରଦର୍ଶନ କରିବା ଏକ ଅପରାଧ। ଏପରି ଅପରାଧ ପାଇଁ ୭ବର୍ଷ ଯାଏ ଜେଲ ଦଣ୍ଡ, ୧ଲକ୍ଷ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ତେଣୁ ଦୋଷୀଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରିବା ପାଇଁ ଶୁଭେନ୍ଦୁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଶୁଭେନ୍ଦୁ କହିଛନ୍ତି, କଇଁଛ ଉପରେ କେମିକାଲ କଲର ଦେଇ ଜଗନ୍ନାଥଙ୍କ ଚିତ୍ର କରିବା ଗୁରୁତର ଅପରାଧ। ଏନେଇ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କ ନିକଟରେ ଅଭିଯୋଗ କରିଥିଲି। ଅପରପକ୍ଷେ ସୋସିଆଲ ମିଡିଆରେ ବନ୍ୟପ୍ରାଣୀଙ୍କ ଭିଡିଓ ପୋଷ୍ଟ ନ କରିବାକୁ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା ନିବେଦନ କରିଛନ୍ତି। ଏଭଳି କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି କଇଁଛ ପିଠିରେ ଚିତ୍ର ଆଙ୍କିବା ଆଇନ ଅନୁଯାୟୀ ଦଣ୍ଡନୀୟ। ଭିୟୁଜ ବଢାଇବା ପାଇଁ ଜନ୍ତୁଙ୍କୁ ହାରାସ୍ କରନ୍ତୁନି। ଯେଉଁମାନେ ନିୟମ ଉଲ୍ଲଂଘନ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଝା କହିଛନ୍ତି।

ତେବେ ଏହା ପ୍ରଥମ ଘଟଣା ନୁହେଁ। ଏପ୍ରିଲ ମାସରେ ଆଉଜଣେ ବ୍ଲଗର ସମାନ ଢଙ୍ଗରେ କଇଁଛ ପିଠିରେ ଜଗନ୍ନାଥଙ୍କ ଚିତ୍ର ଅଙ୍କନ କରିଥିଲେ। ଚିତ୍ର ଆଙ୍କିବା ସମୟରେ ତା' ମୁହଁକୁ ଜବରଦସ୍ତି ଚାପିକି ଧରିଥିବା ମଧ ଦେଖାଯାଇଥିଲା। ଏହି ପୋଷ୍ଟଟି ବିଶ୍ୱଜିତ୍ ଜେନା ନାମରେ ଫେସ୍‌ବୁକ୍ ଆକାଉଣ୍ଟରେ ଏବଂ ମି. ବିଶ୍ୱ ବ୍ଲଗ୍‌ସ ନାମରେ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ତେବେ ସମାନ ଅପରାଧ କରି ଆଶିଷ ଗିରଫ ହୋଇଥିବାବେଳେ ବିଶ୍ୱଜିତ୍ ଜେନାଙ୍କୁ କାହିଁକି ଏଯାଏ ଗିରଫ କରାଯାଉନାହିଁ ବୋଲି ପ୍ରଶ୍ନ ଉଠିଛି।

ସେଲ୍‌ଫି କର୍ବର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିକୁନ୍



@ ଆକାଶ



@ ସୋହନ



@ ଅଶୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ଘଟଣାଗ୍ରସ୍ତଙ୍କୁ ବଞ୍ଚାଇବାକୁ ଯାଇ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କୋଣାର୍କ,୭।୭(ଜ୍ୟୋତିରାଜ ମହାନ୍ତି)

**ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହେଲା ଟାଭେରା, ୬ ଗୁରୁତର**

ପୁରୀ-କୋଣାର୍କ ରାଜପଥର କଇଁଛ ଘର ନିକଟରେ ସୋମବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ପୁରୀରୁ କୋଣାର୍କ ଅଭିମୁଖେ ଆସୁଥିବା ଏକ ଯାତ୍ରୀବାହୀ ଟାଭେରା ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଥିଲା। ଏଥିରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ହେଲେ ଡ୍ରାଇଭର ଓ ଅନ୍ୟ ଆହତଙ୍କୁ ଉଦ୍ଧାର କରିବାକୁ ଯାଇ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ଅଞ୍ଚଳର ରଞ୍ଜିତ ପଢ଼ିଆରୀ। ଏନେଇ କୋଣାର୍କ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

ସୂଚନା ମୁତାବକ, ଏକ ଯାତ୍ରୀବାହୀ ଟାଭେରା (ଓଆର୍ ୧୩ ଡି ୧୬୬୭) ପୁରୀରୁ ୫ ଜଣ ପର୍ଯ୍ୟଟକଙ୍କୁ ନେଇ କୋଣାର୍କ ଅଭିମୁଖେ ଆସୁଥିଲା। କଇଁଛ ଘର ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବାରୁ ଚାଳକଙ୍କ ସମେତ ୬ ଜଣ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ନାଉଗାଁରୁ ଆସିଥିବା ୩ ଜଣ ସାଙ୍ଗ କୋଣାର୍କ ବୁଲି ସାରି ଚନ୍ଦ୍ରଭାଗାରୁ ରାମଚଣ୍ଡୀ ଯାଉଥିଲେ। ସେମାନଙ୍କ ମଧ୍ୟରୁ ରଞ୍ଜିତ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଚାଳକଙ୍କୁ ଉଦ୍ଧାର କରିବାକୁ ଯାଇ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ଆଘାତପ୍ରାପ୍ତ ହୋଇ ତଳେ ପଡ଼ିଥିଲେ। ଖବର ପାଇ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ତୁଷାରକାନ୍ତି ପରିଜା ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁରୁତର ଆହତ ୭ ଜଣଙ୍କୁ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ। ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କୋଣାର୍କ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

# ପ୍ରେମିକଙ୍କ ସହ ମିଶି ଶଯ୍ୟାଶାୟୀ ସ୍ୱାମୀଙ୍କୁ ହତ୍ୟା

**ନାଗପୁର(ମହାରାଷ୍ଟ୍ର),୭।୭**

ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବା ଜଣେ ପକ୍ଷାଘାତ ରୋଗରେ ପୀଡ଼ିତ ଶଯ୍ୟାଶାୟୀ ସ୍ୱାମୀଙ୍କୁ ଜୀବନ ଦେବାକୁ ପଡ଼ିଛି। ମୃତକ ହେଉଛନ୍ତି ନାଗପୁର ନିବାସୀ ଚନ୍ଦ୍ରସେନ୍ ରାମଟେକ। ଚନ୍ଦ୍ରସେନ୍‌ଙ୍କୁ ତଳେ ପକାଇ ପ୍ରେମିକଙ୍କ ଦ୍ୱାରା ମୁହଁକୁ ତକିଆରେ ଚାପି ହତ୍ୟା କରିଛନ୍ତି ସ୍ତ୍ରୀ ଦିଶା ରାମ୍‌ଟେକ୍। ପରେ ସ୍ୱାମୀଙ୍କ ମୃତ୍ୟୁକୁ ସ୍ୱାଭାବିକ ଦର୍ଶାଇବା ପାଇଁ ବିଭିନ୍ନ ନାଟକ କରିଥିଲେ। ହେଲେ ପୋଷ୍ଟମର୍ଟମ ରିପୋର୍ଟରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିବା ପରେ ପୋଲିସ ଦିଶା ଏବଂ ତାଙ୍କ ପ୍ରେମିକ ଆସିଫ୍ ଇସ୍‌ଲାମ ଅନ୍‌ସାରୀ ଓରଫ ରାଜାବାବୁ ଟାୟାର ବାଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ମିଳିଥିବା ସୂଚନା ଅନୁସାରେ ୩୮ବର୍ଷୀୟ ଚନ୍ଦ୍ରସେନ୍ ୧୩ ବର୍ଷ ତଳେ ଦିଶାଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ଝିଅ ଏବଂ ୬ବର୍ଷର ଏକ ପୁଅ ଅଛି। ଗତ ୨ବର୍ଷ ତଳେ ଚନ୍ଦ୍ରସେନ ପକ୍ଷାଘାତ ରୋଗର ଶିକାର ହୋଇଥିଲେ। ଫଳରେ ସେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଫଳରେ ଦିଶା ପାଣି ଜାର୍ ବିକ୍ରି କରି ଯାହା ଅର୍ଥ ଉପାର୍ଜନ କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। ତେବେ ସ୍ତ୍ରୀଙ୍କ ଚରିତ୍ର ଉପରେ ଚନ୍ଦ୍ରସେନ ବିଭିନ୍ନ ସମୟରେ ସନ୍ଦେହ କରି ଆସୁଥିଲେ। ଗତ ୨ମାସ ତଳେ ମେକାନିକ୍ ଆସିଫ୍‌ଙ୍କ ସମ୍ପର୍କରେ ଦିଶା ଆସିଥିଲେ। ଖୁବ୍ କମ୍ ଦିନରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଯାଇଥିଲା। ଦିଶା ଏବଂ ଆସିଫ୍‌ଙ୍କ ମଧ୍ୟରେ ଅବୈଧ ସମ୍ପର୍କରେ ଜାଣିବା ପରେ ଚନ୍ଦ୍ରସେନ ଏହାକୁ ବିରୋଧ କରିଥିଲେ। ଏପରି କି ଏହି ଘଟଣାକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କିଛିଦିନ ତଳେ ପାଟିତୁଣ୍ଡ ସହ ଝଗଡ଼ା ମଧ୍ୟ ହୋଇଥିଲା। ସ୍ୱାମୀଙ୍କ ଏଭଳି ବିରୋଧକୁ ସହ୍ୟ କରି ନ ପାରି ତାଙ୍କୁ ଜୀବନରୁ ମାରିଦେବାକୁ ଦିଶା ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ପ୍ରେମିକ ଆସିଫ୍‌ଙ୍କ ସହ ମିଶି ସ୍ୱାମୀଙ୍କୁ ମାରିବାକୁ ଦିଶା ଯୋଜନା କରିଥିଲେ। ଗତ ଶୁକ୍ରବାର ଅପରାହ୍ନରେ ଚନ୍ଦ୍ରସେନ୍ ଶୋଇଥିବା ବେଳେ ଦିଶା ତାଙ୍କ ପ୍ରେମିକ ଆସିଫ୍‌ଙ୍କୁ ଫୋନ କରି ଡାକିଥିଲେ। ଆସିଫ୍ ସେଠାରେ ପହଞ୍ଚିବା ପରେ ଦିଶା ସ୍ୱାମୀ ଚନ୍ଦ୍ରସେନଙ୍କୁ ଖଟ ଉପରୁ ତଳକୁ ପକାଇ ଦେଇଥିଲେ। ଏହାପରେ ଆସିଫ୍ ଏକ ତକିଆରେ ଚନ୍ଦ୍ରସେନ୍‌ଙ୍କ ମୁହଁକୁ ଚାପି ଦେଇଥିଲେ। ନିଃଶ୍ୱାସ ବନ୍ଦ ହେବା ପର୍ଯ୍ୟନ୍ତ ତକିଆରେ ଚାପି ଧରିବାରୁ ଚନ୍ଦ୍ରସେନଙ୍କ ମୃତ୍ୟୁ ଘଟିଥିଲା। ପରେ ସ୍ୱାମୀ ଚନ୍ଦ୍ରସେନଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଥିବା ସମସ୍ତଙ୍କୁ କହିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରିପୋର୍ଟରୁ ଚନ୍ଦ୍ରସେନଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ଯୋଗୁ ହୋଇଥିବା ଜଣାପଡ଼ିବା ପରେ ଦିଶାଙ୍କୁ ପୋଲିସ ଡାକି ପଚରାଉଚରା କରିଥିଲା। ଦିଶା ସ୍ୱାମୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ପ୍ରେମିକ ଆସିଫ୍‌ଙ୍କୁ ପୋଲିସ ଗିରଫ କରିଥିଲା।

# ଘର ଆଗରେ ଭାଜପା କର୍ମୀଙ୍କୁ ହାଣିଦେଲେ

**ଗୋପାଳପୁର,୭।୭ (ନବୀନ ରାଜ ଆଚାରୀ)**

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ସିଙ୍ଗାବାଡି ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ତାଙ୍କ ଘର ଆଗରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଦିଲୀପ କୁମାର ପାତ୍ର(୪୭)। ସେ ଭାଜପାର ଜଣେ କର୍ମୀ ବୋଲି ଜଣାପଡ଼ିଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣାରେ ସମ୍ପୃକ୍ତ ଜଣଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. କହିଛନ୍ତି।



ସିଙ୍ଗାବାଡି ଗ୍ରାମରେ ପୋଲିସ ତଦନ୍ତ କରୁଛି।

ଦିଲୀପ ଗାଁରେ ହାର୍ଡୱେର ଦୋକାନ କରିବା ସହ ଗାଡ଼ି ଭଡ଼ା ଲଗାଇ ଚଳୁଥିଲେ। ରବିବାର ରାତି ପ୍ରାୟ ୧୦ଟାରେ ସେ ଘରେ ଥିବା ବେଳେ ଗ୍ରାମର କେତେଜଣ ପଶି ଆସି କୌଣସି କଥାକୁ ନେଇ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ଗଣ୍ଡଗୋଳ ବଢ଼ିବାରୁ ଦିଲୀପ ନିଜକୁ ବଞ୍ଚାଇବା ପାଇଁ ବାହାରକୁ ଚାଲି ଆସିଥିଲେ। ଘର ବାରଣ୍ଡାରେ ଅଭିଯୁକ୍ତମାନେ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ, ପିଠି ସହ ଶରୀରର ବିଭିନ୍ନ ସ୍ଥାନକୁ ହାଣି ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ପରିବାର ଲୋକେ ଓ ପୋଲିସ ମିଶି ଗୁରୁତର ଅବସ୍ଥାରେ ଦିଲୀପଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍., ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା ଓ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସାଇଣ୍ଟିଫିକ ଟିମ୍ ପହଞ୍ଚି ରକ୍ତ ଓ ଅନ୍ୟ ନମୁନା ସଂଗ୍ରହ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ୨/୩ ଦିନ ତଳେ ବାଇକ୍ ଦୁର୍ଘଟଣା ପରେ ଦିଲୀପ ଓ ଗ୍ରାମର ପୀତବାସ ଗୌଡ଼ଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦିଲୀପ କ୍ଷତିପୂରଣ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ଝଗଡ଼ା ହୋଇଥିବା ଜଣାପଡିଛି। ହତ୍ୟା ନେଇ ଦିଲୀପଙ୍କ ଭାଇ ହରିଶ୍ଚନ୍ଦ୍ର ପାତ୍ରଙ୍କ ଅଭିଯୋଗ ଅନୁସାରେ ନଂ.୨୮୬/୨୫ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସ୍ୱାଇଁ କହିଛନ୍ତି। ବ୍ରହ୍ମପୁରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଏସ୍‌ସିବି ମେଡିକାଲରେ ରକ୍ତ ଦଲାଲ ସକ୍ରିୟ

## ୨ ମାମଲାରେ ୬ ଗିରଫ

**କଟକ,୭।୭(କାର୍ତ୍ତିକ ସାହୁ)**

ଏସ୍‌ସିବି ମେଡିକାଲରେ ରକ୍ତ ଦଲାଲ କାରବାର କରୁଥିବା ଅଭିଯୋଗରେ ୬ଜଣ ଅଭିଯୁକ୍ତଙ୍କୁ ମଙ୍ଗଳାବାଗ ଥାନା ପୋଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜଟଣୀ ଥାନା ଅନ୍ତର୍ଗତ ବନମାଳୀ କଲୋନୀର ନୀଳମାଧବ ମିଶ୍ର (୩୪), ଗଞ୍ଜାମ ପୋଲସରା ଥାନା ଅନ୍ତର୍ଗତ ବୁଢ଼ାଆମ୍ବର କାଳିଆ ସାହୁ(୨୭), ଢେଙ୍କାନାଳ ଗନ୍ଦିଆ ଥାନା ଅନ୍ତର୍ଗତ ଅରଖୁଆର ପାଣ୍ଡବ ସାହୁ (୨୫), ଯାଜପୁର ବରିପାଳ ଥାନା ଅନ୍ତର୍ଗତ ବାରିଆଡିରାର ବିଚିତ୍ରାନନ୍ଦ ବିଶ୍ୱାଳ(୨୮), ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ହେମସୁରପଡ଼ାର ପ୍ରଶାନ୍ତ ମହାରଣା(୫୪) ଓ କଟକ ସଦର ଥାନା ଅନ୍ତର୍ଗତ ଉରାଳିର ଦୀପକ କୁମାର ବେହେରା (୪୫)। ସେମାନଙ୍କ ନିକଟରୁ ରିକ୍ୟୁଜିଶନ ଫର୍ମ, ନଗଦ ୨୫୦୦ ଟଙ୍କା, ରୋଗୀଙ୍କ ମେଡିକାଲ କାଗଜାତ ପୋଲିସ ଜବତ କରିଛି।




ମଙ୍ଗଳାବାଗ ପୋଲିସ ଗିରଫ କରିଥିବା ୬ ଅଭିଯୁକ୍ତ।

ସୂଚନାନୁସାରେ, ମଙ୍ଗଳାବାଗ ଥାନା ପୋଲିସ ରକ୍ତ ଦଲାଲ କରାଯାଉଥିବା ନେଇ ରବିବାର ୨ଟି ପୃଥକ ସୂଚନା ପାଇଥିଲା। ଆଇଆଇସିଙ୍କ ନେତୃତ୍ୱରେ ଗଠିତ ଟିମ୍ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାରରୁ ସମ୍ପୃକ୍ତ ୬ଜଣଙ୍କୁ ଧରିଥିଲା। ରକ୍ତ ଜରୁରୀ ଆବଶ୍ୟକ ଥିବା ରୋଗୀମାନଙ୍କ ସମ୍ପର୍କୀୟଙ୍କୁ ପ୍ରବର୍ତ୍ତାଇ ସେମାନେ ଅର୍ଥ ବଦଳରେ ରକ୍ତ ଯୋଗାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକୁଥିଲେ। ଏ ନେଇ ୨ଟି ମାମଲା ୨୪୭/୨୦୨୫ ଓ ୨୪୮/୨୦୨୫ ରୁଜୁ ହେବା ସହ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

# ଇନ୍‌ଫର୍ମର ସନ୍ଦେହରେ ପୂର୍ବତନ ସରପଞ୍ଚଙ୍କ ଗଳାକାଟି ହତ୍ୟା

**ମାଲକାନଗିରି, ୭।୭(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ରେ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣେ ପୂର୍ବତନ ସରପଞ୍ଚଙ୍କ ଗଳାକଟି ହତ୍ୟା କରିବା ସହ ମୃତଦେହକୁ ଗାଁ ମୁଣ୍ଡରେ ପୋପାଡି ଚାଲି ଯାଇଛନ୍ତି। ମୃତକ ହେଲେ ବିଜୟ ଜବା।

ଏପରି ଘଟଣା ଦେଖିବାକୁ ମିଳିଛି ବିଜାପୁର ଜିଲାରେ। ମୋଦକାପାଲ ଥାନା ଚିନ୍ନାକୋଡେପାଲ ଗ୍ରାମର ପୂର୍ବତନ ସରପଞ୍ଚ ବିଜୟଙ୍କୁ ରବିବାର ରାତିରେ କେତେଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଘରୁ ଉଠାଇନେଇ ଜଙ୍ଗଲରେ ଗଳାକାଟି ହତ୍ୟା କରିଥିଲେ। ପରେ ମୃତଦେହକୁ ଗାଁ ମୁଣ୍ଡରେ ଫୋପାଡି ଚାଲି ଯାଇଥିଲେ। ଏହା ଜଣାପଡିବା ପରେ ଲୋକେ ପୋଲିସକୁ ଖବର ଦେଇଥିଲେ। ବିଜାପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା, ଅଭିଯୁକ୍ତ ଗିରଫ

**ଟେନ୍‌ସା, ୭।୭(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ମାଲଦା ପଞ୍ଚାୟତ କାକରପାଣି ଗ୍ରାମରେ ଶନିବାର ରାତିରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏହି ଘଟଣାରେ କୋଇଡ଼ା ପୋଲିସ ଅଭିଯୁକ୍ତ ଗାବ୍ରିଏଲ ସୁରିନଙ୍କୁ ଗିରଫ କରି ସୋମବାର ବଣାଇଁ କୋର୍ଟ ଚାଲାଣ କରିଛି। ତାଙ୍କ ଘର ଝାଡଖଣ୍ଡ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏନେଇ ଥାନାରେ କେସ୍ (ନଂ. ୧୨୩/୨୫)ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ଅଞ୍ଚଳର ଅମ୍ରିତ ଯୋଯୋ ଓ ତାଙ୍କ ସାଙ୍ଗ ଗାବ୍ରିଏଲ କୋଇଡା ଥାନା ଅନ୍ତର୍ଗତ କାକରପାଣି ଗ୍ରାମରେ ରହି ସ୍ଥାନୀୟ ମିତ୍ତଲ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ହେବ ଗାବ୍ରିଏଲ ଅସୁସ୍ଥ ହୋଇପଡ଼ିଥିଲେ। ବହୁ ଚିକିତ୍ସା ପରେ ମଧ୍ୟ ସେ ଆରୋଗ୍ୟ ନ ହେବାରୁ ତାଙ୍କର ଚିନ୍ତା ବଢ଼ିଥିଲା। ତେବେ ଅମ୍ରିତ ତନ୍ତ୍ରମନ୍ତ୍ର ତଥା ଗୁଣିଗାରେଡ଼ି କରୁଥିବାରୁ ଏପରି ହେଉଥିବା ଗାବ୍ରିଏଲ ସନ୍ଦେହ କରିଥିଲେ। ଶନିବାର ସକାଳେ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଭୀଷଣ ପାଟିତୁଣ୍ଡ ହୋଇଥିଲା। ଏଥିରେ ଗାବ୍ରିଏଲ ରାଗିଯିବା ସହ ଅମ୍ରିତଙ୍କୁ ଜୀବନରୁ ମାରିଦେବାକୁ ସ୍ଥିର କରିଥିଲେ। ଶନିବାର ରାତି ପ୍ରାୟ ୧୦ଟାରେ କୋଇଡ଼ାରୁ ବାହୁଡ଼ା ଯାତ୍ରା ଦେଖି ଉଭୟ କାକରପାଣି ଗ୍ରାମକୁ ଫେରୁଥିଲେ। ଫେରିବା ବେଳେ ପୁଣି ପୂର୍ବ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଗାବ୍ରିଏଲ ରାଗିଯାଇ ଏକ ବଡ଼ ପଥରରେ ଅମ୍ରିତଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଦେଖି କୋଇଡା ପୋଲିସକୁ ଖବର ଦେଇଥିଲେ। କୋଇଡ଼ା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ନାବାଳିକା ଗର୍ଭବତୀ ହେବା ଘଟଣା: ଯୁବକ ଗିରଫ

## ବାଳସୁଧାର ଗୃହକୁ ଗଲେ ୩ ନାବାଳକ

**ଦେବଗଡ଼, ୭।୭(ଶଶାଙ୍କ ଶେଖର ଝଙ୍କର)**

ନାବାଳିକା ଗର୍ଭବତୀ ହେବା ଘଟଣାରେ ବାରକୋଟ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଗୁଞ୍ଜନ ଭୂୟାଁ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏହିଘଟଣାରେ ୩ ଜଣ ନାବାଳକଙ୍କୁ ରାଉରକେଲାସ୍ଥିତ ବାଳସୁଧାର ଗୃହକୁ ପଠାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବାରକୋଟ ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକା ପ୍ରାୟ ୫ ମାସର ଗର୍ଭବତୀ ହୋଇଥିବା ଶରୀରର ଗଠନ ଏବଂ ପରିବର୍ତ୍ତନରୁ ଜଣାପଡିବା ପରେ ପରିବାର ଲୋକେ ତାଙ୍କୁ ପଚରାଉଚରା କରିଥିଲେ। ପ୍ରାୟ ୫/୬ ମାସ ପୂର୍ବେ ଗୁଞ୍ଜନ ଓ ଅନ୍ୟ ୩ ଜଣ ନାବାଳକ ଭିନ୍ନ ଭିନ୍ନ ସମୟରେ ବଳାତ୍କାର କରିଥିବା ନାବାଳିକା ଜଣଙ୍କ କହିଥିଲେ। ଏନେଇ ନାବାଳିକାଙ୍କ ବାପା ରବିବାର ବାରକୋଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତବେଳେ ଗୁଞ୍ଜନ ଓ ଅନ୍ୟ ୩ ଜଣ ନାବାଳକ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଫଳରେ ପୋଲିସ ସୋମବାର ଗୁଞ୍ଜନଙ୍କୁ ଗିରଫ କରିଥିବାବେଳେ ୩ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରିଥିଲା। ପରେ ସେମାନଙ୍କୁ ରାଉରକେଲାସ୍ଥିତ ବାଳସୁଧାର ଗୃହକୁ ପଠାଯାଇଛି।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ



କନ୍ଧମାଳ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ୩ ମାଓବାଦୀ।

**ଫୁଲବାଣୀ,୭।୭ (ରାକେଶ କୁମାର ରାଉତ)**

କନ୍ଧମାଳ ପୋଲିସ ନିକଟରେ ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୨ ମହିଳା ଏବଂ ଜଣେ ପୁରୁଷ ରହିଛନ୍ତି। ସେମାନେ ହେଲେ ଛତିଶଗଡ଼ର ମାଦେ ବେତି ଓରଫ ଚମ୍ପା, ଆଡମୋ ମାଧଭି ଓରଫ ମଞ୍ଜୁ ଏବଂ ରାଜୁ ଦୋଡ଼ି ଓରଫ ଅଜୟ। ଚମ୍ପା ବିଜିଏନ୍ ସଂଗଠନରେ ଡିସିଏମ୍ କ୍ୟାଡର ଥିବା ବେଳେ ମଞ୍ଜୁ ଏବଂ ଅଜୟ କେକେବିଏନ୍ ସଙ୍ଗଠନରେ ଏସିଏମ୍ ଭାବେ କାର୍ଯ୍ୟ କରୁଥିଲେ ବୋଲି ସୋମବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି।

ଚମ୍ପା ୨୦୦୯ରୁ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ମଞ୍ଜୁ ୨୦୧୧ ଏବଂ ଅଜୟ ୨୦୧୬ରେ ସାମିଲ ହୋଇଥିଲେ। ଏମାନେ ସମସ୍ତେ ଛତିଶଗଡ଼ କ୍ୟାଡରର। ସମସ୍ତେ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧଜିଲାରେ ସକ୍ରିୟ ଥିଲେ। ଲାଲବାହିନୀର ଝାଡ଼ଖଣ୍ଡ-ଛତିଶଗଡ଼ କରିଡରକୁ ପୁନଃ ସକ୍ରିୟ କରିବା ଦିଗରେ ଏମାନେ କାମ କରୁଥିଲେ। ଅତୀତରେ ଘଟିଥିବା ଏକାଧିକ ମାଓବାଦୀ କାର୍ଯ୍ୟକଳାପରେ ଏମାନଙ୍କ ସମ୍ପୃକ୍ତି ଥିଲା। କିଛିଦିନ ତଳେ ବାଲିଗୁଡ଼ା ଥାନା ଅଞ୍ଚଳରେ ପୋଲିସ ସହ ଗୁଳି ବିନିମୟ ବେଳେ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଜିଲାରେ ଲଗାତାର ମାଓବାଦୀ ସଙ୍ଗଠନ ଦୁର୍ବଳ ହେଉଛି। ଗତ ମାସକ ମଧ୍ୟରେ ୧୫ ମାଓବାଦୀଙ୍କ ସଂଖ୍ୟା କମିଛି। ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲାରେ ଏମାନଙ୍କ ସଂଖ୍ୟା ୫୦ରୁ ୬୦ ଭିତରେ ରହିଛି। ହିଂସା ତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରି ସରକାରଙ୍କ ଥଇଥାନ ବ୍ୟବସ୍ଥାର ସୁଯୋଗ ନେବା ପାଇଁ ସେମାନଙ୍କୁ ଆହ୍ୱାନ ଦେଉଛୁ। ଓଡ଼ିଶା ପୋଲିସ ଉପରେ ଭରସା କରି ଏହି ୩ ଜଣ ଆତ୍ମସମର୍ପଣ କରିଛନ୍ତି। ଯେଉଁମାନେ ଆତ୍ମସମର୍ପଣ କରିବାକୁ ଚାହିଁବେ, ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ଆଇଜି କହିଛନ୍ତି।

ସୁରକ୍ଷା ବାହିନୀ ପକ୍ଷରୁ ଲଗାତାର ମାଓବାଦୀ ବିରୋଧୀ ଅଭିଯାନ ଦ୍ୱାରା ହତୋତ୍ସାହିତ ହେବା ସାଙ୍ଗକୁ ସଙ୍ଗଠନର ଆଭିମୁଖ୍ୟ ପ୍ରତି ବିତସ୍ପୃହ ହୋଇ ପୋଲିସ ପାଖରେ ଆତ୍ମସମର୍ପଣ କରିଛୁ ବୋଲି ମାଓବାଦୀମାନେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଘୋଷିତ ପ୍ୟାକେଜ ମଧ୍ୟ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିବା କହିଛନ୍ତି। ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବି.ସି ଏବଂ ୧୨୭ ସିଆର୍‌ପିଏଫ୍ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ବର୍ମା ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ପ୍ରାଣୀଧନ, ମଣିଷ ଚିକିତ୍ସକ

**ଲାଞ୍ଚ ନେଇ ଗୋଟିଏ ଦିନରେ ଧରାପଡ଼ିଛନ୍ତି ଦୁଇ ଚିକିତ୍ସକ। ସେମାନଙ୍କ ମଧ୍ୟରେ ଜଣେ ପ୍ରାଣୀଧନ ଚିକିତ୍ସକ ହୋଇଥିବା ବେଳେ ଆଉଜଣେ ଡାକ୍ତର। ସମ୍ବଲପୁର ରେଢ଼ାଖୋଲ ପ୍ରାଣୀ ଚିକିତ୍ସାଧିକାରୀ ସବ୍‌ସିଡି ଟଙ୍କା ପ୍ରଦାନ କରିବା ପାଇଁ ୫ ହଜାର ଲାଞ୍ଚ ନେଇ ଧରାପଡିଥିବା ବେଳେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଏକ ବ୍ୟବଚ୍ଛେଦ ରିପୋର୍ଟ ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି।**

## ସବ୍‌ସିଡି ଟଙ୍କା ପ୍ରଦାନ ପାଇଁ ନେଉଥିଲେ ଲାଞ୍ଚ

**ସମ୍ବଲପୁର,୭।୭(ପ୍ରମୋଦ ବହିଦାର)**

ଲାଞ୍ଚ ନେବାବେଳେ ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭ ପ୍ରକାଶ ସୋରେନ ଓ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ସହାୟକ(ପ୍ରୋଗ୍ରାମ ଆସିଷ୍ଟାଣ୍ଟ) ମହେଶ୍ୱର ସାହୁଙ୍କୁ ସୋମବାର ଧରିଛି ଭିଜିଲାନ୍ସ। ରେଢ଼ାଖୋଲ ବ୍ଲକରେ ଏକ ବ୍ରଏଲର ଫାର୍ମ କରିଥିବା ଜଣେ ହିତାଧିକାରୀଙ୍କୁ ସବ୍‌ସିଡି ରାଶି ପ୍ରଦାନ ପାଇଁ ତାଙ୍କଠାରୁ ଡା. ସୋରେନ୍ ୫ ହଜାର ଟଙ୍କା ଦାବି କରିଥିଲେ। ହିତାଧିକାରୀ ଜଣକ ଅନନ୍ୟୋପାୟ ହୋଇ ଟୋଲ୍-ଫ୍ରି ନମ୍ବର ଜରିଆରେ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଅଧିକାରୀମାନେ ରେଢ଼ାଖୋଲ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟରେ ଛକି ରହିଥିଲେ। ସୋମବାର ଅଭିଯୋଗକାରୀ ପ୍ରାଣୀ ଚିକିତ୍ସକ ଡା. ସୋରେନଙ୍କ ପ୍ରକୋଷ୍ଠକୁ ଆସିଥିଲେ। ତେବେ ଲାଞ୍ଚ ଟଙ୍କାକୁ ଡା. ସୋରେନ୍ ସିଧାସଳଖ ନ ନେଇ ତାଙ୍କ କାର୍ଯ୍ୟକ୍ରମ ସହାୟକଙ୍କ ଜରିଆରେ ନେଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଉଭୟଙ୍କୁ ଟଙ୍କା ସହିତ ଧରିଥିଲେ। ଏ ନେଇ ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁକରି ଉଭୟଙ୍କୁ ସମ୍ବଲପୁର ଭିଜିଲାନ୍ସ ମଣ୍ଡଳ କାର୍ଯ୍ୟାଳୟ ନିଆଯାଇ ପଚରାଉଚରା କରାଯାଉଛି।



ପ୍ରାଣୀ ଚିକିତ୍ସକ ଡା. ଶୁଭ ପ୍ରକାଶ ସୋରେନ୍।



କାର୍ଯ୍ୟକ୍ରମ ସହାୟକ ମହେଶ୍ୱର ସାହୁ।

ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶା ସରକାରଙ୍କ ଗୋ-ସୁଗମ ଯୋଜନା ଅଧୀନରେ ସମ୍ପୃକ୍ତ ହିତାଧିକାରୀ ଜଣକ ୨୦୨୫ ଏପ୍ରିଲରେ ଏକ ବ୍ରଏଲର ଫାର୍ମ ଆରମ୍ଭ କରିଥିଲେ। ତେବେ ଏହି ଯୋଜନାରେ ତାଙ୍କୁ ସବ୍‌ସିଡି ବାବଦକୁ ମୋଟ ୯୦ ହଜାର ଟଙ୍କା ମିଳିବାର ଥିଲା। ତାଙ୍କୁ ପ୍ରଥମ ଦଫାରେ ୪୫ ହଜାର ଟଙ୍କା ମିଳିଥିବା ବେଳେ ଦ୍ୱିତୀୟ କିସ୍ତି ସବ୍‌ସିଡି ବାବଦକୁ ଅବଶିଷ୍ଟ ୪୫ ହଜାର ଟଙ୍କା ଅନୁମୋଦନ ପାଇଁ ଡା. ସୋରେନ ତାଙ୍କଠାରୁ ୫ହଜାର ଟଙ୍କା ଦାବି କରିଥିଲେ।

## ବ୍ୟବଚ୍ଛେଦ ରିପୋର୍ଟ ପାଇଁ ଲାଞ୍ଚ ନେଇ ଧରାପଡ଼ିଲେ କୁଜଙ୍ଗ ଡାକ୍ତର

**ଜଗତ୍‌ସିଂହପୁର, ୭।୭(ପ୍ରମୋଦ କୁମାର ନାୟକ)**

ଖାଦ୍ୟରେ ବିଷକ୍ରିୟା ଯୋଗୁ କୁଜଙ୍ଗ ଅଞ୍ଚଳର ଜଣେ ମହିଳାଙ୍କ ମୃତ୍ୟୁ ଘଟଣାର ବ୍ୟବଚ୍ଛେଦ ରିପୋର୍ଟ ପାଇଁ ଲାଞ୍ଚନେବା ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ଅଧିକାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ସେ ହେଲେ ଡ. ଶିବ ପ୍ରସାଦ ସେଠୀ। ଉକ୍ତ ରିପୋର୍ଟ ପାଇଁ ସେ ୧୦ ହଜାର ଟଙ୍କା ଲାଞ୍ଚ ନେଲାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛି।



ଡ. ଶିବ ପ୍ରସାଦ ସେଠୀ।

ଗତ ଜୁନ୍ ୧୪ରେ କୁଜଙ୍ଗ ଥାନା ଅନ୍ତର୍ଗତ ସାହାରାଡ଼ିଆ ଗ୍ରାମର ମଧୁସ୍ମିତା ସାହୁଙ୍କ ମୃତ୍ୟୁ ଘଟିଥିଲା। ମୃତାଙ୍କ ସ୍ୱାମୀ ଶ୍ରୀତମ ବେହେରା ବୀମା ସୁବିଧା ପାଇଁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସେଠୀଙ୍କୁ ଶୀଘ୍ର ରିପୋର୍ଟ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ମଧୁସ୍ମିତାଙ୍କ ବିବାହକୁ ୭ ବର୍ଷ ଭିତରେ ହୋଇଥିବା ଦର୍ଶାଇ ଅନୁକୂଳ ରିପୋର୍ଟ ଦେବା ପାଇଁ ଡା. ସେଠୀ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏଥିରେ ଅନନ୍ୟୋପାୟ ହୋଇ ଅଭିଯୋଗକାରୀ କଟକ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଧରିବା ପାଇଁ ଜାଲ ବିଛା ଯାଇଥିଲା। ଡ. ସେଠୀ ସୋମବାର ତାଙ୍କ କଟକସ୍ଥିତ କ୍ଲିନିକ୍‌ରେ ଥିବାବେଳେ ଲାଞ୍ଚ ରାଶି ଦାବିକରି ତାଙ୍କ ରିସେପ୍‌ସନିଷ୍ଟଙ୍କ ଜରିଆରେ ୧୦ହଜାର ଟଙ୍କା ନେଇଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତିରେ ଥିବା ଭିଜିଲାନ୍ସର ଏକ ଦଳ ତାଙ୍କୁ ଧରିଥିଲା। ଏଥିସହ ଭିଜିଲାନ୍ସ ପକ୍ଷରୁ ଡ. ସେଠୀଙ୍କ କଟକ ମୈତ୍ରିବିହାର ମହାବୀର ଆପାର୍ଟମେଣ୍ଟସ୍ଥିତ ଫ୍ଲାଟ୍, ମହାନଦୀ ବିହାରସ୍ଥିତ ବେସରକାରୀ କ୍ଲିନିକ୍ ଓ ଜଗତ୍‌ସିଂହପୁର ଜିଲା ଏରସମାସ୍ଥିତ ପୈତୃକଘରେ ଚଢ଼ାଉ କରାଯାଇଛି। ଏହାପରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ମାମଲା(ନଂ.୧୯/୨୫) ରୁଜୁ କରାଯାଇ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରାଯାଇଛି।

# ପୋଲିସ ଗୁଳିରେ ଦୁର୍ଦ୍ଧାନ୍ତ ମାଓବାଦୀ ନେତା ସୋଡି ନିହତ

**ମାଲକାନଗିରି, ୭।୭ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ଜଣେ ୮ ଲକ୍ଷ ପୁରସ୍କାର ଘୋଷିତ ଦୁର୍ଦ୍ଧାନ୍ତ ମାଓବାଦୀ ନେତା ସୋଡି କାନ୍ନାଙ୍କ ନିହତ ହୋଇଛନ୍ତି। ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବଙ୍କ ସୂଚନା ଅନୁଯାୟୀ, ଜିଲାର ନ୍ୟାଶନାଲ ପାର୍କ ଅଞ୍ଚଳରେ ଟପ୍ କ୍ୟାଡର ମାଓବାଦୀମାନେ ଥିବା ସୂଚନା ପାଇ ଡିଆର୍‌ଜି, ଦାନ୍ତେୱାଡା ଏସ୍‌ଟିଏଫ୍, କୋବ୍ରା ଓ ସିଆର୍‌ପିଏଫ୍ ବାହିନୀ ସର୍ଚ୍ଚ କରିଥିଲେ। ନ୍ୟାଶନାଲ ପାର୍କ ଅଞ୍ଚଳରେ ତେଲଙ୍ଗାନା ରାଜ୍ୟ ସମିତି, ନ୍ୟାଶନାଲ ପାର୍କ ଏରିଆ କମିଟି, ପିଏଲଜିଏ ବାଟାଲିୟନ ନଂ. ୧ ତଥା ଅନ୍ୟ ସଶସ୍ତ୍ର ମାଓବାଦୀମାନେ ସକ୍ରିୟ ଥିବା ପୋଲିସକୁ ସୂଚନା ମିଳିଥିଲା। ଗତ ୪ ତାରିଖରୁ ସର୍ଚ୍ଚ ଚାଲିଥିବା ବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ତେବେ ଗତ ୩ ଦିନଧରି ଗୁଳି ବିନିମୟ ବେଳେ ସୋମବାର ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ଘଟଣାସ୍ଥଳରୁ ଜଣେ ମାଓବାଦୀଙ୍କ ମୃତଦେହ ସହ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ଏଥିସହ ଘଟଣାସ୍ଥଳରୁ ୩୦୩ ରାଇଫଲ୍, ୬୪ ଅଫୁଟା ଗୁଳି, ଏକେ ୪୭, ପୋଷାକ, କୋଡେକ୍ସ ତାର, ଡିଟୋନେଟର, ପୁସ୍ତିକା, ରେଡିଓ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।



ଜବତ ବନ୍ଧୁକ ଓ ମାଓବାଦୀ ସାମଗ୍ରୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୀ ରଥଯାତ୍ରାରେ ୨୦ଲକ୍ଷ ଶ୍ରଦ୍ଧାଳୁଙ୍କୁ ଭୋଜନ ସେବା

- ନବଯୌବନ ଦର୍ଶନରୁ ସୁନାବେଶ ପର୍ଯ୍ୟନ୍ତ ଅନ୍ନ ସେବା
- ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ୧୧ ଦିନ ଧରି ଦେୟମୁକ୍ତ ସୁବିଧା




**ଭୁବନେଶ୍ୱର,୭।୭ (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିନ୍ଦଲ ଫାଉଣ୍ଡେଶନ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ସାମିଲ ହୋଇ ଦେୟ ମୁକ୍ତ ସେବା ଓ ସୁବିଧା ଭକ୍ତମାନଙ୍କୁ ଯୋଗାଇ ଦେଇଥିଲା। ବିଶେଷ କରି ନବଯୌବନ ଦର୍ଶନରୁ ସୁନାବେଶ ପର୍ଯ୍ୟନ୍ତ ଭକ୍ତ ଓ ଅନ୍ୟସମସ୍ତ ସହାୟକଙ୍କୁ ଯୋଗାଇ ଦେଇଥିଲା। ଏପରିକି ଦୀର୍ଘ ୧୧ ଦିନ ଧରି ଦେୟ ମୁକ୍ତ ଅନ୍ନ ସେବା ସ୍ୱେଚ୍ଛାସେବୀଙ୍କ ଜରିଆରେ କରାଯାଉଥିଲା।

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ପୁରୀର ପବିତ୍ର ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ସେବା କରିବାର ଦୀର୍ଘ ପରମ୍ପରାକୁ ଜାରି ରଖିଛି। ଏପରିକି ଚଳିତ ବର୍ଷ ୨୦ଲକ୍ଷରୁ ଅଧିକ ଭୋଜନ ସେବା ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ନବଯୌବନ ଦର୍ଶନ ଦିନଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି ଜିନ୍ଦଲ ଫାଉଣ୍ଡେଶନ ସତେଜ ଓ ଗରମ ରନ୍ଧା ଖାଦ୍ୟ ବଣ୍ଟନ କରିଥିଲାବେଳେ ଅଧିକରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଭୋଜନ ସେବା ଯୋଗାଇବା ପାଇଁ ପୁରୀ ରେଳଷ୍ଟେଶନ ଏବଂ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବସ୍ ଷ୍ଟାଣ୍ଡଠାରେ ୨ଟି ବୃହତ ଖାଦ୍ୟ ଷ୍ଟଲ୍ ଖୋଲାଯାଇଥିଲା। ଏହି ଷ୍ଟଲଗୁଡ଼ିକରେ ସତେଜ ରନ୍ଧା ଯାଇଥିବା ପୁଷ୍ଟିକର ପାରମ୍ପରିକ ଓଡ଼ିଆ ଖାଦ୍ୟ ଯଥା ଅରୁଆ ଅନ୍ନ, ଡାଲମା ଏବଂ ଖଟା ଆଦି ପ୍ରଦାନ କରାଯାଇଥିଲା। ସେହିପରି ପରିଷ୍କାର ପରିଚ୍ଛନ୍ନ ପରିବେଶରେ ଏହି ଖାଦ୍ୟ ପ୍ରସ୍ତୁତ ହେଉଥିବାବେଳେ ଆଧ୍ୟାତ୍ମିକ ଭାବାବେଗକୁ ମଧ୍ୟ ପ୍ରାଥମିକତା ଦିଆଯାଇଥିଲା। ଏପରିକି ୧୬୦ରୁ ଅଧିକ ସମର୍ପିତ ସ୍ୱେଚ୍ଛାସେବୀ ଓ କର୍ମଚାରୀ ନିରନ୍ତର ଭାବେ ରନ୍ଧନ, ପରିବହନ ଓ ବଣ୍ଟନ କାର୍ଯ୍ୟରେ ନିୟୋଜିତ ଥିଲେ।

ସୂଚନାଯୋଗ୍ୟ, ପୁରୀ ସାଂସଦ ଡ. ସମ୍ବିତ ପାତ୍ର ବସ୍‌ଷ୍ଟାଣ୍ଡ ଷ୍ଟଲର ଶୁଭାରମ୍ଭ କରିଥିବାବେଳେ ରେଳଷ୍ଟେଶନ ଷ୍ଟଲକୁ ଏଡିଆରଏମ ଡି.କେ.ବେହେରା ଶୁଭାରମ୍ଭ କରିଥିଲେ।

ଏ ନେଇ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ପୁରୀ ରଥଯାତ୍ରା ସମୟରେ ଜଣେ ବି ଶ୍ରଦ୍ଧାଳୁ ଯେପରି ଭୋକରେ ରହିବେ ନାହିଁ, ସେଥିପାଇଁ ବିଗତ ୧୧ ବର୍ଷ ଧରି ଆମେ ଆମର ଏହି ସମର୍ପିତ ପ୍ରୟାସକୁ ଜାରି ରଖିଛୁ। ଏହି ପବିତ୍ର ଶ୍ରଦ୍ଧା ଓ ଏକତାର ପର୍ବରେ ଆମେ ସେବା କରିପାରୁଥିବାରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଆମେ ଧନ୍ୟବାଦ ଜଣାଉଛୁ।

ବିଶେଷ କରି ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂର ଦୃଷ୍ଟିରେ ଅନୁପ୍ରାଣିତ ହୋଇ ଜିନ୍ଦଲ ଫାଉଣ୍ଡେଶନ୍ ୨୦୧୫ରୁ ପୁରୀ ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ସେବା ଯୋଗାଇ ଆସୁଛି।

ଅପରପକ୍ଷରେ ଭୋଜନ ସେବା ବ୍ୟତୀତ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ୧୦,୦୦୦ ଓଆରଏସ ପ୍ୟାକେଟ ମଧ୍ୟ ବଣ୍ଟନ କରାଯାଇଥିଲା। ଏପରିକି ଜିଲା ପ୍ରଶାସନ ପକ୍ଷରୁ ନିୟୋଜିତ ଆଗଧାଡ଼ିର ସ୍ୱେଚ୍ଛାସେବୀଙ୍କ ସହାୟତା ପାଇଁ ଫାଉଣ୍ଡେଶନ ୬୦୦ ରେନିକୋଟ୍ ମଧ୍ୟ ପ୍ରଦାନ କରାଯାଇଥିଲାବେଳେ ହଜାରେ ଲିଟର ଧାରଣ କ୍ଷମତା ବିଶିଷ୍ଟ ୩ଟି ଶୀତଳ ପାନୀୟ ଜଳ ଟ୍ୟାଙ୍କର ନିରନ୍ତର ଭାବେ ନିୟୋଜିତ ହୋଇଥିଲା। ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ତଥା ରଥଯାତ୍ରାରେ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନକୁ ୫୦ଟି ବାୟୋଟଏଲେଟ ମଧ୍ୟ ପ୍ରଦାନ କରାଯାଇଥିଲା। ଉତ୍ସର୍ଗୀକୃତ ସେବା ଓ ସହଯୋଗ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ବାର୍ତ୍ତାରେ ଜିନ୍ଦଲ ଫାଉଣ୍ଡେଶନକୁ ଉଚ୍ଚ ପ୍ରଶଂସା କରାଯାଇଛି।

# ୨୯୩ କୋଟିର ପାଣ୍ଠି ସଂଗ୍ରହ

**ଭୁବନେଶ୍ୱର,୭।୭**

ଶକ୍ତି ପମ୍ପ୍‌ସ (ଇଣ୍ଡିଆ) ଲିମିଟେଡ୍‌କୁ ନିକଟରେ ଆଉ ଏକ ସଫଳତା ମିଳିଛି। ବିଶେଷକରି ଏହା ପ୍ରତିଷ୍ଠାନ ନିବେଶକଙ୍କ ପାଇଁ କମ୍ପାନୀର ଯୋଗ୍ୟ ପ୍ରତିଷ୍ଠାନ ପ୍ଲେସମେଣ୍ଟ (କ୍ୱାଲିଫାଏଡ ଇନଷ୍ଟିଚ୍ୟୁଟ ପ୍ଲେସମେଣ୍ଟ/କ୍ୟୁଆଇପି) ସମସ୍ୟାକୁ ସଫଳତାର ସହ ବନ୍ଦ କରିବା ସହିତ ପ୍ରାୟ ୨୯୩ (୨୯୨.୬୦ କୋଟି) କୋଟି ଟଙ୍କା ପାଣ୍ଠି ଆକାରରେ ସଂଗ୍ରହ କରିଛି। ଏ ସମ୍ପର୍କରେ ଶକ୍ତି ପମ୍ପ୍‌ସ (ଇଣ୍ଡିଆ) ଲିମିଟେଡ୍‌ର ଅଧ୍ୟକ୍ଷ ଦିନେଶ ପାଟିଦାର କହିଛନ୍ତି, ଆମର କ୍ୟୁଆଇପି ଇସ୍ୟୁ ପ୍ରତି ଉତ୍ସାହୀ ପ୍ରତିକ୍ରିୟା ଦେଖି ଆମେ ବହୁତ ଉତ୍ସାହିତ। ଏହି ସଫଳ ପାଣ୍ଠି ସଂଗ୍ରହ ଆମର ବ୍ୟବସାୟ ମଡେଲ୍ ଏବଂ ଅଭିବୃଦ୍ଧି ରଣନୀତି ଉପରେ ଆମର ନିବେଶକମାନଙ୍କର ବିଶ୍ୱାସକୁ ସ୍ପଷ୍ଟ କରିଛି। ଆମର ଅଭିବୃଦ୍ଧି ପଦକ୍ଷେପକୁ ଆଗକୁ ବଢ଼ାଇବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ମୂଲ୍ୟ ବୃଦ୍ଧି କରିବା ପାଇଁ ଆମେ ଏହି ପାଣ୍ଠିକୁ ବ୍ୟବହାର କରିବାକୁ ଆଗ୍ରହୀ ଅଛୁ। ଶକ୍ତି ପମ୍ପ୍‌ସ ଏହାର ନିବେଶକମାନଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ପାଇଁ ହୃଦୟର ସହିତ କୃତଜ୍ଞତା ଜଣାଉଛି ଏବଂ କମ୍ପାନୀ ପାଇଁ ଏକ ଆଶାଜନକ ଭବିଷ୍ୟତ ଆଶା କରୁଛି। ସେହିଭଳି କ୍ୟୁଆଇପି ଇସ୍ୟୁର ମୂଲ୍ୟ ପ୍ରତି ଶେୟାର ପିଛା ୯୧୮.୦୦ ଟଙ୍କା ଥିଲା।

## ଅବସରପ୍ରାପ୍ତ ଅଧ୍ୟକ୍ଷା ସୁଧାଂଶୁବାଳାଙ୍କ ପିଏଚ୍‌ଡି. ଲାଭ



ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ସୁଧାଂଶୁବାଳା ପଟ୍ଟନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରୁ ନିଜର ଗବେଷଣା ସନ୍ଦର୍ଭ ''କୁନ୍ତଳା ସ୍ରଷ୍ଟାମାନସର ବର୍ଣ୍ଣ ବୈଚିତ୍ର୍ୟ'' ଗବେଷଣା କରି ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରାପ୍ତ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭ କୋଲହନ ବିଶ୍ୱବିଦ୍ୟାଳୟ, ଝାଡ଼ଖଣ୍ଡର ଓଡ଼ିଆ ପ୍ରଫେସର ସୁରେଶ ଚନ୍ଦ୍ର ଦାଶ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡଃ ପଟ୍ଟନାୟକ କୁଜଙ୍ଗ ମଲ୍ଲିପୁରା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଉତ୍ସବାନନ୍ଦ ନାୟକ, ସୁନ୍ଦରୀ ଦେବୀଙ୍କ କନ୍ୟା ଓ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବଡ଼ବଜାର (ଭୂଇଁବୃତ୍ତି)ସ୍ଥ ସ୍ୱର୍ଗତ ରାମଚନ୍ଦ୍ର ନାୟକଙ୍କ କନିଷ୍ଠ ପୁତ୍ର ଡଃ ବ୍ରଜ କିଶୋର ନାୟକଙ୍କ ପତ୍ନୀ ଓ ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ନାୟକ, ନିରଞ୍ଜନଙ୍କ ଭାଇବୋହୂ। ଏ ସଫଳତା ପାଇଁ ପ୍ରଫେସର ନୃସିଂହ ଷଡ଼ଙ୍ଗୀ, ପ୍ରଫେସର ଯୁଧିଷ୍ଠିର ଖଟୁଆ, ପୁତ୍ର ଡଃ ଉତ୍କଳ, କଳିଙ୍ଗ, ସାଧନ, କନ୍ୟା ରେଜିୟା ପ୍ରମୁଖଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗ ଓ ମାହାଙ୍ଗା ମହିଳା ମହାବିଦ୍ୟାଳୟ ଓ ପୁଷ୍ପଗିରି ମହାବିଦ୍ୟାଳୟର ସହକର୍ମୀମାନଙ୍କର ଗବେଷଣା କ୍ଷେତ୍ରରେ ସହଯୋଗ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ସୁଧାଂଶୁବାଳା ପଟ୍ଟନାୟକ

ଧ-୧୧୯୭


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ବେଦାନ୍ତ ମୋବାଇଲ ହେଲ୍‌ଥ ୟୁନିଟର ସମ୍ପ୍ରସାରଣ

**ଭୁବନେଶ୍ୱର,୭।୭**

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମୋବାଇଲ ହେଲ୍‌ଥ ୟୁନିଟ (ଏମ୍‌ଏଚ୍‌ୟୁ) ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ୟୁନିଟର ସେବା କ୍ରମାଗତ ଭାବେ ବୃଦ୍ଧି ପାଉଛି। ବର୍ତ୍ତମାନ ଓଡ଼ିଶାର ୫୨ ଗ୍ରାମରେ ୩୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏହା ଜରିଆରେ ପ୍ରଦାନ କରାଯାଉଛି। ବିଶେଷ କରି ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ ଏବଂ ଝାରସୁଗୁଡା ଜିଲାରେ କମ୍ପାନୀ ଗତ ଦୁଇ ବର୍ଷ ମଧ୍ୟରେ ୨,୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିଛି, ଯାହା ଅନୁନ୍ନତ ଅଞ୍ଚଳଗୁଡିକରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ପୂରଣ କରିଛି। ଗ୍ରାମୀଣ ଓଡ଼ିଶାର ସ୍ୱାସ୍ଥ୍ୟ ସେବା ବ୍ୟବଧାନ ପୂରଣ ଉପରେ ଧ୍ୟାନ କେନ୍ଦ୍ରିତ କରି ଏହି ସେବା ଓ ଶିବିରଗୁଡ଼ିକ ବିଭିନ୍ନ ପ୍ରକାରର ମାଗଣା ସେବା ପ୍ରଦାନ କରୁଛି। ଯେଉଁଥିରେ ଡାକ୍ତରୀ ଯାଞ୍ଚ, ମ୍ୟାଲେରିଆ ସ୍କ୍ରିନିଂ, ରକ୍ତ ଶର୍କରା ପରୀକ୍ଷା ଏବଂ ଅତ୍ୟାବଶ୍ୟକ ଔଷଧ ବଣ୍ଟନ ଅନ୍ତର୍ଭୁକ୍ତ ରହିଛି। ପ୍ରତ୍ୟେକ ଏମଏଚ୍‌ୟୁ ସମ୍ପୂର୍ଣ୍ଣ ଭାବେ ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ମୌଳିକ ଔଷଧ ସହିତ ସଜ୍ଜିତ ରହିଛି। ତୁରନ୍ତ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ସମ୍ବୋଧିତ କରିବା ସହିତ କମ୍ପାନୀର ଏହି ପଦକ୍ଷେପ ପ୍ରତିରୋଧକ ଯତ୍ନ ଉପରେ ଗୁରୁତ୍ୱାରୋପ କରୁଛି। ଯାହା ସମ୍ପ୍ରଦାୟର ସାମଗ୍ରିକ କଲ୍ୟାଣରେ ଯୋଗଦାନ ଦେଇଥାଏ।

କଳାହାଣ୍ଡିର ଥୁଆମୂଳ ରାମପୁର ବ୍ଲକରେ କମ୍ପାନୀର ଏହି ପଦକ୍ଷେପ ୨୧ଟିଗ୍ରାମରେ ପହଞ୍ଚିଥିବାବେଳେ ରାୟଗଡା ଜିଲାର କାଶୀପୁର ବ୍ଲକରେ ଏହି ସେବା ୧୪ଟି ଗ୍ରାମ ଏବଂ ସୁନ୍ଦରଗଡ ଜିଲାର ହେମଗିର ବ୍ଲକରେ ୧୧ଟି ଗ୍ରାମ ଓ ଝାରସୁଗୁଡା ଜିଲାର ଲଖନପୁର ବ୍ଲକରେ ୬ଟି ଗ୍ରାମରେ ପହଞ୍ଚି ପାରିଛି। ସ୍ୱାସ୍ଥ୍ୟଶିବିରଗୁଡ଼ିକ ସାଧାରଣତଃ ଉଚ୍ଚ ରକ୍ତଚାପ, ଗ୍ୟାଷ୍ଟ୍ରିକ ସମସ୍ୟା, ଫଙ୍ଗାଲ ସଂକ୍ରମଣ, ରକ୍ତ ହୀନତା, ସାଧାରଣ ଥଣ୍ଡା, ଗଣ୍ଠି ଯନ୍ତ୍ରଣା, ଶ୍ୱାସକ୍ରିୟା ସଂକ୍ରମଣ, ମଧୁମେହ ଏବଂ ଚର୍ମ ଅବସ୍ଥା ଯେପରିକିସ୍କାବସ୍ ରି ରୋଗଗୁଡ଼ିକର ସମାଧାନ କରିଥାଏ। ପ୍ରତିରୋଧକ ସଚେତନତା ଅବସର ମଧ୍ୟ ଏହିପଦକ୍ଷେପର ଏକ ପ୍ରମୁଖ ଅଂଶ ବୋଲି କୁହାଯାଉଛି। ଯେଉଁଥିରେ ଋତୁସ୍ରାବ ପରିଚ୍ଛନ୍ନତା, ସ୍ତନ୍ୟପାନ, ତମାଖୁ ବନ୍ଦ, କୃମିନାଶକ, ଦୀର୍ଘକାଳୀନ ରୋଗ ପରିଚାଳନା ଏବଂ ଋତୁକାଳୀନ ରୋଗନିବାରଣ ଭଳି ସମସ୍ୟାର ନିବାରଣ କରିଥାଏ।

# ଏନ୍‌ଏଫ୍‌ଓ ଜରିଆରେ ୧୭,୮୦୦ କୋଟି

**ଭୁବନେଶ୍ୱର,୭।୭**

ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ (ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ) କୁ ନିକଟରେ ଏକ ବଡ ସଫଳତା ମିଳିଛି। ଏପରିକି ନ୍ୟୁ ଫଣ୍ଡ ଅଫର (ଏନ୍‌ଏଫ୍‌ଓ) ଜରିଆରେ କମ୍ପାନୀ ମୋଟ ୧୭,୮୦୦ କୋଟି (ପ୍ରାୟ ୨.୧ ବିଲିୟନ ଡଲାର) ରୁ ଅଧିକ ଟଙ୍କାର ନିବେଶ ହାସଲ କରିଛି। ସେହିଭଳି କମ୍ପାନୀ ପକ୍ଷରୁ ୩ଟି ନଗଦ/ଋଣ ମ୍ୟୁଚୁଆଲ୍ ଫଣ୍ଡ ଶୁଭାରମ୍ଭ କରାଯାଇଥିଲାବେଳେ ଏଥିରେ ଜିଓବ୍ଲାକରକ ଓଭରନାଇଟ୍ ଫଣ୍ଡ, ଜିଓବ୍ଲାକରକ ଲିକ୍ୱିଡ୍ ଫଣ୍ଡ ଏବଂ ଜିଓବ୍ଲାକରକ ମନି ମାର୍କେଟ୍ ଫଣ୍ଡ ଅନ୍ତର୍ଭୁକ୍ତ ରହିଥିଲା। ଏହି ଅଫରର ଅବଧି ମଧ୍ୟରେ ୯୦ରୁ ଅଧିକ ସଂସ୍ଥାଗତ ନିବେଶକ ଏବଂ ୬୭,୦୦୦ ରୁ ଅଧିକ ବ୍ୟକ୍ତିବିଶେଷ ଏହି ପାଣ୍ଠିରେ ନିବେଶ କରିଛନ୍ତି। ଜିଓବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ହେଉଛି, ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ (ଜେଏଫଏସଏଲ) ଏବଂ ବ୍ଲାକରକ୍ ଇଙ୍କର ଏକ ମିଳିତ ଉଦ୍ୟୋଗ। ଏ ସମ୍ପର୍କରେ ଜିଓବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ଏମ୍‌ଡି ତଥା ସିଇଓ ସିଡ୍ ସ୍ୱାମୀନାଥନ୍ କହିଛନ୍ତି, ଆମର ପ୍ରଥମ ଏନଏଫଓକୁ ସଂସ୍ଥାଗତ ଏବଂ ଖୁଚୁରା ନିବେଶକଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଏପରିକି ଏହା ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟର ନିବେଶ ଦର୍ଶନ, ରିସ୍କ ପରିଚାଳନା କ୍ଷମତା ଏବଂ ଡିଜିଟାଲ୍-ପ୍ରଥମ ଦୃଷ୍ଟିକୋଣକୁ ପ୍ରଦର୍ଶିତ କରୁଛି। ଏହା ଭାରତର ବିକଶିତ ହେଉଥିବା ନିବେଶ ପରିଦୃଶ୍ୟରେ ଏକ ଶକ୍ତି ଭାବେ ଉଭା ହେବା ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି କୁହାଯାଉଛି।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୭।୭**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇ ପାରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୦ (୯.୬୧) ପଏଣ୍ଟ ବୃଦ୍ଧି ଘଟି ୮୩,୪୪୨ (୮୩,୪୪୨.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୦.୩୩ ପଏଣ୍ଟ ବଢି ୨୫,୪୬୧.୩୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଏଚ୍‌ପିର ନୂତନ ଉତ୍ପାଦ

**ଭୁବନେଶ୍ୱର,୭।୭**

ଏଚ୍‌ପିର ନୂତନ ଉତ୍ପାଦ ତଥା ବହୁ ପ୍ରତୀକ୍ଷିତ 'ନେକ୍ସଟ-ଜେନ ଏଆଇ ପିସି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି କମ୍ପାନୀ ଭାରତରେ ତା'ର ସବୁଠାରୁ ସୁଲଭ ନେକ୍ସଟ-ଜେନ ଏଆଇ ପିସି ଶୃଙ୍ଖଳାର ଅନାବରଣ ସହ ନୂଆ ଏଚ୍‌ପି ଓମ୍ନିବୁକ ୫ ଓ ୩ ସିରିଜକୁ ବଜାର ପ୍ରବେଶ କରାଇଛି। ଅପରପକ୍ଷରେ ବଜେଟ ସଚେତନ ଉପଭୋକ୍ତାଙ୍କ ପାଇଁ ଏହାକୁ ଡିଜାଇନ କରାଯାଇଛି। ଶକ୍ତିଶାଳୀ ନେକ୍ସଟ-ଜେନ ଏଆଇ କ୍ଷମତା ଆଣିବା ପାଇଁ କମ୍ପାନୀ ଦୀର୍ଘ ଯୋଜନା କରିଥିଲାବେଳେ ଓମ୍ନିବୁକ ୫ରେ କ୍ୱାଲକମ ସ୍ନାପଡ୍ରାଗନ ଏକ୍ସ ପ୍ଲସ ପ୍ରୋସେସର ଏବଂ ଓମ୍ନିବୁକ ୩ରେ ଏଏମ୍‌ଡି ରାଇଜେନ ଏଆଇ ୩୦୦ ସିରିଜ ଦ୍ୱାରା ପରିଚାଳିତ ଏହି ପୋର୍ଟଫୋଲିଓ ଉତ୍ସର୍ଗୀକୃତ ନ୍ୟୁରାଲ ପ୍ରୋସେସିଂ ୟୁନିଟ (ଏନପିୟୁ) ସହ ସୁସଜ୍ଜିତ ରହିଛି। ଏହା ସେକେଣ୍ଡ ପିଛା ୪୫ରୁ ୫୦ଟ୍ରିଲିୟନ ଅପରେଶନ ପାଇଁ ସକ୍ଷମ ବୋଲି କୁହାଯାଉଛି। ଭିଡିଓ କଲ୍, ସହଭାଗିତା ଓ କାର୍ଯ୍ୟଦକ୍ଷତାକୁ ଉନ୍ନତ କରୁଥିବା ପରବର୍ତ୍ତୀ ପିଢିର ଏଆଇ ଫିଚରଗୁଡିକ ସହିତ ଏଚ୍‌ପି ଓମ୍ନିବୁକ ଶୃଙ୍ଖଳାରେ ୧୪ ଇଞ୍ଚ ଏଚ୍‌ପି ଓମ୍ନିବୁକ ୫, ୧୫.୬ ଇଞ୍ଚ ଏଚ୍‌ପି ଓମ୍ନିବୁକ ୩ ଓ ୧୪ ଇଞ୍ଚ ଏଚ୍‌ପି ଓମ୍ନିବୁକ ୩ ଅନ୍ତର୍ଭୁକ୍ତ ରହିଛି।


# Classified Everyday

0674-2580101, 9692975378



## REAL ESTATE

**SALE**

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ 5K.M 1500sqft. କିଣି ଘର କରନ୍ତୁ। 7978947520 D-76283

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital- 2 ଏବଂ Grand Bazar(NH-16) ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604 D-76281

A Commercial plot 10000sqft facing to NH (Nakhara to Niali) 10km from Nakhara 60x166 3side road personal plot contact only owners- 7809525452 D-76471

Duplex sale near AIIMS Hospital Bhubaneswar, apartment Sum Hospital. 9777433701. D-76285

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Positively health benefits SPA expert female therapist homely atmosphere. 8658088274. D-1177

## AFFIDAVIT

By virtue of an affidavit sworn before Notary Public, Bhubaneswar, dated- 05.07.2025. I, Bhanupratap Sahoo Kundibag, Bhadrak Bypass, Bhadrak, Odisha, PIN-756181 declare that I have changed my name from Bhanu Pratap Sahu to Bhanupratap Sahoo. Henceforth, I shall be known as Bhanupratap Sahoo for all purposes.
Bhanupratap Sahoo D-1196

I, Surendra Nath Parida, S/o- Jaladhar Parida, Resident of At- Balapur, P.O.- Bagalpur, P.S.- Biridi, Dist.- Jagatsinghpur, PIN- 754102, Odisha declare by this affidavit No.- 96/2025, Dated 04.07.2025. That now onwards I shall be known as SURENDRA PARIDA for all future purposes. D-1188

By virtue of an affidavit sworn before Notarised Reg. No.- 02/16.06.2025 at Odagaon Notary, I, Santosh Bantha, Address: At- Komanda, P.O.-Godipada, P.S.-Sarankul, Dist.- Nayagarh, PIN-752092, declare that I have corrected my mother's name from Kuni Dei to Kuni Bantha. Henceforth, I shall be known as correct name is Kuni Bantha for all purposes.
Santosh Bantha D-1195

I, Satrujita Mohanty, D/o- Late Prafulla Chandra Mohanty, resident of Plot No.- 124(P), Kali Mandir Lane, Satyanagar, Bhubaneswar, Dist.- Khurda, PIN-751007, Odisha, declare by this affidavit No.- 128/AA dtd.- 24.06.2025 that now onwards I shall be known as SHATRUJITA MOHANTY for all future purposes. D-61976

I, Sudeep Kumar Padhi, S/o- Santilata Padhi, Resident of Gopinathpur, P.O./P.S.- Balugan, Dist.- Khurda, PIN- 752030, Odisha declare by this affidavit No.- 1306, dtd.- 26.06.2025. That my mother name is wrong in Passport need to change as Santilata Padhi as per my 10th Certificate. D-1186

By this affidavit sworn before the Notary Public, Nuapada, date 03.07.2025, I, Premamati Majhi, D/o- Ganapati Majhi, R/o. Village- Bhurukadhoda, P.O.- Kurumpuri, P.S.- Lakhna, Dist.- Nuapada declare that my name has been wrongly written as Preamamati Majhi, D/o- Gantayata Majhi in my Aadhaar Card. In order to correct my Aadhaar Card. Henceforth, I shall be known as Premamati Majhi, D/o- Ganapati Majhi for all purposes. D-1193

By virtue of an affidavit sworn in the Court of Executive Magistrate, Bhubaneswar vide C.F. No.-73, dtd. 07.07.2025, I, RUPALI DASH, permanent resident of Bangar Sahi, P.O./P.S.-Badagada, Dist.- Ganjam, Odisha, PIN- 761109, declare that I have changed my name from AJIT DASH to RUPALI DASH. Henceforth, I shall be known as RUPALI DASH for all purposes. D-76473

I, Tushar Ranjan Samal, S/o- Late Rabindra Kumar Samal, resident of Village Aruha, P.O.-Aruha, P.S.- Dharmasala, Dist.- Jajpur, PIN- 755024, Odisha declare by this affidavit No.-1817, dtd.- 05.05.2025. That now onwards I shall be known as Tusharr Ranjan Samal for all future purposes. D-1191

By virtue of an affidavit sworn before Executive Magistrate, Bhubaneswar, dated 04.07.2025, I, Mina Rout, Resident of Kanaguli, Kunjakothi, VTC: Kanaguli, P.O.- Kunjakothi, District.- Jagatsinghpur, Odisha, PIN- 754139 declare that I have changed my name from Mina Mahali to Mina Rout. Henceforth, I shall be known as Mina Rout for all purposes. D-1187

By virtue of an affidavit sworn before Executive Magistrate, Nayagarh, dt. 04.07.2025, I, Raja Sahoo, At- Mardarajpur, P.O.- Biruda, P.S.- Itamati, Dist.- Nayagarh, PIN- 752068 declare that I have changed my name from Rajesh Sahoo to Raja Sahoo. Henceforth, I shall be known as Raja Sahoo for all purposes. D-1189

By virtue of an affidavit sworn before Executive Magistrate, Bhubaneswar, dated- 05.07.2025, I, NEHA DASH, Address- 3/3A, MM LILAVATI Complex, Kalarahanga, Patia, BBSR-24, declare that I have changed my name from NEHA PRIYADARSHINI to NEHA DASH. Henceforth, I shall be known as NEHA DASH for all purposes.
NEHA DASH D- 1203

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଭାତୀ ଦାସ
ଅଠାନ୍ତର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୯।୦୩।୧୯୭୧
ତିରୋଧାନ: ୨୮।୦୬।୨୦୨୫
ଆପଣ ଥିଲେ ଆମ ପରିବାର ପାଇଁ ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଦିଗହୀନ। ଆପଣଙ୍କର ପରିବାର ପ୍ରତି ନିଷ୍ପାପର କର୍ମ, ସ୍ପଷ୍ଟବାଦିତା, ଆପଣଙ୍କୁ ସର୍ବଦା ଅମର କରି ରଖିବ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କୁ ନିଜ ପାଖକୁ ନେଇଗଲେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ହତଭାଗ୍ୟ ସ୍ୱାମୀ, ପୁତ୍ର, କନ୍ୟା, ବନ୍ଧୁ ଓ ପରିବାରବର୍ଗ
ଧ-୭୬୪୭୨

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଚିତ୍ତରଞ୍ଜନ ଶର୍ମା
ଆବିର୍ଭାବ- ୩୦।୦୬।୧୯୭୫
ତିରୋଧାନ- ୦୮।୦୭।୨୦୧୦
SOM COMMUNICATION
Jail Chhak, Jharpada, BBSR-6
ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ
ଧ-୭୬୩୯୩

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ବର୍ଷାଦିନେ ସ୍ୱାସ୍ଥ୍ୟର ଯତ୍ନ

ବର୍ଷାଦିନ ଆରମ୍ଭ ହେଲେ ଚାରିଆଡ଼େ ଗଛଲତାର ସବୁଜିମା ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ। ଏଥିସହ ଏହି ଦିନରେ ଜ୍ୱର, ଥଣ୍ଡା, କାଶ, ସଂକ୍ରମଣ ଏବଂ ପେଟଜନିତ ସମସ୍ୟାର ଆଶଙ୍କା ଅଧିକ ରହିଥାଏ। ତେଣୁ ବର୍ଷାଦିନେ ମହିଳାମାନେ କିପରି ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ୍ ହେବେ ସେ ବିଷୟରେ ସୂଚନା...



**ହଳଦୀ-ତୁଳସୀ କାଢ଼ା**
ପ୍ରତିଦିନ ସକାଳେ କିମ୍ବା ସନ୍ଧ୍ୟାରେ ହଳଦୀ ଏବଂ ତୁଳସୀର କାଢ଼ା କରି ପିଅନ୍ତୁ। ଏହା ଶରୀର ଭିତରୁ ଅପରିଷ୍କାର ତତ୍ତ୍ୱକୁ ବାହାର କରିବା ସହିତ ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

**ତ୍ରିଫଳା ଚୂର୍ଣ୍ଣ:** ତ୍ରିଫଳାକୁ ଆୟୁର୍ବେଦରେ ବହୁତ ଭଲ ବୋଲି ଜଣାଯାଏ। ଏହାକୁ ନିୟମିତ ସେବନ ଦ୍ୱାରା ଏହା ପାଚନ ତନ୍ତ୍ରକୁ ମଜଭୁତ କରିବା ସହିତ ଶରୀରକୁ ଭାଇରାଲ ଇନ୍‌ଫେକ୍‌ସନ୍‌ରୁ ଲଢ଼ିବାରେ ସକ୍ଷମ ହୋଇଥାଏ।

**ଉଷୁମ ପାଣି**
ଏହି ଦିନରେ ପାଣିକୁ ଫୁଟାଇ ପିଇବା ଆବଶ୍ୟକ। ଥଣ୍ଡା ଏବଂ ବାହାର ପାଣି ପିଇବା ଦ୍ୱାରା ଏହା ପେଟ ଖରାପ କରିବାର ଆଶଙ୍କା ରହିଛି। ଏଥିପାଇଁ ଭଲ ହେବ ସବୁବେଳେ ନଖଉଷୁମ ପାଣି କିମ୍ବା ସିଝା ପାଣି ପିଇବାକୁ ଚେଷ୍ଟା କରନ୍ତୁ।

**ଗିଲୟ ଏବଂ ଲିମ୍ବ :** ଗିଲୟ ଏବଂ ଲିମ୍ବପତ୍ରକୁ ଫୁଟାଇ ତା'ର କାଢ଼ା ପ୍ରସ୍ତୁତ କରନ୍ତୁ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

ଏହି ଦିନରେ ଓଦା ହେବାଠାରୁ ନିଜକୁ ଦୂରେଇ ରଖନ୍ତୁ। ନ ହେଲେ ଏହାଦ୍ୱାରା ସ୍କିନ୍ ଇନ୍‌ଫେକ୍‌ସନ୍, ଥଣ୍ଡା ଏବଂ କାଶ ଆଦିର ଆଶଙ୍କା ରହିଛି।

ଫ୍ୟାଶନ୍

# ବର୍ଷାଦିନରେ ଆରାମଦାୟକ ଡ୍ରେସ୍

**କଟନ ଡ୍ରେସ୍:** ବର୍ଷାଦିନରେ କର୍ଟନ ଫାବ୍ରିକ୍‌ର ଡ୍ରେସ୍ ବହୁତ ଆରାମଦାୟକ ହୋଇଥାଏ। ଏହି ଫାବ୍ରିକ୍ ସ୍କିନ୍‌ରେ ରାସେସ୍ ହେବାକୁ ଦେଇ ନ ଥାଏ। ଏଥିରେ ଯଦି କୌଣସି ଦାଗ ଲାଗିଯାଏ ତେବେ ଏହା ସହଜରେ ଛାଡ଼ିଯାଇଥାଏ।



**ସ୍କିନ୍ ଫିଟ୍ ନ ହୋଇଥିବା ଡ୍ରେସ୍:** ବର୍ଷାଦିନରେ ଟାଇଟ୍ ଫିଟିଂ ଡ୍ରେସ ପିନ୍ଧିବା ବଦଳରେ ଢିଲା ଡ୍ରେସ ପିନ୍ଧନ୍ତୁ। ଏଦିନେ ସ୍କିନ୍ ଫିଟିଂ ଜିନ୍ସ ବଦଳରେ କର୍ଟନ ପ୍ୟାଣ୍ଟ ପିନ୍ଧି ପାରିବେ। ଟାଇଟ୍ ପ୍ୟାଣ୍ଟ ବଦଳରେ ପ୍ଲାଜୋ କିମ୍ବା କମ୍ଫର୍ଟେବଲ୍ ପ୍ୟାଣ୍ଟ ପିନ୍ଧିପାରିବେ। ଯାହା ଓଦା ହେଲା ମାତ୍ରେ ସହଜରେ ଶୁଖିଯାଉଥିବ।

**ଫାବ୍ରିକ୍:** କୌଣସି ଫାବ୍ରିକ୍ କିଣିବା ସମୟରେ ଏହା କେଉଁ ଫାବ୍ରିକ୍‌ର ତାହା ଜାଣିବା ନିହାତି ଜରୁରୀ। କାରଣ ଯଦି ଫାବ୍ରିକ୍ ମୋଟା ଥିବ ତେବେ ଏହା ଶୁଖିବା ଲାଗି ଅଧିକ ସମୟ ଲାଗିଥାଏ। ଯେଉଁ ଫାବ୍ରିକ୍ ଶରୀରରେ ଯେପରି ଲାଖି ନ ରହିବ ଯେମିତିକି ନାଇଲନ୍, ସିଫନ୍, ଲିନେନ୍, ରେୟନ୍ ଆଦି।

**ଲାଇଟ୍ କଲର ଡ୍ରେସ :** ବର୍ଷାରେ ଓଦା ହେଲା ମାତ୍ରେ ଲାଇଟ୍ କଲର ଡ୍ରେସ ପିନ୍ଧିଥିଲେ ଏହା ଶରୀରରେ ଲାଖିକି ରହିଯାଏ। ଫଳରେ ଶରୀରକୁ ଏହା ଭଲ ମାନି ନ ଥାଏ।

# କିଛି କଥା କହିହୁଏନି....

"ଅଧିକାଂଶ ମହିଳା ନିଜର ଛୋଟମୋଟ ସ୍ୱାସ୍ଥ୍ୟ ସମସ୍ୟା ସ୍ୱାମୀଙ୍କୁ ଜଣେଇ ନଥାନ୍ତି। ସେମାନେ ଭାବିଥାନ୍ତି ଏତେ ଛୋଟ ସମସ୍ୟାକୁ କହି କାହିଁକି ଚିନ୍ତିତ କରିବି। ନିଜ ଭିତରେ କଷ୍ଟ ରଖି ନିଜେ କଷ୍ଟ ପାଇଥାନ୍ତି। ସେ ନିଜେ କିଛି ଘରୋଇ ଉପଚାର କରି ଏଥିରୁ ଆରାମ ପାଇବାକୁ ଚେଷ୍ଟା କରିଥାନ୍ତି। ଯଦି କିଛି ଘରୋଇ ଉପାୟ ଦ୍ୱାରା ଏହା ଭଲ ହୋଇ ନ ଥାଏ, ତେବେ ଏହା ବିଷୟରେ ସେ ଶେଷରେ ସ୍ୱାମୀଙ୍କୁ କହିଥାନ୍ତି।"



ଗୋଟେ ଗୀତ ଅଛି 'ପରଦେ ମେଁ ରେହେନେ ଦୋ ପରଦା ନା ଉଠାଓ, ପର୍ଦା ଜୋ ଖୁଲ୍ ଗୟା ତୋ ଭେଦ ଖୁଲ୍ ଜାଏଗା...'। ପୁରୁଷ ହୁଅନ୍ତୁ ଅବା ମହିଳା- କେତେକ କଥାକୁ ମନ ଭିତରେ ଲୁଚାଇ ରଖିଥାଆନ୍ତି। କିନ୍ତୁ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ କଥା ଲୁଚାଇବାକୁ ଚେଷ୍ଟା କରିଥାନ୍ତି। ବେଳେବେଳେ ପରିସ୍ଥିତି ଏଭଳି କରିବାକୁ ବାଧ କରିଥାଏ। ଆଉ କେତେକଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ବିଶେଷଭାବରେ ମହିଳାଙ୍କର ଏମିତି କିଛି ସିକ୍ରେଟ୍ କଥା ରହିଥାଏ, ସେ କାହାକୁ ବି କିଛି କହି ନ ଥାନ୍ତି। ସେଭଳି କେତୋଟି ପ୍ରମୁଖ କଥା ବିଷୟରେ ଆଲୋଚନା..

**ଗର୍ଲ୍ସ ଟକ୍**
ଝିଅମାନେ ବି ମିଶି କେତେ କଥାବାର୍ତ୍ତା ହୋଇଥାନ୍ତି। ଜଣେ କିଏ ପଚାରିଲେ କାହାକୁ କିଛି କହି ନ ଥାନ୍ତି। କଥାବାର୍ତ୍ତା ହେବାର କୌଣସି ସୀମା ନ ଥାଏ। ଯଦି ଆପଣ ଏହି ମହିଳାଙ୍କ କଥା ହେଉଥିବାର ଶୁଣି ଦିଅନ୍ତି ଦେଖିବେ ସେ କିପରି ନିଜର ଲୁକ୍ ପରିବର୍ତ୍ତନ କରୁଛନ୍ତି। ସବୁଠାରୁ ମଜା କଥା ହେଲା- ତୁମେ ଯଦି ତାଙ୍କୁ ପଚାରିବ ସାଙ୍ଗମାନେ ମିଶି କେଉଁ ବିଷୟରେ କଥା ହେଉଥିଲ, ସେ ବିଲ୍‌କୁଲ୍ କହିବେ ନାହିଁ।



**ଆଫେୟାର୍ସ**
ବେଳେବେଳେ ମହିଳା ନିଜ ଆଫେୟାର ବିଷୟରେ ସମସ୍ତଙ୍କୁ ଲୁଚାଇ ଥାନ୍ତି। ବିବାହ ପୂର୍ବରୁ ମଧ୍ୟ ସେ ନିଜର ସାଙ୍ଗସାଥୀଙ୍କୁ ମଧ୍ୟ ଏ ବିଷୟରେ କେବେ ବି କିଛି କହି ନ ଥାନ୍ତି। ତାଙ୍କୁ ଲାଗିଥାଏ ଯେ କଥା ସାମ୍ନାକୁ ଆସୁ ତେବେ ଦେଖିବା, ନ ହେଲେ ନାଇଁ। ମହିଳାମାନେ ତାଙ୍କ ଇମେଜ୍‌କୁ ନେଇ ବହୁତ ସଚେତନ ଥାଆନ୍ତି। ସେ କେବେ ବି ଚାହିଁ ନ ଥାନ୍ତି ତାଙ୍କର ଖରାପ୍ ଇମେଜ୍ କାହା ସାମ୍ନାକୁ ଆସୁ । ବିବାହ ପରେ ନିଜ ସ୍ୱାମୀଙ୍କୁ ମଧ୍ୟ ଏ ବିଷୟରେ ଲୁଚାଇ ଥାନ୍ତି।

**ମେକଅପ୍ ସିକ୍ରେଟ୍**
ମହିଳାଙ୍କୁ ଯେତେ ପଚାରିବ ଏତେ ସୁନ୍ଦର ଦେଖାଯାଉଛ କ'ଣ ଲଗାଉଛ । ସେ ଉତ୍ତରରେ କହିବେ କିଛି ନାହିଁ ମ, ମୁଁ କ୍ରିମ୍ ପାଉଡର ବ୍ୟବହାର କରେ ନାହିଁ। ମୋତେ ସେଗୁଡ଼ାକ ଜମା ଭଲ ଲାଗେ ନାହିଁ। ଏମିତି କେତେ କଥା କହିବେ, ହେଲେ ସେମାନଙ୍କର କସମେଟିକ୍ ସାମଗ୍ରୀ ବିଷୟରେ ପ୍ରକୃତ କଥା ଜମା ବି ସେ କହି ନ ଥାନ୍ତି। କ'ଣ ଲଗାଇଲେ ସେମାନଙ୍କର ମୁହଁରେ ଏତେ ଗ୍ଲୋ ଆସୁଛି ତାହା ଅନ୍ୟମାନଙ୍କୁ ଜଣାଇବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ।

**ଅଭ୍ୟାସ**
କେତେକ ମହିଳା ଝିଟିପିଟି ଏବଂ ଅସରପାକୁ ଡରିଥାନ୍ତି। ଇଞ୍ଜେକ୍‌ସନ୍ ନେବାକୁ ମଧ୍ୟ ଡରନ୍ତି। ସମସ୍ତଙ୍କ ସାମ୍ନାରେ କମ୍ ଖାଇଥାନ୍ତି କିନ୍ତୁ ଏକୁଟିଆ ଅଧିକ ଖାଇଥାନ୍ତି।
ଏଭଳି ବିଷୟ କିଏ ଜାଣିଲେ ହୁଏତ ତାଙ୍କୁ ନେଇ କିଛି ନେଗେଟିଭ ମନ୍ତବ୍ୟ ଦେଇପାରନ୍ତି-ଏକଥା ଭାବି ସେମାନେ ଏହାକୁ ପ୍ରକାଶ କରନ୍ତି ନାହିଁ। ବାହାରେ କାହାଠୁ ଗାଳି ଶୁଣୁଥିବେ କିନ୍ତୁ ଘରେ ସେହି ବିଷୟରେ ଟିକିଏ ହେଲେ ସୂଚନା ଦିଅନ୍ତି ନାହିଁ।



**ଅତୀତ ଘଟଣା**
ପିଲାବେଳେ ଯଦି କିଏ ତାଙ୍କୁ ଖରାପ୍ ବ୍ୟବହାର କରିଥାଏ ତେବେ ସେ କଥାକୁ ସେ ଅନ୍ୟ ସାମ୍ନାରେ ଲୁଚାଇଥାନ୍ତି। ଏଥିସହିତ ତାଙ୍କ ଘରେ ହେଉଥିବା ମାତା-ପିତାଙ୍କ ଝଗଡାକୁ ମଧ୍ୟ ଅନ୍ୟ ସାମ୍ନାରେ କହି ନ ଥାନ୍ତି।

**ନିଜ ସଞ୍ଚୟ ବିଷୟରେ..**
ସଞ୍ଚୟ କରିବା କେତେକ ମହିଳାଙ୍କର ଏକ ଅଭ୍ୟାସ। କେତେକ ମହିଳା ସ୍ୱାମୀଙ୍କ ପର୍ସରୁ ଟଙ୍କା ନେବାର ନଜିର ରହିଛି। ଅବଶ୍ୟ ସେମାନେ ଏହାକୁ ନେଇ କିଛି ଖର୍ଚ୍ଚ କରନ୍ତି ପୁଣି କେତେକ ସଞ୍ଚୟ କରନ୍ତି। ହେଲେ ସେମାନେ କେତେ ସଞ୍ଚୟ କରୁଛନ୍ତି ସେ ବିଷୟରେ କାହାକୁ କିଛି ସୂଚନା ଦିଅନ୍ତି ନାହିଁ। କେତେକ ମହିଳା ଘର ଖର୍ଚ୍ଚକୁ କାଣ୍ଟଛାଣ୍ଟ କରି ସଞ୍ଚୟ କରନ୍ତି, ହେଲେ ଏହାର ସୂରାକ କାହାକୁ ଦେଇ ନ ଥାନ୍ତି।

**ସ୍ୱାସ୍ଥ୍ୟ ସମସ୍ୟା**
ଅଧିକାଂଶ ମହିଳା ନିଜର ଛୋଟମୋଟ ସ୍ୱାସ୍ଥ୍ୟ ସମସ୍ୟା ସ୍ୱାମୀଙ୍କୁ ଜଣେଇ ନଥାନ୍ତି। ସେମାନେ ଭାବିଥାନ୍ତି ଏତେ ଛୋଟ ସମସ୍ୟାକୁ କହି କାହିଁକି ଚିନ୍ତିତ କରିବି। ନିଜ ଭିତରେ କଷ୍ଟ ରଖି ନିଜେ କଷ୍ଟ ପାଇଥାନ୍ତି। ସେ ନିଜେ କିଛି ଘରୋଇ ଉପଚାର କରି ଏଥିରୁ ଆରାମ୍ ପାଇବାକୁ ଚେଷ୍ଟା କରିଥାନ୍ତି। ଯଦି କିଛି ଘରୋଇ ଉପାୟ ଦ୍ୱାରା ଏହା ଭଲ ନ ହୋଇଥାଏ ତେବେ ଏହା ବିଷୟରେ ସେ ଶେଷରେ ସ୍ୱାମୀଙ୍କୁ କହିଥାନ୍ତି।

**ଭବିଷ୍ୟତ ଯୋଜନା**
ମହିଳାମାନେ ନିଜ ଭବିଷ୍ୟତ ଯୋଜନାକୁ ନେଇ ବହୁତ ଚିନ୍ତିତ ରୁହନ୍ତି। ଏଥିପାଇଁ କିଛି କଥା ସ୍ୱାମୀଙ୍କ ଠାରୁ ଲୁଚାଇ ରଖିଥାନ୍ତି। ସେମାନେ ଚାହିଁଥାନ୍ତି ତାଙ୍କ ସ୍ୱାମୀ କୌଣସି ଇନ୍‌ସ୍ୟୁରାନ୍ସ ନିଅନ୍ତୁ। ଯଦି କିଛି ସମସ୍ୟା ହୋଇଯାଏ ତେବେ ସେ ଏ ସମୟରେ ପିଲା ଆଉ ତାଙ୍କର କିପରି ଯତ୍ନ ନେବେ।

**ନିଷ୍ପତ୍ତି**
ବେଳେବେଳେ ଦେଖାଯାଏ ଘରେ କିଛି ନିଷ୍ପତ୍ତି ନିଆଯାଏ, ଯେଉଁଠି ସ୍ୱାମୀ ସ୍ତ୍ରୀଙ୍କ ଉଭୟ ମତ ରହିବା ଜରୁରୀ। ଏମିତି ବି ହୋଇଥାଏ ସ୍ୱାମୀଙ୍କ ନିଷ୍ପତ୍ତିରେ ସ୍ତ୍ରୀ ଖୁସି ନ ହୋଇ ମଧ୍ୟ ଖୁସି ହେବାର ନାଟକ କରିଥାନ୍ତି।

**ଫୋନ୍ କଲ**
ସାଧାରଣତଃ ଝିଅମାନେ ତାଙ୍କ ମା'ଙ୍କର ଅଧିକ ନିକଟତର ହୋଇଥାନ୍ତି । ମା'ଙ୍କୁ ତାଙ୍କର ସବୁ କଥା ଖୋଲିକି କହିଥାନ୍ତି। କୌଣସି ଶାଶୁ ଘର ଲୋକ ଚାହାନ୍ତିନି ତାଙ୍କ ବୋହୂ ତା' ମା' ସାଥିରେ କଥା ହେଉ। ହେଲେ ମା'ଝିଅ ମଧ୍ୟରେ କ'ଣ କଥା ହେଲା ଏ ବିଷୟରେ ସେ କାହାକୁ କିଛି କହିବାକୁ ପସନ୍ଦ କରି ନ ଥାନ୍ତି।





ସୌନ୍ଦର୍ଯ୍ୟ

# ମନସୁନ୍ ସ୍କିନ୍ କେୟାର




ବର୍ତ୍ତମାନ ବର୍ଷାଦିନ। ଏହି ସମୟରେ ମହିଳାମାନେ ନିଜର ସ୍କିନ୍‌ର ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ। ସେ ସମ୍ପର୍କରେ କେତୋଟି ଟିପ୍ସ...

**ଗୋଲାପ ଜଳ**
ମନ୍‌ସୁନ୍‌ରେ ସ୍କିନ୍‌ରେ ଚମକ ଆଣିବା ପାଇଁ ଆପଣ ଗୋଲାପ ଜଳର ବ୍ୟବହାର କରିପାରିବେ। ଗୋଲାପ ଜଳ ପ୍ରାକୃତିକ ଆଷ୍ଟ୍ରିଜେଣ୍ଟ ପରି କାମ କରିଥାଏ। ଏହାକୁ ସକାଳୁ ସନ୍ଧ୍ୟାରେ କଟନ୍ ସାହାଯ୍ୟରେ ମୁହଁରେ ଲଗାନ୍ତୁ।

**ମୁଲ୍‌ତାନୀ ମାଟି ଫେସ୍‌ପ୍ୟାକ୍**
ମୁଲ୍‌ତାନୀ ମାଟିର ବ୍ୟବହାର କେବେଠାରୁ ହୋଇଆସୁଛି। ମୁଲ୍‌ତାନୀ ମାଟି ସ୍କିନ୍‌ରୁ ଅତିରିକ୍ତ ତେଲ ଶୋକ୍ କରିବାରେ ସାହାଯ୍ୟ କରିଥାଏ ଏବଂ ମୁହଁକୁ ଥଣ୍ଡା ରଖିଥାଏ। ସପ୍ତାହରେ ଦୁଇଥର ଏହି ଫେସ୍‌ପ୍ୟାକ୍ ଲଗାଇବା ଦ୍ୱାରା ତ୍ୱଚାରୁ ଚିପ୍‌ଚିପା ପଣ ଦୂର ହୋଇଥାଏ।

**ନିମ୍ବ, ଆଲୋଭେରା ଜେଲ୍**
ନିମ୍ବ ଆଣ୍ଟିବାକ୍ଟେରିଆ ଏବଂ ଆଲୋଭେରା ଜେଲ୍ ସ୍କିନ୍‌କୁ ହାଇଡ୍ରେଟ୍ ରଖିଥାଏ। ଲିମ୍ବ ପତ୍ରକୁ ବାଟି ସେଥିରେ ଆଲୋଭେରା ଜେଲ୍ ମିଶାଇ ଲଗାଇବା ଦ୍ୱାରା ମୁଖବ୍ରଣ ଠାରୁ ରକ୍ଷା ମିଳିଥାଏ।



**ଅମୃତଭଣ୍ଡା ଏବଂ ମହୁ**
ପାଚିଲା ଅମୃତଭଣ୍ଡା ସ୍କିନ୍‌ରେ ଥିବା ଡେଡ୍ ସେଲ୍‌କୁ ଦୂର କରିଥାଏ। ମହୁ ସ୍କିନ୍‌କୁ ମଶ୍ଚରାଇଜ୍ କରିଥାଏ। ଏହି ସ୍କ୍ରବ୍ ମୁହଁକୁ କ୍ଲିନ୍ ଏବଂ ଫ୍ରେଶ ରଖିବାରେ ସାହାଯ୍ୟ କରିଥାଏ।

**ଅଏଲଫ୍ରି ମଶ୍ଚରାଇଜର୍**
ମନସୁନ୍‌ରେ ସ୍କିନ୍‌କୁ ହାଇଡ୍ରେଟ୍ ରଖିବା ନିହାତି ଜରୁରୀ। ଏହି ଦିନରେ ହେଭି କ୍ରିମ୍ ଲଗାନ୍ତୁ ନାହିଁ। କୌଣସି ଲାଇଟ୍ ୱେଟ୍ ଏବଂ ଅଏଲଫ୍ରି ମଶ୍ଚରାଇଜର ଲଗାନ୍ତୁ। ଏହାଦ୍ୱାରା ମୁହଁରେ ଚିପ୍‌ଚିପା ରହିବନି।

ଖାଦ୍ୟରୁଚି

# କର୍ନ ପକୋଡ଼ା



**ଆବଶ୍ୟକ ସାମଗ୍ରୀ**
କର୍ନ ୨୫୦ ଗ୍ରାମ୍, ବେସନ ଦୁଇ ବଡ଼ ଚାମଚ, ଚାଉଳ ଗୁଣ୍ଡ ଦୁଇ ବଡ଼ ଚାମଚ, ଅଦା ପେଷ୍ଟ ଏକ ଛୋଟ ଚାମଚ, ହଳଦୀ ପାଉଡର, କଶ୍ମିରୀ ଚିଲି ପାଉଡର ଛୋଟ ଚାମଚ, ଆମଚୁର ପାଉଡର, ଚାଟ୍ ମସଲା, ସ୍ୱାଦ ଅନୁସାରେ ଲୁଣ, ଭୁର୍ସୁଙ୍ଗ ପତ୍ର ଅଳ୍ପ, ଛାଣିବା ଲାଗି ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ**
ପ୍ରଥମେ ଏକ ପାତ୍ର ନିଅନ୍ତୁ ସେଥିରେ ମକା, ବେସନ, ଚାଉଳଗୁଣ୍ଡ, ଅଦା ପେଷ୍ଟ, ହଳଦୀ ପାଉଡର, କଶ୍ମିରୀ ଚିଲି ପାଉଡର, ଆମଚୁର ପାଉଡର, ଚାଟ୍ ମସଲା, ଭୁର୍ସୁଙ୍ଗ ପତ୍ର, ଲୁଣକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହି ମିଶ୍ରଣରେ ଅଳ୍ପ ଟିକେ ପାଣି ଦେଇ ତାକୁ ଛୋଟ ଛୋଟ ବଲ୍ ପରି କରନ୍ତୁ। ବର୍ତ୍ତମାନ ଏକ କଡ଼ାଇ ନେଇ ଚୁଲାରେ ବସାନ୍ତୁ। ଏହି କଡ଼ାଇ ତାତିଲା ପରେ ସେଥିରେ ତେଲ ପକାନ୍ତୁ। ଏହି ତେଲ ତାତିଲା ପରେ ସେଥିରେ କର୍ଣ୍ଣ ବଲ୍‌ଗୁଡ଼ିକୁ ଛାଣିବା ଲାଗି ପକାନ୍ତୁ। ଏହି କର୍ଣ୍ଣ ବଲ୍‌ଗୁଡ଼ିକ ଟିକେ ଗୋଲଡେନ୍ କଲର ହେଲାପରେ ତାକୁ କଡ଼ାଇରୁ କାଢ଼ି ଦିଅନ୍ତୁ। ଏହି କର୍ଣ୍ଣ ପକୋଡ଼ା ପିଲାଙ୍କୁ ଟମୋଟୋ ସସ୍‌ରେ ପରଷନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୮/୨୦୨୫ Bhubaneswar, Tuesday, July 8/ 2025

# ଭାରତ ୩-୨ରେ ସିରିଜ ବିଜୟୀ

ଓର୍‌ସେଷ୍ଟର, ୭।୭

ଭାରତର ୧୯ବର୍ଷରୁ କମ୍ କ୍ରିକେଟ ଦଳ ସୋମବାର ୫ମ ତଥା ଅନ୍ତିମ ଦିନିକିଆରେ ୧୯ବର୍ଷରୁ କମ୍ ଇଂଲଣ୍ଡ ଦଳଠାରୁ ୭ଉଇକେଟରେ ହାରିଯାଇଛି। ତେବେ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୩-୨ରେ ଜିତିନେଇଛି। ପୂର୍ବରୁ ଚତୁର୍ଥ ଗେମ୍‌ରେ ଭାରତ ୫୫ରନରେ ବିଜୟ ଲାଭ କରି ସିରିଜରେ ୩-୧ରେ ଆଗୁଆ ଥିଲା। ମ୍ୟାଚରେ ଭାରତ ୯ଉଇକେଟ ବିନିମୟରେ ମାତ୍ର ୨୧୦ ରନ କରିଥିଲା। ଜବାବରେ ଘରୋଇ ଦଳ ୧୧୩ ବଲ୍ ବାକିଥାଇ ୩ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ଭାରତୀୟ ଦଳ: ୫୦ଓଭରରେ ୨୧୦/୯ (ଆର୍.ଏସ୍ ଅମ୍ବ୍ରିଶ-୬୬; ରାଲ୍‌ଫି ଆଲବର୍ଟ-୨/୨୪, ଆଲେକ୍ସ ଫ୍ରେଞ୍ଚ୍-୨/୩୭)। ୧୯ ବର୍ଷରୁ କମ୍ ଇଂଲଣ୍ଡ ଦଳ: ୩୧.୧ ଓଭରରେ ୨୧୧/୩ (ବେନ୍ ମାୟେସ୍-୮୨*, ବି.ଜେ. ଡକିନ୍ସ-୬୬; ନମନ ପୁଷ୍ପକ-୨/୬୫)।

# ପ୍ରଥମ ରାଉଣ୍ଡ ଜିତିଲେ ପଦ୍ମିନୀ

ବାଟୁମି (ଜର୍ଜିଆ), ୭।୭ (ପି.ଟି.)

ଭାରତୀୟ ଦଳରେ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ପଦ୍ମିନୀ ରାଉତ ଏଠାରେ ଚାଲିଥିବା ଫିଡେ ୱାର୍ଲ୍ଡ ଓମେନ୍ସ ଚେସ୍ କପ୍‌ରେ ତାଙ୍କ ପ୍ରଥମ ରାଉଣ୍ଡ ଗେମ୍ ଜିତି ରାଉଣ୍ଡ ଅଫ୍ ୬୪କୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ଅନ୍ୟ ଜଣେ କିରଣ ମନିଷା ମହାନ୍ତି ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ପଦ୍ମିନୀ ଚାଇନାର ଝାଙ୍ଗ୍ ଲିଲିନଙ୍କୁ ହରାଇ ଦେଇଛନ୍ତି। ଚାଇନାର ୟୁଜିନ୍ ସଙ୍ଗଙ୍କଠାରୁ ପରାଜିତ ହୋଇଛନ୍ତି।

# ୟୁନେକ୍ସ ସନ୍‌ରାଇଜ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଆଜିଠାରୁ

## ଭାଗ ନେଉଛନ୍ତି ଦେଶର ୧୫୦୦ରୁ ଊର୍ଦ୍ଧ୍ୱ ଖେଳାଳି

ଭୁବନେଶ୍ୱର,୭।୭ (ବିଜୟ ରଣା)

ଓଡିଶାରେ ପ୍ରଥମ ଥର ପାଇଁ ୟୁନେକ୍ସ ସନ୍‌ରାଇଜସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ମଙ୍ଗଳବାରଠାରୁ ୧୫ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମସ୍ଥିତ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର(ସଟଲ) ଏବଂ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପୋଖରୀପୁଟ୍‌ଠାରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଭାରତୀୟ ବ୍ୟାଡମିଣ୍ଟନ ଦ୍ୱାରା ଅନୁମୋଦିତ ଏହି ସିନିୟର ବର୍ଗର ପ୍ରତିଯୋଗିତା ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଏପରି ୫ଟି ବିଭାଗରେ ସମଗ୍ରଦେଶରୁ ୧୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଭାଗ ନେବେ। ଓସବା ସଭାପତି ରାଜେଶ ପ୍ରଭାକର ପାଟିଲଙ୍କ ନେତୃତ୍ୱ ଏବଂ ଓସବା ରାଜ୍ୟ ସଂପାଦକ ନଳିନ କୁମାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ସିନିୟର ବର୍ଗର ପ୍ରତିଯୋଗିତା ରାଜ୍ୟରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି। ଏଥିରେ ଦେଶର ବହୁ ମାନ୍ୟତାପ୍ରାପ୍ତ ଖେଳାଳି ଭାଗ ନେଉଛନ୍ତି। ପ୍ରତିଯୋଗିତା ପ୍ରଥମ




୪ ଦିନ ରେ କ୍ୱାଲିଫାଇଂ ରାଉଣ୍ଡ ଏବଂ ଶେଷ ୪ ଦିନ ମୁଖ୍ୟ ଡ୍ର ଖେଳ ଅନୁଷ୍ଠିତ ହୋଇ ୧୫ ତାରିଖ ଦିନ ଏହାର ଉଦ୍‌ଯାପନୀ ଅନୁଷ୍ଠିତ ହେବ ବୋଲି ଓସବା ସମ୍ପାଦକ ନଳିନୀ କୁମାର ସୂଚନା ଦେଇଛନ୍ତି। ଖେଳ ସୁପରିଚାଳନା ପାଇଁ ପ୍ରଦୀପ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ମହାନ୍ତି, ଶୈଳେନ୍ଦ୍ର ଚୌଧୁରୀ, ମନୋରଞ୍ଜନ ପଣ୍ଡା, ସୁରେଶ ପଣ୍ଡା, ଅଜିତ ମହାନ୍ତି, କମଳ ଦାସ, ସନ୍ଦୀପ ମିଶ୍ର, ସୁରୁଲାଲ ମଟାରି ପ୍ରମୁଖ ବିଭିନ୍ନ କମିଟିର ଦାୟିତ୍ୱ ତୁଲାଉଥିବା ବେଳେ ଏହି ସର୍ବ ଭାରତୀୟ ପ୍ରତିଯୋଗିତାର ସଂଯୋଜକ ଭାବେ ସୁଦିପ ବିଶୋଇ, କମଳ ଦାସ, ଶୈଳେନ୍ଦ୍ର ଚୈଧୁରୀ, କମଳ ପଟ୍ଟନାୟକ, ପ୍ରଦୀପ ମହାନ୍ତି ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ମ୍ୟାଚ ପରିଚାଳନା ଦାୟିତ୍ୱରେ ଚିଫ୍ ରେଫରି ଭାବରେ ବିଡବ୍ଲୁଏମ୍ ମାନ୍ୟତାପ୍ରାପ୍ତ ରେଫରି ସି.ଆର. ରାଜିବ, ଅନ୍ତର୍ଜାତୀୟ ରେଫରି ଗୌରବ ଖାନ୍ନା ଦାୟିତ୍ୱରେ ରହିଥବବା ବେଳେ ଡେପୁଟି ରେଫରି ଭାବେ ବିଜୟ କୁମାର ବାଗ୍, ସ୍ଥାନୀୟ ଡେପୁଟି ଭାବରେ ମନୋଜ ସାବତ ଦାୟିତ୍ୱ ତୁଲାଇବେ।

# ଓଡ଼ିଶା ରଗ୍‌ବୀ ଦଳ ଘୋଷିତ


ଓଡ଼ିଶା ରଗ୍‌ବୀ ବାଳିକା ଦଳ।

ଭୁବନେଶ୍ୱର, ୭।୭ (ଅନାଦି କର)

## ଜାତୀୟ ଜୁନିୟର ଚାମ୍ପିୟନଶିପ୍

ସୋମବାରଠାରୁ ଉତ୍ତରାଖଣ୍ଡରେ ଜାତୀୟ ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଯାଇଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ(ଓଆର୍‌ଏଫ୍‌ଏ) ପକ୍ଷରୁ ସୋମବାର ୧୨ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏଥିଲାଗି ଗତ ୩୧ ତାରିଖରୁ ଖେଳାଳି ଚୟନ ଓ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ରାଜ୍ୟର ୫୦ ବାଳିକା ଓ ୫୫ ବାଳକ ଭାଗନେଇଥିଲେ। ବାଳିକା ଦଳ ରବିବାର ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା କରିଥିବା ବେଳେ ବାଳକ ଦଳ ଆସନ୍ତା ୧୦ ତାରିଖରେ ଯାତ୍ରା କରିବ। ବାଳିକା ଦଳ ସହ କୋଚ୍ ରାଜକିଶୋର ମୁର୍ମୁ, ମ୍ୟାନେଜର ରଜନୀ ଶବର ଓ ଫିଜିଓ କୁମ୍‌କୁମ୍ ଯାତ୍ରା କରିଛନ୍ତି। ସେହିଭଳି ପୁରୁଷ ଦଳ ସହିତ କୋଚ୍ ଧିରେନ କୁମାର ରାଉତ, ମ୍ୟାନେଜର ମୁନା ମୁର୍ମୁ ଓ ଫିଜିଓ ଅର୍ଜୁନ ସିଂ ଯାତ୍ରା କରିବେ। ମୋଟ୍ ଉପରେ ୨୭ ବାଳିକା ଦଳକୁ ୯ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ମଣିପୁର ଓ ଉତ୍ତରପ୍ରଦେଶ ସହିତ ଓଡ଼ିଶା ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଗତ ସଂସ୍କରଣରେ ବାଳକ ଦଳ ସ୍ୱର୍ଣ୍ଣ ଓ ବାଳିକା ଦଳ ରୌପ୍ୟ ପଦକ ଜିତିଥିଲା। ଏଥର ମଧ୍ୟ ଓଡ଼ିଶା ଦଳ ଭଲ ପ୍ରଦର୍ଶନ କରିବ ବୋଲି ଓଆର୍‌ଏଫ୍‌ଏ ସମ୍ପାଦକ ୟୁ.କେ. ମହାନ୍ତି ଆଶା ପ୍ରକାଶ କରିଛନ୍ତି।

**ବାଳିକା ଦଳ:** ରଞ୍ଜୁଲତା ନାଏକ, ରାଇମାନି ମୁର୍ମୁ, ମାମାଲି ସିଂ, ବର୍ଷାରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ବିଶ୍ୱାଳ, ଅନିତା ମୁର୍ମୁ, ବାସି ଓରାମ, ମନୀଷା ମାଲହି, ନମିତା ହେମ୍ବ୍ରମ୍, ସୁମିତ୍ରା ମୁର୍ମୁ, ସୋନାଲି ମାରାଣ୍ଡି, ରାଜକିଶୋର ମୁର୍ମୁ(କୋଚ୍), ରଜନୀ ଶବର (ମ୍ୟାନେଜର) ଓ କୁମ୍‌କୁମ୍(ଫିଜିଓ)।

**ବାଳକ ଦଳ:** ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ରାହୁଲ ମାଝୀ, ଚିନ୍ମୟ କୁମାର ନାଏକ, ସୂରଜ କୁମାର ଦୋରା, ଈଶ୍ୱର ପୂଜାରୀ, ମଣ୍ଟୁ ଟୁଡୁ, ଶିବ ସୋରେନ, ଭରତ କିଶାନ, ଆମ୍ବା ମୁର୍ମୁ, ସୁବାସ ହାଁସ୍‌ଦା, ଶୁଭପତି ନାଏକ, ଧିରେନ କୁମାର ରାଉତ(କୋଚ୍), ମୁନା ମୁର୍ମୁ (ମ୍ୟାନେଜର) ଓ ଅର୍ଜୁନ ସିଂ(ଫିଜିଓ)।

# ଇଷ୍ଟବେଙ୍ଗଲ-ସାଉଥ୍ ୟୁନାଇଟେଡ ଉଦ୍‌ଘାଟନୀ

କୋଲକାତା, ୭।୭ (ପି.ଟି.)

କୋଲ୍‌କାତା, ୭।୭(ପି.ଟି.): ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୧୩୪ତମ ସଂସ୍କରଣ କାର୍ଯ୍ୟସୂଚୀ ସୋମବାର ପ୍ରକାଶ ପାଇଛି। ଏଥିରେ ମୋଟ୍ ୪୩ଟି ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ୫ଟି ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ ଓ ଆସାମରେ ଅନୁଷ୍ଠିତ ହେବ। ଫାଇନାଲ ମ୍ୟାଚ୍ ଅଗଷ୍ଟ ୨୩ରେ କୋଲ୍‌କାତାର ଆଇକନିକ ସଲ୍ଟଲେକ୍ ଷ୍ଟାଡିୟମରେ ଖେଳାଯିବ।

ଜୁଲାଇ ୨୩ରେ ଉଦ୍‌ଘାଟନୀ ମ୍ୟାଚ୍ ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ




କ୍ରୀଡ଼ାଙ୍ଗନରେ ଇଷ୍ଟବେଙ୍ଗଲ ଏଫ୍‌ସି ଓ ବେଙ୍ଗାଲୁରୁର ସାଉଥ୍ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ହେବ। ଏଥିରେ ଭାଗନେଉଥିବା ୨୪ଟି ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ଚାରୋଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ବିଜେତା ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ଏହି ମ୍ୟାଚ୍‌ଗୁଡ଼ିକ ଅଗଷ୍ଟ ୧୬ ଓ ୧୭ରେ ଖେଳାଯିବ। ସେମିଫାଇନାଲ ଅଗଷ୍ଟ ୧୯ ଓ ୨୦ରେ ଅନୁଷ୍ଠିତ ହେବ। ନକ୍‌ଆଉଟ ରାଉଣ୍ଡ ପାଇଁ ଥିବା ଭେନ୍ୟୁଗୁଡ଼ିକ ପରେ ଘୋଷଣା କରାଯିବ।

**ଦଳ ଓ ଗ୍ରୁପ୍**

ଗ୍ରୁପ୍ 'ଏ': ଇଷ୍ଟବେଙ୍ଗଲ ଏଫ୍‌ସି, ସାଉଥ୍ ୟୁନାଇଟେଡ୍ ଏଫ୍‌ସି, ଇଣ୍ଡିଆନ ଏୟାରଫୋର୍ସ ଏଫ୍‌ଟି ଓ ନାମଧାରୀ ଏଫ୍‌ସି। ଗ୍ରୁପ୍ 'ବି': ମୋହନବାଗାନ ଏସ୍‌ଜି, ମହମ୍ମଡ଼ାନ ଏସ୍‌ସି, ଡାଇମଣ୍ଡ ହାରବୋର ଏଫ୍‌ସି, ବିଏସ୍‌ଏଫ୍ ଏଫ୍‌ଟି। ଗ୍ରୁପ୍ 'ସି': ଜାମ୍‌ସେଦପୁର ଏଫ୍‌ସି, ଇଣ୍ଡିଆନ ଆର୍ମି ଏଫ୍‌ଟି, ଲଦାଖ ଏଫ୍‌ସି, ତ୍ରିଭୁବନ ଏଫ୍‌ସି। ଗ୍ରୁପ୍ 'ଡି': ପଞ୍ଜାବ ଏଫ୍‌ସି, ଆଇଟିବିପି ଏଫ୍‌ଟି, ବୋଡୋଲାଣ୍ଡ ଏଫ୍‌ସି, କାର୍ବି ଆଙ୍ଗଲଙ୍ଗ ମର୍ନିଂ ଷ୍ଟାର ଏଫ୍‌ସି। ଗ୍ରୁପ୍ 'ଇ': ଶିଲଂ ଲାଜଙ୍ଗ ଏଫ୍‌ସି, ରାଙ୍ଗ୍‌ଡାଜିଡ୍ ୟୁନାଇଟେଡ୍ ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି, ଫରେନ୍ ଟିମ୍-୨। ଗ୍ରୁପ୍ 'ଏଫ୍': ଟ୍ରାଉ ଏଫ୍‌ସି, ନେରୋକା ଏଫ୍‌ସି, ଇଣ୍ଡିଆନ ନେଭି ଏଫ୍‌ଟି, ରିୟଲ କଶ୍ମୀର ଏଫ୍‌ସି।

# ଡିପିଏଲ୍‌ରେ ଖେଳିବେ କୋହଲିଙ୍କ ପୁତୁରା, ସେହ୍ୱାଗଙ୍କ ପୁଅ

**ନୂଆଦିଲ୍ଲୀ, ୭।୭ (ପି.ଟି.):** ଦିଲ୍ଲୀ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଦୁଇ ହାଇପ୍ରୋଫାଇଲ ଖେଳାଳି ସ୍ଥାନ ପାଇବାକୁ ଯାଉଛନ୍ତି। ସେମାନେ ହେଲେ ବିରାଟ କୋହଲିଙ୍କ ପୁତୁରା ଆର୍ଯ୍ୟବୀର କୋହଲି ଓ ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗ। ରବିବାର ଅନୁଷ୍ଠିତ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ଦୁହିଁଙ୍କୁ ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜରେ ସ୍ଥାନ ମିଳିଛି। କୋହଲିଙ୍କ ବଡ଼ ଭାଇ ବିକାଶଙ୍କ ପୁଅ ଆର୍ଯ୍ୟବୀର ଜଣେ ଉଦୀୟମାନ ଲେଗ ସ୍ପିନର। ସେ ସାଉଥ ଦିଲ୍ଲୀ ସୁପରଷ୍ଟାର୍ଜ ଦଳରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ଆର୍ଯ୍ୟବୀର ସେହ୍ୱାଗ ଜଣେ ଡାହାଣ ହାତୀ ୧୯ ବର୍ଷରୁ କମ୍ ବ୍ୟାଟର। ତାଙ୍କୁ ୮ ଲକ୍ଷ ଟଙ୍କାରେ ସେଣ୍ଟ୍ରାଲ ଦିଲ୍ଲୀ କିଙ୍ଗ୍ସ ଦଳରେ ସାମିଲ କରାଯାଇଛି। ତାଙ୍କ ବାପା ତଥା ଭାରତୀୟ ଦଳର ପୂର୍ବତନ ଓପନର ସେହ୍ୱାଗ ଲିଗ୍‌ର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି। ମୋଟ ଉପରେ ୫୨୦ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

# ଲାରାଙ୍କ ବିଶ୍ୱରେକର୍ଡ ଭାଙ୍ଗିଲେନି ମୁଲ୍ଡର

ବୁଲ୍‌ୱାୟୋ, ୭।୭

ଦକ୍ଷିଣ ଆଫ୍ରିକାର କାମଚଳା ଅଧିନାୟକ ୱିଆନ୍ ମୁଲ୍ଡର ୱେଷ୍ଟଇଣ୍ଡିଜ୍‌ର କିମ୍ବଦନ୍ତୀ ବ୍ୟାଟର ବ୍ରାଏନ୍ ଲାରାଙ୍କୁ ସମ୍ମାନ ଜଣାଇ ଟେଷ୍ଟ ଫର୍ମାଟ୍‌ରେ ତାଙ୍କ ନାମରେ ଥିବା ୪୦୦ ରନ୍‌ର ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ ଭାଙ୍ଗିବାକୁ ଚାହିଁ ନ ଥିଲେ। ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସ୍‌ରେ ମୁଲ୍ଡର ୩୬୭ ରନ୍‌ରେ ଅପରାଜିତ ରହିଥିଲା ବେଳେ ଦକ୍ଷିଣ ଆଫ୍ରିକା ଦଳ ଆଶ୍ଚର୍ଯ୍ୟ କଲାଭଳି ପାଳି ଘୋଷଣା କରିଥିଲା। ଲାରାଙ୍କୁ ସମ୍ମାନ ଜଣାଇ ଏଭଳି ନିଷ୍ପତ୍ତି ନେଇଥିଲି ବୋଲି ମୁଲ୍ଡର କହିବା ପରେ ଏହାକୁ ନେଇ ଏବେ କ୍ରିକେଟ ଜଗତରେ ଚର୍ଚ୍ଚା ଆରମ୍ଭ ହୋଇଛି। ଟେଷ୍ଟ କ୍ରିକେଟରେ ଲାରା ୨୦୦୪ରେ ଇଂଲଣ୍ଡ ବିପକ୍ଷରେ ୪୦୦ ରନ୍ କରି ଅପରାଜିତ ଥିଲେ।

ନମ୍ବର ୩ ପୋଜିଶନରେ ବ୍ୟାଟିଂ କରିବାକୁ ଆସିଥିବା ମୁଲ୍ଡର ମ୍ୟାଚ୍‌ର ଦ୍ୱିତୀୟ ଦିନ ମଧ୍ୟାହ୍ନଭୋଜନ ବିରତି ସୁଦ୍ଧା ୩୩୪ ବଲରେ ୩୬୭ ରନ୍‌କରି


ୱିଆନ୍ ମୁଲ୍ଡର

ଅପରାଜିତ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ପକ୍ଷରୁ ପାଳି ଘୋଷଣା କରାଯାଇଥିଲା। ତାଙ୍କର ଏହି ମାରାଥନ ପାଳିରେ ୪୯ ଚୌକା ଓ ୪ ଛକା ସାମିଲ ଥିଲା। ଟେଷ୍ଟ ଇତିହାସରେ ଏହା ପଞ୍ଚମ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ତେବେ ସେ ହାସିମ୍ ଅମ୍‌ଲାଙ୍କ ପରେ ଦ୍ୱିତୀୟ ଦକ୍ଷିଣ ଆଫ୍ରିକୀୟ ଭାବେ ଟେଷ୍ଟରେ ତ୍ରିଶତକ ହାସଲ କରିଛନ୍ତି। ଅମ୍‌ଲା ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ଦି ଓଭାଲଠାରେ ୩୧୧ ରନ୍ କରିଥିଲେ। ମୁଲ୍ଡରଙ୍କ ଇନିଂସ୍ ଯୋଗୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ୍‌ରେ ୫ ଉଇକେଟ ହରାଇ ୬୨୬ ରନ୍‌କରି ପାଳି ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ୧୭୦ ରନ୍‌ରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ବରଣ କରିଥିଲା। ଜିମ୍ବାୱେ ତା'ର ଦ୍ୱିତୀୟ ଇନିଂସ୍‌ରେ ଦ୍ୱିତୀୟ ଦିନ ଶେଷପର୍ଯ୍ୟନ୍ତ ବ୍ୟାଟିଂକରି ୧ ଉଇକେଟ ହରାଇ ୫୧ ରନ୍ କରିଛି। ଜିମ୍ବାୱେକୁ ପରାଜୟ ଏଡ଼ାଇବା ପାଇଁ ୯ ଉଇକେଟରେ ୪୦୫ ରନ୍ ଦରକାର। ଷ୍ଟମ୍ପ ଅପସାରଣ ବେଳକୁ ତାଡୁଦଗନ୍ସାନାଶି କାଇଟାନୋ ୩୪ ଓ ନିକ୍ ୱେଲଚ ୬ ରନ୍‌ରେ ଅପରାଜିତ ରହିଛନ୍ତି।

# ୪୪ ବର୍ଷରେ ପଦାର୍ପଣ କଲେ ଧୋନୀ

**ମୁମ୍ବାଇ, ୭।୭(ପି.ଟି.):** କିମ୍ବଦନ୍ତୀ ଭାରତୀୟ ଉଇକେଟ୍‌କିପର-ବ୍ୟାଟର ମହେନ୍ଦ୍ର ସିଂ ଧୋନୀ ସୋମବାର ୪୪ ବର୍ଷରେ ପାଦ ଦେଇଛନ୍ତି। ସେ ବିଶ୍ୱର ଏକମାତ୍ର ଅଧିନାୟକ ଭାବେ ଦିନିକିଆ ଓ ଟି୨୦ ବିଶ୍ୱକପ୍ ସହ ଚାମ୍ପିୟନ୍ସ ଟ୍ରଫି ଜିତିଥିଲେ। ଗତମାସରେ ତାଙ୍କୁ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ତାଙ୍କ ନେତୃତ୍ୱରେ ଭାରତ ୧୮ ମାସ ଧରି ଟେଷ୍ଟରେ ନଂ.୧ ପୋଜିଶନରେ ରହିଥିଲା। ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ୬ ବର୍ଷ ତଳେ ଅବସର ଘୋଷଣା କରିଥିଲେ ମଧ୍ୟ ଧୋନୀ ଏବେ ବି ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ଆଣ୍ଠୁଜନିତ ଇଞ୍ଜୁରି ସତ୍ତ୍ୱେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ପାଇଁ ଖେଳୁଛନ୍ତି।

# ବିଭୂତି ଶଙ୍କରଙ୍କୁ ସ୍ୱର୍ଣ୍ଣ

## ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା

ଭୁବନେଶ୍ୱର,୭।୭(ଅନାଦି କର)

ମହାରାଷ୍ଟ୍ର ନାସିକର ଡିଭିଜନାଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ମୀନାତାଇ ଠାକରେ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୨ରୁ କମ୍ ବାଳକ ବର୍ଗରେ ଓଡ଼ିଶାର ବିଭୂତି ଶଙ୍କର ପଟେଲ ଇପି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।


ବିଭୂତି ଶଙ୍କର ପଟେଲ

# ପଞ୍ଜୀକୃତ କୋଚ୍‌ଙ୍କଠାରୁ ଟ୍ରେନିଂ ନ ନେଲେ ପୁରସ୍କାରରୁ ବଞ୍ଚିତ

**ନୂଆଦିଲ୍ଲୀ, ୭।୭ (ପି.ଟି.):** ଅଣପଞ୍ଜୀକୃତ କୋଚ୍‌ଙ୍କଠାରୁ ଟ୍ରେନିଂ ନେଲେ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସମ୍ପୃକ୍ତ ଆଥଲେଟ୍‌ଙ୍କ ନାମକୁ ଅର୍ଜୁନ ଓ ଖେଳରତ୍ନ ଭଳି ଜାତୀୟ ପୁରସ୍କାର ପାଇଁ ସୁପାରିସ କରାଯିବ ନାହିଁ ବୋଲି ଏଏଫ୍‌ଆଇ ମୁଖପାତ୍ର ଆଦିଲ ସୁମାରିୱାଲ ପ୍ରକାଶ କରିଛନ୍ତି। ଦେଶରେ ଡୋପିଙ୍ଗ ମାମଲା ବଢ଼ିବାରେ ଲାଗିଥିବାରୁ ଏହି ପଦକ୍ଷେପ ନିଆଯାଇଛି। ନିକଟରେ ଏଏଫ୍‌ଆଇ ତରଫରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସମସ୍ତ କୋଚ୍‌ଙ୍କୁ ନାମ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଜୁଲାଇ ୩୧ ସମୟସୀମା ଧାର୍ଯ୍ୟ କରାଯାଇଛି। ଏହାକୁ ଅମାନ୍ୟ କରିଥିବା ବ୍ୟକ୍ତିଙ୍କ ନାମ କଳାତାଲିକାଭୁକ୍ତ କରାଯିବ।

# ସଂଯୋଗ ଗୁପ୍ତା ଆଇସିସି ସିଇଓ



ଦୁବାଇ, ୭।୭ (ପି.ଟି.)

ଭାରତୀୟ ଗଣମାଧ୍ୟମର ଅନ୍ୟତମ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ସଂଯୋଗ ଗୁପ୍ତା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ମନୋନୀତ ହୋଇଛନ୍ତି। ପୂର୍ବରୁ ଏହି ପଦବୀରେ ଥିଲେ ଅଷ୍ଟ୍ରେଲିଆର ଜେଫ୍ ଆଲାରଡିସ। ଚଳିତବର୍ଷ ପ୍ରାରମ୍ଭରେ ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ପଦ ତ୍ୟାଗ କରିଥିଲେ। ଗୁପ୍ତା ଜିଓ ଷ୍ଟାର (ସ୍ପୋର୍ଟ୍ସ ଆଣ୍ଡ୍ ଲାଇଭ୍ ଏକ୍ସପେରିଏନ୍‌ସେସ୍)ର ସିଇଓ ଭାବେ କାର୍ଯ୍ୟ କରୁଥିଲେ। ସେ ତୁରନ୍ତ ତାଙ୍କ ନୂଆ କାର୍ଯ୍ୟରେ ଯୋଗ ଦେବେ। ଗୁପ୍ତା ଆଇସିସିର ୭ମ ସିଇଓ ହେବାକୁ ଯାଉଛନ୍ତି। ଏହି ପଦବୀ ପାଇଁ ୨୫ଟି ଦେଶରରୁ ୨,୫୦୦ ଆବେଦନପତ୍ର ଆସିଥିଲା। ତନ୍ମଧ୍ୟରୁ ୧୨ଜଣ ଶର୍ଟଲିଷ୍ଟରେ ସ୍ଥାନ ପାଇଥିଲେ। ଆଇସିସି ସିଇଓ ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛିବା ଲାଗି ଶର୍ଟଲିଷ୍ଟକୁ ନୋମିନେଶନ କମିଟିକୁ ପଠାଇ ଯାଇଥିଲା, ଯେଉଁଥିରେ କି ଆଇସିସି ଡେପୁଟି ଚେୟାରମ୍ୟାନ ଇମ୍ରାନ ଖ୍ୱାଜା, ଇସିବି ଚେୟାରମ୍ୟାନ ରିଚାର୍ଡ ଥମ୍ପସନ, ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ସଭାପତି ଶାମି ସିଲ୍‌ଭା ଏବଂ ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ସଦସ୍ୟ ରହିଥିଲେ।

# କ୍ୱାର୍ଟରରେ ଜୋକୋଭିଚ୍, ଆଣ୍ଡ୍ରିଭା

ଲଣ୍ଡନ, ୭।୭

## ୱିମ୍ବଲଡନ ଚାମ୍ପିୟନଶିପ୍

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ସର୍ବିଆର ଟେନିସ ଲିଜେଣ୍ଡ ନୋଭାକ ଜୋକୋଭିଚ୍ ଚଳିତ ୱିମ୍ବଲଡନ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ବର୍ଗରେ ସପ୍ତମ ସିଡ୍ ମିରା ଆଣ୍ଡ୍ରିଭା ଓ ୧୩ତମ ସିଡ୍ ଆମାଣ୍ଡା ଆନିସିମୋଭା ଅନ୍ତିମ-୮ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ଷଷ୍ଠ ସିଡ୍ ଜୋକୋଭିଚ୍ ୧-୬, ୬-୪, ୬-୪, ୬-୪ ସେଟ୍‌ରେ ୧୧ତମ ସିଡ୍ ଆଲେକ୍ସ ଡି ମିନାଉରଙ୍କୁ ହରାଇଛନ୍ତି। ସେହିଭଳି ୧୦ମ ସିଡ୍ ବେନ ଶେଲଟନ ୩-୬, ୬-୧, ୭-୬(୭/୧), ୭-୫ ସେଟ୍‌ରେ ଇଟାଲିର ଲୋରେଞ୍ଜୋ ସୋନେଗୋଙ୍କୁ ଓ ଇଟାଲିର ୨୨ତମ ସିଡ୍ ଫ୍ଲାବିଓ କୋବୋଲି ୬-୪, ୬-୪, ୬-୭(୪/୭), ୭-୬(୭/୩) ସେଟ୍‌ରେ ମାରିନ ସିଲିକଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଆଣ୍ଡ୍ରିଭା ୬-୨, ୬-୩ ସିଦାସଲଖ ସେଟ୍‌ରେ ୧୦ମ ସିଡ୍



ନୋଭାକ ଜୋକୋଭିଚ୍

ଏମା ନାଭାରୋଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ୨୩ ବର୍ଷୀୟା ଆନିସିମୋଭା ୬-୨, ୫-୭, ୬-୪ ସେଟ୍‌ରେ ୩୦ତମ ଲିଣ୍ଡା ନୋସ୍କୋଭାଙ୍କୁ, ଅଣସିଡ୍ ଖେଳାଳି ବେଲିଣ୍ଡା ବେନକିକ ୭-୬(୭/୪), ୬-୪ ସିଧାସଳଖ ସେଟ୍‌ରେ ୧୮ତମ ଏକାଟେରିନା ଆଲେକ୍‌ଜାଣ୍ଡ୍ରୋଭାଙ୍କୁ ଓ ୧୯ତମ ସିଡ୍ ଲିଉଡମିଲା ସାମସୋନୋଭା ୭-୫, ୭-୫ ସେଟ୍‌ରେ ଜେସିକା ବୌଜାସ ମାନେଇରୋଙ୍କୁ ହରାଇଛନ୍ତି।

## ଭାରତୀୟ ଅଭିଯାନ ଶେଷ

ଟେନିସ୍ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ୟୁକି ଭାମ୍ବ୍ରି ପରାଜୟ ସହ ପୁରୁଷ ଡବଲ୍ସ ବର୍ଗର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ଏଥିସହିତ ଟୁର୍ନାମେଣ୍ଟରେ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଛି।

ସୋମବାର ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଆମେରିକାର ରବର୍ଟ ଗାଲୋୱେଙ୍କୁ ସାଥିକରି ଖେଳୁଥିବା ଭାମ୍ବ୍ରି ୪-୬, ୬-୩, ୬-୭ (୪/୧୦) ସେଟ୍‌ରେ ଚତୁର୍ଥ ସିଡ୍ ସ୍ପେନ୍‌ର ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ଏଥିପୂର୍ବରୁ ରିଥଭିକ ଚୌଦାରୀ ବୋଲିପାଲି ଦ୍ୱିତୀୟ ରାଉଣ୍ଡରେ ଓ ରୋହନ ବୋପାନ୍ନା ପ୍ରଥମ ରାଉଣ୍ଡରେ ପରାଜୟ ସହ ଅଭିଯାନ ଶେଷ କରିଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ